# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୩୦/୨୦୨୫ (୧୬ ପୃଷ୍ଠା) | Bhubaneswar, Tuesday, December 30/2025 | Page 16 | ₹ 7.00 | BERHAMPUR

୫୨ଶ ଭାଗ ୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 37 | ମୂଲ୍ୟ ₹୭/-




**ୟାମିଙ୍କ ଇଚ୍ଛା**

ଧୁରନ୍ଧର ଫିଲ୍ମର ଦ୍ୱିତୀୟ ଭାଗ ମାର୍ଚ୍ଚରେ ଆସିବାକୁ ଥିବାବେଳେ ଅଭିନେତ୍ରୀ ୟାମି ଗୌତମ ସ୍କ୍ରିପ୍ଟ ପଢ଼ି ପୁଅ ହୋଇଥାନ୍ତେ କି ବୋଲି କହିଥିଲେ।

୧୩

୧୬

**ଗୋବିନ୍ଦ ପୋଦ୍ଦାରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

ଗୋବିନ୍ଦ ପୋଦ୍ଦାରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ସୋମବାର ବିଜୟ ହଜାରେ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ଆନ୍ଧ୍ର ପ୍ରଦେଶକୁ ୬ ଉଇକେଟରେ ପରାସ୍ତ କରିଛି।



**ଆରାବଳୀ ସଂଜ୍ଞା**

# ନିଜ ରାୟ ସ୍ଥଗିତ ରଖିଲେ ସୁପ୍ରିମକୋର୍ଟ

**ଆରାବଳୀ ପର୍ବତମାଳାର ପରିବର୍ତ୍ତିତ ପରିଭାଷା ସମ୍ପର୍କିତ ନିଜ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ବିଶେଷଜ୍ଞ କମିଟି ରିପୋର୍ଟ ଓ ଅଦାଲତଙ୍କ ଟିପ୍ପଣୀକୁ ଭୁଲ୍ ରୂପେ ବୁଝାଯାଉଛି ବୋଲି ସୁପ୍ରିମକୋର୍ଟ ଚିନ୍ତାବ୍ୟକ୍ତ କରିଛନ୍ତି। ସର୍ବୋଚ୍ଚ ଅଦାଲତଙ୍କ ସଦ୍ୟ ରାୟକୁ ନେଇ ବିଶେଷଜ୍ଞମାନେ କୌଣସି ମତ ପ୍ରକାଶ କରିନାହାନ୍ତି। ତେବେ ଉକ୍ତ ରାୟ ସ୍ପଷ୍ଟ ବୁଝାପଡ଼ିବା ଭଳି ହୋଇ ନ ଥିବାରୁ ତାହାକୁ ଭଲଭାବେ ପଢ଼ିବା ପରେ ଜଣାପଡ଼ିବ ଯେ ଏହା କେବଳ ଶବ୍ଦର ଖେଳ ନା ଏଥିରେ କେଁ ପୂରାଇ ଦିଆଯାଇଛି।**



ନୂଆଦିଲ୍ଲୀ,୨୯।୧୨(ପି.ଟି.)

ଆରାବଳୀ ପର୍ବତମାଳାର ନୂଆ ସଂଜ୍ଞାକୁ ନେଇ ବିବାଦ ଜୋର୍‌ଦାର ହେବା ପରେ ସୁପ୍ରିମକୋର୍ଟ ସୋମବାର ନିଜର ନଭେମ୍ବର ୨୦ ରାୟକୁ ସ୍ଥଗିତ ରଖିଛନ୍ତି। ଆରାବଳୀକୁ ନେଇ ଦେଖାଦେଇଥିବା ନିୟମଗତ ପାର୍ଥକ୍ୟ ଦୂର ପାଇଁ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଦ୍ୱାରା ଏହାର ସମୀକ୍ଷା କରାଯିବା ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ କହିବା ସହ ଏନେଇ କେନ୍ଦ୍ର, ରାଜ୍ୟ ସରକାର ଓ ଅନ୍ୟ ପକ୍ଷମାନଙ୍କୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୬ ଜାନୁଆରୀ ୨୧କୁ ଧାର୍ଯ୍ୟ କରାଯାଇଛି।

ଗତ ନଭେମ୍ବର ୨୦ରେ ତତ୍କାଳୀନ ପ୍ରଧାନ ବିଚାରପତି ବି.ଆର୍. ଗବଇଙ୍କ ଖଣ୍ଡପୀଠ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଉପସ୍ଥାପନ କରିଥିବା ଆରାବଳୀର ନୂଆ ସଂଜ୍ଞାକୁ ଗ୍ରହଣ କରିଥିଲେ। ଉକ୍ତ ସଂଜ୍ଞା ଅନୁଯାୟୀ, ଉକ୍ତ ଅଞ୍ଚଳର ଅନ୍ୟୂନ ୧୦୦ ମିଟରରୁ ଉର୍ଦ୍ଧ୍ୱ ଅଞ୍ଚଳକୁ ଆରାବଳୀ ପର୍ବତମାଳା ଭାବେ ବିବେଚନା କରାଯିବ। ୧୦୦ ମିଟର ଉଚ୍ଚତା ଏବଂ ପାହାଡ଼ ମଧ୍ୟରେ ୫୦୦ ମିଟର ବ୍ୟବଧାନ ମାନଦଣ୍ଡ ଧାର୍ଯ୍ୟ ଯୋଗୁ ପରିବେଶ ସୁରକ୍ଷାର ଏକ ଉଲ୍ଲେଖନୀୟ ଭାଗ ଅଲଗା ହୋଇଯିବ। ଏଭଳି ଗୁରୁତ୍ୱପୂର୍ଣ୍ଣ ଅସ୍ପଷ୍ଟତାଗୁଡ଼ିକର ସମାଧାନ ହେବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ପୂର୍ବରୁ କମିଟି ଦେଇଥିବା ରିପୋର୍ଟରେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ସ୍ପଷ୍ଟ ଭାବେ ଉଲ୍ଲେଖ କରିବାକୁ ଭୁଲିଯାଇଥିବା ଜଣାପଡ଼ୁଛି। ତେଣୁ ନିୟମାବଳୀକୁ ନେଇ ରହିଥିବା ପାର୍ଥକ୍ୟ ଦୂର ପାଇଁ ଅଧିକ ତଦନ୍ତ ହେବାର ଜରୁରୀ ଆବଶ୍ୟକତା ରହିଛି ବୋଲି ଖଣ୍ଡପୀଠ ମତ ଦେଇଛନ୍ତି। ଏଥିସହିତ ୨୦୨୪ ମେ’ ୯ ନିର୍ଦ୍ଦେଶନାମା ଅନୁଯାୟୀ, ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ୨୦୧୦ ଅଗଷ୍ଟ ୨୫ର ଏଫ୍‌ଏସ୍‌ଆଇ ରିପୋର୍ଟରେ ସଂଜ୍ଞା କ୍ରମେ ବିନା ପୂର୍ବ ଅନୁମତିରେ ଆରାବଳୀ ପାର୍ବତ୍ୟାଞ୍ଚଳରେ ଖଣି ଖନନ ସୁଯୋଗ ନ ଦେବାକୁ ଖଣ୍ଡପୀଠ କହିଛନ୍ତି।

ସୁପ୍ରିମକୋର୍ଟଙ୍କ ନଭେମ୍ବର ୨୦ ରାୟ ପରେ ପରିବେଶବିତମାନେ କ୍ଷୋଭ ପ୍ରକାଶ କରିଥିଲେ। ନୂଆ ସଂଜ୍ଞାର ଭୁଲ୍ ବ୍ୟାଖ୍ୟା ଏବଂ ଅନୁପଯୁକ୍ତ କାର୍ଯ୍ୟକାରିତା ସମ୍ଭାବନାକୁ ନେଇ ସେମାନେ ଚିନ୍ତାବ୍ୟକ୍ତ କରିଥିଲେ। ସର୍ବସାଧାରଣରେ ଅସହମତି ଏବଂ ସମାଲୋଚନା ଅଦାଲତଙ୍କ ଦ୍ୱାରା ଜାରି କେତେକ ସର୍ତ୍ତ ଓ ନିର୍ଦ୍ଦେଶାବଳୀର ଅସ୍ପଷ୍ଟତାରୁ ସୃଷ୍ଟି ହୋଇଥିବା ଜଣାପଡ଼ୁଛି। ସେଗୁଡ଼ିକୁ ସ୍ପଷ୍ଟ କରିବାକୁ ହେଲେ ଅଧିକ ତଦନ୍ତର ଆବଶ୍ୟକ ରହିଥିବା ଖଣ୍ଡପୀଠ କହିଛନ୍ତି।

ନୂଆ ସଂଜ୍ଞାରେ ଆରାବଳୀ ଜିଲାଗୁଡ଼ିକର ୧୦୦ ମିଟରରୁ ଅଧିକ ଉଚ୍ଚରେ ଥିବା ଅଞ୍ଚଳକୁ ପର୍ବତ ଏବଂ ୨କିମ୍ବା ତଦୂର୍ଦ୍ଧ୍ୱ ପାହାଡ଼ ମଧ୍ୟରେ ବ୍ୟବଧାନ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନୀରବ ଘାତକ

# ପ୍ରଭାବଶାଳୀଙ୍କଠୁ ବଡ଼ ପୀଡ଼ିତାଙ୍କୁ ନ୍ୟାୟ

■ ହାଇକୋର୍ଟ ରାୟ ସୁପ୍ରିମକୋର୍ଟରେ ସ୍ଥଗିତ ■ ଜେଲରେ ରହିବେ ଦୋଷୀ ସେନ୍‌ଗର

**ଉତ୍ତର ପ୍ରଦେଶ ଭାଜପାର ପୂର୍ବତନ ବିଧାୟକ କୁଲଦୀପ ସିଂ ସେନ୍‌ଗର ୨୦୧୭ ଉନ୍ନାଓ ଗଣବଳାତ୍କାର ମାମଲାରେ ଜେଲରେ ରହିବେ। ଡିସେମ୍ବର ୧୨ରେ ଦିଲ୍ଲୀ ହାଇକୋର୍ଟ କୁଲଦୀପଙ୍କ ଦଣ୍ଡ ରଦ୍ଦ କରି ତାଙ୍କୁ ଦେଇଥିବା ଜାମିନ ଉପରେ ସୋମବାର ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି। ବର୍ବର ଅପରାଧ ମାମଲାରେ ଅଦାଲତଗୁଡ଼ିକ ଆଇନଗତ ବୈଷୟିକତା ଆଳରେ ପୀଡ଼ିତାଙ୍କ ପ୍ରାପ୍ୟ ନ୍ୟାୟକୁ ଅଣଦେଖା କରିପାରିବେ ନାହିଁ। ଏପରି ପ୍ରସଙ୍ଗରେ କୋର୍ଟ ଅଧିକ ସମ୍ବେଦନଶୀଳ ହୋଇ ବିଚାର କରିବା ଆବଶ୍ୟକ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ଏଥିରେ ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି। ବଳାତ୍କାର ଶିକାର ହୋଇଥିବା ମହିଳାଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ଅଧିକାରଗୁଡ଼ିକୁ ନ୍ୟାୟ ବ୍ୟବସ୍ଥା ସର୍ବୋଚ୍ଚ ପ୍ରାଥମିକତା ଦେବା ଜରୁରୀ, ଯାହାକି ସଦ୍ୟ ରାୟରେ ପ୍ରତିଫଳିତ ହୋଇଛି।**

**ଉନ୍ନାଓ ବଳାତ୍କାର ମାମଲା**



ନୂଆଦିଲ୍ଲୀ,୨୯।୧୨(ପି.ଟି./ଲାଇଭ୍ ଲ)

୨୦୧୭ ଜୁନ୍ ୪ରେ ୟୁପିର ଉନ୍ନାଓରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ ପରେ ଗଣବଳାତ୍କାର କରାଯାଇଥିଲା। ଏପରି କି ଏହାକୁ ବିରୋଧ କରିବାରୁ ତାଙ୍କ ବାପାଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ୨୦୧୯ ଡିସେମ୍ବର ୧୬ରେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ଭାଜପାର ପୂର୍ବତନ ବିଧାୟକ କୁଲଦୀପ ସିଂ ସେନ୍‌ଗରଙ୍କୁ ବଳାତ୍କାର ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ଏହାର ଦିନକ ପରେ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ୨୫ ଲକ୍ଷ ଟଙ୍କା ଜରିମାନା ଆଦେଶ ଦିଆଯାଇଥିଲା। ୨୦୨୦ ମାର୍ଚ୍ଚରେ ☞ପୃଷ୍ଠା-୪

# କର୍ତ୍ତବ୍ୟ ପଥରେ ଗଡ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର,୨୯।୧୨(ସୌମ୍ୟରଞ୍ଜନ ରାଉତ)

ଆସନ୍ତା ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲୀର କର୍ତ୍ତବ୍ୟ ପଥରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ହେବ। ସ୍ୱଦେଶୀ ସାମଗ୍ରୀ ଉତ୍ପାଦନ ମାଧ୍ୟମରେ ସାମ୍ପ୍ରତିକ ଭାରତକୁ ଆତ୍ମନିର୍ଭର ଭାରତରେ ପରିଣତ କରିବା ଦୃଷ୍ଟିକୋଣକୁ ନେଇ ଚଳିତବର୍ଷ ପ୍ରଜ୍ଞାପନ ମେଢ଼ର ☞ପୃଷ୍ଠା-୪




DSPL - 443



**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
**ଶ୍ରୀ ମୋହନ ଚରଣ ମାଝୀଙ୍କ**
କରକମଳରେ
**ନୂତନ ଭାବେ ଚୟନୀତ ୧୧ଟି ବିଭାଗର**
**୧,୫୪୩ଜଣ ପ୍ରାର୍ଥୀଙ୍କୁ**
**ନିଯୁକ୍ତିପତ୍ର ପ୍ରଦାନ**



**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**୭୫୫** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

**୩୯୬** ୩୮୨ ଓଡ଼ିଶା ସିଭିଲ୍ ସେବା ଏବଂ ୧୪ ଅନ୍ୟାନ୍ୟ ବିଭାଗ

**୩୯୨** କୃଷି ଓ କୃଷକ ସଶକ୍ତିକରଣ ବିଭାଗ

୩୦ ଡିସେମ୍ବର ୨୦୨୫ । ରେଳ ଅଡିଟୋରିୟମ୍, ଭୁବନେଶ୍ୱର

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ । ଅର୍ଥ ବିଭାଗ । ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ
ସମବାୟ ବିଭାଗ । ପର୍ଯ୍ୟଟନ ବିଭାଗ । ସ୍ୱରାଷ୍ଟ୍ର ବିଭାଗ । ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ । ଯୋଜନା ଓ ସଂଯୋଜନ ବିଭାଗ

**ଓଡ଼ିଶା ସରକାର**

OIPR-27068/13/0091/2526

# ଘଟଣା ପ୍ରବାହ

*ପୃଥିବୀ ପରିବର୍ତ୍ତନଶୀଳ, ସମୟ ଗତିଶୀଳ। ସମୟ ସହ ତାଳ ଦେଇ ପରିବର୍ତ୍ତନକୁ ସ୍ୱୀକାର କରିନେଲେ ମଣିଷ ସମାଜ ତିଷ୍ଠିବ, ଯାହାକି ପ୍ରାଚୀନ ସଭ୍ୟତାରୁ ନେଇ ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତାର ଯୁଗ ଯାଏ ପ୍ରତିପାଦିତ ହୋଇଆସିଛି ବାରମ୍ବାର। ସମୟର ଏହି ସ୍ରୋତରେ ବିଦାୟୀ ବର୍ଷ ୨୦୨୫ ଏମିତି ଏକ କାଳଖଣ୍ଡ, ଯହିଁରେ ଅନେକ ଅଭୂତପୂର୍ବ ଘଟଣା ଘଟିଥିଲା। ବିଶ୍ୱବାସୀ ପ୍ରଯୁକ୍ତିର ନୂଆ ଦିଗ ଦେଖିଥିବାବେଳେ ଭୂରାଜନୈତିକ ବାତାବରଣକୁ ତିକ୍ତତାପୂର୍ଣ୍ଣ ବିଷାକ୍ତ କରିଦେଇଥିଲା ବାଣିଜ୍ୟ ଯୁଦ୍ଧ। ଆମେରିକା ଓ ଚାଇନା ଅନେକ କ୍ଷେତ୍ରରେ ମୁହାଁମୁହିଁ ହୋଇଥିଲେ। କ୍ୟାଥୋଲିକ୍ ଅନୁଗାମୀ ରବର୍ଟ ପ୍ରିଭୋଷ୍ଟଙ୍କୁ ନୂଆ ପୋପ୍ ରୂପେ ପାଇଥିବାବେଳେ ପାକିସ୍ତାନ ସେନାମୁଖ୍ୟ ଆସିମ୍ ମୁନିରଙ୍କ କ୍ଷମତା ବୃଦ୍ଧି ଭାରତ ପାଇଁ ଆହ୍ୱାନ ହୋଇଥିଲା। ଦୀର୍ଘ ୯ ମାସ ପରେ ସୁନୀତା ୱିଲିୟମ୍ସଙ୍କ ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ ବୈଜ୍ଞାନିକ ଗବେଷଣା ଓ ମହାକାଶ ମିଶନ କ୍ଷେତ୍ରର ପ୍ରଗତିରେ ନୂଆ ଆଶା ସଞ୍ଚାର କରିଥିଲା। ପ୍ରଚୁର ସମ୍ଭାବନା ଆଶାରେ ରେଆର ଆର୍ଥ ବା ବିରଳ ମୃତ୍ତିକା ଆଡ଼କୁ ସର୍ବାଧିକ ଟାଣି ହୋଇଯାଇଥିଲା ପ୍ରଗତିଶୀଳ ଦୁନିଆ।*



## ଏଆଇ ଆଧିପତ୍ୟ

ପ୍ରଯୁକ୍ତିର ପରିବର୍ତ୍ତିତ ରୂପ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)କୁ ୨୦୨୫ରେ ଅନେକ ପ୍ରୋତ୍ସାହନ ମିଳିଥିଲା। ଟ୍ୟାଲେଣ୍ଟ, ଡାଟା, ମଡେଲ୍ସ, କମ୍ପ୍ୟୁଟ୍ ଓ ମିଲିଟାରି ଆପ୍ଲିକେଶନ୍ ସମେତ ବିବିଧ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତାର ବହୁଳ ପ୍ରୟୋଗ ଏଆଇ ଗବେଷଣାକୁ ନୂଆ ଦିଶା ଦେଖାଇଥିଲା। ଏଆଇ ମାନବ ସମ୍ବଳର ପ୍ରତ୍ୟକ୍ଷ ନିୟୋଜନକୁ ହ୍ରାସ କରିପ୍ରଯୁକ୍ତିଗତନିଯୁକ୍ତିକୁଗୁରୁତ୍ୱଦେଉଥିବାରୁଆମେରିକା ଓ ଚାଇନା ଭଳି ସୁପରପାୱାର ଏହା ଉପରେ ଅଧିକ ଫୋକସ୍ କରିଥିଲେ। ଭାରତ ଏହି କ୍ଷେତ୍ରରେ ତୃତୀୟ ସ୍ଥାନରେ ଥିବାବେଳେ ୟୁରୋପୀୟ ସଂଘ, ଦକ୍ଷିଣ କୋରିଆ, ୟୁଏଇ ଏବଂ ଇସ୍ରାଏଲ୍ ମଧ ଦୌଡ଼ ପଛରେ ନ ଥିଲେ। ଏକବିଂଶ ଶତାବ୍ଦୀରେ ଭୂରାଜନୈତିକ ଘଟଣାବଳୀ, ଅର୍ଥନୀତି, ଜାତୀୟ ସୁରକ୍ଷା ଓ ଦୈନନ୍ଦିନ ଜୀବନକୁ ନୂତନ ଭାବେ ପରିଭାଷିତ କରିଥିବା ଏଆଇ କେବଳ ଏକ ପ୍ରଯୁକ୍ତିଗତ ବିକାଶର ପ୍ରତୀକ ହୋଇ ରହିନାହିଁ। ଏହା ଅଭିବୃଦ୍ଧି ସହ ତାଳ ଦେଇ ରାଷ୍ଟ୍ର ନିର୍ମାଣର ଏକ ଅପରିହାର୍ଯ୍ୟ ସେବାରେ ପରିଣତ ହୋଇଗଲାଣି। ଏହି ସତ୍ୟକୁ ବୁଝିପାରିଥିବା ଆମେରିକାର ଘରୋଇ ସେକ୍ଟରରେ ନବୋନ୍ମେଷ ଏଆଇକୁ ବଳିଷ୍ଠ କରିଥିଲା। ଆମେ ଏଆଇରେ ନିର୍ବିବାଦୀୟ ଭାବେ ଅଗ୍ରଣୀ ରହିଥିବାବେଳେ ଚାଇନା ଏହାକୁ ଟକ୍କର ଦେବାକୁ ଧାଇଁଥିଲା। ଓପନ୍ ଏଆଇ, ଗୁଗଲ୍ ଡିପ୍‌ମାଇଣ୍ଡ, ମାଇକ୍ରୋସଫ୍ଟ, ମେଟା, ଏନ୍‌ଭିଡିଆ ଓ ଆମାଜନ୍ ଭଳି କମ୍ପାନୀ ଆଡ୍‌ଭାନ୍ସଡ ଏଆଇ ମଡେଲ, କାଉଡ୍ ଇନ୍‌ଫ୍ରାଷ୍ଟ୍ରକ୍ଟରରେ ଆଧିପତ୍ୟ ଜମାଇଥିଲେ। ସେପଟେ ଚାଇନା ଏଆଇକୁ ନିଜ ଜାତୀୟ ମିଶନ୍‌ରେ ପରିଣତ କରି ସରକାରୀସ୍ତରରେ ସ୍ୱତନ୍ତ୍ର ଭାବେ ପାଣ୍ଠି ବିନିଯୋଗ କରିଥିଲା। ବଇଡୁ, ଆଲିବାବା, ଟେନ୍‌ସେଣ୍ଟ, ହୁଆୱେଇ ଏବଂ ବାଇଟ୍‌ଡ୍ୟାନ୍ସ ଭଳି କମ୍ପାନୀ ଦ୍ରୁତ ଅଗ୍ରଗତି କରୁଥିବା ଲାର୍ଜ ଲାଙ୍ଗୁଏଜ ମଡେଲ୍ସ, ଫେସିଆଲ ରିକଗ୍‌ନିଶନ୍ ତଥା ଇଣ୍ଡଷ୍ଟ୍ରିଆଲ ଏଆଇ ଉପରେ ଫୋକସ୍ କରିଥିଲେ। ଚାଇନା ଘରୋଇ ସେମିକଣ୍ଡକ୍ଟର ବିକାଶ, ସର୍ଭିଲାନ୍ସରେ ଏଆଇ ଡେଭେଲପ୍‌ମେଣ୍ଟ, ସ୍ମାର୍ଟ ସିଟି ଓ ବିନିର୍ମାଣ କ୍ଷେତ୍ରରେ ଅନେକ ବାଟ ଆଗେଇଥିଲା।

## ସମ୍ଭାବନାର ସମ୍ପଦ

### ରେଆର୍ ଆର୍ଥ



ଖଣିଜ ସମ୍ପଦ ଉତ୍ପାଦନକୁ ଗତିଶୀଳ କରାଇ ଦେଶର ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିଥାଏ। ତେଣୁ ଖଣି ଖନନକୁ ଗୁରୁତ୍ୱ ଦିଆଯାଏ। ସମୟକ୍ରମେ ମଣିଷର ଆବଶ୍ୟକତା ବଢ଼ିବା ସହ ସେଥିରେ ପରିବର୍ତ୍ତନ ମଧ ଅନୁଭୂତ ହେଲା। ଟେକ୍ନୋଲୋଜି-ନିର୍ଭରଶୀଳ ମଣିଷ ପ୍ରଯୁକ୍ତି ଆଡ଼କୁ ଅଧିକ ଢଳିଯିବା ପରେ ଚିପ୍ସ, ସେମିକଣ୍ଡକ୍ଟର ଆଦିର ଚାହିଦା ବଢ଼ିଲା। ଏଇଠୁ ଫୋକସ୍ ସ୍ୱତଃ ଟାଣିହୋଇଗଲା ଦୁର୍ଲଭ ଖଣିଜ ସମ୍ପଦ ରେଆର୍ ଆର୍ଥକୁ। ୨୦୨୫ରେ ରେଆର୍ ଆର୍ଥ ଏଲିମେଣ୍ଟସ (ଆର୍‌ଏଇ) କେବଳ ଯେ ଅର୍ଥନୀତିକୁ ସୁଦୃଢ଼ କଲା ତାହା ନୁହେଁ, ପ୍ରଯୁକ୍ତି ଓ ରଣନୈତିକ କ୍ଷେତ୍ରରେ ମଧ ଅନେକ ପରିବର୍ତ୍ତନ ଉପାଦାନ ପାଲଟିଗଲା। ବୈଦ୍ୟୁତିକ ଯାନବାହନ (ଇଭି), ୱାଇଣ୍ଡ ଟର୍ବାଇନ୍, ସ୍ମାର୍ଟଫୋନ୍, ସାଟେଲାଇଟ୍, ଅତ୍ୟାଧୁନିକ ପ୍ରତିରକ୍ଷା ସିଷ୍ଟମ୍ସ ନିର୍ମାଣରେ ଅପରିହାର୍ଯ୍ୟ ନିଓଡାଇମିୟମ୍, ଲିଥିୟମ୍, ଡାଇସ୍‌ପ୍ରୋସିୟମ୍, ଟର୍ବିୟମ୍ ଓ ସ୍କାଣ୍ଡିୟମ୍ ଭଳି ୧୭ଟି ଆର୍‌ଇଇର ଚାହିଦା ହଠାତ୍ ବହୁଗୁଣିତ ହୋଇଗଲା। ଚାଇନା ରେଆର ଆର୍ଥ ଯୋଗାଣ ଶୃଙ୍ଖଳର ପ୍ରାୟ ୬୦-୭୦ ଭାଗକୁ ନିୟନ୍ତ୍ରଣ କରିବାରେ ଏହି କ୍ଷେତ୍ରରେ ସବା ଆଗରେ ରହିଛି। ଏହାର ପ୍ରୋସେସିଂ ଓ ବିଶୋଧନ କ୍ଷମତା ମଧ ସର୍ବାଧିକ ୮୫%। ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ରଗୁଡ଼ିକ ସହ ବାଣିଜ୍ୟିକ ଓ ପ୍ରଯୁକ୍ତିଗତ ଉତ୍ତେଜନା ଭିତରେ ବେଜିଂ ନିଜ ରପ୍ତାନିକୁ କଡ଼ାକଡ଼ି କଲା। ଫଳରେ ଆମେରିକା ଓ ୟୁରୋପ ଚାଇନା ଉପରେ ନିଜ ନିର୍ଭରଶୀଳତା ହ୍ରାସ ଦିଗରେ ଲାଗିପଡ଼ିଲେ। ଆମେରିକା ଆର୍‌ଏଇକୁ ଜାତୀୟ ସୁରକ୍ଷାର ଖଣିଜ ରୂପେ ବର୍ଗୀକୃତ କରି ଘରୋଇ ଖନନରେ ବିପୁଳ ପୁଞ୍ଜି ଖଟାଇଛି। ୟୁରୋପୀୟ ସଂଘ କ୍ରିଟିକାଲ ର' ମ୍ୟାଟେରିଆଲ ଆଇନ ବଳରେ ରପ୍ତାନିରେ ବିବିଧତା ସାଙ୍ଗକୁ ସ୍ଥାନୀୟ ରିଫାଇନିଂକୁ ମଜ୍‌ଭୁତ ଓ ଅଷ୍ଟ୍ରେଲିଆ, କାନାଡା, ଆଫ୍ରିକୀୟ ସହଯୋଗୀଙ୍କ ସହ ଯୋଗାଣ ସହଭାଗିତା ବଢ଼ାଇଲା। ପୂର୍ବରୁ ଅନେକ ଦଶନ୍ଧି ଧରି ଖଣିଜ ତୈଳକୁ ନେଇ ଯେପରି 'ଅଏଲ୍ ପଲିଟିକ୍ସ' କରାଯାଉଥିଲା, ଏବେ ଆର୍‌ଆର୍‌ଇ ଉପରେ ଏକ ପୃଥକ୍ କୂଟନୀତି ଦେଖିବାକୁ ମିଳୁଛି। ଭାରତ ମଧ ଉପକୂଳ ଓ ମିନେରାଲ ବେଲ୍ଟରେ ରେଆର୍ ଆର୍ଥ ଅନ୍ୱେଷଣରେ ଧ୍ୟାନକେନ୍ଦ୍ରିତ କଲା। ସ୍ୱଚ୍ଛଶକ୍ତି ଲକ୍ଷ୍ୟ, ଇଲେକ୍ଟ୍ରିକ୍ ମୋବିଲିଟି ଓ 'ଆତ୍ମନିର୍ଭର ଭାରତ' ଅଧୀନରେ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣକୁ ଜୋର୍ ଦେଲା। ଏହା ସତ୍ତ୍ୱେ ଭାରତ ଏ ଦିଗରେ ଅଧିକ ଗୁରୁତ୍ୱ ଦେଲେ ଦେଶର ପ୍ରକୃତ ବିକାଶ ସାଧିତ ହେବ ବୋଲି ବିଶେଷଜ୍ଞ ମତ ଦିଅନ୍ତି।

## ଆସିମ୍ ମୁନିରଙ୍କ ବଳ ବୃଦ୍ଧି



୨୦୨୫ରେ ବିଶ୍ୱରେ ସର୍ବାଧିକ ଶକ୍ତି ହାସଲ କରିଥିବା କୌଣସି ସାମରିକ ଅଧିକାରୀ ଯଦି କେହି ଥାଆନ୍ତି ସେ ହେଉଛନ୍ତି ପାକିସ୍ତାନ ସେନା ମୁଖ୍ୟ ଆସିମ୍ ମୁନିର। ଭାରତର ଅପରେଶନ୍ ସିନ୍ଦୂର ପରେ ପାକିସ୍ତାନ ସରକାର ୫୭ ବର୍ଷୀୟ ମୁନିରଙ୍କୁ ଫିଲ୍ଡ ମାର୍ଶଲ ଉପାଧି ଦେଇଥିଲେ। ୨୭ତମ ସମ୍ବିଧାନ ସଂଶୋଧନ ବଳରେ ଡିସେମ୍ବର ୫ରେ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ମୁନିରଙ୍କୁ ଦେଶର ପ୍ରଥମ ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ (ସିଡିଏଫ୍) ରୂପେ ନିଯୁକ୍ତି ପାଇଁ କରିଥିବା ସୁପାରିସକୁ ରାଷ୍ଟ୍ରପତି ଆସିଫ୍ ଅଲୀ ଜର୍ଦ୍ଦାରୀ ମଞ୍ଜୁରୀ ଦେଇଥିଲେ। ଏହି ନୂଆ ନିଯୁକ୍ତି ପରେ ମୁନିର ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଓଏଏସ୍) ଦାୟିତ୍ୱ ତୁଲାଇବା ସହ ତାଙ୍କ ହାତରେ ସ୍ଥଳସେନା, ନୌସେନା ଓ ବାୟୁସେନାର ନିୟନ୍ତ୍ରଣ ରହିଛି। କେବଳ ଏତିକି ନୁହେଁ, ନୂଆକରି ସୃଷ୍ଟି ହୋଇଥିବା ଶକ୍ତିଶାଳୀ ସାମରିକ ପଦବୀରେ ମୁନିର ରହିବା ସଙ୍ଗେ ସଙ୍ଗେ ନ୍ୟାଶନାଲ ଷ୍ଟ୍ରାଟେଜିକ୍ କମାଣ୍ଡର ମଙ୍ଗ ଧରିଛନ୍ତି। ଫଳରେ ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ର ଓ ମିଶାଇଲ ସିଷ୍ଟମ୍‌ର ଲଗାମ ତାଙ୍କ ହାତରେ ରହିଛି।

## ସୁନୀତା ୱିଲିୟମ୍ସ
## ମହାକାଶରେ ୯ ମାସ

ମାର୍ଚ୍ଚ ୧୯ ଥିଲା ମହାକାଶ ଯାତ୍ରା ପାଇଁ ଏକ ଐତିହାସିକ ଦିନ। ଏହି ଦିନ ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)ରେ ୯ ମାସରୁ ଊର୍ଦ୍ଧ୍ୱ ସମୟର ଅବସ୍ଥାନ ପରେ ପୃଥିବୀ ପୃଷ୍ଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ ଭାରତୀୟ ବଂଶୋଦ୍ଭବ ଆମେରିକୀୟ ମହାକାଶଚାରୀ ସୁନୀତା ୱିଲିୟମ୍ସ (୫୯) ଓ ତାଙ୍କ ସହଯାତ୍ରୀ ବୁଚ୍ ୱିଲମର। ଆମେରିକାର ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ୍ (ନାସା) ମହାକାଶଚାରୀ ଦ୍ୱୟ ଫ୍ଲୋରିଡା ଉପକୂଳକୁ ଫେରିବା ପରେ ସାରା ବିଶ୍ୱରୁ ସେମାନଙ୍କ ନିକଟକୁ ଛୁଟିଥିଲା ଅଭିନନ୍ଦନର ସୁଅ। ୨୦୨୪ ଜୁନ୍ ୫ରେ ଫ୍ଲୋରିଡାର କେନେଡି ସ୍ପେସ୍ ସେଣ୍ଟରରୁ ସୁନୀତା ଓ ବୁଚ୍ ଆଇଏସ୍‌ଏସ୍ ଅଭିମୁଖେ ୬ ଦିନିଆ ମିଶନ ଆରମ୍ଭ କରିଥିଲେ। ଦୁହେଁ ସେଠାରେ ସଫଳତାର ସହ ପହଞ୍ଚିଯାଇଥିଲେ। କିନ୍ତୁ ଯାନ୍ତ୍ରିକ ତ୍ରୁଟି ଓ ଅନ୍ୟାନ୍ୟ କାରଣରୁ ଦୀର୍ଘ ସମୟ ଧରି ପ୍ରତ୍ୟାବର୍ତ୍ତନ ସମ୍ଭବ ହୋଇ ନ ଥିଲା। ଏହି ଦୀର୍ଘକାଳୀନ ମିଶନ ବେଳେ ଆଇଏସ୍‌ଏସ୍‌ରେ ସୁନୀତା ଏବଂ ତାଙ୍କ ସହଯୋଗୀମାନେ ଅନେକ ବୈଜ୍ଞାନିକ ଗବେଷଣା ଓ ପ୍ରୟୋଗ କରିଛନ୍ତି, ଯାହକି ଭବିଷ୍ୟତରେ ଲମ୍ବା ମହାକାଶ ମିଶନ ପାଇଁ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି।



## ଜଳବାୟୁ ପରିବର୍ତ୍ତନ
## ୧୨୫ ବିଲିୟନ ଡଲାର କ୍ଷତି

ଗ୍ରୀଷ୍ମ ପ୍ରବାହ, ଜଙ୍ଗଲ ନିଆଁ, ମରୁଡ଼ି ଓ ଝଡ଼ ଯୋଗୁ ୨୦୨୫ରେ ପୃଥିବୀର ୧୨୫ ବିଲିୟନ ଆମେରିକୀୟ ଡଲାରରୁ ଅଧିକ କ୍ଷତି ହୋଇଛି। ଜଳବାୟୁ ପରିବର୍ତ୍ତନ ବିଶ୍ୱବାସୀଙ୍କୁ କିପରି ମହଙ୍ଗା ପଡୁଛି ତା'ର ଆକଳନ ସମ୍ପର୍କିତ ଏକ ରିପୋର୍ଟ ବର୍ଷ ଶେଷରେ ଜାରି ହୋଇଛି। ବ୍ରିଟେନ୍‌ର ଏନ୍‌ଜିଓ କ୍ରିଷ୍ଟିଆନ୍ ଏଡ୍ ଅନୁଯାୟୀ ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଦେଶଗୁଡ଼ିକରେ ସରକାରୀ ସ୍ତରରେ ଯେପରି ନୀତି ପ୍ରଣୟନ ଓ ପଦକ୍ଷେପ ନିଆଯିବା କଥା, ସେପରି ଉଦ୍ୟମ ହେଉନାହିଁ। ସବୁଜବାଷ୍ପ ଉତ୍ସର୍ଜନ ରୋକିବା ଦିଗରେ ଜରୁରୀ ପ୍ରୟାସର ଗୁରୁତ୍ୱକୁ ଉକ୍ତ ରିପୋର୍ଟରେ ଦର୍ଶାଯାଇଛି।



## ମାନବୀୟ ସଙ୍କଟ ଓ ବିସ୍ଥାପନ

ବିଶ୍ୱର ବିଭିନ୍ନ ଭାଗରେ ଯୁଦ୍ଧ ଓ ସଂଘର୍ଷ ଯୋଗୁ ମାନବୀୟ ସଙ୍କଟ ଘନେଇଥିଲା। ସର୍ବାଧିକ କରୁଣ ଚିତ୍ର ସୁଦାନ ଓ ଗାଜାରେ ଦେଖିବାକୁ ମିଳିଥିଲା। ୟୁକ୍ରେନ୍ ସୀମାରେ ଯୁଦ୍ଧ ଓ ସୁଦାନରେ ଗୃହଯୁଦ୍ଧ ଲାଗି ରହିଥିବାବେଳେ ଇସ୍ରାଏଲ୍‌ର ଗାଜା ଆକ୍ରମଣ ଗଣପଳାୟନ ଓ ବିସ୍ଥାପନରେ ରେକର୍ଡ କରିଥିଲା। ଖାଦ୍ୟ, ବାସଗୃହ ଏପରି କି ପାଣି ଟୋପେ ନ ପାଇ ଲୋକେ ପଡ଼ୋଶୀ ଦେଶଗୁଡ଼ିକୁ ଯାଇ ସେଠାରେ ଶରଣାର୍ଥୀ ସାଜିଥିଲେ। ବିଦାୟୀ ବର୍ଷରେ ସାରା ବିଶ୍ୱରେ ୧୨୨ ନିୟୁତ ଲୋକ ବିସ୍ଥାପିତ ହୋଇଥିବା ଜାତିସଂଘର ଏକ ରିପୋର୍ଟରୁ ଜଣାପଡ଼ିଛି।

## ରବର୍ଟ ପ୍ରିଭୋଷ୍ଟ ନୂଆ ପୋପ୍

ଏପ୍ରିଲ ୨୧ରେ ପୋପ୍ ଫ୍ରାନ୍ସିସ୍‌ଙ୍କ ପରଲୋକ ହେବା ପରେ ଆମେରିକାର କାର୍ଡିନାଲ ରବର୍ଟ ପ୍ରିଭୋଷ୍ଟ ମେ' ୮ରେ ନୂଆ ପୋପ୍ ନିର୍ବାଚିତ ହୋଇଥିଲେ। ଏଥିସହ ପୋପ୍ ଲିଓ ଚତୁର୍ଦ୍ଦଶ ଭାବେ ତାଙ୍କ ନୂତନ ନାମକରଣ ହୋଇଥିଲା। ପୋପ୍ ନିର୍ବାଚନ ପାଇଁ ଅନୁଷ୍ଠିତ କନ୍‌ଭେନ୍‌ଶନ୍‌ର ଦ୍ୱିତୀୟ ଦିନରେ ଭାଟିକାନ୍ ସିଟିର ସିଷ୍ଟାଇନ୍ ଚାପେଲ୍ ଚିମିନିରୁ ଧଳା ଧୂଆଁ ଉଠିବା ମାତ୍ରେ ନୂଆ ପୋପ୍ ନିର୍ବାଚିତ ହୋଇଥିବାର ସଙ୍କେତ ମିଳିଥିଲା। ଏହାର ୭୦ ମିନିଟ୍ ପରେ ସେଣ୍ଟ ପିଟର୍ସ ବାସିଲିକାର କେନ୍ଦ୍ରୀୟ ବାଲ୍‌କୋନିରେ ପୋପ୍ ଲିଓ ଜନସାଧାରଣଙ୍କୁ ଦର୍ଶନ ଦେଇଥିଲେ। ୨,୦୦୦ ବର୍ଷର କାଥୋଲିକ୍ ଚର୍ଚ୍ଚ ଇତିହାସରେ ପ୍ରଥମ ଥର ପାଇଁ ଜଣେ ଆମେରିକୀୟ ପୋପ୍ ନିର୍ବାଚିତ ହୋଇଥିବା କାର୍ଡିନାଲ ପ୍ରୋଟୋଡିକନ୍ ଡୋମିନିକ୍ ମାମ୍ବେର୍ଟି ପକ୍ଷରୁ ଘୋଷଣା କରାଯାଇଥିଲା।



## ଜୋହରାନ୍ ମମଦାନୀ
### ନ୍ୟୁୟର୍କ ମେୟର



ନଭେମ୍ବର ୫ରେ ଆମେରିକାର ନ୍ୟୁୟର୍କ ସିଟି ମେୟର ଭାବେ ନିର୍ବାଚିତ ହୋଇ ଇତିହାସ ରଚିଲେ ଭାରତୀୟ ବଂଶୋଦ୍ଭବ ଜୋରହାନ୍ ମମଦାନୀ। ଏହି ୩୪ ବର୍ଷୀୟ ଡେମୋକ୍ରାଟିକ୍ ସୋସିଆଲିଷ୍ଟ ବିଶ୍ୱର ଆର୍ଥିକ ରାଜଧାନୀରେ ପ୍ରଶାସନିକ ମୁଖ୍ୟ ପଦ ଅଳଙ୍କୃତ କରିବାରେ ପ୍ରଥମ ଦକ୍ଷିଣ ଏସୀୟ, ମୁସ୍‌ଲିମ ଓ ୧ ଶତାବ୍ଦୀ ମଧ୍ୟରେ ସର୍ବକନିଷ୍ଠ। ଭାରତୀୟ ଫିଲ୍ମ ପ୍ରଯୋଜିକା ମୀରା ନାୟାର ଏବଂ ଭାରତୀୟ ବଂଶୋଦ୍ଭବ ସ୍କୋଲାର ମହମୁଦ ମମଦାନୀଙ୍କ ପୁଅ ଜୋହରାନ୍ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥିତ ପ୍ରାର୍ଥୀ ତଥା ନ୍ୟୁୟର୍କର ପୂର୍ବତନ ଗଭର୍ନର ଆଣ୍ଡ୍ର୍ୟୁ କୁଓମୋଙ୍କୁ ହରାଇ ବିଜୟ ଲାଭ କରିଥିଲେ। ୮.୪ ନିୟୁତରୁ ଊର୍ଦ୍ଧ୍ୱ ବାସିନ୍ଦାଙ୍କ ସହରରେ ମମଦାନୀଙ୍କ ଐତିହାସିକ ବିଜୟକୁ ପ୍ରଗତିଶୀଳ ରାଜନୀତିର ପ୍ରତ୍ୟାବର୍ତ୍ତନ ରୂପେ ଦେଖାଯାଉଛି। ମମଦାନୀ ଶ୍ରମିକ ଶ୍ରେଣୀର ଲୋକଙ୍କୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

## ବଣ୍ଡି ବିଚ୍‌ରେ ଆକ୍ରମଣ
## ୧୫ ଇହୁଦୀ ମୃତ

ଡିସେମ୍ବର ୧୪ରେ ଅଷ୍ଟ୍ରେଲିଆର ସିଡ୍‌ନୀସ୍ଥିତ ବଣ୍ଡି ବିଚ୍‌ରେ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ୮ ଦିନ ବ୍ୟାପୀ ଚାଲିବାକୁ ଥିବା ହିହୁଦୀଙ୍କ ହନୁକ୍କା ଉତ୍ସବର ପ୍ରଥମ ଦିନରେ ୧ ହଜାରରୁ ଊର୍ଦ୍ଧ୍ୱ ଇହୁଦୀ ଏକତ୍ରିତ ହୋଇ ନାଚଗୀତରେ ମସ୍‌ଗୁଲ ଥିବାବେଳେ ସ୍ଥାନୀୟ ସମୟ ସନ୍ଧ୍ୟା ୬ଟା ୩୦ରେ ହଠାତ୍ ଗୁଳି ଫୁଟିବାର ଶବ୍ଦ ସମସ୍ତଙ୍କୁ ଆତଙ୍କିତ କରିଦେଇଥିଲା। କେହି କିଛି ବୁଝିବା ପୂର୍ବରୁ ୫୦ ରାଉଣ୍ଡ ଗୁଳି ଫୁଟିସାରିଥିଲା। ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ଉତ୍ସବସ୍ଥଳରେ ଅନ୍ୟୂନ ୧୫ ଇହୁଦୀଙ୍କ ମୃତ୍ୟୁ ଘଟିଥିବାବେଳେ ୪୦ ଜଣ ଆହତ ହୋଇଥିଲେ। ସେଠାରେ ମୁତୟନ ଥିବା ପୋଲିସର ଜବାବୀ କାର୍ଯ୍ୟାନୁଷ୍ଠାନରେ ଜଣେ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ପୁଅ ଫେରାର ହୋଇଯାଇଥିଲେ।






# ସର୍କିଟ ହାଉସ୍‌ରେ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

## ତ୍ୱରିତ ସମାଧାନ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ



ଲୋକଙ୍କ ନିକଟରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିଯୋଗପତ୍ର ଗ୍ରହଣ କରୁଛନ୍ତି।

କେନ୍ଦୁଝର,୨୯।୧୨(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୩ ଦିନିଆ କେନ୍ଦୁଝର ଗସ୍ତ ସାରି ସୋମବାର ଅପରାହ୍ଣରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ପୂର୍ବରୁ ସୋମବାର ପୂର୍ବାହ୍ଣ ୧୧ଟାରେ ଅଭିଯୋଗ ଶୁଣାଣିରେ ସାମିଲ ହୋଇଥିଲେ। ବିଭିନ୍ନ ସ୍ଥାନରୁ ଅନେକ ଶହ ସଂଖ୍ୟାରେ ଲୋକ କେନ୍ଦୁଝର ସର୍କିଟ୍ ହାଉସ୍‌କୁ ଆସି ନିଜ ନିଜର ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ଜଟିଳ ରୋଗରେ ଆକ୍ରାନ୍ତଙ୍କୁ ମୁଖ୍ୟମନ୍ତ୍ରୀ ଭେଟିଥିଲେ। ସେମାନଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ସରକାରୀ ସହାୟତା ପାଇଁ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଅଭିଯୋଗଗୁଡ଼ିକ ମୁଖ୍ୟମନ୍ତ୍ରୀ ଶୁଣିବା ପରେ ଏହାର କିପରି ସମାଧାନ ହୋଇପାରିବ, ତାହାର ଦାୟିତ୍ୱ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। କେତେଜଣ ଲୋକ ନିଜ ସମସ୍ୟାକୁ ନେଇ ବିଚଳିତ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଭରସା ଓ ଆଶ୍ୱାସନା ଦେଇ ବୁଝାଇଥିଲେ। ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶୁଣାଣିରେ ସମସ୍ତ ଅଭିଯୋଗର ସମାଧାନ ପାଇଁ ଉପସ୍ଥିତ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପ୍ରତିକ୍ରିୟାରେ ମୁଖ୍ୟମନ୍ତ୍ରୀ କହିଥିଲେ, କେନ୍ଦୁଝର ସର୍କିଟ ହାଉସଠାରେ ସ୍ଥାନୀୟ ଲୋକଙ୍କୁ ଭେଟି ଅଭିଯୋଗ ଶୁଣିବା ସହ ସୁବିଧା ଅସୁବିଧା ପଚାରି ବୁଝିଥିଲି। ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛି। କେନ୍ଦୁଝର ଅଞ୍ଚଳର ସାମଗ୍ରିକ ବିକାଶ ଦ୍ୱାରା ନିଯୁକ୍ତି ସୁଯୋଗ ଏବଂ ଆର୍ଥିକ ସ୍ଥିତିକୁ ସମୃଦ୍ଧ କରିବା ନିମନ୍ତେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଥିବା ସେ କହିଥିଲେ। ଅଭିଯୋଗ ଶୁଣିବା ସମୟରେ କେନ୍ଦୁଝର ଜିଲାପାଳ ବିଶାଲ ସିଂ, ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ତ୍ରିଲୋଚନ ମହାନ୍ତି, ଏସ୍‌ପି ନୀତିନ କୁଶଲକର, ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଲିକ, ପୂର୍ତ୍ତ ବିଭାଗ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଇଂ. ସନ୍ତୋଷ ବେହେରା, ଅଧୀକ୍ଷଣ ଯନ୍ତ୍ରୀ ସମ୍ବିତ୍ ମହାନ୍ତି, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୫ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର, ୨୯।୧୨(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆସନ୍ତା ୫ ତାରିଖରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ସେଦିନ ପୂର୍ବାହ୍ଣ ୧୦ ଘଟିକାରୁ ୟୁନିଟ୍-୨, ଅଶୋକ ନଗର, ଭୁବନେଶ୍ୱରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ(କ୍ୟାପିଟାଲ ନର୍ସରି ନିକଟସ୍ଥ)ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ଆସନ୍ତା ୩୧ ତାରିଖ ପୂର୍ବାହ୍ଣ ୧୧ଟାଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। ଏଥିନିମନ୍ତେ ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସମ୍ପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୋମବାର ସୂଚନା ପ୍ରଦାନ କରାଯାଇଛି।

# ରାଜ୍ୟର ସବୁ କର୍ମଚାରୀଙ୍କୁ ସମ୍ପତ୍ତି ତାଲିକା ମାଗିଲେ ସରକାର

ଭୁବନେଶ୍ୱର,୨୯।୧୨(ରବିନାରାୟଣ ଜେନା)

ରାଜ୍ୟ ସରକାରରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସେମାନଙ୍କ ସମ୍ପତ୍ତି ତାଲିକା ଜାନୁଆରୀ ୩୧ ସୁଦ୍ଧା ଦେବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏ ସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୋମବାର ସମସ୍ତ ବିଭାଗର ମୁଖ୍ୟ, ମୁଖ୍ୟ ଦପ୍ତର ମୁଖ୍ୟ, ସବୁ ଆର୍‌ଡିସି ଏବଂ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଚିବ ଘାଷିରାମ ମୁର୍ମୁ ପତ୍ର ଲେଖି ପ୍ରଥମଶ୍ରେଣୀ ବର୍ଗ(ଏ)ଠାରୁ ଆରମ୍ଭକରି ଚତୁର୍ଥଶ୍ରେଣୀ ବର୍ଗ(ଡି) ପର୍ଯ୍ୟନ୍ତ ସମସ୍ତଙ୍କ ସମ୍ପତ୍ତି ତାଲିକା ଲୋଡ଼ିଛନ୍ତି। ଏହାକୁ ନେଇ କେତେଜଣ କର୍ମଚାରୀଙ୍କ ମଧ୍ୟରେ ଏବେ ପୁରୁଣା ଭୟ ସୃଷ୍ଟି ହୋଇଛି। ଯେଉଁ କର୍ମଚାରୀମାନେ ଅସାଧୁ ଉପାୟରେ ସମ୍ପତ୍ତି ଅର୍ଜନ କରିଛନ୍ତି, ସେମାନେ ଏବେ ଏହି ନିର୍ଦ୍ଦେଶନାମାକୁ ନେଇ ଭୟଭୀତ ଥିବା ପରିଲକ୍ଷିତ ହୋଇଛି। ଆଗକୁ ଇଂରାଜୀ ନବବର୍ଷ ଆସୁଥିବାବେଳେ ସରକାରଙ୍କ ଏହି ପୁରୁଣା(ନିୟମିତ) ନିର୍ଦ୍ଦେଶନାମାକୁ ନେଇ କେତେକ ଅସାଧୁ କର୍ମଚାରୀ ଗଳାବାଟ ଖୋଜୁଥିବା ଲୋକସେବା ଭବନରେ ଚର୍ଚ୍ଚା ହେଉଛି।

ସ୍ୱତନ୍ତ୍ର ସଚିବ ତାଙ୍କ ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ଚାକିରି ସର୍ତ୍ତାବଳୀ ସଂଶୋଧିତ ନିୟମ-୨୦୨୧ ଅନୁଯାୟୀ, ସମସ୍ତ କର୍ମଚାରୀ ତାଙ୍କ ସମ୍ପତ୍ତି ତାଲିକା ପ୍ରତିବର୍ଷ ଦେବାକୁ ବାଧ୍ୟ। ଏଥିପାଇଁ ମାନବ ସମ୍ବଳ ପରିଚାଳନା ପଦ୍ଧତି(ଏଚ୍‌ଆରଏମ୍‌ଏସ୍) ପୋର୍ଟାଲ ଜାନୁଆରୀ ପହିଲାରୁ ୩୧ ପର୍ଯ୍ୟନ୍ତ ଖୋଲାରହିବ। ପ୍ରଥମଶ୍ରେଣୀ ପାହ୍ୟାର ବଡ଼ବାବୁଙ୍କଠାରୁ ଆରମ୍ଭକରି ଚପରାସୀଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ପୋର୍ଟାଲ ଜରିଆରେ ୨୦୨୫ ବର୍ଷରେ କେତେ ସମ୍ପତ୍ତି ଆହରଣ କରିଛନ୍ତି, ତାହା ଦର୍ଶାଇବାକୁ ପଡ଼ିବ। ନଚେତ୍ ସେମାନଙ୍କୁ ପଦୋନ୍ନତି ଓ ଅନ୍ୟାନ୍ୟ ସରକାରୀ ଲାଭାଂଶ ଦେବାରେ ସମସ୍ୟା ଉପୁଜିବ। ଏହାକୁ ଦୃଷ୍ଟିରେ ରଖି ସବୁ କର୍ମଚାରୀଙ୍କୁ ସଚେତନ କରାଇ ସମ୍ପତ୍ତି ତାଲିକା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୋର୍ଟାଲରେ ଅପ୍‌ଲୋଡ୍ କରିବାକୁ ସ୍ୱତନ୍ତ୍ର ସଚିବ ଦର୍ଶାଇଛନ୍ତି। ତେବେ କୌଣସି ଅଧିକାରୀ କିମ୍ବା କର୍ମଚାରୀ ଯଦି ତାଙ୍କର ସମ୍ପତ୍ତି ତାଲିକା କାଗଜ(ହାର୍ଡକପି)ରେ ଦିଅନ୍ତି ତାହାକୁ ଗ୍ରହଣ କରାଯିବ ନାହିଁ ବୋଲି ଘାଷିରାମ ସ୍ପଷ୍ଟ ଦର୍ଶାଇଛନ୍ତି।




# ୨୩୮ ଓଏଏସ୍ ଶିକ୍ଷାନବିସଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର,୨୯।୧୨
(ରବିନାରାୟଣ ଜେନା)

ରାଜସ୍ୱ ବିଭାଗ ପକ୍ଷରୁ ସୋମବାର ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ର ୨୩୮ ଶିକ୍ଷାନବିସଙ୍କୁ ତାଲିମ୍ ପରେ ବିଭିନ୍ନ ଜିଲାରେ ନିଯୁକ୍ତି ଦିଆଯାଇଛି। ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ସ୍ୱେତାଶ୍ରୀ ମହାପାତ୍ରଙ୍କୁ ଭଦ୍ରକ ଜିଲାପାଳ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ ନିଯୁକ୍ତ କରାଯାଇଥିବାବେଳେ ପ୍ରିଙ୍କିଲ ପର୍ବିନ୍ ପରିଡ଼ାଙ୍କୁ ଜଗତ୍‌ସିଂହପୁରରେ ତହସିଲ୍‌ଦାର, ପ୍ରଜ୍ଞା ପାରଙ୍ଗମଙ୍କୁ ଭୁବନେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ ନିଯୁକ୍ତ କରାଯାଇଛି। ଏହି ଅଧିକାରୀମାନେ ଟ୍ରେନିଂ ରିଜର୍ଭ ଅଫିସର ଭାବେ ବିଭିନ୍ନ ଜିଲାରେ କାର୍ଯ୍ୟରତ ଥିବାବେଳେ ସୋମବାର ଏହି ନୂଆ ଦାୟିତ୍ୱ ମିଳିଛି।

# ୧୬ଜଣଙ୍କ ବିରୋଧରେ ସିବିଆଇ ଦାଖଲ କଲା ପ୍ରାଥମିକ ଚାର୍ଜଶିଟ୍

## ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା

### ଆନ୍ତଃ ରାଜ୍ୟ ଚାକିରି ର୍‍ୟାକେଟର ପର୍ଦ୍ଦାଫାଶ ହେବ

ଭୁବନେଶ୍ୱର,୨୯।୧୨
(ତ୍ରିନାଥ ମହାନ୍ତି)

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ସୋମବାର ୧୬ଜଣଙ୍କ ନାମରେ ୧ହଜାର ପୃଷ୍ଠାର ପ୍ରାଥମିକ ଚାର୍ଜଶିଟ ଦାଖଲ କରିଛି। ଏଥିରେ ଶଙ୍କର ପୃଷ୍ଟି, ରିଙ୍କୁ ମହାରଣା, ସୌମ୍ୟା ପ୍ରିୟଦର୍ଶିନୀ, ସୁରେଶ ନାୟକ ଓ ମୁନା ମହାନ୍ତିଙ୍କ ନାମ ରହିଥିବା ଜଣାଯାଇଛି। ତଦନ୍ତ ଚାଲିଥିବାରୁ ସିବିଆଇ ତା'ର ଫାଇନାଲ ଚାର୍ଜଶିଟ୍ ପରେ ଦାଖଲ କରିବ। ସେତେବେଳକୁ ଏକାଧିକଙ୍କ ନାମ ପଦାକୁ ଆସିବ ବୋଲି କୁହାଯାଉଛି। ୧୬ ଜଣ ଅଭିଯୁକ୍ତଙ୍କ ମଧ୍ୟରେ ୯ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବାବେଳେ ୭ଜଣ ଅଭିଯୁକ୍ତଙ୍କୁ ସିବିଆଇ ଗିରଫ କରିଛି। ଏହା ପୂର୍ବରୁ ଆହୁରି କେତେକ ପରୀକ୍ଷାରେ ବି ଏମାନଙ୍କ ସମ୍ପୃକ୍ତି ଥିଲା ବୋଲି ସିବିଆଇ ସ୍ପଷ୍ଟ କରିଛି।

ନଭେମ୍ବର ୨୦ ତାରିଖରେ ସିବିଆଇ ଏସ୍‌ଆଇ ପରୀକ୍ଷା ଜାଲିଆତି ଘଟଣାରେ ଏକ ମାମଲା ରୁଜୁ କରିଥିଲା। ପ୍ରାରମ୍ଭିକ ଭାବରେ ମାମଲାର ତଦନ୍ତ କରିଥିବା କ୍ରାଇମବ୍ରାଞ୍ଚ ଠାରୁ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ମାଗିଥିଲା। ତଦନ୍ତ ସମୟରେ ବ୍ରହ୍ମପୁରରେ ପହଞ୍ଚି ସିବିଆଇ ଟିମ୍ ପ୍ରଥମ ପଦକ୍ଷେପ ସ୍ୱରୂପ ବ୍ରହ୍ମପୁର କୋର୍ଟରୁ ଭୁବନେଶ୍ୱର ସିବିଆଇ କୋର୍ଟକୁ ମାମଲା ସ୍ଥାନାନ୍ତର ହୋଇଥିଲା। ଭୁବନେଶ୍ୱର ସ୍ୱତନ୍ତ ଭିଜିଲାନ୍ସ କୋର୍ଟରେ ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି, ସୁରେଶ ନାୟକ, ଅରବିନ୍ଦ ଦାସ ଓ ସାଗର ଗୌଡ଼ ଜାମିନ ଆବେଦନ କରିଥିଲେ। ସିବିଆଇ ପକ୍ଷରୁ ଉକ୍ତ ଆବେଦନକୁ ବିରୋଧ କରାଯାଇଥିଲା। କୋର୍ଟ ଉକ୍ତ ଆବେଦନର ଶୁଣାଣି କରି ଖାରଜ କରି ଦେଇଥିଲେ। ଉଲ୍ଲେଖଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସୁପାରିସ ପରେ କେନ୍ଦ୍ର ସରକାର ପୋଲିସ ସବ୍-ଇନ୍ସପେକ୍ଟର ପରୀକ୍ଷା ଜାଲିଆତିର ସିବିଆଇ ତଦନ୍ତକୁ ଅନୁମୋଦନ କରିଥିଲେ। ଏଥିରେ ଆନ୍ତଃରାଜ୍ୟ ସଂଗଠିତ ସିଣ୍ଡିକେଟର ସମ୍ପୃକ୍ତି ରହିଛି। ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ସମେତ ବିଭିନ୍ନ ରାଜ୍ୟରେ ଏହାର ନେଟ୍‌ୱର୍କ ରହିଥିବାରୁ ସିବିଆଇ ଦ୍ୱାରା ତଦନ୍ତ କରାଯିବାକୁ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଥିଲେ। ସିବିଆଇ ତଦନ୍ତ ସମୟରେ ଗିରଫ ଅଭିଯୁକ୍ତଙ୍କ ୧୩୩ ମୋବାଇଲରୁ ତଥ୍ୟ ବାହାର କରିବା ପାଇଁ ରାଜ୍ୟ ବାହାରକୁ ପଠାଇଛି। ଏହି ପରୀକ୍ଷା ରିପୋର୍ଟ ଆସିବା ପରେ ଫେରାର ଅଭିଯୁକ୍ତଙ୍କ ଅସଲ ମୁଖା ଖୋଲିବ ବୋଲି ସିବିଆଇ ପକ୍ଷରୁ କୁହାଯାଇଛି।

# ଅନ୍ନଦାତାଙ୍କୁ ସମୃଦ୍ଧ କରିବ 'ପିଏମ୍‌ଡିଡିକେୱାଇ'

## ଫୋକସ୍‌ରେ ମାଲକାନଗିରି, ନୂଆପଡ଼ା, କନ୍ଧମାଳ ଓ ସୁନ୍ଦରଗଡ଼ ଚାଷୀ

ଭୁବନେଶ୍ୱର,୨୯।୧୨
(ରବିନାରାୟଣ ଜେନା)

ଆଦିବାସୀ ଅଧ୍ୟୁଷିତ ତଥା ଆକାଂକ୍ଷୀ ଜିଲାର ଅନ୍ନଦାତାଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା(ପିଏମ୍‌ଡିଡିକେୱାଇ) ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଯେଉଁ ଚାଷୀ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ଏବଂ ସିଧାସଳଖ ସରକାରୀ ଯୋଜନାର ଲାଭାନ୍ୱିତ ହୋଇପାରୁନାହାନ୍ତି ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଏଥିପାଇଁ ରାଜ୍ୟର ୪ ଜିଲାପାଳ ଦାୟିତ୍ୱ ନେବେ ବୋଲି ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଛି।

ଚଳିତ ମାସ ୨୩ରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି କେନ୍ଦ୍ରୀୟ ଯୋଜନାକୁ କିଭଳି ଠିକଣା ଭାବେ ଆକାଂକ୍ଷୀ ଜିଲା ମାଲକାନଗିରି, ନୂଆପଡ଼ା, କନ୍ଧମାଳ ଓ ସୁନ୍ଦରଗଡ଼ରେ କାର୍ଯ୍ୟକାରୀ କରାଯିବ ସେନେଇ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଯୋଜନାର କାର୍ଯ୍ୟକାରିତାରେ ରାଜ୍ୟସ୍ତରୀୟ ସମିତି ଏବଂ ଜିଲାସ୍ତରୀୟ ସମିତିର ଭୂମିକା କ'ଣ ରହିବ ଏବଂ କେନ୍ଦ୍ରୀୟ ସହାୟତା କିଭଳି ଚାଷୀମାନଙ୍କ ନିକଟରେ ପହଞ୍ଚିପାରିବ, ତା'ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି।

ବୈଠକର ସୂଚନା ଅନୁଯାୟୀ, ଏହି ଯୋଜନାରେ ସରକାରଙ୍କ ପକ୍ଷରୁ ପାଣ୍ଠି ଯୋଗାଣରେ କିଭଳି ତ୍ୱରାନ୍ୱିତ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ। ମାତ୍ର ଜିଲାସ୍ତରରେ ବାସ୍ତବରେ ତାହା ଚାଷୀଙ୍କ ପାଖରେ ପହଞ୍ଚିଲା କି ନା, ତା'ର ଦାୟିତ୍ୱ ଜିଲାପାଳ ତଥା ଜିଲାସ୍ତରୀୟ ଡିଡିକେୱାଇ ସମିତି ନେବ। ଜିଲାସ୍ତରୀୟ କମିଟି ସଂପୃକ୍ତ ଜିଲାର ଚାଷୀମାନଙ୍କ ପାଖରେ ପହଞ୍ଚି ଲାଭଜନକ ଫସଲ ଉତ୍ପାଦନ ଉପରେ ଟିକିନିଖି ଆଲୋଚନା କରିବ। ବିଶେଷକରି ତୈଳବୀଜ ଓ ଅର୍ଥକରୀ ଫସଲ ଉତ୍ପାଦନକୁ ଏହି ଯୋଜନାରେ ଗୁରୁତ୍ୱ ଦିଆଯିବ, ଯାହାଫଳରେ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ ଏବଂ ସେମାନେ ଅଣ୍ଟାସଳଖି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ। ରାଜ୍ୟସ୍ତରୀୟ କମିଟି ଯୋଜନା କାର୍ଯ୍ୟକାରିତାର ସମୀକ୍ଷା ପ୍ରତି ତିନିମାସରେ ନେବ। ଜିଲାସ୍ତରୀୟ କମିଟି ଜିଲାର ଚାଷୀଙ୍କ ବିକାଶକୁ ଦୃଷ୍ଟିରେ ରଖି ଯୋଜନାମାନ ପ୍ରସ୍ତୁତକରି ରାଜ୍ୟସ୍ତରୀୟ କମିଟିକୁ ପ୍ରେରଣ କରିବ।

ଜିଲାସ୍ତରର ସମିତି ପକ୍ଷରୁ ଏହି ୪ ଜିଲାରେ ପାଣିପାଗର ସହନଶୀଳତାକୁ ନେଇ ବିବିଧ ଫସଲ ଉତ୍ପାଦନକୁ ରୋଡ୍‌ମ୍ୟାପ୍‌ରେ ଗୁରୁତ୍ୱ ଦିଆଯିବ। ଜିଲାସ୍ତରୀୟ ସମିତି କି ପ୍ରକାର ଯୋଜନା ପ୍ରସ୍ତୁତ କରୁଛି ତାହାକୁ ନୀତି ଆୟୋଗ ଦେଖିବ। ସେଥିପାଇଁ ଜିଲାସ୍ତରୀୟ କମିଟି ସ୍ୱତନ୍ତ୍ର ପୋର୍ଟାଲରେ ଯୋଜନାକୁ ଅପ୍‌ଲୋଡ୍ କରିବ। ମୁଖ୍ୟ ଶାସନ ସଚିବ ଉକ୍ତ ଯୋଜନାର କାର୍ଯ୍ୟାନ୍ୱୟନ ପ୍ରତି ତିନି ମାସରେ ଥରେ ସମୀକ୍ଷା କରିବାକୁ ରହିଛି ବୋଲି କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ୧୯ତମ ଦେବଦାସୀ ଆନ୍ତର୍ଜାତିକ ନୃତ୍ୟ ସମାରୋହ, ସ୍ଥାନ: ଭଞ୍ଜ କଳାମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଇଣ୍ଡିଆ ଗୋପନାରାୟଣ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡଳସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲା ସ୍କୁଲ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଦିବଂଗତ ସାମ୍ବାଦିକଙ୍କ ତିରୋଧାନ ଦିବସ, ସ୍ଥାନ: ସାମ୍ବାଦିକ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ମହାଯଜ୍ଞ, ସ୍ଥାନ: ମାର୍କୋଣା, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଚିଟଫଣ୍ଡ ସଚେତନତା ସଭା, ସ୍ଥାନ: ବରି, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍ସବ ଉତ୍ତର ଓଡ଼ିଶା ତୃତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**
- ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମାଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କଳା ଶିବିର, ସ୍ଥାନ: ମାଞ୍ଜୁରୀରୋଡ୍, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ମତୋର ଇତିହାସ ଓ ସଂସ୍କୃତ ଆଲୋଚନାଚକ୍ର, ସ୍ଥାନ: ମତୋ ପଞ୍ଚାୟତ ସଭାଗୃହ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- କବିତା ପାଠ ଓ ସାହିତ୍ୟ ଆସର, ସ୍ଥାନ: ପୀରହାଟ ବାସନ୍ତୀ ପଡ଼ିଆ, ତିହିଡ଼ି, ସମୟ: ଅପରାହ୍ନ ୪ଟା।
- ଭଦ୍ରକ ସହର ମହତାବ ଛକରୁ ଶନିମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଶିଳାନ୍ୟାସ, ସ୍ଥାନ: ଆଇ ଲଭ୍ ପଏଣ୍ଟ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ବାଣିଜ୍ୟ ମେଳାର ଉଦ୍‌ଯାପନୀ, ସ୍ଥାନ: ସାମରାଇପୁର, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଆଗରପଡ଼ା ମହୋତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ହେମପଦ୍ମା ଗାଲାକ୍ସି, ଆଗରପଡ଼ା, ସମୟ: ସନ୍ଧ୍ୟା ୬ଟା।

**କେନ୍ଦୁଝର**
- ଲଙ୍ଗଳକଣ୍ଟିଠାରେ ପ୍ରଭୁ ଜଗାଦେଓ ମନ୍ଦିରର ରତ୍ନମୁଦ, ସ୍ଥାନ: ଢେଙ୍କିକୋଟ, ସମୟ: ପୂର୍ବାହ୍ନ ୧୧ଟା।

**ମୟୂରଭଞ୍ଜ**
- ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ବଣ୍ଟନ, ସ୍ଥାନ: ମଧୁବନସ୍ଥିତ କେମିଷ୍ଟ ଆଣ୍ଡ୍ ଡ୍ରଗିଷ୍ଟ ଆସୋସିଏଶନ କାର୍ଯ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।

**ଗଞ୍ଜାମ**
- ଗୁରୁକୃପା ସେବା ସମିତିର ୬ଷ୍ଠ ବାର୍ଷିକୋତ୍ସବ, ସ୍ଥାନ: ଶ୍ରୀ ଗୁପ୍ତେଶ୍ୱର ଶୈବପୀଠ, ଟିକିଟି ରୋଡ଼, ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ଟା।
- କଙ୍କୋରଡ଼ା ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ସାନଖେମୁଣ୍ଡି ବ୍ଲକ୍ କଙ୍କୋରଡ଼ା ଗ୍ରାମ ବିଜ୍ଞାନ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ରାଜନୀତି ବିଜ୍ଞାନ ବିଭାଗର ସେମିନାର, ସ୍ଥାନ: ବୁଗୁଡ଼ା ପିପୁଲ୍ସ କଲେଜ, ସମୟ: ପୂର୍ବାହ୍ନ ୧୦ ଟା।
- ଭଜନ ସମାରୋହ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ବୁଗୁଡ଼ା ବ୍ଲକ, କଳଚୁଲି ମାନସ ମଣ୍ଡପ, ସମୟ: ସନ୍ଧ୍ୟା ୭ ଟା।

**ଗଜପତି**
- ଜିଲାସ୍ତରୀୟ ଧାନ କ୍ରୟ ମଣ୍ଡିରଶୁଭ ଉଦଘାଟନ, ସ୍ଥାନ: ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

**ଜଗତ୍‌ସିଂହପୁର**
- ଗରିବୀ ନିରାକରଣ କାର୍ଯ୍ୟକ୍ରମ ଓ ଉନ୍ନୟନମୂଳକ କାର୍ଯ୍ୟ ଉପରେ ସମୀକ୍ଷା, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

**କେନ୍ଦ୍ରାପଡ଼ା**
- ବିପ୍ଳବୀ କବି ଆନନ୍ଦ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ସରସ୍ୱତୀ ଷ୍ଟାଡିୟମ, ଡାଲିକାଏନ୍ଦା, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା। ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: କୋରୋ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- କସ୍ତୁରୀ କଳା ନିକେତନର ବାର୍ଷିକ ଉତ୍ସବ, ସ୍ଥାନ: କଳା ନିକେତନ ପରିସର, ପୋଖରିଆ ପଡା, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୩ଟା।
- ରାଜ୍ୟସ୍ତରୀୟ ଡେରାବିଶ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ରାମିଆଗଞ୍ଜ, ମଣିକୁଣ୍ଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ବାଦିପାଲା ମହୋତ୍ସବ, ସ୍ଥାନ: ମା' ବୁଢ଼ୀ ଜାଗୁଳାଇ ପୀଠ, ପଞ୍ଚୁପାଣ୍ଡବ, ଏଣ୍ଡର, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଯାଜପୁର ଗଣେଶ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମହୋତ୍ସବ, ସ୍ଥାନ: ଯାଜପୁର ପ୍ରଶାସନିକ ଭବନ ପଡିଆ, ସମୟ : ଅପରାହ୍ନ ୪ଟା।
- ଧର୍ମଶାଳା ମହୋତ୍ସବର ଷଷ୍ଠ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଅନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ଶ୍ରୀଜଗନ୍ନାଥ ଧାମ ପୁରୀ ପକ୍ଷରୁ ୩୪ତମ ଚାରଣ ପ୍ରବ୍ରଜ୍ୟାରେ ପ୍ରଭୁ ଜଗନ୍ନାଥ ବିମାନରେ ପରିକ୍ରମା, ସ୍ଥାନ: ଭାପୁର ବ୍ଲକର ଉପର ଓ ତଳ ବାଉଁଶବାଟ, ଆଡିପଡ଼ା, ରାକମା, ସୁନାଖଳା, ବିଜିପୁର, ସମୟ: ସକାଳ ୬ରୁ ସନ୍ଧ୍ୟା ୬ଟା।
- ଘୋଡଲାଗି ପର୍ବର ୩୪ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ୩୪ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର: ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ଜୟ ଶ୍ରୀରାମ ସେବା ସମିତି ପକ୍ଷରୁ ଶ୍ରୀଶ୍ରୀରଘୁନାଥ ଜୀଉଙ୍କର ରାମ ତାରକ ମହାଯଜ୍ଞର ସୂର୍ଯ୍ୟପୂଜା, ସ୍ଥାନ: ଓଡଗାଁ ଶ୍ରୀଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ଶ୍ରୀରାମଚରିତ ମାନସର ୫ମ ଦିବସରେ ନବାହ୍ନ ପରାୟଣ ଓ ପ୍ରବଚନ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୯ଟା।
- ଖଣ୍ଡପଡ଼ା ମହୋତ୍ସବର ୪ର୍ଥ ଦିବସ, ସ୍ଥାନ: ଖଣ୍ଡପଡ଼ା ମଧୁବନ କ୍ରୀଡାଙ୍ଗନ, ସମୟ: ପୂର୍ବାହ୍ନ ୧୧ରୁ ରାତି ୧୦ଟା।

**ରାୟଗଡ଼ା**
- ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା, ସ୍ଥାନ: ସାନନଦୀ ନିକଟସ୍ଥ ଭଲିଆ ତୋଟା, ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ଲ୍ୟାମ୍ପସ୍ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକ୍‌ସ୍ତରୀୟ ପୁଷପୁନି ଭେଟଘାଟ ପ୍ରସ୍ତୁତି ବୈଠକ, ସ୍ଥାନ: ସାଗରଗୁଡ଼ା, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।

**ସମ୍ବଲପୁର**
- ବଳିଦାନ ଦିବସ ଉପଲକ୍ଷେ ମଶାଲ ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ : ସମଲେଇ ମନ୍ଦିର ସମ୍ମୁଖ, ସମୟ : ସକାଳ ୭ଟା।
- ବୀର ଛବିଲ ସାଏ ସ୍ମୃତି ସମିତି ପକ୍ଷରୁ ରକ୍ତଦାନ ଶିବିର ଓ ବିଭିଧ କାର୍ଯ୍ୟକ୍ରମ, ସ୍ଥାନ: କୁଦୋପାଲି ରଣଭୂମୀ, ସମୟ: ସକାଳ ୮ଟା।
- ନିଖିଳ ଓଡ଼ିଶା ଓକିଲ ସଂଘର ବାର୍ଷିକ ସମ୍ମିଳନୀ-୨୦୨୫, ସ୍ଥାନ : ଜିଏମ୍‌ୟୁ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ଲୋକ ମହୋତ୍ସବ -୨୦୨୬ ପକ୍ଷରୁ ସମଲେଇଙ୍କଠାରେ ପୂଜାର୍ଚ୍ଚନା, ସ୍ଥାନ: ସମଲେଇ ମନ୍ଦିର, ସମୟ : ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ଲୋକ ମହୋତ୍ସବ -୨୦୨୬ ସକାଶେ ମଞ୍ଚ ପୂଜା, ସ୍ଥାନ: ଅଇଁଠାପାଲି ସ୍ଥିତ ବୀର୍ସା ମଇଦାନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ଓକିଲ ସଂଘର ବାର୍ଷିକ ସମ୍ମିଳନୀ-୨୦୨୫, ସ୍ଥାନ : ଜିଏମ୍‌ୟୁ ପ୍ରେକ୍ଷାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ଲୋକ ମହୋତ୍ସବ -୨୦୨୬ ଆୟୋଜନ କମିଟି ବୈଠକ, ସ୍ଥାନ: ଅଇଠାପାଲି ସ୍ଥିତ ବୀର୍ସା ମଇଦାନ ସ୍ଥିତ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

**ବଲାଙ୍ଗୀର**
- ଭାଲେର ଧନୁଯାତ୍ରା ଦ୍ୱିତୀୟ ଦିବସ, ସ୍ଥାନ: ଭାଲେର, ପୁଇଁନ୍ତଲା, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।

**ରାଉରକେଲା**
- ପୃଷ୍ଠପୋଷକତା ବିନା ଓଡିଆ ଶିଶୁ ପତ୍ରିକାର ସ୍ଥିତି ଉପରେ ଆଲୋଚନାଚକ୍ର, ସ୍ଥାନ: ମଧୁସୁଦନ ପାଠାଗାର, ଛେଣ୍ଡ, ସମୟ: ଅପରାହ୍ନ ୪ଟା।
- ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: କଲଚରାଲ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**
- ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ଅପରାହ୍ନ ୩ଟା।

**କଳାହାଣ୍ଡି**
- ଟୋକି ପରବ ଅବସରରେ ବାଲିପଟା ଯାତ୍ରା, ସ୍ଥାନ: ଡ଼ାକକୋଟା, ଭାରତ ଯାତ୍ରା ପଡ଼ିଆ, ସମୟ: ସକାଳ ୮ଟା ଠାରୁ ସନ୍ଧ୍ୟା ୫ଟା।
- ଜିଲା ସ୍ତରୀୟ ପ୍ରାଣୀ ଓ ସମ୍ପଦ ମେଳା ଉଦ୍‌ଘାଟିତ, ସ୍ଥାନ: ଭବାନୀପାଟଣା ସ୍ଥିତ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ,ସମୟ: ପୂର୍ବାହ୍ନ ୧୦ଟା।
- ୨୮ତମ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'୨୦୨୬ ଅବସରରେ ତୀରନ୍ଦାଜୀ ଓ ନୌଚାଳନା ପ୍ରତିଯୋଗିତା ସମ୍ବନ୍ଧେ ପ୍ରସ୍ତୁତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସଭା ଗୃହ, ଥୁଆମୂଳ ରାମପୁର, ସମୟ: ଅପରାହ୍ନ ୩ଟା।

**ଦେବଗଡ଼**
- ଜିଲା ପଞ୍ଚାୟତ ସମ୍ବଳ କେନ୍ଦ୍ର କୋଠା କ୍ୟାମ୍ପସର ଶିଳାନ୍ୟାସ ସମାରୋହ, ସ୍ଥାନ: ଦେବଗଡ଼ ଜିଲା ପରିଷଦ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାଲ୍ୟବିବାହ ନିଷେଧ ଏବଂ ବାଲ୍ୟବିବାହ ମୁକ୍ତ ଦେବଗଡ଼, ସ୍ଥାନ: ଦେବଗଡ଼ର ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍ସବ ପ୍ରଧାନପାଟ-୨୦୨୬ ଆୟୋଜନ ସମ୍ପର୍କିତ ପ୍ରସ୍ତୁତି ବୈଠକ, ସ୍ଥାନ: ଦେବଗଡ଼ କଲେକ୍ଟୋରେଟ ବିକାଶ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହି ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଭାଲୁଡୁଙ୍ଗୁରି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ସଡକ ସୁରକ୍ଷା କମିଟି ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ସୁବର୍ଣ୍ଣପୁରର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ପ୍ରଥମ ଜୋନସ୍ତରୀୟ ୟୁନିଟ କ୍ରିକେଟ କପ୍ ୨୦୨୫-୨୬ ପଞ୍ଚଦଶ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ପୂର୍ବାହ୍ନ ୧୦ଟା।
- ୩ୟ ଶହୀଦ ପୀତବାସ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ୍ ସ୍ଥାନ: କୋମନା ବ୍ଲକ ଦାନୋଝଲା ଶହୀଦ ପିତବାସ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ୫ମ ଜୟ ମା' ବମ୍ଲେଶ୍ୱରୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ତ୍ରିକୋଣୀୟ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ୩ୟ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପଞ୍ଚମ ରଜନୀ, ସ୍ଥାନ: ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ମିନି ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଥାନାପଡା, ସମୟ: ସନ୍ଧ୍ୟା ୬ଟା।

**ଝାରସୁଗୁଡ଼ା**
- କିଶୋର ମହାନ୍ତି ସ୍ମୃତି କମିଟି ପକ୍ଷରୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟ, ଝାରସୁଗୁଡ଼ା, ସମୟ:ସକାଳ ୯ଟା।
- କିଶୋର ମହାନ୍ତି ସ୍ମୃତି କମିଟି ପକ୍ଷରୁ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ:ମଙ୍ଗଳ ବଜାର ଅଡିଟରିୟମ, ସମୟ:ପୂର୍ବାହ୍ନ ୧୦ଟା ୩୦।
- କିଶୋର ମହାନ୍ତିଙ୍କ ଶ୍ରାଦ୍ଧ ସଭା, ସ୍ଥାନ: ମଙ୍ଗଳ ବଜାର ଅଡିଟରିୟମ, ସମୟ: ଅପରାହ୍ନ ୩ ଟା।

## ୭୭ ଲକ୍ଷ ଇ-ଚାଲାଣରୁ ଏଯାଏ ଆସିଛି ମାତ୍ର ୫ ଲକ୍ଷର ଓଟିଏସ୍

**ଭୁବନେଶ୍ୱର,୨୯।୧୨(ସୁନିତ୍ ମିଶ୍ର)** ରାଜ୍ୟରେ ମୋଟ୍‌୭୭ ଲକ୍ଷ ଇ-ଚାଲଣ ପେଣ୍ଡିଂ ଥିଲା। ଲାଇସେନ୍ସ, ପଲ୍ୟୁଶନ ସାର୍ଟିଫିକେଟ, ଇନସ୍ୟୁରାନ୍ସ ନ ଥିବା ଏବଂ ବେପରୁଆ ଗାଡି ଚାଳକମାନଙ୍କ ଉପରେ ଏହି ଇ-ଚାଲାଣ ଲଗାଯାଇଥିଲା। ୭୭ ଲକ୍ଷ କେସ୍‌ର ଓଟିଏସ୍(ୱାନ୍ ଟାଇମ୍ ସେଟେଲମେଣ୍ଟ) କରିବା ଦିଗରେ ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସେହି ୭୭ ଲକ୍ଷ ଇ-ଚାଲାଣ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ମାତ୍ର ୫ ଲକ୍ଷର କେସ୍‌ର ଇ-ଚାଲାଣକୁ ଓଟିଏସ୍ ଜରିଆରେ ସରକାର ଆଦାୟ କରିଛନ୍ତି। ସରକାର କହିଛନ୍ତି ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ସମସ୍ତେ ଓଟିଏସ୍‌ର ସୁବିଧା ନେବା ଦରକାର। ପେଟ୍ରୋଲ, ଡିଜେଲ କାରଣରୁ ହିଁ ଗାଡି ରାସ୍ତାରେ ଚାଲିପାରୁଛି। ତେଣୁ ସରକାର ନିର୍ଦ୍ଦେଶ ଦେଇଛନ୍ତି ଯେଉଁମାନଙ୍କ ପ୍ରଦୂଷଣ ପ୍ରମାଣ ପତ୍ର ନ ଥିବ ସେମାନଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ନ ଦେବା ଲାଗି। ଏପରି ହେଲେ ହିଁ ଲୋକମାନେ ନିୟମ ମାନିବାକୁ ବାଧ ହେବେ ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି।

ମନ୍ତ୍ରୀ ଜେନା ଗଣମାଧ୍ୟମକୁ ସୂଚନା ଦେଇ ସୋମବାର ଆହୁରି କହିଛନ୍ତି, ପ୍ରଦୂଷଣ ପ୍ରମାଣ ପତ୍ର ଏବଂ ଗ୍ରୀନ୍ ଷ୍ଟିକର ନେଇକି ଲୋକମାନେ ନିୟମ ମାନିବା ଦରକାର। ମଧ୍ୟପ୍ରଦେଶ ରାଜ୍ୟ ଲାଗି ସୁପ୍ରିମକୋର୍ଟଙ୍କ ଏକ ରାୟ ଥିଲା ସେଠାରେ ଯେଉଁଦିନ ଲୋକମାନଙ୍କ ପ୍ରଦୂଷଣ ପ୍ରମାଣ ପତ୍ରର ସମୟ ସରିଯିବ ସେଦିନ ହିଁ ସେମାନେ ତା'ର ପଞ୍ଜୀକରଣ କରିବା ଜରୁରୀ। ଓଡ଼ିଶା ସରକାର କିଛି ନୂଆ ନିୟମ କରିନାହାନ୍ତି। ଯାହା ନିୟମ ଥିଲା ତାକୁ କଡାକଡି କରାଯାଇଛି। ଏଥିଲାଗି ଏହି ନିୟମ କଡାକଡି କରାଯାଉଛି, ବର୍ତ୍ତମାନ ଏୟାର ପଲ୍ୟୁଶନ୍ ଇଣ୍ଡେକ୍ସରେ ଓଡ଼ିଶାର ସ୍ଥାନ ନିମ୍ନଗାମୀ ହେଉଛି ତାକୁ ଏବେ ଗୁରୁତର ସହ ନିଆଯାଇଛି। ପ୍ରଦୂଷଣ ରୋକିବା ଦିଗରେ ସମସ୍ତଙ୍କ ଦାୟିତ୍ୱ ହେବା ଦରକାର। ଏବେ ସୁଦ୍ଧା ଓଡ଼ିଶାରେ ୧ କୋଟି ଗାଡି ରେଜିଷ୍ଟ୍ରେଶନ ହୋଇଛି। ଏତେ ଗାଡ଼ିର ଯଦି ପ୍ରଦୂଷଣ ପ୍ରମାଣ ପତ୍ର ରଖିବାନି, ଏହିନିୟମ ମାନିବାନି ତେବେ ନିର୍ଗତ ହେଉଥିବା ଧୂଆଁ ଅଧିକ ବାହାରିଲେ ବାୟୁ ପ୍ରଦୂଷଣ ହେବ। ପ୍ରଦୂଷଣ ପ୍ରମାଣ ପତ୍ର ନ ଥିଲେ ୧୦ ହଜାର ଟଙ୍କାର ଫାଇନ ଆଦାୟ କରିବାର ବ୍ୟବସ୍ଥା ୨୦୧୯ରେ କରାଯାଇଥିଲା। ଯଦିଓ ଏହି ଜରିମାନା ରାଶି ଲୋକଙ୍କୁ ଅଧିକ ହୋଇଯାଉଛି, ଏହାକୁ କମାଇବା ଲାଗି ପ୍ରକ୍ରିୟା ଜାରି ରହିଛି। ଅନ୍ୟପଟେ ପ୍ରଦୂଷଣ ପ୍ରମାଣ ପତ୍ର ତୁରନ୍ତ ଲାଗୁ କରାଯାଇଥିବାର ସମୟକୁ ମଧ୍ୟ ସାମାନ୍ୟ ଘୁଞ୍ଚାଇ ଦିଆଯାଇଛି। ସଡ଼କ ସୁରକ୍ଷା ମାସ ଜାନୁଆରୀ ପହିଲାରୁ ଲାଗୁ କରାଯାଉଛି। ତେଣୁ ଏହି ନିୟମକୁ ଫେବୃଆରୀ ୧ରୁ କଡାକଡି କରାଯିବ। ଏହି ନିୟମ ଲାଗୁ କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଦରକାର। ଏଭଳି ପଲ୍ୟୁଶନ ସେଣ୍ଟର ରହିଛି ଯେଉଁମାନେ ସବୁ ଗାଡିକୁ ସାର୍ଟିଫିକେଟ ଦେଇ ଦେଉଛନ୍ତି। ଏଭଳି ୪୨ଟି ପଲ୍ୟୁଶନ ସେଣ୍ଟରକୁ ବାତିଲ କରାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ ପରିସ୍ଥିତିରେ ସ୍ଥିର ନିଷ୍ପତ୍ତି ନେବାରେ ବନ୍ଧୁଙ୍କ ପୃଷ୍ଠପୋଷକତା ସହାୟକ ହେବ। ପରିବାରରେ ପୂର୍ବ ସ୍ଥିରୀକୃତ ଯାନ୍ତ୍ରିକ ଜିନିଷ ତଥା ଗୃହୋପକରଣ କିଣିବାକୁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରୁ ଫେରିବା ବାଟରେ ବନ୍ଧୁଙ୍କୁ ଭେଟି ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ରଚନାତ୍ମକ କାମରୁ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହେବେ।

**ବୃଷ** କର୍ମଜଞ୍ଜାଳ ମଧ୍ୟରେ ଘରୁ ବରାଦ ପାଇଥିବା ଜିନିଷଟି ନେବା ସକାଶେ ଭୁଲିଯାଇପାରନ୍ତି। ବନ୍ଧୁ ଗହଣରେ ମଉଜିଆ କଥା କହି ପରିସ୍ଥିତିକୁ ହାଲ୍‌କା କରିବାରେ ସମର୍ଥ ହେବେ। ଖଳଲୋକଙ୍କ କଥାରେ ପ୍ରଭାବିତ ହୋଇ ଭୁଲ୍ କାମ କରିପାରନ୍ତି। ସମ୍ପର୍କୀୟଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କାମ ହାସଲରେ ସଫଳତା ପାଇବେ।

**ମିଥୁନ** ଗୁରୁତ୍ୱପୂର୍ଣ୍ଣ ସମସ୍ୟା ପଡ଼ୋଶୀଙ୍କ ମାଧ୍ୟମରେ ସମାଧାନ ହୋଇଯିବ। ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ ସ୍ତ୍ରୀଙ୍କୁ ଦାୟୀକରି ବିଭିନ୍ନ ପ୍ରକାର କଥା କହିପାରନ୍ତି। ମନ ଭଲ ନ ଥିବା କାରଣରୁ କର୍ମକ୍ଷେତ୍ରର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ବନ୍ଧୁ ଅର୍ଥ ସାହାଯ୍ୟର ଦୃଢ଼ ପ୍ରତିଶ୍ରୁତି ଦେଇ ମନକୁ ଖୁସି କରିଦେଇପାରନ୍ତି।

**କର୍କଟ** କେତେକ କ୍ଷେତ୍ରରେ ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତହେବ। ବାଣିଜ୍ୟ, ପରିବହନ ଓ କଳା, ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ନିର୍ମାଣ କାର୍ଯ୍ୟ ସକାଶେ ପାରିବାରିକ ସହଯୋଗ ଉତ୍ସାହଜନକ ହେବନାହିଁ। ଆର୍ଥିକ ଦିଗଟି ମନ୍ଦ ହେବନାହିଁ, କିନ୍ତୁ ଋଣ ପରିଶୋଧ କରିପାରିବେ ନାହିଁ।

**ସିଂହ** ଶାରୀରିକ ଅସୁସ୍ଥତା ସାଙ୍ଗକୁ ଆର୍ଥିକ ଦୁରବସ୍ଥା ମାନସିକ ଅଶାନ୍ତିର କାରଣ ହେବ। ମିଥ୍ୟା ଅଭିଯୋଗକୁ ବନ୍ଧୁ ସମର୍ଥନ ଦେବା କାରଣରୁ ବିରକ୍ତି ପ୍ରକାଶ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଆଳାପ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହୋଇପାରେ। ଆଜିର ବ୍ୟବସାୟିକ ସ୍ଥିତି ସନ୍ତୋଷଜନକ ରହିବା ଯୋଗୁ ଖୁସି ଅନୁଭବ କରିବେ।

**କନ୍ୟା** କୌଣସି କାମରେ ଭୂମିକା ନ ଥାଇ ମଧ୍ୟ ସବୁ କ୍ଷେତ୍ରରେ ଦୋଷୀ ରୂପେ ପରିଗଣିତ ହେବେ। ପୁରାତନ ରୋଗ ପୀଡ଼ା ଉପଶମ ହେବାରୁ ଆଶ୍ୱସ୍ତି ଅନୁଭବ କରିବେ। ଅଧ୍ୟୟନ, ଅଧ୍ୟାପନା, ପ୍ରକାଶନ, ପ୍ରଶାସନ, କଳା ଓ ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ। ନିର୍ମାଣାଧୀନ କାମଟି ପ୍ରତିବନ୍ଧକ କାରଣରୁ ଅଟକିଯାଇପାରେ।

**ତୁଳା** ଆପଣଙ୍କ କାର୍ଯ୍ୟଦକ୍ଷତା ଏବଂ ଲୋକପ୍ରିୟତା କାରଣରୁ ସାମାଜିକ ସ୍ତରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ। କ୍ରନିକ୍ ରୋଗଜନିତ ଶାରୀରିକ ଅସୁସ୍ଥତା ହେତୁ ବିବ୍ରତ ରହିପାରନ୍ତି। କାମ କରିବାର ସ୍ପୃହା ଥିଲେ ମଧ୍ୟ ଅର୍ଥାଭାବାରୁ ସବୁଥିରେ ପଛାଇଯାଇପାରନ୍ତି।

**ବିଛା** ତ୍ୟାଗ ଏବଂ ନିଃସ୍ୱାର୍ଥପରତା ପରିପ୍ରେକ୍ଷୀରେ ମନ କଥା ମନରେ ରଖି ପାରିବାରିକ ସମସ୍ୟା ସମାଧାନ କରିବେ। ପ୍ରତ୍ୟାବର୍ତ୍ତନ ପଥରେ ବନ୍ଧୁଙ୍କ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଆନୁଷ୍ଠାନିକ କ୍ଷେତ୍ରରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟା ସମାଧାନ ହୋଇଯିବ। ମନୋରଞ୍ଜନ ସୁଯୋଗକୁ ହାତଛଡ଼ାକରି ମନସ୍ତାପ କରିପାରନ୍ତି।

**ଧନୁ** କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ଘରକାମ ବୁଝିବାକୁ ସମୟ ପାଇବେ ନାହିଁ। ଅତି ଭଲ ପାଉଥିବା ବ୍ୟକ୍ତିଟି ପ୍ରତି ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। କଠିନଶ୍ରମ ଏବଂ ଭ୍ରମଣଜନିତ ସାମାନ୍ୟ ଶାରୀରିକ ଅସୁସ୍ଥି ମଧ୍ୟ ଅନୁଭବ କରିପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବା ସାଙ୍ଗକୁ ଲକ୍ଷ୍ୟ ପୂରଣ ମଧ୍ୟ କରିପାରିବେ।

**ମକର** ଉପରିସ୍ଥଙ୍କ ସହାୟତାରେ ହାତକୁ ନେଇଥିବା କାମଟି ସହଜରେ ସମ୍ପନ୍ନ ହେବାରୁ ଖୁସି ଅନୁଭବ କରିବେ। ଦୀର୍ଘଦିନର ପ୍ରତୀକ୍ଷାନ୍ତେ ସରକାରୀ କ୍ଷେତ୍ରରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ସମ୍ପର୍କୀୟଙ୍କଠାରୁ କୌଣସି ଖବର ପାଇ ଖୁସି ହେବେ। ପରୋକ୍ଷ ଶତ୍ରୁତାରୁ ଅଫିସ କାମରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ କିଛି ନ ବୁଝି ନ ଶୁଝି କାହା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ। ଭିତରେ ଭିତରେ ଶତ୍ରୁତା ଆଚରଣ କରୁଥିବା ବନ୍ଧୁଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ପ୍ରେସ୍, ପବ୍ଲିକେଶନ, ଆଇନ ଅଦାଲତ, ଗବେଷଣା, ଅନୁସନ୍ଧାନ, ନିର୍ମାଣ କାମରୁ ସୁଫଳ ମିଳିବ। ଚେଷ୍ଟା କରୁଥିବା କାର୍ଯ୍ୟରେ ସଫଳତା କାରଣରୁ ମନ ଖୁସି ରହିବ।

**ମୀନ** ଆଜିର ଆଲୋଚନା ସମୟରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ବନ୍ଧୁଙ୍କ ବିରୋଧାତ୍ମକ କଥା ଶୁଣି ମନ୍ତବ୍ୟ ଦେବା କାରଣରୁ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଆକସ୍ମିକ ଭାବେ ସୃଷ୍ଟି ହୋଇଥିବା ବିବାଦୀୟ ଘଟଣାର ଦିଗ ବଦଳି ଯାଇପାରେ। ପରିବାରର ଖର୍ଚ୍ଚଭାର ବୃଦ୍ଧି ପାଇବା ଯୋଗୁ ଚିନ୍ତିତ ରହିପାରନ୍ତି।

ଆଜି ଡିସେମ୍ବର ୩୦ ତାରିଖ, ପୌଷ ଶୁକ୍ଳପକ୍ଷର ଶାମ୍ବ ଦଶମୀ ମଙ୍ଗଳବାର, ଅଦ୍ୟ ପୁତ୍ରଦା ଏକାଦଶୀ। ରାଶିନକ୍ଷତ୍ର-ଦ୍ୱିଜା/ମେଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬।୨୪ ଗତେ ଘ.୦୭।୦୭ ମଧ୍ୟେ, ଘ.୦୯।୦୬ ଗତେ ଘ.୧୧।୨୭ ମଧ୍ୟେ ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୨।୩୧ ମି. ଗତେ ଘ. ୦୩।୫୨ ମଧ୍ୟେ ରାହୁକାଳ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଓର ଉଣ୍ଡି ଦେ' ଚଡ୍ଡୁ**
**ଏକା ଚିଆଁକେ ନଟ ଛିଡ୍ଡୁ ।**

ଚଡ୍ଡୁ ବା ଠୋକର ଦେଲେ ଚେତା ପଶେ। ସୁଯୋଗ ଉଣ୍ଡି ବ୍ୟକ୍ତିର ଦୋଷ ଦେଖି ଦଣ୍ଡ ଦେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଶକା ସଙ୍ଗାତ ମିତ ବଉଳ**
**ସରିଗଲା ତୁମ୍ଭ ଆମ୍ଭର ଖେଳ ।**

ପ୍ରତ୍ୟେକ ଝିଅଙ୍କୁ ଦିନେ ନା ଦିନେ ବାପଘର ଛାଡ଼ି ଶାଶୁଘର ଯିବାକୁ ପଡ଼ିଥାଏ। ଏହା ହିଁ ବିଧି ନିର୍ଦ୍ଦିଷ୍ଟ। ଏପରିସ୍ଥିତିରେ ବାପଘର ଛାଡ଼ି ଯିବାବେଳେ ସେଠାରେ କଟାଇଥିବା ସୁଖଦ ଦିନଗୁଡ଼ିକ ତା'ର ଅଧିକ ମନେ ପଡ଼ିଯାଇଥାଏ। ବିଶେଷ କରି ସାଙ୍ଗସାଥୀଙ୍କ ମେଳରେ ବିତାଇଥିବା ମୁହୂର୍ତ୍ତଗୁଡ଼ିକୁ ସେ ମନେପକାଇ ଅଧିକ ଝୁରି ହେଉଥିବାର ଦେଖିବାକୁ ମିଳିଥାଏ। ଝିଅ ଶାଶୁଘରକୁ ବିଦାହୋଇ ଯିବାବେଳେ ସାଙ୍ଗସାଥୀଙ୍କୁ ନିଜ ବିଚ୍ଛେଦ ଜନିତ ଦୁଃଖ ଜଣାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ନିଜ ରାୟ...

୫୦୦ ମିଟର ଥିଲେ ତାହାକୁ ଆରାବଳୀ ପର୍ବତମାଳା ଧରାଯିବ ବୋଲି ଉଲ୍ଲେଖ କରାଯାଇଥିଲା। ଏହାକୁ ପରିବେଶବିତ୍‌ଙ୍କ ସମେତ ବିଭିନ୍ନ ମହଲରୁ ବିରୋଧ କରାଯାଇଥିଲା। ଏହାଦ୍ୱାରା ଆରାବଳୀର ବ୍ୟାପକ ଅଞ୍ଚଳରେ ଖଣି ଖନନ, ରିଅଲ୍ ଇଷ୍ଟେଟ୍ ଓ ଅନ୍ୟାନ୍ୟ ପ୍ରୋଜେକ୍ଟ ନିର୍ମାଣ ପାଇଁ ବାଟ ଖୋଲିଯିବ ଓ ପର୍ବତମାଳା ଧ୍ୱଂସ ହୋଇଯିବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଥିଲେ।

## ପ୍ରଭାବଶାଳୀଙ୍କଠୁ ବଡ଼...

ସେନ୍‌ଗାର ପୀଡ଼ିତାଙ୍କ ବାପାଙ୍କ ହାଜତ ମୃତ୍ୟୁ ପାଇଁ ଅପରାଧିକ ଷଡ଼ଯନ୍ତ୍ର ରଚିବା ଅଭିଯୋଗରେ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୨୫ ଡିସେମ୍ବର ୨୩ରେ ଦିଲ୍ଲୀ ହାଇକୋର୍ଟ ସେନ୍‌ଗର ପାଇଥିବା ଆଜୀବନ କାରାଦଣ୍ଡାଦେଶକୁ ରଦ୍ଦ କରି ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ବାହୁବଳୀ ନେତା ସେନ୍‌ଗରଙ୍କୁ ହାଇକୋର୍ଟରୁ ଜାମିନ ମିଳିବା ପରେ ପୀଡ଼ିତା ଓ ତାଙ୍କ ମା' ନୂଆଦିଲ୍ଲୀର ମଣ୍ଡି ହାଉସ୍‌ରେ ଉକ୍ତ ରାୟ ଉପରେ ଅସନ୍ତୋଷ ବ୍ୟକ୍ତ କରି ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବାକୁ ଯାଉଥିବାବେଳେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ସେମାନଙ୍କୁ ଟଣାଓଟରା କରି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଶେଷରେ ହାଇକୋର୍ଟ ରାୟକୁ ପୀଡ଼ିତା ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ସିଜେଆଇ ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ ଜେ.କେ. ମାହେଶ୍ୱରୀ ଏବଂ ଏ.ଜି. ମସିହ୍‌ଙ୍କୁ ନେଇ ଗଠିତ ସୋମବାର ଖଣ୍ଡପୀଠ ପୀଡ଼ିତାଙ୍କ ଆବେଦନର ଶୁଣାଣି କରି ସେନ୍‌ଗରଙ୍କୁ ମିଳିଥିବା ଆଶ୍ୱସ୍ତି ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଅର୍ଥାତ୍ ଶୁଣାଣି ଶେଷ ପର୍ଯ୍ୟନ୍ତ ତାଙ୍କ ଦଣ୍ଡ ବଳବତ୍ତର ରହିବ ଏବଂ ମିଳିଥିବା ଜାମିନ ଉପରେ ସ୍ଥଗିତାଦେଶ ରହିବ।

ଖଣ୍ଡପୀଠ କହିଛନ୍ତି, ଏହି ମାମଲାରେ ଆମେ ଆଇନର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରହିଥିବା ଦେଖିବାକୁ ପାଉଛୁ। ଦୋଷୀଙ୍କୁ ନୋଟିସ କରାଯାଉ। ସାଧାରଣତଃ ଯେତେବେଳେ ଜଣେ ଦୋଷୀ/ଅଭିଯୁକ୍ତ ତଳକୋର୍ଟ/ହାଇକୋର୍ଟରୁ ଜାମିନ ପାଇ ମୁକୁଳିଥାନ୍ତି, ସମ୍ପୃକ୍ତ ବ୍ୟକ୍ତିଙ୍କୁ ପକ୍ଷ ରଖିବାକୁ ସୁଯୋଗ ନ ଦେଇ ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିବା ଅନୁଚିତ। ତେବେ ସେନ୍‌ଗର ଜଣେ ଦୋଷୀ, ଯାହାଙ୍କ ଦଣ୍ଡବିଧାନ ଆଇପିସି ଦଫା ୩୦୪ ବଳରେ କରାଯାଇଛି। ସେହି ମାମଲାରେ ସେନ୍‌ଗର ହାଜତରେ ଅଛନ୍ତି। ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଆମେ ଏହି ବିବାଦୀୟ ରାୟ ଉପରେ ସ୍ଥଗିତାଦେଶ ଜାରି କରୁଛୁ। ପୃଥକ୍ ଭାବେ ସ୍ୱତନ୍ତ୍ର ଲିଭ୍ ପିଟିଶନ (ଏସ୍‌ଏଲ୍‌ପି) ଦାଖଲ କରିବା ନେଇ ପୀଡ଼ିତାଙ୍କ ବୈଧାନିକ ଅଧିକାର ରହିଛି। ସେ ସୁପ୍ରିମକୋର୍ଟଙ୍କୁ ନ୍ୟାୟ ମାଗୁନାହାନ୍ତି। ସେ ଯଦି ମାଗଣାରେ ଆଇନଗତ ସହାୟତା ମାଗିବେ ତେବେ ତାଙ୍କୁ ସୁପ୍ରିମକୋର୍ଟ ଲିଗାଲ୍ ସର୍ଭିସ୍ କମିଟି ମାଗଣାରେ ଆଇନଗତ ସହାୟତା ପ୍ରଦାନ କରିବେ। ଏଥିପାଇଁ ସେ ନିଜ ଓକିଲଙ୍କ ଜରିଆରେ ଅପିଲ କରିପାରିବେ।

ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟ ୨ଟି ପିଟିଶନ ଉପରେ ଶୁଣାଣି କରିଛନ୍ତି। ଗୋଟିଏ ପିଟିଶନ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଦାଖଲ ହୋଇଥିବାବେଳେ ଅନ୍ୟଟି ଆଇନଜୀବୀ ଅଞ୍ଜଲି ପଟେଲ ଓ ପୂଜା ଶିଳ୍ପକର ଦାଖଲ କରିଥିଲେ। ସିବିଆଇ ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଯୁକ୍ତି ବାଢ଼ିଥିଲେ, ପିଲାଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନରେ 'ସରକାରୀ କର୍ମଚାରୀ' ଶବ୍ଦ ପରିଭାଷିତ ହୋଇନାହିଁ। ତେଣୁ ଏହାକୁ ପୋକ୍ସୋ ଆଇନର ଧାରା ୪୨ଏ'କୁ ଧ୍ୟାନରେ ରଖି ସେହି ସନ୍ଦର୍ଭରେ ବୁଝିବା ଉଚିତ। ପୋକ୍ସୋ ଆଇନର ଉଦ୍ଦେଶ୍ୟଗୁଡ଼ିକ ପାଇଁ 'ସରକାରୀ କର୍ମଚାରୀ' ରୂପେ ସେହି ବ୍ୟକ୍ତି ପରିଗଣିତ ହେବେ, ଯିଏକି ଅପରାଧ ଘଟାଇବାବେଳେ ପିଲାଙ୍କ ଉପରେ ଆଧିପତ୍ୟ ଜାହିର କରିପାରିବେ।

ଖଣ୍ଡପୀଠ ଏହା ଶୁଣିବା ପରେ ୪ ସପ୍ତାହ ପରେ ଉକ୍ତ ପ୍ରସଙ୍ଗରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ପୀଡ଼ିତାଙ୍କ ବାପାଙ୍କ ହାଜତ ମୃତ୍ୟୁ ମାମଲାରେ ସେନ୍‌ଗର ୧୦ ବର୍ଷ ଜେଲ ଦଣ୍ଡାଦେଶ ଭୋଗୁଥିବାରୁ ବର୍ତ୍ତମାନ ସେ କାରାଗାରରେ ରହିବେ। ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶକୁ କଂଗ୍ରେସ ସ୍ୱାଗତ କରିଛି। ପୀଡ଼ିତା ଓ ତାଙ୍କ ସମର୍ଥକମାନଙ୍କ ପାଇଁ ଏହା ଏକ ବିଜୟ ବୋଲି ବିରୋଧୀ ଦଳ ଅଭିହିତ କରିବା ସହ ଆଇନଗତ ଲଢ଼େଇ ଜାରି ରହିବ ବୋଲି କହିଛି।

## କର୍ତ୍ତବ୍ୟ ପଥରେ...

ବିଷୟବସ୍ତୁ 'ସମୃଦ୍ଧିର ମନ୍ତ୍ର ଆତ୍ମନିର୍ଭର ଭାରତ' ଆଧାରରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ରେ କୃଷିରୁ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଆତ୍ମନିର୍ଭର ଭାରତ ଗଠନରେ ଓଡ଼ିଶାର ଅବଦାନ ଦେଖିବାକୁ ମିଳିବ। ପ୍ରଜ୍ଞାପନ ମେଢ଼ରେ ଓଡ଼ିଶାର କୃଷି ଓ ସାଂସ୍କୃତିକ ସମୃଦ୍ଧିରୁ ଆଧୁନିକ ଶିଳ୍ପ, ଦକ୍ଷତା ବିକାଶ ଏବଂ ନବସୃଜନ ଓ ପ୍ରଯୁକ୍ତିର ଏକ ସମ୍ମିଳିତ ଦୃଶ୍ୟ ଉପସ୍ଥାପନ କରାଯିବ। ଜାତୀୟ ଦୃଷ୍ଟିକୋଣ ସହ ସମନ୍ୱୟ ରଖି ଓଡ଼ିଶା କିପରି ତାହାର ପ୍ରାକୃତିକ ସମ୍ପଦ, ସାଂସ୍କୃତିକ ଐତିହ୍ୟ, ମାନବ ସମ୍ବଳ ଏବଂ ପ୍ରଯୁକ୍ତିବିଦ୍ୟା ଉପଯୋଗରେ ଏକ ଆତ୍ମନିର୍ଭରଶୀଳ ଭାରତ ଗଠନକୁ ଇନ୍ଧନ ପ୍ରଦାନ କରୁଛି, ତାହା ଓଡ଼ିଶାର ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ପ୍ରଦର୍ଶନ ହେବ। ସେହିପରି ଶ୍ରୀଜଗନ୍ନାଥ ରଥର ଭୂମି ଭାବେ ନିର୍ମିତ ପ୍ରଜ୍ଞାପନ ମେଢ଼ର ସମ୍ମୁଖ ଭାଗ ଉପରେ ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତୀକରଣ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରାଯାଇଥିବାବେଳେ ଓଡ଼ିଶାର ଅନନ୍ୟ ସ୍ଥାପତ୍ୟ ଓ କାଳଜୟୀ କଳାତ୍ମକ ଐତିହ୍ୟର ପ୍ରଦର୍ଶନ ସ୍ୱରୂପ କୋଣାର୍କ ସୂର୍ଯ୍ୟମନ୍ଦିରର ଏକ ପ୍ରତିରୂପ ସ୍ଥାନ ପାଇବ। ସମ୍ବଲପୁରୀ ବସ୍ତ୍ର ଆଚ୍ଛାଦିତ ପ୍ରଜ୍ଞାପନ ମେଢ଼ର ଉଭୟ ପାର୍ଶ୍ୱରେ ପାରମ୍ପରିକ ଜନଜାତି ଚିତ୍ରକଳା ଉପରେ ରୁପା ତାରକସି କାରୁକାର୍ଯ୍ୟ, ଓଡ଼ିଶାର ଗଭୀର ସାଂସ୍କୃତିକ ପରିଚୟ ଏବଂ ଉତ୍କୃଷ୍ଟ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳନ କରାଯିବ। ପ୍ରାଚୀନ ଷୋଡ଼ଶ ଶତାବ୍ଦୀରୁ ଅଦ୍ୟାବଧି ଲୋକପ୍ରିୟ ଥିବା ଓଡ଼ିଶାର ଅନ୍ୟତମ ଲୋକନୃତ୍ୟ ଚଇତିଘୋଡ଼ା ଗୀତ ଓ ନୃତ୍ୟ ମାଧ୍ୟମରେ ନୃତ୍ୟଶିଳ୍ପୀମାନେ ଆତ୍ମନିର୍ଭର ଭାରତରେ ଓଡ଼ିଶାର ଭୂମିକାକୁ ପ୍ରଜ୍ଞାପନ ମେଢ଼ର ଉଭୟ ପାର୍ଶ୍ୱରେ ଉପସ୍ଥାପନ କରିବେ। ସୂଚନାଯୋଗ୍ୟ, ନଭେମ୍ବର ୧୧ରୁ ଡିସେମ୍ବର ୨୨ ମଧ୍ୟରେ ୫ଟି ପର୍ଯ୍ୟାୟରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼କୁ ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଦ୍ୱାରା ମନୋନୀତ ବିଶେଷଜ୍ଞ କମିଟି ପର୍ଯ୍ୟାଲୋଚନା କରାଯାଇଥିଲା। ଏହାପରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ଆଗାମୀ ସାଧାରଣତନ୍ତ୍ର ଦିବସରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ପ୍ରଦର୍ଶନ ହେବା ନେଇ ସୋମବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ଏଠାରେ ଉଲ୍ଲେଖ ଥାଉକି, ୨୦୧୮ରୁ ୨୦୨୩ ପର୍ଯ୍ୟନ୍ତ ଦିଲ୍ଲୀରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ସ୍ଥାନ ପାଇ ନ ଥିଲା। ତେବେ ୨୦୨୪ରେ ଓଡ଼ିଶାର ପ୍ରଜ୍ଞାପନ ମେଢ଼ ପ୍ରଥମ ସ୍ଥାନ ଅଧିକାର କରିଥିଲା।

**ବିଶ୍ୱ ଦେଖିବ କୃଷିରୁ ସେମିକଣ୍ଡକ୍ଟର ଯାଏ 'ଆତ୍ମନିର୍ଭର ଭାରତ' ଗଠନରେ ଓଡ଼ିଶାର ଅବଦାନ**

# ପିପିପି ମୋଡ୍‌ରେ ହେବ ଯାଜପୁର ରୋଡ୍-ଧାମରା ରେଳ ପ୍ରକଳ୍ପ

## ପ୍ରସ୍ତାବିତ ଅନ୍ୟ ପ୍ରକଳ୍ପଗୁଡ଼ିକର ନିର୍ମାଣ ଆଶା ଉଜ୍ଜୀବିତ

ଯାଜପୁର,୨୯।୧୨
(ହର୍ଷବର୍ଦ୍ଧନ ବେହେରା)

ରେଳ ମନ୍ତ୍ରଣାଳୟ ପକ୍ଷରୁ ଯାଜପୁର ରୋଡ୍ ରେଳଷ୍ଟେଶନଠାରୁ ଧାମରା ବନ୍ଦର ଭାୟା ବିରଜାକ୍ଷେତ୍ର ଓ ଆରଡି ୧୦୧.୨୬ କି.ମି. ବିଶିଷ୍ଟ ପ୍ରସ୍ତାବିତ ନୂତନ ରେଳପଥ ନିର୍ମାଣ ପାଇଁ ମଞ୍ଜୁରୀ ଦିଆଯାଇଛି। ଏହିମର୍ମରେ ରେଳ ମନ୍ତ୍ରଣାଳୟ ତଥା ରେଲୱେ ବୋର୍ଡ ପକ୍ଷରୁ ନିର୍ଦ୍ଦେଶକ(ଇନ୍‌ଫ୍ରା)-୧ ଏନ୍.ବି. ବିକ୍ରମାଦିତ୍ୟ ଗତ ନଭେମ୍ବର ୧୯ରେ ଅଲ୍ ଇଣ୍ଡିଆନ ରେଲୱେର ଜେନେରାଲ ମ୍ୟାନେଜରଙ୍କୁ ସୂଚିତ କରିଛନ୍ତି। ସୂଚନା ଅଧିକାର ଆଇନ(ଆରଟିଆଇ) ବଳରେ ମିଳିଥିବା ଏ ସମ୍ପର୍କିତ ତଥ୍ୟରେ ଦର୍ଶାଯାଇଛି, ଏହି ପ୍ରସ୍ତାବିତ ପ୍ରକଳ୍ପ ପବ୍ଲିକ ପ୍ରାଇଭେଟ ପାର୍ଟନରଶିପ (ପିପିପି) ଜରିଆରେ ନିର୍ମାଣ ହେବ। ଏଥିସହ ଯେଉଁସବୁ ପ୍ରସ୍ତାବିତ ପ୍ରକଳ୍ପର ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର) ସମ୍ପୂର୍ଣ୍ଣ ହୋଇସାରିଛି କିମ୍ବା ପ୍ରସ୍ତୁତି ଚାଲିଛି ସେହି ପ୍ରକଳ୍ପଗୁଡ଼ିକ ମଧ୍ୟ ପିପିପି ମୋଡ୍‌ରେ ନିର୍ମାଣ କରାଯିବ। ଏହାପରେ ଦୀର୍ଘ ଦଶନ୍ଧି ଧରି ଦାବି ହୋଇ ଆସୁଥିବା ବିରଜାକ୍ଷେତ୍ରକୁ ରେଳ ଯୋଗାଯୋଗ ଆଶା ଉଜ୍ଜୀବିତ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ଯାଜପୁର ରୋଡ୍-ଧାମରା ପ୍ରସ୍ତାବିତ ରେଳପଥର ଡିପିଆର ଅନୁସାରେ ୨୯୯୬ କୋଟି ୮୧ ଲକ୍ଷ ୪୫ ହଜାର ୧୨୩ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରକଳ୍ପ ପାଇଁ ଯାଜପୁର ରୋଡ ରେଳଷ୍ଟେଶନ ଜଙ୍କ୍‌ସନ ହେବ। ଏଠାରୁ ଛୋଟରାୟପୁର, ରାମପୁର ସେଗଡ଼ି, ବାହାବଲପୁର, ଯାଜପୁର, ଜଳେଶ୍ୱରପୁର, ଶ୍ରୀପୁରା, ମଙ୍ଗଳପୁର, ଆରଡ଼ି, ଚାନ୍ଦବାଲି, ଭିତରକନିକା ଓ ଧାମରା ଷ୍ଟେଶନ ନିର୍ମାଣ ହେବ। ଏଥିପାଇଁ ୧୬୯୩.୪୬ ଏକର ଜମି ଆବଶ୍ୟକ। ଏଥିରେ ବେସରକାରୀ ଜମି ୧୩୧୬.୪୫୧ ଏକର, ସରକାରୀ ଜମି ୨୯୪.୩୭୯ ଏକର ଓ ଜଙ୍ଗଲ ଜମି ୧୨.୭୭୫ ଏକର ଅଧିଗ୍ରହଣ କରିବାକୁ ଯୋଜନା ହୋଇଛି। ନେଟ୍‌ୱର୍କ ପ୍ଲାନିଂ ଗ୍ରୁପ୍ (ଏନ୍‌ପିଜି) ରିପୋର୍ଟ ଅନୁସାରେ, ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି, ଯାଜପୁର ଏବଂ ଭଦ୍ରକ ଜିଲାରେ ମାଲ ପରିବହନ ଏବଂ ଯାତ୍ରୀ ସଂଯୋଗୀକରଣକୁ ବୃଦ୍ଧି କରିବା। ଏହି ରେଳଲାଇନ ଶିଳ୍ପ କ୍ଲଷ୍ଟର, କୋଇଲା କ୍ଷେତ୍ର ଏବଂ ଧାମରା ବନ୍ଦର ମଧ୍ୟରେ ସିଧାସଳଖ ସଂଯୋଗ କରିବ। ପ୍ରକଳ୍ପର ଆର୍ଥିକ ସମ୍ଭାବନା ଧାମରା ବନ୍ଦରର ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ସହିତ ଜଡ଼ିତ। ବର୍ତ୍ତମାନ ଧାମରାଠାରୁ ଭଦ୍ରକ ସିଙ୍ଗଲ୍ ରେଳଲାଇନ୍ ରହିଛି। ଏହି ଲାଇନର ଦୋହରୀକରଣ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ସ୍ଥିତିରେ, ବନ୍ଦରର ଭବିଷ୍ୟତ ସମ୍ପ୍ରସାରଣ ଯୋଜନା ଉପରେ ଆଧାର କରି ଏକ ନୂତନ ରେଳଲାଇନ୍ ଯୋଜନା କରିବାର ଆବଶ୍ୟକତା ରହିଛି। ପ୍ରସ୍ତାବିତ ଏହି ନୂତନ ରେଳପଥରେ ୩୦ ପ୍ରମୁଖ ସେତୁ, ୮୮ କ୍ଷୁଦ୍ର ସେତୁ, ୩୭ ରେଳ ଅଣ୍ଡର ବ୍ରିଜ୍(ଆର୍‌ୟୁବି), ୧୩ ରେଳ ଓଭର ବ୍ରିଜ୍(ଆର୍‌ଓବି) ଏବଂ ଗୋଟିଏ ରେଳ ଓଭର ରେଳ (ଆର୍‌ଓଆର୍) ଫ୍ଲାଏଓଭର ନିର୍ମାଣ ହେବ।

ଏହି ପ୍ରକଳ୍ପ ପାଇଁ ଚୂଡ଼ାନ୍ତ ଲୋକେଶନ ସର୍ଭେ ଏବଂ ଡିପିଆର ପ୍ରସ୍ତୁତ ପାଇଁ ୨୭।୧୦।୨୦୨୩ରେ ଏସ୍‌ଏମ୍ କନ୍‌ସଲ୍‌ଟାଣ୍ଟସ୍‌କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟାଦେଶରେ ଜିଓ ଟେକ୍ନିକାଲ ଇନ୍‌ଭେଷ୍ଟିଗେଶନ, ସିଗ୍ନାଲିଂ ୱାର୍କ, ଇଲେକ୍ଟ୍ରିକାଲ ଓ ଅପରେଟିଂ ୱାର୍କ, ସିଭିଲ ଇଞ୍ଜିନିୟରିଂ ଇତ୍ୟାଦି ସର୍ଭେ କାର୍ଯ୍ୟ ରହିଥିଲା। ଏଥିପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ୨ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କାର୍ଯ୍ୟାଦେଶ ପାଇବାର ୪ ମାସ ମଧ୍ୟରେ ଚୂଡ଼ାନ୍ତ ଲୋକେଶନ ସର୍ଭେ, ଡିପିଆର୍ ଆଦି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଥିଲା। ଏହିକ୍ରମରେ ପୂର୍ବତଟ ରେଳ ଡିଭିଜନ ପକ୍ଷରୁ ୫।୨।୨୦୨୫ରେ ରେଲୱେ ବୋର୍ଡ ପାଖରେ ଡିପିଆର୍ ଦାଖଲ ହୋଇଥିଲା। ପ୍ରକଳ୍ପ ନିର୍ମାଣ ସମୟରେ ପ୍ରଥମ ବର୍ଷ ୨୯୯.୬୮ କୋଟି, ଦ୍ୱିତୀୟ ବର୍ଷ ୪୪୯.୫୨ କୋଟି, ତୃତୀୟ ବର୍ଷ ୧୦୪୮.୮୯ କୋଟି ଓ ୪ର୍ଥ ବର୍ଷ ୧୧୯୮.୭୩ କୋଟି ଟଙ୍କା ଖର୍ଚ୍ଚ ହେବ। ତେବେ ଏହାର ପରିମାଣ ବୃଦ୍ଧି ଘଟି ସମୁଦାୟ ୩୩୧୫.୭୬ କୋଟି ଟଙ୍କା ହୋଇପାରେ ବୋଲି ଡିପିଆରରେ ଉଲ୍ଲେଖ ରହିଛି।

# ପୋଲିସ ଅନୁମତି ପତ୍ର ନ ଦେଖାଇବାରୁ ଉତ୍ତେଜନା

## ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ଭୂତଳ ବିଦ୍ୟୁତ୍ ପାଇପ୍ ଲାଇନ୍ ଖୋଳାକୁ ବିରୋଧ

କୁଜଙ୍ଗ,୨୯।୧୨(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଚାରି ଦେଶରେ ନିର୍ମାଣାଧୀନ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ବିବାଦ ପିଛା ଛାଡୁନି। ସୋମବାର ଏହି ପ୍ରକଳ୍ପ ପାଇଁ ପୋଲିସ ବଳୟରେ ଭୂତଳ ବିଦ୍ୟୁତ୍ ପାଇପ ଲାଇନ ଖୋଳା ଚାଲିଥିବାବେଳେ ଉତ୍ତେଜନା ପ୍ରକାଶ ପାଇଛି। ଢିଙ୍କିଆ ସରପଞ୍ଚ ପିଙ୍କି ଦାସ, ସମିତି ସଭ୍ୟା ମିତାଞ୍ଜଳି ଭୋଇ, ନାଏବ ସରପଞ୍ଚ ତୀର୍ଥଙ୍କ ଅଭିଯୋଗ ଅନୁଯାୟୀ, ଜନବସତି ନିକଟରେ ରାସ୍ତା କଡ଼ରେ ଭୂତଳ ବିଦ୍ୟୁତ୍ ସଂଯୋଗ କରାଗଲେ ସାଧାରଣଜନତାଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ଏଥିପାଇଁ ଅନୁମତି ନ ଥିବା ବେଳେ କାହିଁକି ଖୋଳା ଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏଥିସହ ବିଭାଗୀୟ ଅନୁମତି ପତ୍ର ଦେଖାଇବାକୁ ସେମାନେ ଦାବି କରିଥିଲେ। ମାତ୍ର ପୋଲିସ ଅନୁମତି ପତ୍ର ଦେଖାଇବାକୁ ମନା କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।



ପୋଲିସ ଉପସ୍ଥିତିରେ ଭୂତଳ ବିଦ୍ୟୁତ୍ ପାଇପ୍ ଲାଇନ୍ ଖୋଳା ଚାଲିଛି।

ସୂଚନାଯୋଗ୍ୟ, ଢିଙ୍କିଆ ପଞ୍ଚାୟତର ଗୋବିନ୍ଦପୁରଠାରୁ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳକୁ ୩୩ କେଭି ବିଦ୍ୟୁତ୍ ସଂଯୋଗ ନିମନ୍ତେ ପ୍ରାୟ ୪ କିମି ଦୈର୍ଘ୍ୟର ଭୂତଳ ପାଇପ ଲାଇନ ଖୋଳା କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ ପାଇପ ଲାଇନ ଜନବସତି ନିକଟ ରାସ୍ତା କଡ ଦେଇ ଏବଂ ପ୍ରବାସ ବର୍ଦ୍ଧନ ନାମକ ବ୍ୟକ୍ତିଙ୍କ ଜାଗା ଦେଇ ଯାଇଥିବାରୁ ଭବିଷ୍ୟତରେ ବିପଦ ଆଶଙ୍କା କରି ବିରୋଧ କରାଯାଇଛି। ଏ ସମ୍ପର୍କରେ ଅଭୟଚାନ୍ଦପୁର ଥାନା ଅଧିକାରୀ ସମୀର କୁମାର ରାଉତଙ୍କୁ ପଚାରିବାରୁ ଜିଲାପାଳଙ୍କ ଅନୁମତି ଅନୁସାରେ ଭୂତଳ ବିଦ୍ୟୁତ୍ ଲାଇନ ଖୋଳା ଯାଉଛି। ଏନେଇ ସେମାନଙ୍କୁ ଅନୁମତି ପତ୍ର ଦେଖାଇବାର ଯଥାର୍ଥତା ନାହିଁ ବୋଲି କହିଥିଲେ।

# ନବଜାତକଙ୍କ ନାମକରଣ କଲେ ମନ୍ତ୍ରୀ




ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ୬୬ତମ ବର୍ଷରେ ପାଦ ଦେଲା ନନ୍ଦନକାନନ

ବାରଙ୍ଗ,୨୯।୧୨
(ଲିଙ୍ଗରାଜରାଉତ)

ସୋମବାର ପ୍ରାଣୀଉଦ୍ୟାନ ନନ୍ଦନକାନନ ୬୬ ବର୍ଷରେ ପଦାର୍ପଣ କରିଛି। ଏହି ପରିପ୍ରେକ୍ଷୀରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସରେ ଜଙ୍ଗଲ ଓ ପରିବେଶମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଗାମୀ ଦିନରେ ନନ୍ଦନକାନନ ବିଶ୍ୱସ୍ତରୀୟ ଚିଡ଼ିଆଖାନା ହେବାକୁ ଯାଉଛି ବୋଲି କହିଛନ୍ତି। ଏଥିନିମନ୍ତେ ଯାହାଯାହା ଆବଶ୍ୟକ ବିଧିବ୍ୟବସ୍ଥାକୁ ଅନୁସରଣକରି ଏହାର ରୂପରେଖ ବଦଳିବାକୁ ଯିବାର ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ପ୍ରତିଷ୍ଠା ଦିବସ ଅବସରରେ ମନ୍ତ୍ରୀଙ୍କ ଦ୍ୱାରା ପ୍ରାଣୀଉଦ୍ୟାନରେ ନବଜନ୍ମିତ ଶାବକମାନଙ୍କ ନାମକରଣ କରାଯାଇଛି। ଧଳା ବାଘୁଣୀ ରୁପାର ୨ଟିଅଣ୍ଡିରା ଛୁଆ ଅରୁଣ, ଅର୍ଜୁନ, ଧଳା ବାଘୁଣୀ ମୌସୁମୀର ଗୋଟିଏ ମାଇ ଛୁଆ ଅନନ୍ୟା, ବାଘୁଣୀ ଅଙ୍କିତାର ଗୋଟିଏ ଅଣ୍ଡିରା ଛୁଆ କାହ୍ନା, ସିଂହୀ ରେୱାର ଗୋଟେ ଅଣ୍ଡିରା ଛୁଆ ରକି ଓ ମାଇ ଛୁଆ ଲକି, ସିଂହୀ ବିଜିଳିର ୨ଟି ଅଣ୍ଡିରା ଛୁଆ ହର୍ଷ ଏବଂ ଧ୍ରୁବ ଓ ଗୋଟିଏ ମାଇ ଛୁଆ ଶ୍ରେୟା, ସିମ୍ପାଞ୍ଜି ଦୁର୍ଗାର ଗୋଟିଏ ଅଣ୍ଡିରା ଛୁଆ ସୁରଜ, ସିମ୍ପାଞ୍ଜି ରାଖୀର ଗୋଟିଏ ଅଣ୍ଡିରା ଛୁଆ ଇଶାନ, ହିମାଳୟ କଳାଭାଲୁ ମୁନିର ଗୋଟିଏ ମାଇ ଛୁଆର ନାମ ସୁଭଦ୍ରା ନାମ ମନ୍ତ୍ରୀ ରଖିଛନ୍ତି।

ଜଙ୍ଗଲବିଭାଗ ପକ୍ଷରୁ ପ୍ରଦତ୍ତ ଏକକାଳୀନ ୧୨୦କୋଟି ଟଙ୍କା ବ୍ୟୟବରାଦରେ ପରିସରକୁ ଆକର୍ଷଣୀୟ କରିବାପାଇଁ ପ୍ରୟାସ ଆରମ୍ଭ ହୋଇଛି। ନୂତନ ପ୍ରାଣୀ ଆସିବା ସହ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ନୂତନ ଜ୍ଞାନକୌଶଳରେ ସେମାନଙ୍କ ଖୁଆଡ ନିର୍ମାଣ କରିବା କାର୍ଯ୍ୟ ଆରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିସିସିଏଫ୍ ସୁରେଶ ପାନ୍ଥ ଓ ପିସିସିଏଫ୍ ପ୍ରେମ କୁମାର ଝା(ବନ୍ୟପ୍ରଣୀ), ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଅତିଥିଭାବେ ଯୋଗଦେଇ ବିଶ୍ୱସ୍ତରୀୟ ଚିଡ଼ିଆଖାନା ପାଇଁ ନନ୍ଦନକାନନରେ ଏବେ ଯେଉଁଭଳି ଭାବେ ବିକାଶ ଚାଲିଛି ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ଆନୁଆଲ ରିପୋର୍ଟ, ବଟାନିକାଲ୍ ଗାର୍ଡେନର ମ୍ୟାନେଜମେଣ୍ଟ ପ୍ଲାନ ଆଦି ପୁସ୍ତିକାକୁ ଉନ୍ମୋଚନ କରାଯିବା ସହ ପ୍ରାମାଣିକ ଚିତ୍ର ସମ୍ବଳିତ ୨ଟି ଭିଡିଓ ମଧ୍ୟ ରିଲିଜ କରାଯାଇଥିଲା। ଏବଂ ଚଳିତବର୍ଷ କୃତିତ୍ୱ ଅର୍ଜନ କରିଥିବା କର୍ମଚାରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯିବା ସହ ଆସନ୍ତା ବର୍ଷ ପାଇଁ ଜୁ ଆମ୍ବାସାଡାରଙ୍କ ନାମ ଘୋଷଣା କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ଭାରତର ଉତ୍ତର ପୂର୍ବ ଅଞ୍ଚଳରେ ବିଶେଷଭାବେ ଦେଖାଯାଉଥିବା ପ୍ରାଣୀମାନଙ୍କୁ ନେଇ ନୂଆକରି ୨.୭ ଏକର ପରିମିତ ଜାଗାରେ ଉତ୍ତର ପୂର୍ବରାଜ୍ୟ ଦୃଶ୍ୟପଟ ଖୁଆଡ, ତୃଣଭୋଜି ସଙ୍ଗରୋଧ କକ୍ଷ, ଛୋଟ ବିରାଡ଼ିଙ୍କ ଖୁଆଡ, ସରୀସୃପ ସଙ୍ଗରୋଧ କକ୍ଷ, ଜଳପୁଆର ଛକ ସୌନ୍ଦର୍ଯ୍ୟକରଣ, ଓଧ, ଦେଶୀଭାଲୁ, ଗାଡଭାଲୁ ଖୁଆଡ, ଶାଳିଆ ପତନି ଓ ଡାଳି ଓଧ ଖୁଆଡ, ଉଦ୍ୟାନ କୃଷି ଫାର୍ମକୁ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ଭିନାୟାର ବାର୍ଷିକ ବିବରଣୀ ପାଠ ଓ ଉପନିର୍ଦ୍ଦେଶକ ସନତ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ଜାଡ଼ରେ ଥରୁଛି ଓଡ଼ିଶା

## ୧୦ ଡିଗ୍ରୀ ତଳେ ୧୫ ସହରର ତାପମାତ୍ରା

ଭୁବନେଶ୍ୱର,୨୯।୧୨
(ବନ୍ଦନା ସେଠୀ)

ଜାଡ଼ରେ ଥରୁଛି ସାରା ରାଜ୍ୟ। ନୂଆବର୍ଷ ପର୍ଯ୍ୟନ୍ତ ଶୀତରେ ସେଭଳି କିଛି ବଡ଼ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ତେବେ ଆସନ୍ତା ୨୪ ଘଣ୍ଟା ପରେ ସର୍ବନିମ୍ନ ତାପମାତ୍ରା ୨ରୁ ୩ଡିଗ୍ରୀ ବଢ଼ିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର ୧୫ ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଜି.ଉଦୟଗିରି, ସେମିଳିଗୁଡ଼ା ଓ ଫୁଲବାଣୀରେ ତାପମାତ୍ରା ୫ ଡିଗ୍ରୀ ଓ ଏହା ତଳେ ରହିଛି। ବିଭାଗ ପକ୍ଷରୁ ରେକର୍ଡ ତଥ୍ୟ ଅନୁଯାୟୀ, ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୩.୬ ଡିଗ୍ରୀ ରହିଥିବାବେଳେ ସେମିଳିଗୁଡାରେ ୫.୨, ଫୁଲବାଣୀରେ ୫.୫, ଦାରିଙ୍ଗିବାଡ଼ିରେ ୬, କୋରାପୁଟରେ ୬.୪, ଖାରସୁଗୁଡ଼ାରେ ୬.୫, ରାଉରକେଲାରେ ୭, ଅନୁଗୋଳରେ ୮, ନବରଙ୍ଗପୁରରେ ୮.୬, କିରେଇରେ ୮.୭, ଭବାନୀପାଟଣାରେ ୯, ବଲାଙ୍ଗୀରରେ ୯.୪, ସୁନ୍ଦରଗଡ଼ରେ ୯.୫, କେନ୍ଦୁଝର ଓ ସୋନପୁରରେ ୯.୮ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଏଥିସହ ବିଭାଗ ପକ୍ଷରୁ ଜାନୁଆରୀ ୩ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ମଙ୍ଗଳବାର ଓ ବୁଧବାର ପାଇଁ ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ,ବାଲେଶ୍ୱର ଜିଲାକୁ ଘନ କୁହୁଡି ପାଇଁ ୱାର୍ନିଂ ଜାରି ହୋଇଛି। ସେହିପରି ଗୁରୁବାର ସୁନ୍ଦରଗଡ଼, କନ୍ଧମାଳ, ଖୋର୍ଦ୍ଧା, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କଟକ, ପୁରୀ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଶୁକ୍ରବାର ସୁନ୍ଦରଗଡ଼, କନ୍ଧମାଳ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ ଏବଂ ଶନିବାର ଜଗତ୍‌ସିଂହପୁର ଓ ସୁନ୍ଦରଗଡ଼ ଜିଲାକୁ ଘନ କୁହୁଡି ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# କାଶୀନଗର ଏନ୍‌ଏସି ଉପାଧ୍ୟକ୍ଷ ବହିଷ୍କୃତ

କାଶୀନଗର, ୨୯।୧୨(ପି.ମୁରଲୀ)

କାଶୀନଗର ଏନ୍‌ଏସି ଉପାଧ୍ୟକ୍ଷ ରଘୁରାମ ସାହୁଙ୍କୁ ତଥ୍ୟ ଲୁଚାଇବା ଓ ଏନ୍‌ଏସି ସହ ହୋଇଥିବା ଚୁକ୍ତି ବାତିଲ ନ କରିବା ଅଭିଯୋଗକୁ ଭିତ୍ତି କରି ଉପାଧ୍ୟକ୍ଷ ପଦବୀ ଓ ସେ ନିର୍ବାଚିତ ହୋଇଥିବା ୧୧ ନଂ. ୱାର୍ଡ କାଉନ୍‌ସିଲର ପଦବୀରୁ ବହିଷ୍କାର କରାଯାଇଛି। ଓଡ଼ିଶା ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ୨୪ ତାରିଖରେ ଜାରି ନୋଟିସ ଆଧାରରେ ତାଙ୍କୁ ବହିଷ୍କାର କରାଯାଇଥିବା ଜଣାପଡିଛି।



ରଘୁରାମ ସାହୁ

ଖବରରୁ ଜଣାପଡିଛି, ରଘୁରାମ ସାହୁ ଏମ୍‌ପି ଲ୍ୟାଡ ପାଣ୍ଠିରୁ ସ୍ଥାନୀୟ ଶ୍ରୀରାମ ଡିଗ୍ରୀ କଲେଜର ଶ୍ରେଣୀଗୃହ ନିର୍ମାଣ ପାଇଁ ଠିକା ନେଇଥିଲେ। ନିର୍ବାଚନ ବେଳେ ସେ ୭।୩।୨୨ରେ ୧୧ନଂ. ୱାର୍ଡ କାଉନ୍‌ସିଲ ପ୍ରାର୍ଥୀ ଭାବେ ମନୋନୟନପତ୍ର ଦାଖଲ କରିଥିଲେ। ୨୪।୩।୨୨ ନିର୍ବାଚନରେ ଜିତି ୨୬।୩।୨୨ରେ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ତେବେ ସାହୁ ନିର୍ବାଚନ ଲଢ଼ିବା ଲାଗି ପ୍ରାର୍ଥୀପତ୍ର ଦାଖଲ ବେଳେ ଏନ୍‌ଏସି ସହିତ ଚୁକ୍ତିନାମା ଜରିଆରେ ଠିକାଦାରି କରୁଥିବା ସମ୍ପର୍କିତ ତଥ୍ୟ ଲୁଚାଇଥିଲେ। ଭାଜପାରୁ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରି ହାରି ଯାଇଥିବା ପ୍ରାର୍ଥୀ ଦଶିରୀଙ୍କି ରାମାରାଓ ଏ ସମ୍ପର୍କରେ ମ୍ୟୁନିସିପାଲ ନିର୍ଦ୍ଦେଶକଙ୍କୁ ଜଣାଇଥିଲେ। ସାହୁ ତଥ୍ୟ ଲୁଚାଇ ଏମ୍‌ପି ଲ୍ୟାଡ ପାଣ୍ଠିରୁ ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା କାଶୀନଗର ଶ୍ରୀରାମ ଡିଗ୍ରୀ କଲେଜ ଶ୍ରେଣୀଗୃହ ନିର୍ମାଣ ପାଇଁ ୩।୧।୨୨ରେ କାର୍ଯ୍ୟାଦେଶ ପାଇଥିଲେ। ୧।୬।୨୨ରେ ସାହୁ କାର୍ଯ୍ୟ ଆରମ୍ଭ କରିଥିଲେ। କୋଠା ନିର୍ମାଣ ଆରମ୍ଭ ବେଳକୁ ସେ ଉଭୟ କାଉନ୍‌ସିଲର ଓ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇ ସାରିଥିଲେ। ନିର୍ବାଚିତ ହେବା ପରେ ମଧ୍ୟ ସାହୁ ଏନ୍‌ଏସି ସହିତ ଠିକାଦାର କାର୍ଯ୍ୟ କରିଥିବା ସମ୍ପର୍କିତ ଚୁକ୍ତି ବାତିଲ କରି ନ ଥିଲେ। ଉପାଧ୍ୟକ୍ଷ ସାହୁଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ରାମାରାଓ ନିବେଦନ କରିଥିଲେ। ଏହାକୁ ଭିତ୍ତି କରି ଏହାର ତଦନ୍ତ କରାଯାଇ ଚଳିତବର୍ଷ ଜୁନ୍ ୩୦ରେ ସାହୁଙ୍କୁ ବିଭାଗ କାରଣ ଦର୍ଶାଅ ନୋଟିସ ଜାରି କରି କୈଫିୟତ ତଲବ କରିଥିଲା। ୨୧ ଦିନ ଭିତରେ ଏହାର ଉତ୍ତର ଦେବାକୁ ସାହୁଙ୍କୁ କୁହାଯାଇଥିଲା। ତେବେ କୈଫିୟତ ପ୍ରଦାନ ପାଇଁ ଅଧିକ ଏକ ମାସ ସମୟ ଦେବା ସକାଶେ ସାହୁ ଅନୁରୋଧ କରିଥିଲେ। ପ୍ରଚଳିତ ଆଇନରେ ଏଥିପାଇଁ ବ୍ୟବସ୍ଥା ନାହିଁ ବୋଲି ତାଙ୍କୁ ଜୁଲାଇ ୨୪ରେ ବିଭାଗ ଚିଠି ଦ୍ୱାରା ଜଣାଇ ଦେଇଥିଲା। ଉପାଧ୍ୟକ୍ଷ ସାହୁ ଏହାର କୌଣସି ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ। ଫଳରେ ଓଡ଼ିଶା ମ୍ୟୁନିସିପାଲ ଆକ୍ଟ-୧୯୫୦ର ସେକ୍ସନ ୩୮-ଏ ଦ୍ୱାରା ପ୍ରାପ୍ତ କ୍ଷମତା ଅନୁଯାୟୀ ସାହୁଙ୍କୁ ଉଭୟ ୧୧ ନମ୍ବର ୱାର୍ଡ କାଉନ୍‌ସିଲର ଓ ଉପାଧ୍ୟକ୍ଷ ପଦବୀରୁ ବହିଷ୍କାର କରାଯାଇଛି। ଏ ସମ୍ପର୍କିତ ପତ୍ରର ନକଲ ତାଙ୍କୁ ପ୍ରଦାନ ଲାଗି ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ବିଷୟରେ ସାହୁଙ୍କ ମତାମତ ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ନୂଆବର୍ଷ ପୂର୍ବରୁ ଭାଜପାରେ ବସିଥିବା ବୈଠକକୁ ନେଇ ଚର୍ଚ୍ଚା

## ପ୍ରଭାରୀ, ସହପ୍ରଭାରୀ, ୪ ସାଧାରଣ ସମ୍ପାଦକ ଉପସ୍ଥିତ ଥିଲେ

ଭୁବନେଶ୍ୱର, ୨୯।୧୨
(ସୁନିତ୍ ମିଶ୍ର)

ଭାଜପା ରାଜ୍ୟବ୍ୟାପୀ ସାଙ୍ଗଠନିକ ନିଯୁକ୍ତି ପ୍ରକ୍ରିୟା କିପରି ଶେଷ କରିବ ସେଥିଲାଗି କାର୍ଯ୍ୟକ୍ରମ ଜାରି ରଖିଛି। ରାଜ୍ୟରେ ଦଳ ପ୍ରଥମ ଥର ସରକାରକୁ ଆସିବା ସହିତ ବିଭିନ୍ନ ଲୋକ ସଭା କ୍ଷେତ୍ର ଅନ୍ତର୍ଗତ ଅଧିକାଂଶ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ତେଣୁ ସମସ୍ତଙ୍କ ସହିତ ସମନ୍ୱୟ ରକ୍ଷା କରି ଜିଲାସ୍ତରରେ କିପରି ଦଳର ସାଙ୍ଗଠନିକ କମିଟି ଘୋଷଣା ହେବ ତାହା ବର୍ତ୍ତମାନ ଭାଜପା ପାଇଁ ଚ୍ୟାଲେଞ୍ଜ ପାଲଟିଛି। ଅନ୍ୟପଟେ ରାଜ୍ୟର ୨୧ ଲୋକ ସଭା କ୍ଷେତ୍ର ମଧ୍ୟରୁ ୨୦ ଆସନରେ ଭାଜପା ବିଜୟୀ ହୋଇଛି। ତେଣୁ ଏହି କାମରେ ଏମ୍‌ପିମାନଙ୍କ ସହଯୋଗର ମଧ୍ୟ ଆବଶ୍ୟକତା ରହିଛି। ୨୦୨୭ରେ ଯଦି ପଞ୍ଚାୟତ ନିର୍ବାଚନ ହୁଏ ଏହାର ପ୍ରାୟ ବର୍ଷକ ପୂର୍ବରୁ ଦଳ ନିଜର ସାଙ୍ଗଠନିକ ନିଯୁକ୍ତି କାମ ଶେଷ କରିବାକୁ ଚାହୁଁଛି। ତେଣୁ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଦଳର ଘନ ଘନ ବୈଠକ ବସୁଛି। ସେହିକ୍ରମରେ ସୋମବାର ମନମୋହନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ୪ ରାଜ୍ୟ ସାଧାରଣ ସମ୍ପାଦକଙ୍କ ସମେତ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି, ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତେବେ ସାଙ୍ଗଠନିକ ନିଯୁକ୍ତି ସହିତ ଯେଉଁମାନେ ଦୀର୍ଘବର୍ଷ ଧରି ଭାଜପା ପାଇଁ କାମ କରିଛନ୍ତି, ଯେଉଁମାନଙ୍କ ଉଦ୍ୟମ ଯୋଗୁ ରାଜ୍ୟରେ ଦଳ ସରକାର କରିପାରିଛି ସେମାନଙ୍କ ମଧ୍ୟରୁ ଅନେକ ନେତାଙ୍କୁ ଥଇଥାନ କରିବାକୁ ବିଚାରବିମର୍ଶ ଚାଲିଥିବା ମଧ୍ୟ ଜଣାପଡ଼ିଛି। ତେବେ ନୂଆବର୍ଷର ଦୁଇ ଦିନ ପୂର୍ବରୁ ରାଜ୍ୟ କାର୍ଯ୍ୟାଳୟରେ ବସିଥିବା ଏହି ବୈଠକ ଗୁରୁତ୍ୱପୂର୍ଣ୍ଣ ବୋଲି ଚର୍ଚ୍ଚା ହେଉଛି।

# ଜଷ୍ଟିସ୍ ଚନ୍ଦ୍ରଚୂଡ଼ଙ୍କ ପରିଚୟ ଦେଇ ୩.୭୫ କୋଟି ଠକେଇ

ବଦଳୁଛି ଠକେଇର ମାଧ୍ୟମ। ଲୋକମାନଙ୍କୁ ଗିରଫଦର ଭୟ ଦେଖାଇ ସେମାନଙ୍କଠାରୁ କୋଟି କୋଟି ଟଙ୍କା ଠକି ନେଇଯାଉଛନ୍ତି ସାଇବର ଅପରାଧୀ। ଏପରି ଏକ ଘଟଣା ସାମ୍ନାକୁ ଆସିଛି ମହାରାଷ୍ଟ୍ରରୁ। ଅଭିଯୁକ୍ତ ନିଜକୁ ବିଚାରପତି ଚନ୍ଦ୍ରଚୂଡ଼ଙ୍କ ପରିଚୟ ଦେଇ ମୁମ୍ବାଇର ଜଣେ ୬୮ ବର୍ଷୀୟା ମହିଳାଙ୍କଠାରୁ ୨୦୨୫ ଅଗଷ୍ଟ ୧୮ରୁ ଅକ୍ଟୋବର ୧୩ ମଧ୍ୟରେ ୩.୭୫କୋଟି ଟଙ୍କା ଠକି ନେଇଛନ୍ତି। ଅଭିଯୋଗ ପରେ ପୋଲିସ ଗୁଜରାଟର ଜଣେ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ କରୁଛି।

ମୁମ୍ବାଇ,୨୯।୧୨(ପି.ଟି.)

ମୁମ୍ବାଇର ଅନ୍ଧେରୀ ୱେଷ୍ଟ ଅଞ୍ଚଳରେ ରହୁଥିବା ୬୮ବର୍ଷୀୟା ମହିଳା ଅଗଷ୍ଟ ୧୮ରେ ପ୍ରଥମେ ଏକ ଫୋନ୍ କଲ୍ ପାଇଥିଲେ। ସେଥିରେ ଜଣେ ବ୍ୟକ୍ତି ନିଜକୁ ଦକ୍ଷିଣ ମୁମ୍ବାଇସ୍ଥିତ କୋଲାବା ପୋଲିସ ଷ୍ଟେଶନର ଅଧିକାରୀ ଭାବେ ପରିଚୟ ଦେଇଥିଲେ। ମହିଳାଙ୍କ ନାମରେ ଏକ ମନି ଲଣ୍ଡରିଂ ମାମଲା ରହିଛି ଏବଂ ଏହାକୁ ସିବିଆଇ ତଦନ୍ତ କରୁଛି ବୋଲି କହିଥିଲେ। ଏପରି କି ପରବର୍ତ୍ତୀ ସମୟରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଅନ୍‌ଲାଇନ୍ କୋର୍ଟ ଶୁଣାଣିରେ ମହିଳାଙ୍କୁ ସାମିଲ କରାଇଥିଲେ। ସେଥିରେ ଜଣେ ବ୍ୟକ୍ତି ନିଜକୁ ବିଚାରପତି ଚନ୍ଦ୍ରଚୂଡ଼ଙ୍କ ପରିଚୟ ଦେଇ ମହିଳାଙ୍କୁ ବିଭିନ୍ନ ପ୍ରକାର ଗିରଫ ଭୟ ଦେଖାଇ ଡିଜିଟାଲ ଆରେଷ୍ଟ କରିଥିଲେ। ଏହି ଘଟଣା ସମ୍ପର୍କରେ କାହାକୁ ନ କହିବାକୁ ଧମକ୍ ଦେବା ସହ ମାମଲା ଯେହେତୁ ସିବିଆଇକୁ ହସ୍ତାନ୍ତର କରାଯାଇଛି, ତେଣୁ ମହିଳାଙ୍କୁ ବ୍ୟାଙ୍କ ଡିଟେଲ୍ସ ମାଗିଥିଲେ। ପରେ ମହିଳାଙ୍କଠାରୁ ତାଙ୍କର ସମସ୍ତ ଜମାର ବିବରଣୀ ଯାଞ୍ଚ ପାଇଁ ନେଇଥିଲେ। ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଅଗଷ୍ଟ ୧୮ରୁ ଅକ୍ଟୋବର ୧୩ ମଧ୍ୟରେ ବିଭିନ୍ନ ସମୟରେ ଭୟ ଦେଖାଇ ୩.୭୫ କୋଟି ଟଙ୍କା ଅନ୍‌ଲାଇନ ଟ୍ରାନ୍ସଫର ମାଧ୍ୟମରେ ନେଇଯାଇଥିବା ଅଭିଯୋଗ ହୋଇଛି। ପରବର୍ତ୍ତୀ ସମୟରେ ମହିଳାଜଣଙ୍କ ଠକାମିର ଶିକାର ହୋଇଥିବା ଜାଣିବା ପରେ ଫୋନ୍ କଲ୍ ଆଉ ରିସିଭ୍ କରି ନ ଥିଲେ। ଏନେଇ ସେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ବ୍ୟାଙ୍କ ଟ୍ରାନ୍ସଫରକୁ ଆଧାର କରି ସୁରଟରୁ ଜଣେ ଅଭିଯୁକ୍ତଙ୍କୁ ଠାବ କରି ଅଟକ ରଖିଛି। ଅଭିଯୁକ୍ତମାନେ ବିଭିନ୍ନ ବ୍ୟାଙ୍କରେ ମ୍ୟୁଲ୍ ଆକାଉଣ୍ଟ ଖୋଲି ସେଥିରେ ଟ୍ରାଞ୍ଜାକ୍ସନ କରୁଥିବା ତଦନ୍ତ ସମୟରେ ଜଣାପଡ଼ିଛି। ଅଟକ ଅଭିଯୁକ୍ତଙ୍କ ଆକାଉଣ୍ଟରୁ ୧.୭୧ କୋଟି ଟଙ୍କା ଜବତ କରାଯାଇଥିବାବେଳେ ତାଙ୍କଠାରୁ ଏହି ଠକେଇର ମାଷ୍ଟର ମାଇଣ୍ଡ ବିଷୟରେ ସାଇବର ପୋଲିସ ଜାଣିବାକୁ ପାଇଛି। ଉକ୍ତ ତଥ୍ୟକୁ ଆଧାର କରି ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଛି।

ପ୍ରକାଶ ଯେ, ସାଇବର ଠକମାନେ ନିଜକୁ ଲ' ଏନ୍‌ଫୋର୍ସମେଣ୍ଟ ଅଫିସର, କୋର୍ଟ ଅଧିକାରୀ ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଅଧିକାରୀର ପରିଚୟ ଦେଇ ଲୋକମାନଙ୍କୁ ଅଡିଓ ଏବଂ ଭିଡିଓ କଲ୍ କରି ଠକୁଛନ୍ତି। ଏପରି କି ପୀଡ଼ିତଙ୍କୁ ଏକ ପ୍ରକାର ଡିଜିଟାଲ ଅପହରଣ କରି ଟଙ୍କା ଆଦାୟ କରୁଛନ୍ତି। ଗତ ୧ତାରିଖରେ ସୁପ୍ରିମକୋର୍ଟ ଡିଜିଟାଲ ଆରେଷ୍ଟ ମାମଲାଗୁଡ଼ିକକୁ ସିବିଆଇ ଦ୍ୱାରା ତଦନ୍ତ କରିବାକୁ କହିଥିଲେ। ଏପରି କି ସିବିଆଇକୁ ତଦନ୍ତ ଅନୁମତି ଦେବାକୁ ସମସ୍ତ ରାଜ୍ୟକୁ ମଧ୍ୟ ପରାମର୍ଶ ଦେଇଥିଲେ।

DADLS - 75

ଓଡ଼ିଶା ସରକାର



ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ୨୦୩ତମ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୩୦ ଡିସେମ୍ବର, ୨୦୨୫ (ଶାୟଦଶମୀ)

ସକାଳ-୯.୩୦ ମିନିଟ :
ଓଡ଼ିଶା ବିଧାନସଭା ଗେଟ୍ ନଂ-୨ ନିକଟରେ ଥିବା ମହାନ ବିପ୍ଳବୀ ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତିରେ ଶ୍ରୀମତୀ ସୁରମା ପାଢୀ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା, ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ, ମାନ୍ୟବର ମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଏମ୍.ଏସ୍.ଏମ୍.ଇ, ଓଡ଼ିଶା ତଥା ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସକାଳ-୯ ଘଟିକା | ଚକରା ବିଷୋୟୀ ଛକ, ଭଞ୍ଜନଗର
ଚକରା ବିଷୋୟୀଙ୍କ ପ୍ରତିମୂର୍ତ୍ତିରେ ମାନ୍ୟଗଣ୍ୟ ଅତିଥି ଏବଂ ଜନସାଧାରଣଙ୍କ ଦ୍ୱାରା ମାଲ୍ୟାର୍ପଣ

ସାଧାରଣ ସଭା | ବିଞ୍ଝଗିରି, କରଡ଼ା ପଡ଼ିଆ, ଭଞ୍ଜନଗର

ଦିବା ୧୦ ଘଟିକା
ମୁଖ୍ୟଅତିଥି - ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ କୁମାର ନାୟକ, ବିଧାୟକ, ଭଞ୍ଜନଗର
ସମ୍ମାନନୀୟ ଅତିଥି- ଶ୍ରୀଯୁକ୍ତ ହିମାଂଶୁ ଶେଖର ମହାନ୍ତି, ବନଖଣ୍ଡ ଅଧିକାରୀ, ଉତ୍ତର ଘୁମୁସୁର ବନଖଣ୍ଡ
- ଶ୍ରୀଯୁକ୍ତ ରଞ୍ଜନ କୁମାର ଦେ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ପୋଲିସ ବିଭାଗ, ଭଞ୍ଜନଗର
- ଶ୍ରୀଯୁକ୍ତ ନରିସଭା ନାୟକ, ଅଧ୍ୟକ୍ଷ, ପଞ୍ଚାୟତ ସମିତି, ଭଞ୍ଜନଗର
- ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର ନାୟକ, ସରପଞ୍ଚ, ସାନକୋଦଣ୍ଡା ଗ୍ରାମ ପଞ୍ଚାୟତ
ମୁଖ୍ୟବକ୍ତା - ଡ. ରୋଜାଲିନି ସେନାପତି, କବି ଓ ସମ୍ଭବ ସାହିତ୍ୟ ସଂସଦ ପ୍ରତିଷ୍ଠାତା, ଭୁବନେଶ୍ୱର
ବକ୍ତା - ଡ. ସନ୍ତୋଷ କୁମାର ଆପଟ, ଅବସରପ୍ରାପ୍ତ ଅଧ୍ୟକ୍ଷ, ଏନ୍.ବି.ସି. କଲେଜ, କେନ୍ଦୁପଦର
ସଭାପତି - ଶ୍ରୀ ଛମାଶଙ୍କର ବେହେରା, ଉପ-ଜିଲ୍ଲାପାଳ, ଭଞ୍ଜନଗର
ସଂଯୋଜକ - ଶ୍ରୀ ସନ୍ତୋଷ କୁମାର ନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଭଞ୍ଜନଗର

ସଭାପରେ ସାଂସ୍କୃତିକ କାର୍ଯ୍ୟକ୍ରମ

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ, ଗଞ୍ଜାମ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/13/1306/2526

# ନୀରବ ଘାତକ

ବାୟୁ ପ୍ରଦୂଷଣ କୋଭିଡ୍ ପରବର୍ତ୍ତୀ କାଳରେ ଭାରତର ସବୁଠାରୁ ଗମ୍ଭୀର ଜନସ୍ୱାସ୍ଥ୍ୟ ସଙ୍କଟ ବୋଲି ଜଣାପଡ଼ିଛି । ଚିକିତ୍ସା ବିଶେଷଜ୍ଞମାନେ ସତର୍କ କରାଇଛନ୍ତି ଯେ, ଜରୁରୀ ଓ ସମନ୍ୱିତ ପଦକ୍ଷେପ ନିଆ ନ ଗଲେ ପ୍ରତି ବର୍ଷ ଏହି ସ୍ଥିତି ଆହୁରି ସଙ୍ଗିନ ହେବ । ସାଧାରଣରେ ଆମେ ବାୟୁ ପ୍ରଦୂଷଣର କ୍ଷତିକାରକ ଦିଗକୁ ଚିହ୍ନିବାରେ ଅସମର୍ଥ ରହୁ, ଯଦ୍ୱାରା ପ୍ରତ୍ୟେକ ଦିନ ପ୍ରତି ମୁହୂର୍ତ୍ତରେ ପ୍ରଶ୍ୱାସ ନେବା ଓ ନିଃଶ୍ୱାସ ଛାଡ଼ିବା ବେଳେ ମଣିଷ ସମେତ ସବୁ ଜୀବ ଶାରୀରିକ ସ୍ତରରେ କ୍ଷତିଗ୍ରସ୍ତ ହେବାରେ ଲାଗିଛନ୍ତି । ବ୍ରିଟେନରେ କାର୍ଯ୍ୟରତ ଭାରତୀୟ ବଂଶୋଦ୍ଭବ ବରିଷ୍ଠ ଡାକ୍ତରଙ୍କ ଏକ ଦଳ ଗତ ସପ୍ତାହରେ ସତର୍କ କରାଇଛନ୍ତି ଯେ, ଭାରତ ଏକ ବୃହତ୍ ଲୁକ୍କାୟିତ ସଙ୍କଟର ସମ୍ମୁଖୀନ ହେଉଛି, ଯେଉଁଥିରେ ଶ୍ୱାସନଳୀ ଓ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ରୋଗ ରହିଛି । ଏଥିମଧ୍ୟରୁ ଅନେକ ରୋଗର ନିରୂପଣ ଓ ଚିକିତ୍ସା ହୋଇପାରୁନାହିଁ । ଫଳରେ ବ୍ୟକ୍ତିଗତ ଓ ଅତ୍ୟଧିକ ଚାପଗ୍ରସ୍ତ ଥିବା ଦେଶର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ବାରମ୍ବାର ବୋଝ ବଢ଼ୁଛି ।

ବିଶେଷଜ୍ଞଙ୍କ ମତରେ, ବିଶେଷକରି ଉତ୍ତର ଭାରତରେ ଅନେକ ଲୋକ ଦୀର୍ଘକାଳୀନ ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସିବାରୁ ବହୁ ସମୟ ଧରି ଶ୍ୱାସକ୍ରିୟାଜନିତ ରୋଗରେ ପୀଡ଼ିତ ହେଉଛନ୍ତି । ଏହା ହଠାତ୍ ଜଣାପଡ଼ି ନ ଥାଏ । କାରଣ ଅନେକ ରୋଗୀ ଏହାକୁ ହାଲୁକା ଭାବେ ନେଇଥାଆନ୍ତି ବା ଅଣଦେଖା କରିଦେଇଥାଆନ୍ତି । କିନ୍ତୁ ସମୟ କ୍ରମେ ଏହା ଗମ୍ଭୀର, ଦୀର୍ଘକାଳୀନ ଏବଂ କେତେକ କ୍ଷେତ୍ରରେ ଦୁରାରୋଗ୍ୟ ବ୍ୟାଧିରେ ପରିଣତ ହୋଇଯାଏ । ଏହାର ପରିଣତି ଡାକ୍ତରଖାନାରେ ଭର୍ତ୍ତି ଓ ସ୍ୱାସ୍ଥ୍ୟ ଖର୍ଚ୍ଚ ବଢ଼ାଇଥାଏ । ଭାରତର ବହୁସଂଖ୍ୟକ ଲୋକ ମଧ୍ୟ ଏଥିଯୋଗୁ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଥାନ୍ତି । ଭାରତରେ ଏକ ସାଧାରଣ ଲୋକର ପରିବାର ସର୍ବଦା ଏକ ଗମ୍ଭୀର ରୋଗରେ ପଡ଼ିଲେ ଦାରିଦ୍ର୍ୟ ଭିତରକୁ ଠେଲି ହୋଇଯାଇଥାଆନ୍ତି ।

ଗତ ଦଶନ୍ଧି ଧରି ଚିକିତ୍ସକମାନେ ହୃଦ୍‌ରୋଗର ବିଶ୍ୱ ବ୍ୟାପକତାକୁ ନେଇ ସୂଚିତ କରିଆସିଛନ୍ତି । ଏହା କେବଳ ଜୀବନଶୈଳୀଜନିତ ମେଦବହୁଳତା ନୁହେଁ, ବରଂ ସହରୀ ପରିବହନ ବ୍ୟବସ୍ଥା, କଳକାରଖାନା, ନିର୍ମାଣ ଓ ଖଣିଜ କାର୍ଯ୍ୟରୁ ନିର୍ଗତ ଧୂଆଁ ଓ ଧୂଳି ଯୋଗୁ ବୃଦ୍ଧି ପାଇବାରେ ଲାଗିଛି । ହୃଦ୍‌ରୋଗ ବିଶେଷଜ୍ଞମାନେ ବାୟୁ ପ୍ରଦୂଷଣର ହୃଦ୍‌ସ୍ୱାସ୍ଥ୍ୟ ଉପରେ ଭୟଙ୍କର ପ୍ରଭାବକୁ ଉଜାଗର କରିଛନ୍ତି । ହୃଦ୍‌ରୋଗ ପ୍ରାୟତଃ ଧୀରେ ଧୀରେ ଓ ନୀରବରେ ବଢ଼େ, ଯେଉଁଠାରେ କଣିକାଗୁଡ଼ିକ ବିନା ଚେତାବନୀ ଦେଇ ରକ୍ତସ୍ରୋତରେ ପ୍ରବେଶ କରିଥାଆନ୍ତି । ଏପରିକି ବାୟୁ ଗୁଣବତ୍ତା ମଧ୍ୟମ ସ୍ତରର ଥିବା ଦିନରେ ମଧ୍ୟ ଲୋକମାନେ କ୍ଷତିକାରକ ପ୍ରଦୂଷକ ସଂସ୍ପର୍ଶରେ ଆସିଥାଆନ୍ତି, ଯାହା ସେମାନଙ୍କ ଦେହରୁ ବାହାରିପାରୁ ନାହିଁ ।

> **ପ୍ରଦୂଷିତ ବାୟୁ ଶ୍ୱାସକ୍ରିୟା, ହୃଦ୍‌ରୋଗ ଏବଂ ସ୍ନାୟୁ ରୋଗ ସହିତ ସଂଯୋଗ ଥିବା ବୈଜ୍ଞାନିକ ପ୍ରମାଣ ଥାଇ ମଧ୍ୟ ବାୟୁ ପ୍ରଦୂଷଣ ନିୟନ୍ତ୍ରଣରେ ଆହୁରି ବିଳମ୍ବ ହେଲେ ଏହା କେବଳ ଏହି ପିଢ଼ି ନୁହେଁ, ଭବିଷ୍ୟତ ପିଢ଼ିଙ୍କ ଆୟୁ ଉପରେ ସିଧା ପ୍ରଭାବ ପକାଇବ ।**

ଭାରତରେ ବାୟୁ ପ୍ରଦୂଷଣ କେବଳ ଉତ୍ତର ଭାରତରେ ସୀମିତ ନାହିଁ । ଏହା ଏକ ଦୀର୍ଘକାଳୀନ, ଦେଶବ୍ୟାପୀ ଜନସ୍ୱାସ୍ଥ୍ୟ ସଙ୍କଟରେ ପରିଣତ ହୋଇଛି । ଦେଶର ବିଭିନ୍ନ ସହର ଓ ନଗରରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ)) ଖରାପ ଏବଂ ଗମ୍ଭୀର ସ୍ତରରେ ପହଞ୍ଚିଥିବା ରିପୋର୍ଟ ହେଉଛି । ଡିସେମ୍ବର ୨୫ରେ ଭାରତର ୫ଟି ପ୍ରଦୂଷିତ ସହର ମଧ୍ୟରୁ ୩ଟି ଓଡ଼ିଶାରେ ଥିବା ବିଷୟ ଜାଣି ସମସ୍ତେ ଚିନ୍ତିତ ହୋଇଯିବା କଥା । ସେହି ଦିନ ଓଡ଼ିଶାର ତିନୋଟି ସ୍ଥାନ ଯଥା ବାଲେଶ୍ୱର (ଏକ୍ୟୁଆଇ ୩୩୬), ତାଳଚେର (୩୨୪) ଏବଂ ବାରିପଦା (୩୦୪)ରେ ଏକ୍ୟୁଆଇ ସ୍ତର ଉଦ୍‌ବେଗଜନକ ଥିଲା । ଏବେ ଏହି ଅନ୍ତର୍ଜାତୀୟ ସ୍ତରର ବାୟୁ ପ୍ରଦୂଷଣ ମାପକାଠିକୁ ଭାରତ ସରକାର ବଦଳାଇ ଦେବାକୁ ତତ୍ପର ହୋଇପଡ଼ିଛନ୍ତି । ବିଫଳତାକୁ ସମ୍ଭାଳିବା ପରିବର୍ତ୍ତେ ତାହାର ରୂପ ରଙ୍ଗକୁ ଜାତୀୟତାବୋଧ ଚିନ୍ତାଧାରାରେ ପରିବର୍ତ୍ତନ କରିଦେଲେ ସତେଯେମିତି ନାଗରିକର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଯିବ !

ବାୟୁ ପ୍ରଦୂଷଣ ସବୁ ବୟସ ଓ ସାମାଜିକ ସ୍ତରର ଲୋକଙ୍କୁ ପ୍ରଭାବିତ କରେ, ଯାହାର ପରିଣାମ ମାନବ ଶରୀରର ପ୍ରାୟ ପ୍ରତ୍ୟେକ ଅଙ୍ଗକୁ କବଳିତ କରୁଛି । ଚିନ୍ତାଜନକ ଭାବରେ ନଗରୀୟ ଜନସଂଖ୍ୟାର ଏକ ବଡ଼ ଅଂଶ ପାଇଁ ବିପଜ୍ଜନକ ବାୟୁ ସଂସ୍ପର୍ଶ ଏକ ଋତୁକାଳୀନ ଚିନ୍ତା ନୁହେଁ, ବରଂ ବର୍ଷବ୍ୟାପୀ ବାସ୍ତବତା ପାଲଟିଯାଇଛି । ଭାରତ-ଗାଙ୍ଗେୟ ସମତଳ ଭୂମିରେ ଦ୍ରୁତ ସହରୀକରଣ ଯୋଗୁ ବିପଜ୍ଜନକ କଣିକା ପଦାର୍ଥର ସ୍ତର ରୋଗର ଧାରାକୁ ପ୍ରଭାବିତ କରୁଛି ଏବଂ ନୀରବ ଭାବରେ ଆୟୁ କମାଉଛି ।

ଏହି ନୀରବ ଘାତକ ସମ୍ପର୍କରେ ଆମେ କିଛି ଜାଣିପାରୁ ନାହୁଁ । ୨୦୨୫ ଲାନ୍‌ସେଟ କାଉଣ୍ଟଡାଉନ ଅନ୍ ହେଲ୍‌ଥ ଆଣ୍ଡ୍ କ୍ଲାଇମେଟ ଚେଞ୍ଜ ରିପୋର୍ଟ ଅନୁଯାୟୀ, ସୂକ୍ଷ୍ମ କଣିକା ପ୍ରଦୂଷଣ ଭାରତରେ ୨୦୨୨ରେ ୧୭ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ନେଇଛି । ଶିକାଗୋ ବିଶ୍ୱବିଦ୍ୟାଳୟର ଏନର୍ଜି ପଲିସି ଇନ୍‌ଷ୍ଟିଚ୍ୟୁଟର ଏୟାର କ୍ୱାଲିଟି ଲାଇଫ ଇଣ୍ଡେକ୍ସ ଏହି ସମସ୍ୟାର ଗମ୍ଭୀରତାକୁ ଉଜାଗର କରିଛି, ଯାହା ଅନୁମାନ କରୁଛି ଯେ ଭାରତର ପ୍ରାୟ ୪୬% ଜନସଂଖ୍ୟା ଏପରି ଅଞ୍ଚଳରେ ରହୁଛନ୍ତି ଯେଉଁଠାରେ ବାୟୁ ପ୍ରଦୂଷଣ ଲୋକଙ୍କ ହାରାହାରି ଆୟୁ ଯଥେଷ୍ଟ କମାଇ ଦେଉଛି ।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଜୋର ଦେଇ କହୁଛନ୍ତି ଯେ, ଭାରତ ଅତୀତରେ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ କରିଛି, ବିଶେଷକରି ଯକ୍ଷ୍ମା ନିର୍ମୂଳନ ତାହାର ଦୃଷ୍ଟାନ୍ତ । ସେମାନେ ଯୁକ୍ତି ଦର୍ଶାଉଛନ୍ତି ଯେ ବାୟୁ ପ୍ରଦୂଷଣ ଯୋଗୁ ବଢ଼ୁଥିବା ସ୍ୱାସ୍ଥ୍ୟ ସଙ୍କଟକୁ ମୁକାବିଲା କରିବା ପାଇଁ ସମାନ ଧରଣର ତ୍ୱରିତ ପଦକ୍ଷେପ, ନିବେଶ ଏବଂ ବିଧିବଦ୍ଧ ପ୍ରତିକ୍ରିୟା ନିତାନ୍ତ ଆବଶ୍ୟକ ।

ଆଶ୍ଚର୍ଯ୍ୟ ଲାଗେ ସଂସଦର ଶୀତକାଳୀନ ଅଧିବେଶନରେ ସରକାର କହିଛନ୍ତି ଯେ, ଉଚ୍ଚ ଏକ୍ୟୁଆଇ ସ୍ତର ଏବଂ ଫୁସ୍‌ଫୁସ୍‌ଜନିତ ରୋଗ କିମ୍ବା ମୃତ୍ୟୁ ମଧ୍ୟରେ ସିଧାସଳଖ ପ୍ରମାଣ ନାହିଁ, ଯଦିଓ ସେମାନେ ବାୟୁ ପ୍ରଦୂଷଣକୁ ଶ୍ୱାସକ୍ରିୟା ରୋଗର ଏକ ମୁଖ୍ୟ କାରଣ ଭାବରେ ସ୍ୱୀକାର କରିଛନ୍ତି । ପ୍ରଦୂଷିତ ବାୟୁ ଶ୍ୱାସକ୍ରିୟା, ହୃଦ୍‌ରୋଗ ଏବଂ ସ୍ନାୟୁ ରୋଗ ସହିତ ସଂଯୋଗ ଥିବା ବୈଜ୍ଞାନିକ ପ୍ରମାଣ ଥାଇ ମଧ୍ୟ ବାୟୁ ପ୍ରଦୂଷଣ ନିୟନ୍ତ୍ରଣରେ ଆହୁରି ବିଳମ୍ବ ହେଲେ ଏହା କେବଳ ଏହି ପିଢ଼ି ନୁହେଁ, ଭବିଷ୍ୟତ ପିଢ଼ିଙ୍କ ଆୟୁ ଉପରେ ସିଧା ପ୍ରଭାବ ପକାଇବ ।

# ପେନ୍‌ସନ୍‌ଭୋଗୀଙ୍କ ଆଶଙ୍କା



ହରିଶଙ୍କର ମିଶ୍ର

ଏବେ ସାମାଜିକ ଗଣମାଧ୍ୟମରେ ଗୋଟିଏ ବାର୍ତ୍ତା ପ୍ରଚାରିତ ହେଉଛି ଯେ ଆଗାମୀ ଅଷ୍ଟମ ଦରମା ଆୟୁକ୍ତଙ୍କ ସୁପାରିସରେ ପେନ୍‌ସନଭୋଗୀଙ୍କ ପେନ୍‌ସନ୍ ପରିମାଣ ପୁନଃ ନିର୍ଦ୍ଧାରିତ ହେବନାହିଁ । ଏଥିପାଇଁ କେତେଜଣ ଏହାକୁ କୌଣସି ନ୍ୟାୟାଳୟ ଆଦେଶର ଉଲ୍ଲଂଘନ ବୋଲି କହୁଥିବା ବେଳେ କେହି ସାମାଜିକ ନ୍ୟାୟର ପରିପନ୍ଥୀ କହୁଛନ୍ତି । କିଛି ବ୍ୟକ୍ତି ଦୀର୍ଘ ବର୍ଷ ସେବା ପାଇଁ ଏହା ସେମାନଙ୍କର ବୈଧାନିକ ଅଧିକାର କହୁଥିବାବେଳେ କେହି ଏହାକୁ ଅବସରପ୍ରାପ୍ତ ବୃଦ୍ଧାବୃଦ୍ଧଙ୍କ ପେଟକୁ ସରକାରଙ୍କ ଗୋଇଠା ବୋଲି ମଧ୍ୟ କହୁଛନ୍ତି । କିଛି ସଂଗଠନର ନେତା ବା ଆତ୍ମଘୋଷିତ ନେତା ଏଥିପାଇଁ ସରକାରଙ୍କୁ ସମାଲୋଚନା କରିବା ଆରମ୍ଭ କରିଛନ୍ତି । ଏହାର ସତ୍ୟତା ଜାଣି ନ ଥିବାରୁ କୌଣସି ମତାମତ ଦେବା ପୂର୍ବରୁ ପ୍ରାଥମିକ ବିଦ୍ୟାଳୟରେ ପଢ଼ାଯାଇଥିବା ଗପଟିଏ ଏଠାରେ ଅବତାରଣା କରିବା ସମୀଚୀନ ମନେହୁଏ । ଗୋଟିଏ ଦେଶର ରାଜା ବଣକୁ ଶିକାର ପାଇଁ ଯାଇଥିଲେ । ବାଟରେ ଜଣେ କାଠୁରିଆ ସହ ଦେଖାହେଲା । କାଠୁରିଆ ପ୍ରତିଦିନ ଜଙ୍ଗଲରୁ କାଠ ନେଇ ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିଲା । ରାଜା ତାକୁ ତା'ର ରୋଜଗାର ଓ ବ୍ୟୟ ବା ଉପଯୋଗ ସମ୍ପର୍କରେ ପ୍ରଶ୍ନ କଲେ । କାଠୁରିଆ କହିଲା, ସେ ପ୍ରତିଦିନ ରୋଜଗାର କରୁଥିବା ଚାରିଅଣାରୁ ଏକ ଅଣା ନିଜ ପ୍ରତିପୋଷଣ ପାଇଁ ଖର୍ଚ୍ଚ କରେ । ଗୋଟିଏ ଅଣା ଋଣ ବାବଦକୁ ପରିଶୋଧ କରେ । ଗୋଟିଏ ଅଣା ଭବିଷ୍ୟତ ପାଇଁ ଋଣ ଦେଇଥାଏ । ଗୋଟିଏ ଅଣା ବାହାରେ ଫୋପାଡି ଦିଏ । ଏହି ଉତ୍ତର ରାଜାଙ୍କୁ ବିସ୍ମୟ କଲା ଓ ସେ ଏହାର ବିସ୍ତାର ଉତ୍ତର ପାଇଁ କାଠୁରିଆକୁ କହିଲେ । କାଠୁରିଆ କହିଲା, ଯେହେତୁ ତା'ର ମା' ବାପା ତାକୁ ଜନ୍ମ ଦେବାଠାରୁ ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ପ୍ରତିପୋଷଣ କରିଛନ୍ତି, ସେଥିପାଇଁ ସେମାନଙ୍କ ଋଣ ଶୁଝିବା ତା'ର କର୍ତ୍ତବ୍ୟ । ସେ ଗୋଟିଏ ଅଣା ସେମାନଙ୍କ ଭରଣପୋଷଣ ପାଇଁ ଖର୍ଚ୍ଚ କରେ । ଗୋଟିଏ ଅଣା ସେ ଓ ତା' ସ୍ତ୍ରୀଙ୍କ ପ୍ରତିପୋଷଣ ପାଇଁ ଖର୍ଚ୍ଚ କରେ । ଗୋଟିଏ ଅଣା ତା' ସନ୍ତାନଙ୍କ ଖାଦ୍ୟପେୟ ସହ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ବ୍ୟୟ କରେ ଅର୍ଥାତ୍ ଭବିଷ୍ୟତରେ ସେ ଶାରୀରିକ ଅକ୍ଷମ ହୋଇଗଲେ ସେମାନେ ତା'ର ପ୍ରତିପୋଷଣ ଦାୟିତ୍ୱ ନେବେ, ଏହାକୁ ସେ ଋଣ ଦେଉଥିବା ବିବେଚନା କରେ । ଆଉ ଗୋଟିଏ ଅଣା ଦୁଃଖୀ ଦରିଦ୍ରଙ୍କୁ ଦାନ କରେ । ଏଥିରେ କୌଣସି ପ୍ରାପ୍ତିର ଆଶା ନ ଥିବାରୁ ସେ ଏହାକୁ ବାହାରେ ଫୋପାଡ଼ିଦେବା ମନେ କରେ । ରାଜା କାଠୁରିଆର ଜ୍ଞାନ ଓ ସାମାଜିକ ଦାୟିତ୍ୱବୋଧ ଉପରେ ଖୁସି ହୋଇ ତାଙ୍କ ମୁହଁ ଶହେ ଥର ନ ଦେଖିବା ପର୍ଯ୍ୟନ୍ତ ଏକଥା କାହାକୁ ନ କହିବା ପାଇଁ କହି ନିଜ ନଅରକୁ ଫେରିଲେ । ତା' ପରଦିନ ରାଜସଭାରେ ଏହା ପ୍ରକାଶ କରି ଏହାର ଅର୍ଥ ଜିଜ୍ଞାସା କଲେ । କେହି ଏହାର ଉତ୍ତର ଦେଇ ନ ପାରିବାରୁ ରାଜା ମନ୍ତ୍ରୀଙ୍କ ଆଡ଼କୁ ଚାହିଁଲେ । ମନ୍ତ୍ରୀ କିଛିଦିନ ସମୟ ମାଗିବାରୁ ରାଜା ସହମତ ହୋଇ ସେ ଦିନର ସଭା ସମାପନ କଲେ । ମନ୍ତ୍ରୀ ରାଜାଙ୍କ ପୂର୍ବ ଗସ୍ତର ବିବରଣୀ ସଂଗ୍ରହ କରି କାଠୁରିଆ ପାଖରେ ପହଞ୍ଚି ଏହାର ଯଥାର୍ଥ ଉତ୍ତର ଚାହିଁ ଥିଲେ ବି ସେ ରାଜାଙ୍କ ମୁହଁ ଶହେ ଥର ନ ଦେଖିବା ପର୍ଯ୍ୟନ୍ତ ଏହା କହିବ ନାହିଁ ବୋଲି ରାଜାଙ୍କ ଆଦେଶ ଜଣାଇଦେଲା । ମନ୍ତ୍ରୀ ନିଜସ୍ୱ ବୁଦ୍ଧିରେ କାଠୁରିଆକୁ ରାଜାଙ୍କ ମୁଖମଣ୍ଡଳ ଖୋଦିତ ହୋଇଥିବା ଶହେ ସ୍ୱର୍ଣ୍ଣ ମୁଦ୍ରା ଦେଇ ସେ ପ୍ରତ୍ୟେକ ମୁଦ୍ରା ଥରେ ଲେଖାଏ ଦେଖିବାକୁ କହିଲେ ଏବଂ ରାଜାଙ୍କ ମୁହଁ ଶହେ ଥର ଦେଖିଥିବାରୁ ପ୍ରଶ୍ନର ଉତ୍ତର ଦେଲେ ରାଜାଙ୍କ ଆଦେଶ ଅମାନ୍ୟ ହେବନାହିଁ ବୋଲି ବୁଝାଇ ଦେଲେ । କାଠୁରିଆଠାରୁ ପୂର୍ବୋକ୍ତ ଉତ୍ତର ପାଇ ମନ୍ତ୍ରୀ ରାଜ ଦରବାରରେ ଏହା ପ୍ରକାଶ କଲେ ଏବଂ କାଠୁରିଆକୁ ଶହେ ସ୍ୱର୍ଣ୍ଣ ମୁଦ୍ରା ଦେଇଥିବା କଥା ମଧ୍ୟ କହିଥିଲେ । ରାଜା ମନ୍ତ୍ରୀଙ୍କ ବୁଦ୍ଧିର ପ୍ରଶଂସା କରିଥିଲେ ।



ପେନ୍‌ସନ୍‌ଭୋଗୀଙ୍କ ମଧ୍ୟରୁ ନବେ ଶତାଂଶ ନିଶ୍ଚିତ ଏହି ଗଳ୍ପଟି ପଢ଼ିଛନ୍ତି । କିନ୍ତୁ ଗଳ୍ପଟି କାହିଁକି ପାଠ୍ୟକ୍ରମରେ ସ୍ଥାନିତ କରାଯାଇଥିଲା ତାହାକୁ ଅନୁଶୀଳନ ଓ ଉପଯୋଗ କରିଥିଲେ ସେମାନେ ଅଷ୍ଟମ ଦରମା ଆୟୋଗର ସମ୍ଭାବିତ ଅନୁମୋଦନରେ ନିରୁତ୍ସାହିତ ହେଉ ନ ଥାନ୍ତେ । ଏବେ ପେନ୍‌ସନ୍‌ଭୋଗୀମାନେ ଚାକିରିର ଶେଷ ମାସ ଦରମାର ଅର୍ଦ୍ଧାଂଶ ସହ ବର୍ଦ୍ଧିତ ମହଙ୍ଗା ଭତ୍ତା ପାଉଥିବା ବେଳେ ପ୍ରତ୍ୟେକ ଦରମା ପୁନଃ ନିର୍ଦ୍ଧାରିତ ବେଳେ ସେମାନଙ୍କ ପେନ୍‌ସନ୍ ଅର୍ଥ ମଧ୍ୟ ପୁନଃ ନିର୍ଦ୍ଧାରିତ ହୋଇଛି । ଏତଦ୍‌ବ୍ୟତୀତ ଚାକିରି ଶେଷରେ ୩୦୦ ଦିନର ସ୍ୱଅର୍ଜିତ ଛୁଟିର ଦରମା ସହ ଗ୍ରାଚ୍ୟୁଇଟି ବାବଦରେ ସର୍ବାଧିକ ୧୬ ମାସ ୧୫ ଦିନରେ ଦରମା ଓ ଭବିଷ୍ୟନିଧିରେ ଥିବା ଅର୍ଥ ପାଇଛନ୍ତି । କିଛି ପେନ୍‌ସନ୍‌ଭୋଗୀ ମାସିକ ମୂଳ ପେନ୍‌ସନର ଚାଳିଶ ଶତାଂଶ ଅଠାନବେ ମାସପାଇଁ ମଧ୍ୟ ଏକକାଳୀନ ପାଇଥାନ୍ତି । ତାହା ପ୍ରତିମାସ ପେନ୍‌ସନ୍‌ରୁ କଟାଯାଏ, ମାତ୍ର ପେନ୍‌ସନଭୋଗୀଙ୍କ ମୃତ୍ୟୁ ହେଲେ ତାହା ଫେରସ୍ତ ହୁଏ ନାହିଁ । ପେନ୍‌ସନଭୋଗୀଙ୍କ ମୃତ୍ୟୁ ପରେ ପରିବାର ପେନ୍‌ସନ ସହ ଅବିବାହିତ ଝିଅ ପାଇଁ ବିବାହ ପର୍ଯ୍ୟନ୍ତ ଏବଂ ବିବାହ ନ କଲେ ଆଜୀବନ ଏବଂ ସ୍ୱାମୀ ପରିତ୍ୟକ୍ତା ବା ଦିବ୍ୟାଙ୍ଗ ଝିଅ ପାଇଁ ଆଜୀବନ ପେନ୍‌ସନ୍ ମିଳିବା ନିୟମ ରହିଛି । ପେନ୍‌ସନ୍‌ଭୋଗୀଙ୍କ ମୃତ୍ୟୁ ପରେ ଜୀବିତ ପତି ବା ପତ୍ନୀ ପରିବାର ପେନ୍‌ସନ୍ ପାଇଥାନ୍ତି । ଏତଦ୍ ବ୍ୟତୀତ ୨୦୦୫ ମସିହାରୁ ନୂଆ ପେନ୍‌ସନ୍ ଯୋଜନା ହୋଇଥିବାବେଳେ ଯେଉଁମାନେ ଚାକିରି କାଳ ମଧ୍ୟରେ ମୃତ୍ୟୁବରଣ କରିଛନ୍ତି ସେମାନେ ପୁରୁଣା ନିୟମରେ ମଧ୍ୟ ପେନ୍‌ସନ୍ ପାଉଛନ୍ତି ।

ଆମ ରାଜ୍ୟର ବିବିଧ ବିଭାଗରେ ଚାକିରି କରିଥିବା ଅଧିକାରୀ ଅବସର ତାରିଖ ଚାକିରି ଆରମ୍ଭ ଦିନ ଜାଣିଥିବାରୁ ସୂଚିତ ଗଳ୍ପ ଆଧାରରେ ନିଜକୁ ପ୍ରସ୍ତୁତ କରିବା ପାଇଁ ଏଇ ଗଳ୍ପ ଉଦ୍ଦିଷ୍ଟ ଥିଲା । ବିବିଧ ପଦବୀରେ ଚାକିରି କରିଥିବା ପ୍ରତ୍ୟେକ କର୍ମଚାରୀ ବା ଅଧିକାରୀ କେବେ ବି ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ନୁହନ୍ତି । କିନ୍ତୁ ତା' ସତ୍ତ୍ୱେ କେତେଜଣ ବ୍ୟକ୍ତି ଅବସର ପରେ ବେସରକାରୀ ସଂସ୍ଥାରେ ପୁନଃ କାର୍ଯ୍ୟରତ ଥିବାବେଳେ କିଛି ପେନ୍‌ସନ୍‌ଭୋଗୀ ମଧ୍ୟ ବିଭିନ୍ନ ବ୍ୟବସାୟ ଆଦିରେ ସମ୍ପୃକ୍ତ ରହିଛନ୍ତି । ଅନେକଙ୍କ ପୁଅ ରାଜ୍ୟ ବା ରାଜ୍ୟ ବାହାରେ ଏପରିକି ବିଦେଶରେ କାର୍ଯ୍ୟରତ । କିଛି ବ୍ୟକ୍ତି ଅବଶ୍ୟ ପେନ୍‌ସନ ଉପରେ କିଛି ମାତ୍ରାରେ ନିର୍ଭରଶୀଳ । ମାତ୍ର ତାଙ୍କ ସଂଖ୍ୟା ଦୁଇ ଶତାଂଶରୁ ଅଧିକ ନୁହେଁ । କିଛି ଉଚ୍ଚପଦସ୍ଥ ଅଧିକାରୀ ପାଉଥିବା ପେନ୍‌ସନ୍ ଉପରେ ଆୟକର ଦେଉଥିବା ବେଳେ ସେମାନେ ମଧ୍ୟ ପରିବାର ପେନ୍‌ସନ୍ ପାଉଛନ୍ତି । କିନ୍ତୁ ସେମାନଙ୍କ ଖର୍ଚ୍ଚ ସୀମିତ । କେତେଜଣ ପେନ୍‌ସନ୍‌ଭୋଗୀ ପ୍ରଚଳିତ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ପାଇଁ ସରକାରୀ ସହାୟତା ପାଉଛନ୍ତି । ମାତ୍ର ଅଷ୍ଟମ ଦରମା ଆୟୁକ୍ତଙ୍କ ସମ୍ଭାବ୍ୟ ସୁପାରିସ ବିରୋଧରେ ଆଲୋଚନା କରି ନିଜକୁ ବିଜ୍ଞାପିତ କରିବା ଯେ ପ୍ରକାରାନ୍ତରେ ସେମାନେ ନିଜର ଆୟବ୍ୟୟ ପରିଚାଳନାରେ ଜଣେ ଜଣେ ଅସଫଳ କର୍ମଚାରୀ ବା ଅଧିକାରୀ ଥିଲେ ଏହା ସାବ୍ୟସ୍ତ କରୁଛି ଏବଂ ସରକାରଙ୍କର କ୍ଷମତା ପାଇଁ ରାଜସ୍ୱର ବିବିଧ ବ୍ୟୟ ଓ ଅପବ୍ୟୟରେ ନିଜକୁ ସାମିଲ କରିବାର ମାନସିକତାର ପରିପ୍ରକାଶ କରୁଛନ୍ତି । ରାଜ୍ୟର ଦୁଇ ଶତାଂଶ ସରକାରୀ କର୍ମଚାରୀ ହୋଇଥିବାବେଳେ ସମ ପରିମାଣର ପେନ୍‌ସନ୍‌ଭୋଗୀ ଅଛନ୍ତି । କିନ୍ତୁ ତନ୍ମଧ୍ୟରୁ ଅନେକେ ନିଜର ସ୍ୱାର୍ଥ ଓ ଅର୍ଥ ପାଇଁ ସରକାରୀ କଳ ଓ କ୍ଷମତାର ଦୁରୁପଯୋଗ କରି ବା କରୁଥିବାରୁ ଜନସାଧାରଣଙ୍କ ଆକ୍ରୋଶର କାରକ ହୋଇଛନ୍ତି । ଶିକ୍ଷିତ ଓ ରୋଜଗାରକ୍ଷମ ସନ୍ତାନଙ୍କ ଅବହେଳା ପାଇଁ ସାମାଜିକ ନ୍ୟାୟ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ସେମାନେ ନିଜକୁ ଅସହାୟ ମନେକରିବା ମଧ୍ୟ ସେମାନଙ୍କ ପରିବାର କୁପରିଚାଳନାକୁ ସ୍ପଷ୍ଟ କରୁଛି

ସ୍ୱାଧୀନତା ପରେ ସମସ୍ତ ରାଜା ମହାରାଜା ନିଜ ଶାସିତ ଅଞ୍ଚଳକୁ ଦେଶ ବା ରାଜ୍ୟରେ ସାମିଲ କରି ନିଜର ଚଳଣି ପାଇଁ ପାଉଥିବା ହାତ ପାଣ୍ଠିକୁ ୧୯୭୧ରେ ଉଚ୍ଛେଦ କରାଗଲା । ୨୦୦୫ ପରେ ସରକାରୀ ଚାକିରି କରିଥିବା କର୍ମଚାରୀଙ୍କ ପାଇଁ ନୂତନ ପେନ୍‌ସନ ଯୋଜନା ପ୍ରଚଳିତ ହେଲା । କିନ୍ତୁ ଏହାକୁ ଲାଗୁ କରାଇଥିବା ଜନପ୍ରତିନିଧିମାନେ ମାତ୍ର ପାଞ୍ଚ ବର୍ଷ ପାଇଁ ନିର୍ବାଚିତ ହୋଇ ଆଜୀବନ ପେନ୍‌ସନ୍ ଓ ପରିବାର ପେନ୍‌ସନ୍ ପାଇବା ପାଇଁ ନିଜେ ନିୟମ କରିବା କେତେଦୂର ଯଥାର୍ଥ ଏବଂ ତାହା କେତେ ଜନ ସମର୍ଥନ ପାଉଛି ତାହାର ଏକ ସର୍ବେକ୍ଷଣ ପାଇଁ ଦେଶବ୍ୟାପୀ ଏକ ସଚେତନତା ସୃଷ୍ଟି କରିବାକୁ ପ୍ରତ୍ୟେକ ପେନ୍‌ସନ୍‌ଭୋଗୀ, ବୁଦ୍ଧିଜୀବୀ ଆଗେଇ ଆସିବା ଉଚିତ ।

**୧୧୩- ଗୁଣ୍ଡିଚା ବିହାର ପୁରୀ,**
**ମୋ: ୭୯୭୮୭୮୫୪୭୮**

# ଉତ୍ସବ ଓ ଭାଷଣ



ଅଞ୍ଜନ ଚାନ୍ଦ

ଗୋଟିଏ ବର୍ଷ ସରୁଛି, ଆଉ ଗୋଟିଏ ଆସୁଛି । ଏଇ ଗମନାଗମନ ବେଳରେ ସାରା ରାଇଜ ଉତ୍ସବମୁଖର ହୋଇଉଠିଛି । ଶିକ୍ଷା ଅନୁଷ୍ଠାନରେ ଚାଲିଛି କ୍ରୀଡ଼ା ଉତ୍ସବ, ପୁରସ୍କାର ବିତରଣ ଉତ୍ସବ, ବାର୍ଷିକ ଉତ୍ସବ । ପାଠପଢ଼ା ନାହିଁ । ଗୀତ ଓ ନାଚକୁଦରେ ସ୍କୁଲହତା ଦୁଲୁକୁଛି । ଏମାନଙ୍କୁ ଛାଡ଼ି କେତେ ସଙ୍ଗଠନ, ସରକାରୀ ତଥା ବେସରକାରୀ ଅନୁଷ୍ଠାନ, ବ୍ୟବସାୟୀ ସଂଘ, ଏମାନେ ଉତ୍ସବ ବଦଳରେ ମହୋତ୍ସବ ପାଳନ କରୁଛନ୍ତି । ଅଧିକ ଗୁରୁତ୍ୱ ବଢ଼ାଇବାକୁ କେଉଁଠି ମହାମହୋତ୍ସବ ବୋଲି ପଥପ୍ରାନ୍ତ ବିଜ୍ଞାପନ ପଟ୍ଟରେ ଲେଖାଯାଉଛି । 'ମହା' ପଦର ବ୍ୟବହାର ଉପରେ କଟକଣା ନ ଥିବାରୁ ଆଗକୁ ଏହାର ସଂଖ୍ୟା ବଢ଼ିବାର ସମ୍ଭାବନା ମଧ୍ୟ ରହିଛି ।

ଉତ୍ସବ ପଦର ଅର୍ଥ- ଏକ ବ୍ୟାପାର, ଯାହା ମନୁଷ୍ୟ ମନରେ ଆନନ୍ଦ ଜାତ କରେ । ତା' ନିକଟରେ କୌଣସି ବିଶେଷଣ ପ୍ରୟୋଗର ଆବଶ୍ୟକତା ନଥାଏ । 'ମହା' ପଦଟିର ଅର୍ଥ ଯାହା ସବୁଠାରୁ ଉତ୍କୃଷ୍ଟ । ତାହାର ପୂର୍ବରେ ପୁଣିଥରେ ମହା ପଦର ବ୍ୟବହାର ଅତିରିକ୍ତ ଜ୍ଞାନର ପରିଚାୟକ । ଅଥଚ ଆମେ ଏହାକୁ ଖୁବ୍ ସମ୍ଭ୍ରାନ୍ତ ଭାବରେ ଉଚ୍ଚାରଣ ଓ ଗ୍ରହଣ କରୁଛୁ । ଏବେ ତ ଆମ ରାଜ୍ୟରେ ଅସଂଖ୍ୟ ଲେଖକ । ପାଠକ ହେବାର ସାଧାରଣ ମାନସିକତା କାହାର ନାହିଁ । ସୁତରାଂ ବ୍ରହ୍ମା ବିଲିବିଲେଇଲେ ବେଦ ପରି ସେଇ ଆତ୍ମମନ୍ୟ ଲେଖକଗଣ ଯାହା ଲେଖି ଦେଉଛନ୍ତି ତାହା ସାହିତ୍ୟ ହୋଇଯାଉଛି । ସେଇ ସାହିତ୍ୟର ଅଳିଆଗଦା ତଳେ ଆଜିର ପ୍ରକୃତ ଓଡ଼ିଆ ସାହିତ୍ୟ ଅଣନିଃଶ୍ୱାସୀ ହୋଇ ମରୁଛି ।

ମହୋତ୍ସବ ହେବାର କିଛିଦିନ ପୂର୍ବରୁ ଆରମ୍ଭ ହୁଏ ପ୍ରଚାର । ସହରରେ ମାଇକ୍ ବୁଲେ । ରାସ୍ତାରେ ତୋରଣ, ରାସ୍ତା ଧାରରେ ପଟଚିତ୍ର । ଗାୟକ ଗାୟିକା, ନାୟକ ନାୟିକା, ଯେଉଁମାନେ ଆସିବାକୁ କଥା ଦେଇଥାନ୍ତି, ସେମାନଙ୍କର ଫଟୋ ଶୋଭାପାଏ । ପିଲାମାନଙ୍କର ଖେଳ, ପ୍ରାତଃ ଭ୍ରମଣକାରୀଙ୍କ ଭ୍ରମଣ ବନ୍ଦ ହୋଇ ପଡ଼ିଆରେ ଷ୍ଟଲ ତିଆରି ହୁଏ । ଅଗ୍ରିମ ପାଉଣା ନେଇ ଦୋକାନୀ, କମ୍ପାନୀ, ଅନୁଷ୍ଠାନଗୁଡ଼ିକୁ ତାହା ବିକ୍ରି କରାଯାଏ । ଅଧିକାଂଶ ଖାଇବା ଦୋକାନ ଏବଂ ମେଳା ସମୟରେ ସେଇ ଦୋକାନଗୁଡ଼ିକରେ ହିଁ ଅଧିକ ଗହଳି ହୁଏ । ଲୋକମାନେ ମେଳା ବୁଲନ୍ତି, ଖାଆନ୍ତି ଓ ସାମ୍ନାରେ ଥିବା ମଞ୍ଚ ନିକଟକୁ ଯାଇ ମନୋରଞ୍ଜନ କାର୍ଯ୍ୟକ୍ରମକୁ ଉପଭୋଗ କରନ୍ତି । ଅତିଥି କଳାକାରମାନେ ଆସିବା ଆଗରୁ ସ୍ଥାନୀୟ କଳାକାରଙ୍କ ନୃତ୍ୟ ଗୀତ ପ୍ରଦର୍ଶନ ହୁଏ । ବିଭିନ୍ନ ଅନୁଷ୍ଠାନର ଛାତ୍ରୀଛାତ୍ର ମାଗଣାରେ ଅଥବା ଗୋଟିଏ ନିକୃଷ୍ଟ ଟିଫିନ୍ ପ୍ୟାକେଟ ବିନିମୟରେ ମଞ୍ଚରେ ସେମାନଙ୍କ ଉତ୍କୃଷ୍ଟ କଳା ପ୍ରଦର୍ଶନ କରନ୍ତି । ଅତିଥିମାନେ ଆସିବା ପରେ ତାହାକୁ ପରଦିନପାଇଁ ସ୍ଥଗିତ ରଖାଯାଏ । ଦର୍ଶକମାନେ ସେମାନଙ୍କ ପ୍ରିୟ ସିନେ ଓ ଟିଭି କଳାକାରଙ୍କୁ ଦେଖିବା ପାଇଁ ଆଗ୍ରହରେ ମଞ୍ଚ ଆଗରେ ବସିଯାନ୍ତି । କିନ୍ତୁ ଠିକ୍ ସେତିକିବେଳେ ମଞ୍ଚରେ ଚୌକି ପକାଇ ଆରମ୍ଭ ହୁଏ ସଭା ।



ସଭା ମାନେ ବକ୍ତା, ବକ୍ତା ମାନେ ଭାଷଣ । ସଂସ୍କୃତରେ ଅଛି- ମିତମ ସାରମ ଚ ବଚଃ ହି ବାଗ୍ମିତା । ଅର୍ଥାତ୍ ଯିଏ ଅଳ୍ପ କହେ, ସାରକଥା କହେ ସେ ହିଁ ବାଗ୍ମୀ । ଏବେ କିନ୍ତୁ ଯିଏ ବହୁ ସମୟ ଅସାର କଥା କହି ଶ୍ରୋତାଙ୍କ ଧୈର୍ଯ୍ୟ ପରୀକ୍ଷା କରେ ସେ ହେଉଛି ମୁଖ୍ୟବକ୍ତା । ଆଗରୁ ଲେଖକଙ୍କ ପରି ରାଜ୍ୟରେ ବକ୍ତାଙ୍କ ସଂଖ୍ୟା ସୀମିତ ଥିଲା । ସେମାନଙ୍କ ବକ୍ତୃତା ମଧ୍ୟ ଖୁବ୍ ଉପାଦେୟ ଓ ଶ୍ରୁତିମଧୁର ଥିଲା । ତାଙ୍କ କଥା ଶୁଣିବାକୁ ଶ୍ରୋତାମାନେ ଆଗ୍ରହରେ ଅପେକ୍ଷା କରୁଥିଲେ । ଏବେ କିନ୍ତୁ ସମସ୍ତେ ବକ୍ତା ହେବାକୁ ଆଗ୍ରହୀ । ମଞ୍ଚରେ ଆସନଟିଏ ହାତେଇବାକୁ କସରତ ଚାଲିଛି । ସେଥିପାଇଁ ସୁଚତୁର ଆୟୋଜକ ମହାଶୟ ମଞ୍ଚ ଉପରେ ବହୁ ସଂଖ୍ୟାରେ ଚୌକି ପକାଇ ପରିଚୟ ସଙ୍କଟରେ ପଡ଼ିଥିବା ଲୋକଙ୍କୁ ଗୋପନରେ ସେଗୁଡ଼ିକୁ ବିକ୍ରି କରିଦେଉଛନ୍ତି । ରାଜନୈତିକ ବ୍ୟକ୍ତି ବିଶେଷଙ୍କ ସହିତ ଉଚ୍ଚ ପଦାଧିକାରୀ, ଉଦ୍ୟୋଗପତି ଏବଂ କିଛି ଅବାଞ୍ଛିତ ଲୋକ ମଞ୍ଚ ଉପରୁ ଭୀଷଣ ଭାଷଣ ଦେଇ ଲୋକମାନଙ୍କୁ ବ୍ୟତିବ୍ୟସ୍ତ କରିପକାଉଛନ୍ତି । ଓଡ଼ିଆ ସାହିତ୍ୟରୁ ପାଠକ ସଂଖ୍ୟା ହ୍ରାସ ପାଇବା ପରି ଓଡ଼ିଆ ଭାଷଣରୁ ମଧ୍ୟ ଶ୍ରୋତାଙ୍କ ସଂଖ୍ୟା କ୍ରମଶଃ କମିଯାଉଛି ।

ସେଦିନ ସଭାରେ ଜଣେ ଶ୍ରୋତା ବିରକ୍ତରେ କହିଲେ- ମଞ୍ଚରେ ଭାଷଣ ନଥାଇ ଯଦି କେବଳ ନାଚ ଗୀତ ଥାଆନ୍ତା କେତେ ଭଲ ହୁଅନ୍ତା । ଅନ୍ୟମାନେ ତାଙ୍କୁ ସମର୍ଥନ କଲେ । ମୁଁ କହିଲି- ଘରେ ବାପା ନଥାଇ କେବଳ ମାଆ ରହିଲେ ପିଲାଙ୍କ ପାଇଁ ଘରଟି କେତେ ଭଲହୁଅନ୍ତା ? ସେମାନେ ଚକିତରେ ମୋତେ ଚାହିଁଲେ । ମୁଁ କହିଲି- ମାଆଙ୍କ ସ୍ନେହ ସହିତ ବାପାଙ୍କ ଶାସନ ଉଭୟର ସମନ୍ୱୟରେ ସନ୍ତାନଙ୍କ ଭବିଷ୍ୟତ ଉପଯୁକ୍ତ ଗଢ଼ିହୁଏ । ଠିକ୍ ସେହିପରି ମନୋରଞ୍ଜନ ଓ ହିତୋପଦେଶର ସମ୍ମିଶ୍ରଣରେ ଜୀବନ ସୁନ୍ଦର ହୁଏ । ବକ୍ତା ଜଣେ ବାଗ୍ମୀ ପୁରୁଷ ହେଲେ ତାଙ୍କ ବକ୍ତୃତାରେ ଶ୍ରୋତା ନିଶ୍ଚୟ ବିମୁଗ୍ଧ ହେବ । ବିରଳ ହେଲେ ବି ସେପରି ଜ୍ଞାନୀ ଗୁଣୀ ବକ୍ତା ଏବେ ମଧ୍ୟ ସମାଜରେ ଅଛନ୍ତି । କିନ୍ତୁ ଏପରି ମହୋତ୍ସବରେ ସେମାନଙ୍କର ଆଦର କ୍ୱଚିତ ହେଉଛି । ଉପଯୁକ୍ତ ସମ୍ମାନ ନ ଥିବାରୁ ସେମାନେ ଏସବୁ କ୍ଷେତ୍ରରୁ ଦୂରେଇ ରହୁଛନ୍ତି । ବକ୍ତୃତା ପ୍ରଦାନ ଏକ କଳା । ଏକ ପ୍ରତିଭା ଏବଂ ତାହା ବୋଧହୁଏ ସାହିତ୍ୟ ସର୍ଜନା ପରି ନୈସର୍ଗିକ ।

ମୁଁ ଆଉ ଅଧିକ କିଛି କହିଥାନ୍ତି, କିନ୍ତୁ ସେତେବେଳେ ପ୍ରବଳ କରତାଳିରେ ସଭାସ୍ଥଳ କମ୍ପିଉଠିଲା । ଜଣେ ଖୁସିରେ କହିଲେ- ଯା' ହେଉ, ଭାଷଣ ସରିଲା । ଏବେ ମନୋରଞ୍ଜନ କାର୍ଯ୍ୟକ୍ରମ ଆରମ୍ଭ ହେବ ।

**ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର**
**ମୋ: ୬୩୭୦୦୬୬୧୧୪୭**

## ଏଇ ଭାରତରେ

ରାଜସ୍ଥାନର କୋଲିଆ ଗାଁର ଗୁପ୍ତା ପରିବାରର ପ୍ରୟାସରେ ଅନେକ ହଜାର ମହିଳା ସଶକ୍ତହେବା ସହ ରୋଜଗାରକ୍ଷମ ହୋଇପାରିଛନ୍ତି । ୨୦୧୫ରେ ଏକ କୌଶଳ ବିକାଶ କେନ୍ଦ୍ର ଖୋଲି ଏହି ପରିବାର ସମ୍ପୂର୍ଣ୍ଣ ମାଗଣାରେ ମହିଳାମାନଙ୍କୁ ସିଲେଇ, କମ୍ପ୍ୟୁଟର ଆଦି ଶିକ୍ଷା ଦେଉଛନ୍ତି । ଶ୍ରୀବବୁଲ ଗୁପ୍ତା ଫାଉଣ୍ଡେଶନ ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳିତ ହେଉଛି । କୌଶଳ ବିକାଶ କେନ୍ଦ୍ରରେ ପ୍ରଥମେ ଦରଜି ଓ ସିଲେଇ ଶିକ୍ଷା ଦିଆଗଲା । ଏହାପରେ କମ୍ପ୍ୟୁଟର ଶିକ୍ଷା ସାମିଲ କରାଯାଇଛି । ସମସ୍ତ କାର୍ଯ୍ୟରେ ସ୍ଥାନୀୟ ପଞ୍ଚାୟତର ସହଯୋଗ ରହିଛି । ଏବେ ଏହି କେନ୍ଦ୍ରରେ ୩୦ରୁ ୪୦ ଜଣ ମହିଳା ପ୍ରଶିକ୍ଷଣ ନେଉଛନ୍ତି ଓ ଏଯାବତ୍ ସେଠାରୁ ୧,୦୦୦ ମହିଳା ଟେଲରିଂ ତାଲିମ ନେଇସାରି ବିଭିନ୍ନ ପୋଷାକ ତିଆରି କରି ରୋଜଗାର କରିପାରୁଛନ୍ତି । ୩୦୦ରୁ ଊର୍ଦ୍ଧ୍ୱ ଝିଅ ବିଉଟି ପାର୍ଲର ଶିକ୍ଷା ନେଉଛନ୍ତି ଏବଂ ୬୦୦ରୁ ଅଧିକ ଝିଅପୁଅ କମ୍ପ୍ୟୁଟର ଆକାଉଣ୍ଟିଂ ଶିକ୍ଷା ପାଇସାରିଲେଣି । ଗୁପ୍ତା ପରିବାର ୨୦୦୭ରେ ଏକ ପ୍ରସୂତି ହସ୍ପିଟାଲ ଖୋଲିବା ପରେ ଚିକିତ୍ସା ସମସ୍ୟ ଦୂରହୋଇପାରିଛି । ଏହାବ୍ୟତୀତ ଏହି ପରିବାର ପକ୍ଷରୁ ମାଗଣାରେ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରିବା ସହ କୃତ୍ରିମ ଅଙ୍ଗଦାନ କରାଯାଉଛି ।

## ୫୦ ବର୍ଷ ତଳର ଧରିତ୍ରୀ

**୩୦ ଡିସେମ୍ବର ୧୯୭୬**

- ରାଜ୍ୟ କଂଗ୍ରେସ ବିଧାୟକ ଦଳର ନବନିର୍ବାଚିତ ନେତା ବିନାୟକ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଗଠିତ ୧୪ ଜଣିଆ ନୂଆ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କରିଛନ୍ତି ।
- ବିଶିଷ୍ଟ ନର୍ତ୍ତକ, ସମାଲୋଚକ ତଥା ପଣ୍ଡିତ ମୁନି ବର୍ଦ୍ଧନଙ୍କ ୭୨ ବର୍ଷ ବୟସରେ ପରଲୋକ ।

## ଚିରନ୍ତନୀ

ଆଜି ଖାଲି କହେ କଥା
ଚଉପାଶେ ନୀରବତା
ହୃଦୟର ଦୁକୁ ଦୁକୁ ଶୁଭଇ
ନିଃଶ୍ୱାସ ଅତି ଧୀରେ ରାବଇ ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | |
| | | | 1 | | | 2 | 8 | |
| | 7 | | | 5 | 2 | 1 | | |
| 1 | | | | | 9 | 6 | | |
| | 9 | | | | 5 | 7 | 4 | |
| | | | | | 7 | | | |
| 2 | | 1 | 4 | | 8 | | | |
| | | 3 | | 7 | | 5 | 6 | |
| | | | | | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 2 | 6 | 3 | 9 | 1 | 4 | 8 | 5 |
| 1 | 3 | 4 | 2 | 8 | 5 | 6 | 9 | 7 |
| 5 | 9 | 8 | 6 | 7 | 4 | 1 | 3 | 2 |
| 4 | 1 | 7 | 5 | 3 | 8 | 2 | 6 | 9 |
| 3 | 5 | 2 | 7 | 6 | 9 | 8 | 4 | 1 |
| 6 | 8 | 9 | 1 | 4 | 2 | 7 | 5 | 3 |
| 9 | 4 | 5 | 8 | 2 | 7 | 3 | 1 | 6 |
| 8 | 7 | 3 | 9 | 1 | 6 | 5 | 2 | 4 |
| 2 | 6 | 1 | 4 | 5 | 3 | 9 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତ ଓ ମହାଶକ୍ତି

ମହାଶୟ,

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭାରତରେ ମିଳିଥିବା ଅତିଥି ସତ୍କାର ଦେଖି ୟୁରୋପ ଚକିତ । କାରଣ ପୁଟିନ୍‌ଙ୍କୁ ୟୁରୋପ ଶତ୍ରୁ ଭାବୁଛି । ଭାରତରେ ଲୋକେ ଖୁସିରେ ଗଙ୍ଗାଘାଟରେ ସନ୍ଧ୍ୟା ଆଳତି ଓ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ । ଭାରତ ଅପରେଶନ ସିନ୍ଦୂର ସମୟରେ ପାକିସ୍ତାନ ବ୍ୟତୀତ ଆଜରବୈଜାନ୍ , ତୁର୍କୀ ଓ ଚାଇନା ସହ ଲଢ଼ିଥିଲା । ଆମେରିକାର ବିରୋଧ ସତ୍ତ୍ୱେ ରୁଷିଆ ଭାରତକୁ ପ୍ରଦାନ କରିଥିବା ଏସ୍-୪୦୦ ଗେମ୍ ଚେଞ୍ଜର ସାବ୍ୟସ୍ତ ହୋଇଥିଲା । ଶତ୍ରୁ ଲକ୍ଷ୍ମଣରେଖା ଟପିଥିବାରୁ ହଜାରେ ବର୍ଷର ଯୁଦ୍ଧ ଇତିହାସରେ ପ୍ରଥମେ କୌଣସି ଦେଶକୁ ମିଶାଇଲ ଆକ୍ରମଣ କରିଥିଲା ଭାରତ । ପାକିସ୍ତାନର କିରାନା ହିଲ୍ସ ସ୍ଥିତ ପାହାଡ଼ ଗୁମ୍ଫାର ପ୍ରବେଶ ଓ ପ୍ରସ୍ଥାନ ପଥକୁ ଧ୍ୱଂସ କରାଯାଇଥିଲା । ଫଳରେ ଆଣବିକ ବିକରଣ ଖୋଜଖବର ଜାଣିବାକୁ ଅଣ୍ଟା ଭିଡ଼ିଥିଲା ପେଣ୍ଟାଗନ୍ । ଅପରେଶନରୁ ଯୁଦ୍ଧକୁ ବଦଳିଯାଇଥିବା ଲଢ଼େଇର ଗବ୍ବରସିଂ ହେବାକୁ ଚେଷ୍ଟା କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭାରତ ଏ ପର୍ଯ୍ୟନ୍ତ ସୁଯୋଗ ଦେଇନାହିଁ । ଭାରତ ବିରୋଧୀ ନୀତି ପାଇଁ ଚଳିତବର୍ଷ ଦୁର୍ଗାପୂଜା ମେଢ଼ରେ ଠାଏ ଠାଏ ମହିଷାସୁରର ସ୍ଥାନ ନେଇଥିଲେ ଟ୍ରମ୍ପ । ଚାଇନାକୁ ଟକ୍କରଦେବା ଚକ୍କର ଭାୟା ପାକିସ୍ତାନ ଭୂତ ଭାରତ ପାଇଁ ଘାତକ । ଭାରତ ଓ ଆମେରିକା ସମ୍ପର୍କରେ ସୁଧାର ଆଣିବା ପାଇଁ କରାଯାଇଥିବା ଉଦ୍ୟମ ସ୍ୱାଗତଯୋଗ୍ୟ ।

**-ମନୋରଞ୍ଜନ ପାତ୍ର, ସୁନହାଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବାଂଲାଦେଶରେ ହିନ୍ଦୁଙ୍କୁ ହତ୍ୟାର ପ୍ରତିବାଦ
### ହିନ୍ଦୁ ଜାଗରଣ ମଞ୍ଚର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବୋରିଗୁମ୍ମା,୨୯।୧୨(ବିଜୟ ସାହୁ)– ବାଂଲାଦେଶରେ ହିନ୍ଦୁମାନଙ୍କୁ ହତ୍ୟାର ପ୍ରତିବାଦରେ ବୋରିଗୁମ୍ମା ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ତହସିଲଦାରଙ୍କ ଜରିଆରେ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବାଂଲାଦେଶରେ ଦଳିତ, ନିଷ୍ପେସିତ ହିନ୍ଦୁମାନଙ୍କୁ ନୃଶଂସ ଭାବେ ଆକ୍ରମଣ କରାଯାଇ ଜୀବନ୍ତ ଦଗ୍ଧ କରାଯାଉଛି। ହିନ୍ଦୁ ଅଳ୍ପ ସଂଖ୍ୟକ, ନିରୀହ, ଭୂମିପୁତ୍ର ହୋଇଥିବା ସତ୍ତ୍ୱେ ସେମାନଙ୍କ ମାନବିକ ଅଧିକାରର ଖୋଲା ଉଲ୍ଲଂଘନ କରାଯାଉଛି। ବାଂଲାଦେଶୀ ମୁସଲମାନ ମିଳିତ ଭାବେ ଅମାନବୀୟ ଆକ୍ରମଣ ଜାରି ରଖିଛନ୍ତି। ଏଥିପ୍ରତି ସଚେତନ ହେବା ସହ ବାଂଲାଦେଶୀ ହିନ୍ଦୁ ନିର୍ଯାତନାକୁ ବନ୍ଦ କରିବା ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତହସିଲଦାର କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ବୋଇନା ସତୀଶ ଓ ପୋଲିସ ଏସ୍‌ଡିପିଓ ସତ୍ୟବ୍ରତ ଲେଙ୍କାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ଧର୍ମ ପ୍ରଚାରକୁ ନେଇ ଉତ୍ତେଜନା



ପାରଳାଖେମୁଣ୍ଡି,୨୯।୧୨(ଗିରିଧାରୀ ପରିଚ୍ଛା) ଧର୍ମାନ୍ତରୀକରଣ ଓ ହିନ୍ଦୁଧର୍ମର ଅପପ୍ରଚାର କରି କେତେ ଜଣ ଖ୍ରୀଷ୍ଟିଆନ ସାମ୍ପ୍ରଦାୟ ଲୋକେ ସୋମବାର ପାରଳାଖେମୁଣ୍ଡିରେ ମାଇକ ଯୋଗେ ପ୍ରଚାର କରୁଥିବା ସମୟରେ ଧରାପଡିଛନ୍ତି। ସ୍ଥାନୀୟ ଗୋଲା ସାହି ନିକଟରେ ବିଶ୍ୱହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ସେମାନଙ୍କୁ ବିରୋଧ କରିଥିଲେ। ଯାହାକୁ ନେଇ ଖ୍ରୀଷ୍ଟିଆନ ପ୍ରଚାରକ ଗୋଷ୍ଠୀ ଓ ବିଶ୍ୱ ହିନ୍ଦୁ ପରିଷଦ କମକର୍ତ୍ତା ମୁହାଁମୁହିଁ ହୋଇଥିଲେ। ଖବର ପାଇ ଘଟଣା ସ୍ଥଳରେ ସ୍ଥାନୀୟ ପୋଲିସ ପହଞ୍ଚି ଏଭଳି ପ୍ରଚାରରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇ ୫ଜଣ ପ୍ରଚାରକଙ୍କୁ ଥାନାକୁ ନେଇ ଅଟକ ରଖିଛି। ସେମାନଙ୍କଠାରୁ ପ୍ରଚାର ସାମଗ୍ରୀ ଜବତ ହୋଇଛି। ବିଶ୍ୱ ହିନ୍ଦୁ ପରିଷଦର ଧର୍ମାଚାର୍ଯ୍ୟ ସତ୍ୟ ନାରାୟଣ ସାହୁଙ୍କ ଲିଖିତ ଅଭିଯୋଗ ପରେ ନଂ. ୪୨୨/୨୫ରେ ଏକ ମାମଲା ରୁଜୁ ହୋଇଛି। ନିଜ ଧର୍ମର ପ୍ରଚାର କରନ୍ତୁ ସେଥିରେ କୌଣସି ଆସୁବିଧା ନାହିଁ, ମାତ୍ର ହିନ୍ଦୁ ଧର୍ମର ଅପପ୍ରଚାରକୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ଜିଲା ଧର୍ମ ପ୍ରଚାରକ ମନୋଜ ଦାସ ଓ ନଗର ସମ୍ପାଦକ ଜି. କୁରୁମା ରେଡ୍ଡୀ କହିଛନ୍ତି।

# ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର



ଉପସ୍ଥିତ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ବୁଗୁଡ଼ା,୨୯।୧୨(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମାଣିତରା ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ବୁଗୁଡ଼ା ବିଡ଼ିଓ ଦୂତିକୃଷ୍ଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ପ୍ରକାଶ ବେହେରା, ତହସିଲଦାର ତାପସ ରାଉତ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଜ୍ୟୋତିରଞ୍ଜନ ସାହୁ, ସିଡିପିଓ ବବିତା ପଣ୍ଡା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ୍ ଦେବାଶିଷ ଦୋରା, ବ୍ଲକ କୃଷି ଅଧିକାରୀ ହରପ୍ରିୟା ବେହେରା ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ। ଜନ ଶୁଣାଣି ଶିବିରରେ ୩୧ ଟି ବ୍ୟକ୍ତିଗତ ଓ ୫ ଟି ଗୋଷ୍ଠୀଗତ ଏପରି ୩୬ ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ୩୧ ଟି ଅଭିଯୋଗର ଶୁଣାଣି କରାଯାଇ ତତକ୍ଷଣାତ୍ ସମାଧାନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବୁଗୁଡ଼ା ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର

କୋରାପୁଟ,୨୯।୧୨(ଅମିତାଭ ବେହେରା) କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହ ପରିସରରେ ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ୨୮ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିରେ ୮ ଗୋଷ୍ଠୀଗତ ଓ ୨୦ ବ୍ୟକ୍ତିଗତ ଅଭିଯୋଗର ଶୁଣାଣି ହୋଇଥିଲା। ଅତିରିକ୍ତ ଜିଲାପାଳ ତପନ କୁମାର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ଉପଜିଲାପାଳ ପ୍ରେମଲାଲ ହିଆଲ, ଜିଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅନ୍ତଃ ରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୭ମ ଦିନରେ ପୁରୀ ଇଲେଭେନ ବିଜୟୀ

ରମ୍ଭା,୨୯।୧୨(ବନବାସୀ ସେଠୀ)

ରମ୍ଭା ହାଇସ୍କୁଲ ମିନି ଷ୍ଟାଡିୟମରେ ରମ୍ଭା କପ୍ ସିଜନ–୪ ପକ୍ଷରୁ ଅନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୭ମ ଦିନରେ ଏନଏନସି ଏ ଛତିଶଗଡ଼ ସହ ପୁରୀ ଇଲେଭେନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ଉପାଧ୍ୟକ୍ଷ କାଳିଆ ତରେଇ, ରମ୍ଭା କ୍ରିକେଟ କ୍ଲବ ସଭାପତି ସୀମାଞ୍ଚଳ ବାଡ଼ତ୍ୟା, ଉପସଭାପତି ହିମାଂଶୁ ବୈଠାରୁ, ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଟୁର୍ଣ୍ଣାମେଣ୍ଟ ସଂଗଠକ ସଭାପତି ଟି.ବାପୁଜୀ ସୁବୁଦ୍ଧି ପ୍ରମୁଖ ମଞ୍ଚାସିନ ରହିଥିଲେ। ଅନ୍ତଃରାଜ୍ୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୭ମ ଦିନରେ ପ୍ରଥମ ଇନିଙ୍ଗ୍‌ସରେ ପୁରୀ ଇଲେଭେନ





ଉପସ୍ଥିତ ଅତିଥି

ଅଧିନାୟକ ଭାଗିରଥି ବେହେରା ଟସ୍ ଜିତି ବୋଲିଂର ନିଷ୍ପତ୍ତି ନେଇଥିଲେ। ଛତିଶଗଡ ବେଟିଂ କରି ୧୭. ୧ ଓଭର ସମସ୍ତ ଉଇକେଟ ହରାଇ ୧୦୬ ରନ ସଂଗୃହିତ କରିଥିଲେ। ଦଳ ତରଫରୁ ଆୟୁଷ ସର୍ବାଧିକ ୨୮ ରନ ରନ ସଂଗୃହିତ କରିଥିଲେ। ସେଥିରେ ୩ ଗୋଟି ଚୌକା ୨ ଗୋଟି ୬ କା ଅନ୍ତର୍ଭୁକ୍ତ ଥିଲା। ଜବାବରେ ପୁରୀ ଇଲେଭେନ ୨୧ ଗୋଟି ବଲ ହାଟରେ ରଖି ୪ ଗୋଟି ଉଇକେଟ ବ୍ୟବଧାନରେ ସହଜ ବିଜୟ ହାସଲ କରି ସେମି ଫାଇନାଲରେ ପ୍ରବେଶ କରିଥିଲେ। ମଙ୍ଗଳବାର ଆଇସିସି ଇଛାପୁରମ ସହ ଦ୍ୱିତୀୟ ସେମିଫାଇନାଲ ଖେଳିବେ। ଦଳ ପକ୍ଷରୁ ଅଧିନାୟକ ଭାଗିରଥି ୩ ଗୋଟି ଉଇକେଟ ସହିତ ଅପରାଜିତ ୧୭ ରନ ସଂଗୃହିତ କରି ମେନ ଅଫ ଦି ମେଚ ଘୋଷିତ ହୋଇଥିଲେ। ମେନ ଅଫ ଦି ମେଚ ଟ୍ରଫି ସଂଗଠକ ସଭାପତି ଟି. ବାପୁଜୀ ସୁବୁଦ୍ଧି ପ୍ରଦାନ କରିଥିଲେ।


**ଭାରତୀୟ ରିଜର୍ଭ ବ୍ୟାଙ୍କ**
**ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ, ଭୁବନେଶ୍ୱର - 751001**

**ଟେଣ୍ଡର ବିଜ୍ଞପ୍ତି**

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹19 ଲକ୍ଷ ଟଙ୍କା ଆନୁମାନିକ ମୂଲ୍ୟ ରେ **ନିଜର ମୁଖ୍ୟ କାର୍ଯ୍ୟାଳୟ ପରିସର (ଏମଓପି) ଏବଂ ତିନି (03) ଆବାସିକ କଲୋନୀରେ ପେଷ୍ଟ କଣ୍ଟ୍ରୋଲ ସେବା ପାଇଁ ବିସ୍ତୃତ ବାର୍ଷିକ ରକ୍ଷଣାବେକ୍ଷଣ ସେବା ଚୁକ୍ତିନାମା ପାଇଁ** ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ–ଟେଣ୍ଡର ଆହ୍ୱାନ କରୁଅଛି ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ । MSTC ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଫେବ୍ରୁଆରୀ 02, 2026 ଅପରାହ୍ନ 03:00 ଟା** ଅଟେ ।

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି ।

**କ୍ଷେତ୍ରୀୟ ନିର୍ଦ୍ଦେଶକ**
**ଭୁବନେଶ୍ୱର**


## ପ୍ରଭାକର ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ
# ଗୁମ୍ମା ଭଲିବଲ ଟିମ୍ ବିଜୟୀ



ମ୍ୟାଚ୍ ଉଦ୍‌ଘାଟନରେ ଅତିଥିବୃନ୍ଦ ।

ଦିଗପହଣ୍ଡି,୨୯।୧୨(ଅଶେଷ ନାଥ ମିଶ୍ର) ଦିଗପହଣ୍ଡି ମିନି ଷ୍ଟାଡିୟମରେ ସ୍ୱର୍ଗତ ବି.ପ୍ରଭାକର ରେଡ୍ଡୀ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ସୋମବାର କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଗଜପତି ଜିଲା ଗୁମ୍ମା ଗ୍ରାମର ଭଲିବଲ ଟିମ୍ ପ୍ରତିପକ୍ଷ ପାଣିଗଣ୍ଡା ଗ୍ରାମର ଭଲିବଲ ଟିମ୍‌କୁ ଲଗାତାର ୨ ସେଟ୍‌ରେ ପରାଜିତ କରି ପରବର୍ତ୍ତୀ ମ୍ୟାଚ୍‌କୁ ଉନ୍ନୀତ ହୋଇଛି। ସ୍ଥାନୀୟ ଖେମୁଣ୍ଡି ସ୍ପୋର୍ଟି କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କ୍ରୀଡା ଶିକ୍ଷକ ଅମ୍ବିକା ପ୍ରସାଦ ସେଠୀ, କାଉନସିଲର ଦୀପକ ମିଶ୍ର, ସୁନୀଲ ପଣ୍ଡା, କାଉନସିଲର ପ୍ରତିନିଧି ରଞ୍ଜିତ ବେହେରା, ଇ.ଶଙ୍କର, ସାମାଜିକ କର୍ମୀ ରବୀନ୍ଦ୍ର ମାର୍ଥା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ ଆୟୋଜକ ଅର୍ଦ୍ଧୁ, ଗୋବିନ୍ଦଙ୍କ ସଂଯୋଜନାରେ ଆୟୋଜିତ ମ୍ୟାଚ୍ ଉଦଘାଟନୀ କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ସଭାପତି ଶିବଶଙ୍କର ମହାକୁଡ, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଏ.ସାକିଲି, ବାରିକ ବେହେରା, ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଗୋବିନ୍ଦ ନାୟକ ରେଫେରି ଭାବେ ମ୍ୟାଚ ପରିଚାଳନା କରିଥିବା ବେଳେ ପାଣିଗଣ୍ଡା ଭଲିବଲ ଟିମ୍‌ର ଜିମି ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ଖେମୁଣ୍ଡି ସ୍ପୋର୍ଟିଙ୍ଗ କ୍ଲବ ସଦସ୍ୟ ସନାତନ ରେଡ୍ଡୀ, ବୈକୁଣ୍ଠ ନାଥ ସ୍ୱାଇଁଙ୍କ ସମେତ ସଭ୍ୟ ବୃନ୍ଦ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ମଞ୍ଚାସୀନ ଅଧିକାରୀମାନେ ।

ଆସିକା, ୨୯।୧୨ (ସୁରେନ୍ଦ୍ର ନାଥ ସାହୁ) ଆସିକା ବ୍ଲକ୍‌ର କମାଗଡ ପଞ୍ଚାୟତରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆସିକା ତହସିଲଦାର ସଙ୍ଗୀତା ସେନ୍, ଏବିଡିଓ ସୁଶାନ୍ତ କୁମାର ବେହେରା, ଜିପିଡିଓ ରାଜଶ୍ରୀ ସାହୁ, ଯୋଗାଣ ଅଧିକାରୀ ଶର୍ମିଷ୍ଠା ଦଳବେହେରା, ସରପଞ୍ଚ ରିଙ୍କି ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏତଦ୍‌ଅବସରରେ ଏହି ପଞ୍ଚାୟତର ବିଭିନ୍ନ ଗ୍ରାମରୁ ସମୁଦାୟ ୩୧ଟି ଅଭିଯୋଗ ଦାଖଲ କରାଯାଇଥିଲା। ଏଥି ମଧ୍ୟରେ ଖାଉଟି କାର୍ଡ, ମଧୁବାବୁ ପେନଶନ୍, ସୁଭଦ୍ରା ଯୋଜନା ସହାୟତା, ରାଜସ୍ୱ ବିଭାଗୀୟ ଓ ଉନ୍ନୟନ ମୂଳକ କାର୍ଯ୍ୟ ରହିଥିବା ଜଣାପଡିଛି।


**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Lifeline of Odisha
ଉପ ମହାପ୍ରବନ୍ଧକ(ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ, ବଲାଙ୍ଗୀର

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୧୩୨/୩୩ କେ.ଭି. ଗ୍ରୀଡ୍ ସବ୍ ଷ୍ଟେସନ ସୋନପୁର ଠାରୁ ୧୩୨/୨୫ କେ. ଭି. ରେଲୱେ ଗ୍ରୀଡ୍ ସବ୍ ଷ୍ଟେସନ ସୋନପୁର କୁ ସଂଯୋଗ କରୁଥିବା ୧୩୨ କେ. ଭି. ଆର୍.ଟି.ଏସ୍.ଏସ୍. ସୋନପୁର ଲାଇନର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି । ଉକ୍ତ ଲାଇନଟି ସୁବର୍ଣ୍ଣପୁର ଜିଲ୍ଲାର ଧୋବାବାହାଲୀ,ସିଂଘାରି, ସାଂଝିଙ୍କି, ଡୁଙ୍ଗୁରିପାଲି, କାନମୁରା ଗ୍ରାମ ଏବଂ ସୋନପୁର ସହରକୁ ଲାଗିଥିବା ଛଅନଡୁଙ୍ଗ୍ରି ସଂରକ୍ଷିତ ଜଙ୍ଗଲ ଦେଇ ଯାଉଅଛି । ଏହି ଲାଇନ୍‌ଟି ଆସନ୍ତା ତା. ୩୦.୧୨.୨୦୨୫ ରିଖ ପରଠାରୁ ଯେ କୌଣସି ମୁହୂର୍ତ୍ତରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ।

ଏହି ବିଜ୍ଞାପନ ଜରିଆରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ପ୍ରଚଳିତ ଭାରତୀୟ ନିୟାମକ ୧୯୫୯ ଧାରା ୭୯,୮୦ ଓ ୮୨(କ) ଅନୁଯାୟୀ ବିନା ଅନୁମତିରେ ବିଦ୍ୟୁତ ଲାଇନ ତଳେ ଘର ତୋଳିବା, ଗଛ ଲଗାଇବା, ବିଦ୍ୟୁତ ଟାୱାରରେ ଚଢିବା, ଗୃହପାଳିତ ପଶୁ ବାନ୍ଧିବା, କୌଣସି ଲୁହା ଛଡ ବା ଲୁହା ପାଇପ ବା କଞ୍ଚା ବାଉଁଶ ଇତ୍ୟାଦି ନେବା ଆଣିବା କରିବା ନିଷେଧ ଅଟେ । ଏହା ଦ୍ୱାରା ଧନ ଜୀବନ ହାନିର ଆଶଙ୍କା ରହିଛି । ଏହି ଅତ୍ୟୁଚ୍ଚ ବିଦ୍ୟୁତ ଲାଇନ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ।

ଉପରଲିଖିତ ନିୟମମାନ ଉଲ୍ଲଂଘନ କରିବା ଆଇନ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ । ଏଣୁ ସର୍ବସାଧାରଣଙ୍କୁ ନିଜ ଧନ ଜୀବନର ନିରାପତ୍ତା ଦୃଷ୍ଟିରୁ ସତର୍କ ରହି ସାଧାରଣ ନିୟମ ପାଳନ କରିବାକୁ ଅନୁରୋଧ।

ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ,ବଲାଙ୍ଗୀର

FIPR-73/2025-26

/optcl.odisha /optcl_odisha



**Summon for settlement of issues**
**(Order 5, Rule 20 CPC)**
**In the Court of Civil Judge (Senior Division) (Commercial Court), Rourkela**
**C.S. No. 117 of 2018**

**Odisha Grameen Bank** .....Plaintiff
**Versus**
**Saroj Kanta Malik & others** .....Defendants

**To,**

1. **Saroj Kanta Malik,** aged about 46 years, son of Narayan Chandra Malik, Occupation- SAIL, RSP employee as Tech. cum Optr. Personal No. 970572, permanent resident At- Kalamada, P.O- Bhuinpur, PIN-754292, Dist.- Kendrapara, at present resident of Qrs. No.- B/71, Sector-7, Rourkela-769003, P.S- Sector-7, District- Sundargarh, PAN- AHLPM0741Q.
2. **Sri Manoj Kumar Pattnaik,** aged about 49 years, son of Bhaskar Chandra Pattnaik, resident of Qr. No. C/261, Sector-16, Rourkela-5, P.S- Sector-15, District- Sundargarh, Odisha, Occupation- Service in SAIL Personal No. 960535.
3. **Sri Sankarshan Behera,** aged about 48 years, son of Ballav Charan Behera, Occupation- Service in SAIL, resident of G/419, Sector-6, Rourkela-769002, P.S- Sector-7, District- Sundargarh, Odisha.

Whereas, Utkal Grameen Bank, Koelnagar Branch (Now Odisha Grameen Bank), At- Koelnagar, Rourkela-14, P.S- Jhirpani, District- Sundargarh, has instituted a suit against you for **Rs.8,56,153.00** (Rupees eight lakh fifty six thousand one hundred fifty three) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall accompanied by some person able to answer all such questions, on the **08th day of January, 2026** at **10:30** O'clock in the forenoon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **08th day of December of 2025.**

Sd/-
**Civil Judge (Senior Division)**
**(Commercial Court), Rourkela**



**कार्यपालक अभियंता का कार्यालय**
**राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा**

–: अल्पकालीन ई–निविदा आमंत्रण सूचना :–
ई–निविदा सूचना संख्या–**EE/NREP/CHAIBASA/04(2nd Call)/2024-25**

| क्र० सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि | अभ्युक्ति |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | मनोहरपुर | चिड़िया पंचायत के अंकुवा मुख्य सड़क नजदीकि जी०ई०एल० चर्च से कैम्प बस्ती होते हुए बुधराम बोयपाई घर होते हुए अनिल जामुदा घर होते हुए जोड़ा पेड़ तक पी०सी०सी० पथ निर्माण। | 10985000 | 220000 | 10000 | 06 माह | DMFT |

1. जिला का वेबसाईट में निविदा प्रकाशन की तिथि–**02/01/2026**
2. ई–निविदा प्राप्ति की तिथि एवं समय–दिनांक **02/01/2026** से **09/01/2026** तक समय अपराह्न 5:00 बजे तक
3. ई–निविदा खोलने का स्थान–कार्यपालक अभियंता का कार्यालय, राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा।
4. ई–निविदा खोलने की तिथि एवं समय –**10/01/2026** अपराह्न **05:00** बजे।
5. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा।
6. ई–निविदा प्रकोष्ठ का दूरभाष सं० –**7091319073**(संबंधित कार्यपालक अभियंता का दूरभाष नम्बर)
7. परिमाण विपत्र की राशि घट–बढ़ सकती है, तद्नुसार अग्रधन की राशि देय होगी।
8. सरकार के संयुक्त सचिव ग्रामीण कार्य विभाग झारखण्ड सरकार राँची के पत्रांक 02(नि०नि०–17)–251/23 ग्रामीण कार्य विभाग 3130(अनु०), राँची, दिनांक 09.10.2023 द्वारा दिये गये निदेश के अनुपालन में **सभी कागजात के साथ, निविदा शुल्क एवं अग्रधन की राशि Online Mode द्वारा स्वीकार्य होगी।**
9. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
10. ग्रामीण विकास विभाग (ग्रामीण कार्य मामले) झारखण्ड एवं पथ निर्माण विभाग, के अन्तर्गत पंजीकृत समुचित श्रेणी के संवेदक भाग ले सकेगें ।
11. जिला दण्डाधिकारी–सह–उपायुक्त, पश्चिमी सिंहभूम, चाईबासा के पत्रांक 1679 दिनांक 23.12.2022 के आलोक में निविदा डालते समय चाईबासा जिला अन्तर्गत किसी भी प्रमण्डल/विभाग द्वारा आवंटित कार्य एकरारित अवधि बीत जाने के बाद लंबित नहीं होने संबंधित भापथ पत्र देना होगा। कार्य लंबित पाये जाने पर उनका निविदा स्वतः रद्ध माना जायेगा।
12. निविदा खोलने की तिथि से 05 (पाँच) दिनों के अंदर निविदादाता द्वारा अपनी आपत्ति/दावा दर्ज करायें अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
13. **विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।**

कार्यपालक अभियंता
राष्ट्रीय ग्रामीण नियोजन कार्यक्रम पश्चिमी सिंहभूम, चाईबासा।

**PR.NO.369635 West Singhbhum(25-26):D**



**कार्यालय**
**कार्यपालक अभियंता का कार्यालय, लघु सिंचाई प्रमण्डल,चाईबासा।**

**अल्पकालीन ई०–निविदा आमंत्रण सूचना**
**संख्या–WRD/MID/CHAIBASA/ SBD-03/2025-26(DMFT)(2nd Call)**

**1. कार्य का नाम :–**

| ग्रुप संख्या | योजना का नाम | जिला | प्रखण्ड | प्राक्कलित राशि (लाख में) | परिमाण विपत्र का मूल्य (रूपये में) | अग्रधन की राशि (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | पदमपुर पंचायत के ग्राम कोटुवां में चेकडैम निर्माण। | पश्चिमी सिंहभूम। | चक्रधरपुर | 256.519 | 10,000.00 | 257000.00 | 11 माह |
| 2. | नकटी पंचायत के ग्राम बारंगासाई में पी०सी०सी० पथ निर्माण। | पश्चिमी सिंहभूम। | बन्दगांव | 309.548 | 10,000.00 | 310000.00 | 11 माह |

नोट :– केवल ई०–निविदा(**Online Mode**) ही स्वीकार होगा।

2. विस्तृत जानकारी के लिए वेबसाईट **WWW.jharkhandtenders.gov.in** पर देखें।
3. बेवसाईट पर निविदा प्रकाशन की तिथि एवं समय :– 10.01.2026 के 11:00 बजे पूर्वाह्न् से।
4. ई०–निविदा में भाग लेने की अंतिम तिथि एवं समय :– 16.01.2026 अपराह्न 05:00 बजे तक।
5. ई०–निविदा खोलने की तिथि एवं समय :– 17.01.2026 को 05:00 बजे अपराह्न ।
6. परिमाण विपत्र का मूल्य एवं अग्रधन की राशि सूचना प्रौद्योगिकी एवं ई–गवर्नेंस विभाग झारखण्ड मंत्रालय, धुर्वा, राँची के आदेश सह ज्ञापांक 120, दिनांक 03.10.2023 के अनुरूप (**Online**) प्राप्त की जायेगी।
7. निविदा आमंत्रित करनेवाले पदाधिकारी का नाम, पता , दूरभाष सं0 एवं ई0मेल आई डी0– कार्यपालक अभियंता , लघु सिंचाई प्रमण्डल, चाईबासा/**9471742851** ई0मेल – eemidchaibasa@gmail.com, eemidchai-cemr-jhr@nic.in
8. निविदा के **B.O.Q** की राशि घट–बढ़ सकती है तदानुसार **B.O.Q** के मूल्य एवं अग्रधन की राशि में बदलाव होगा ।
9. प्राक्कलित राशि का 10 प्रतिशत से अधीक के दर से निविदित (**Quoted rate is more than 10% below the schedule rate**) के परिपेक्ष में पथ निर्माण विभाग झारखण्ड रॉची के पत्रांक 2146(S) दिनांक 09.09.2020 के शर्तावली के अनुसार अतिरिक्त जमानत की राशि एकरारनामा करने के समय जमा करना अनिवार्य होगा ।
10. निविदा निष्पादन **Duuble Bid Envelope** पद्धति से किया जाएगा **Technical Bid** में सफल निविदादाता का ही **Financial Bid** खोला जाएगा। उपायुक्त, पश्चिमी सिंहभूम का पत्रांक 1679, दिनांक 23.12.2022 के आलोक में निविदा डालने के समय चाईबासा जिलान्तर्गत किसी भी प्रमण्डल/विभाग द्वारा आवंटित कार्य एकरारित अवधि बीत जाने के बाद लंबित नही होने संबंधी शपथ–पत्र **Affidavit** देना होगा। निविदा के एक **NIT** में एक निबंधन पर दो से अधिक कार्य आवंटित नहीं किया जाएगा। वैसे संवेदक जो एकरारनामा में अंकित कार्य पूर्ण करने की तिथि तक योजनाओं का कार्य अधूरा रखे हुए हैं। उन्हें जिला अन्तर्गत चलने वाली किसी भी योजना में तब तक कार्य आबंटित नहीं किया जाएगा जब तक अपने पूर्व के कार्य को समाप्त न कर दें। जिला अन्तर्गत किसी भी विभाग का कार्य लम्बित होने की सूचना यदि इस कार्यालय को प्राप्त होती है तो संबंधित संवेदक को कार्य आवंटित नहीं किया जाएगा।
11- **Technical Bid** में **Qualify** करने वाले संवेदकों/फर्म का ही **Financial Bid** खोला जाएगा।
12. निविदा शुल्क एवं अग्रधन की राशि का ई०–भुगतान सम्वेदक द्वारा जिस बैंक खाता से किया जाएगा। उसी खाते में अग्रधन की राशि वापस होगी। अगर बैंक खाता को बन्द कर दिया जाता है तो उसकी सारी जवाबदेही सम्वेदक की होगी।
13. निविदा खोलने के की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति/दावा मान्य नहीं होगा।
14. बिना कारण बताये किसी भी समय निविदा को रद्द करने का अधिकारी अधोहस्ताक्षरी को सुरक्षित रहेगा।

ह०/–
कार्यपालक अभियंता
लघु सिंचाई प्रमण्डल, चाईबासा।

PR 369632 (West Singhbhum) 25-26 (D)



# ଶିକ୍ଷାନୁଷ୍ଠାନରେ 'ଶକ୍ତିଶ୍ରୀ'

## ବିଦ୍ୟାଳୟରେ ଖୋଲିଲା ଶିଶୁବାଟିକା



## ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି

## ନବମ, ଦଶମ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ

## ପରୀକ୍ଷା ଅନିୟମିତତା

ସରିଆସିଲାଣି ବର୍ଷ ୨୦୨୫ । ଦିନକ ପରେ ପାଦ ଥାପିବ ନୂଆ ଗ୍ରେଗୋରିଆନ୍ କ୍ୟାଲେଣ୍ଡର ୨୦୨୬। ବିଦାୟୀ ବର୍ଷରେ ରାଜ୍ୟରେ ଏମିତି ଅନେକ କିଛି ଘଟଣା ଘଟିଛି, ଯାହାକି ସବୁଦିନ ପାଇଁ ଜନମାନସରେ ଅଭୁଲା ସ୍ମୃତି ହୋଇ ରହିଯିବ। ଭାଇଚାରା ସହର କଟକରେ ଦଙ୍ଗା ଭଳି ସ୍ଥିତି ଉପୁଜିବାଠୁ ଆରମ୍ଭ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ବିଧାନସଭା ଅଧିବେଶନରେ ଗୁରୁ ସଦସ୍ୟଙ୍କ ଉଦ୍ଦେଶ୍ୟରେ ପ୍ରେରଣାଦାୟୀ ଅଭିଭାଷଣ, ନୂଆ ମୁଖ୍ୟ ବିଚାରପତିଙ୍କ ଶପଥ, ଦୀଘା ଜଗନ୍ନାଥ ମନ୍ଦିର ବିବାଦ, ରାଜନୈତିକ ହାଇଡ୍ରାମା, ଅପରାଧ, ପରୀକ୍ଷା ଜେଲେଙ୍କାରୀ ଏବଂ ପାକିସ୍ତାନ ପାଇଁ ଗୁପ୍ତଚରଗିରି ଲିଙ୍କରେ ଓଡ଼ିଆ ଯୁବତୀଙ୍କ ସମ୍ପୃକ୍ତି ଅଭିଯୋଗ ଆଦି ଅନେକ ଘଟଣା ସାଧାରଣରେ ଆଲୋଚନାର ବିଷୟ ପାଲଟିଥିଲା।

## ନୂଆ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ



# କଟକରେ ଦଙ୍ଗା

## ୩୬ ଘଣ୍ଟା କର୍ଫ୍ୟୁ







## ପାକିସ୍ତାନ ପାଇଁ ଗୁପ୍ତଚରଗିରି

### ଜ୍ୟୋତି-ପ୍ରିୟଙ୍କା ଲିଙ୍କ୍



ପାକିସ୍ତାନ ପାଇଁ ଗୁପ୍ତଚରୀ କରୁଥିବା ହରିୟାଣା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସହ ପୁରୀ ଝିଅ ତଥା ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କ ଲିଙ୍କ୍ ଘଟଣା ଚର୍ଚ୍ଚାକୁ ଆସିଥିଲା। ଜ୍ୟୋତିଙ୍କ ସହ ପ୍ରିୟଙ୍କା ପାକିସ୍ତାନକୁ ବୁଲିବାକୁ ଯାଇଥିଲେ ବୋଲି ଜଣାପଡ଼ିବା ପରେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ସହ ପ୍ରିୟଙ୍କାଙ୍କ ଲିଙ୍କ୍ ନେଇ ଖୋଳତାଡ଼ ଆରମ୍ଭ ହୋଇଥିଲା। ଏପରିକି ୨୦୨୪ ସେପ୍ଟେମ୍ବର ୨୧ରେ ଜ୍ୟୋତି ପୁରୀ ଆସିଥିବାବେଳେ ପ୍ରିୟଙ୍କାଙ୍କ ସହ କେଉଁ ସବୁ ସ୍ଥାନକୁ ବୁଲିଯାଇଥିଲେ, କ'ଣ କରିଥିଲେ, ଜ୍ୟୋତି କେଉଁ ହୋଟେଲରେ ରହିଥିଲେ ଓ ତାଙ୍କ ସହିତ ଆଉ କିଏ ଥିଲେ, ତାଙ୍କ ପାଇଁ କିଏ ରୁମ୍ ବୁକ୍ କରିଥିଲେ ଏବଂ ଶ୍ରୀମନ୍ଦିର ଉପରେ ଜ୍ୟୋତି ଡ୍ରୋନ୍ ଉଡ଼ାଇବା ଘଟଣାରେ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ସେ ନେଇ ତଦନ୍ତ ହୋଇଥିଲା। ତେବେ ଏଭଳି ଅଭିଯୋଗକୁ ପ୍ରିୟଙ୍କା ଖଣ୍ଡନ କରିଥିଲେ।

## ମୁଣ୍ଡବିହୀନ ମୃତଦେହ ଅଶାନ୍ତ ମାଲକାନଗିରି

ଡିସେମ୍ବର ୪ ତାରିଖରେ ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ପୋଟେରୁ ନଦୀ ନିକଟରୁ ଜଣେ ଆଦିବାସୀ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ ଘଟଣାକୁ ନେଇ ସମଗ୍ର ଜିଲା ଅଶାନ୍ତ ହୋଇପଡ଼ିଥିଲା। କଟାମୁଣ୍ଡକୁ ଯଥାଶୀଘ୍ର ଉଦ୍ଧାରକରି ପରିବାର ଲୋକଙ୍କୁ ହସ୍ତାନ୍ତର ଦାବିରେ ହଜାର ହଜାର ଆଦିବାସୀ ଏକଜୁଟ ହୋଇ ଏମ୍ଭି-୨୬ ଗାଁକୁ ସମ୍ପୂର୍ଣ୍ଣ ଜାଳିଦେଇଥିଲେ। ହିଂସା ବ୍ୟାପିବା ଆଶଙ୍କାରେ ସମଗ୍ର ଜିଲାରେ ୪ଦିନ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଡିଜିଙ୍କଠାରୁ ଆରମ୍ଭକରି ସମଗ୍ର ଜିଲା ପ୍ରଶାସନ ସେଠାରେ ଡେରା ପକାଇଥିଲେ। ଘଟଣାର ୬ ଦିନ ପରେ ଡିସେମ୍ବର ୧୦ ତାରିଖ ସକାଳେ ପୋଟେରୁ ନଦୀର ନାମକୋଣ୍ଡା ଘାଟରୁ ମହିଳାଙ୍କ କଟାମୁଣ୍ଡକୁ ଉଦ୍ଧାର କରାଯାଇଥିଲା। ଏହାର ଦିନକ ପରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମାଲକାନଗିରିରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଶାନ୍ତି କମିଟି ବୈଠକରେ ଆଦିବାସୀ ମହାସଂଘ ଏବଂ ବଙ୍ଗାଳୀ ସମାଜ ନେତୃବୃନ୍ଦଙ୍କ ସହ ଆଲୋଚନା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ବିଧାନସଭା ଶୂନ୍ୟକାଳରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ପ୍ରସଙ୍ଗ ଉଠାଇବା ସହ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଯାତ୍ରାରେ ଯାତରା

### ମାଡ଼, ଟଙ୍କା, ସମ୍ପର୍କ



ଜଲିଉଡ୍ ପାଇଁ ୨୦୨୫ ଥିଲା ଚର୍ଚ୍ଚିତ ବର୍ଷ। ମାଲିକଙ୍କ ମାଡ଼, କଳାକାରଙ୍କ ଟଙ୍କା ଓ ମାଲିକ-ହିରୋଇନ୍ଙ୍କ ସମ୍ପର୍କକୁ ନେଇ ବିବାଦ ଲାଗି ରହିଥିଲା। ଚର୍ଚ୍ଚିତ କଳାକାର ପୀୟୁଷ ତ୍ରିପାଠୀ ୨ ଯାତ୍ରା ପାର୍ଟି 'ସୂର୍ଯ୍ୟମନ୍ଦିର' ଓ 'ସିଂହବାହିନୀ' ମାଲିକଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ନେବା ପରେ ବିବାଦକୁ ଆସିଥିଲେ। ତୁଳସୀ ଗଣନାଟ୍ୟ ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁ ବାବୁଙ୍କ ସହ ହିରୋଇନ ସୋନାଲିଙ୍କ ସମ୍ପର୍କକୁ ନେଇ ସ୍ୱାମୀ ଶ୍ରୀକ୍ଷେତ୍ର ସାମନ୍ତସିଂହାର ସଙ୍ଗିନ ଅଭିଯୋଗ ଆଣିଥିଲେ। ସେହିପରି ନାଣ୍ଟୁ ବାବୁଙ୍କ ବିରୋଧରେ କମେଡିଆନ ନରିପଣ୍ଡା, ଅଭିନେତ୍ରୀ ମାମୁନି ଷଡ଼ଙ୍ଗୀଙ୍କ ମାଡ଼ ଓ ନିର୍ଯ୍ୟାତନା ଅଭିଯୋଗ ଚର୍ଚ୍ଚାକୁ ଆସିଥିଲା। ଏଭଳି ବିଭିନ୍ନ ଘଟଣାକୁ ନେଇ ଯାତ୍ରା ମାଲିକ ସଂଘ ଓ କଳାକାର ସଂଘ ମୁହାଁମୁହିଁ ହେବା ସହ ବହୁ କଳାକାର ଯାତ୍ରା ପାର୍ଟି ଛାଡ଼ିବା ଓ କେତେଜଣଙ୍କୁ ମାଲିକ ବିଦା କରିବାକୁ ନେଇ ଯାତ୍ରାରେ ଯାତରା ହେଉଥିବା ଲୋକେ କହିଥିଲେ।

## ଶପଥ ନେଲେ ବିଚାରପତି ମାନସ ରଞ୍ଜନ ପାଠକ

ଗୁଆହାଟୀ ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇ ଆସିଥିବା ବିଚାରପତି ମାନସ ରଞ୍ଜନ ପାଠକ ଜୁଲାଇ ୨୧ରେ ଶପଥଗ୍ରହଣ କରିଥିଲେ। ରାଷ୍ଟ୍ରପତି ଭବନରୁ ଆସିଥିବା ବିଚାରପତି ପାଠକଙ୍କ ବଦଳି ସମ୍ପର୍କିତ ପତ୍ର ପ୍ରଥମେ ପାଠ କରାଯିବା ପରେ ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ ବିଚାରପତି ପାଠକଙ୍କୁ ଶପଥପାଠ କରାଇଥିଲେ।



## ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦଙ୍କ ଶପଥ ଗ୍ରହଣ

ମେ' ୧୨ତାରିଖରେ ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଶପଥ ଗ୍ରହଣ କରିଥିଲେ। ହାଇକୋର୍ଟର ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ବିଚାରପତି ଦୀକ୍ଷିତଙ୍କୁ ଶପଥ ପାଠ କରାଇଥିଲେ। ରାଜ୍ୟ ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମୁଖ୍ୟ ବିଚାରପତିଙ୍କ ଅନୁମତି ପାଇବା ପରେ ବିଚାରପତି ଦୀକ୍ଷିତଙ୍କ ନିଯୁକ୍ତି ସଂକ୍ରାନ୍ତୀୟ ୱାରେଣ୍ଟ ପାଠ କରିଥିଲେ। ବିଚାରପତି ଦୀକ୍ଷିତଙ୍କ ଶପଥ ଗ୍ରହଣ ପରେ ହାଇକୋର୍ଟରେ ମୋଟ ବିଚାରପତିଙ୍କ ସଂଖ୍ୟା ୧୯ ହୋଇଛି।



## ଭୁବନେଶ୍ୱରରେ ୨ ସେମିକଣ୍ଡକ୍ଟର ପ୍ରକଳ୍ପକୁ ମଞ୍ଜୁରୀ

ଓଡ଼ିଶାରେ ୨ଟି ସେମିକଣ୍ଡକ୍ଟର ପ୍ରକଳ୍ପ ନିର୍ମାଣକୁ ଅଗଷ୍ଟ ୧୨ରେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଥିଲା। ଏହାପରେ ଓଡ଼ିଶା ସରକାରଙ୍କ ସଂଶୋଧିତ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ ଏବଂ ଫାବଲେସ୍ ପଲିସି-୨୦୨୩କୁ ରାଜ୍ୟ କ୍ୟାବିନେଟ୍ ଜୁଲାଇ ୧୬ରେ ଅନୁମୋଦନ ଦେଇଛି। ଏହାଦ୍ୱାରା ରାଜ୍ୟରେ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ନୂତନ ସମ୍ଭାବନା ଦେଖାଦେଇଛି। ତେବେ କେନ୍ଦ୍ରର ଏହି ୨ଟି ସେମିକଣ୍ଡକ୍ଟର ପ୍ରକଳ୍ପ ଅନୁମୋଦନ ଦ୍ୱାରା ରାଜ୍ୟର ଶିଳ୍ପ ଓ ପ୍ରଯୁକ୍ତିଗତ ଅଗ୍ରଗତିରେ ଏକ ବଡ଼ ମାଇଲଖୁଣ୍ଟ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ।

## ବିଏମ୍‌ସି ଅତିରିକ୍ତ କମିଶନରଙ୍କୁ ମାଡ଼, ଜଗନ୍ନାଥ ଗିରଫ

ଜୁନ୍ ୩୦ରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ମୁଖ୍ୟାଳୟରେ ଅଭିଯୋଗ ଶୁଣାଣିବେଳେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କୁ ମାଡ଼ ଘଟଣାକୁ ନେଇ ବିବାଦ ଓ ଚର୍ଚ୍ଚା ଲାଗି ରହିଥିଲା। ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ଇଙ୍ଗିତରେ କର୍ପୋରେଟର ଜୀବନ ରାଉତ ଏବଂ ତାଙ୍କ ସହଯୋଗୀମାନେ ଅଧିକାରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ବିଏମ୍‌ସି କର୍ମଚାରୀଙ୍କ ସହ ରାଜ୍ୟ ଓଏଏସ୍ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ପୂର୍ବରୁ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲାବେଳେ ଜୁଲାଇ ୩ ରାତିରେ ଜଗନ୍ନାଥ ଖାରବେଳନଗର ଥାନା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ଜାମିନ ନାମଞ୍ଜୁର ପରେ ତାଙ୍କୁ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଥିଲା।



## ବିଧାନସଭାରେ ରାଷ୍ଟ୍ରପତି

ନଭେମ୍ବର ୨୭ରେ ଅନୁଷ୍ଠିତ ଶୀତକାଳୀନ ଅଧିବେଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗଦେଇ ଐତିହାସିକ ଉଦ୍‌ବୋଧନ ଦେଇଥିଲେ। ସେ କହିଥିଲେ, କାଳେ କାଳେ ଶାସନର ଡୋରି ଜନଗଣଙ୍କ ହାତରେ ରହିଛି। ଆପଣମାନେ ଜନଗଣଙ୍କ ପ୍ରତିନିଧି, ସେମାନଙ୍କ ସେବକ। କେତେ ଆଶା, ଭରସା ଓ ବିଶ୍ୱାସ ନେଇ ସେମାନେ ଆପଣଙ୍କ ହାତରେ କ୍ଷମତା ପ୍ରଦାନ କରିଛନ୍ତି। ସେମାନଙ୍କ ଆଶା ପୂରଣ କରିବା, ସ୍ୱପ୍ନ ସାକାର କରିବା ଓ ସର୍ବୋପରି ତାଙ୍କ ମୁହଁରେ ହସ ଫୁଟାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଆପଣମାନେ ଏଭଳି କାର୍ଯ୍ୟ କରିବେ, ଯାହା ସାଧାରଣ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ। ଦେଶର ଦରିଦ୍ରତମ ଲୋକଟିର ହିତ ପାଇଁ କାମ କରିବା ହିଁ ଅନ୍ତ୍ୟୋଦୟର ବାର୍ତ୍ତା ବୋଲି ରାଷ୍ଟ୍ରପତି କହିଥିଲେ।

## 'ଦୀଘା' ଜଗନ୍ନାଥ ଧାମ ନୁହେଁ: ଗଜପତି





ପଶ୍ଚିମବଙ୍ଗର 'ଦୀଘା' ଜଗନ୍ନାଥ ମନ୍ଦିର 'ଜଗନ୍ନାଥ ଧାମ' ନୁହେଁ ବୋଲି ପୁରୀ ଗଜପତି ରାଜା ଦିବ୍ୟସିଂହ ଦେବ ପ୍ରତିକ୍ରିୟା ରଖିଥିଲେ। ପଶ୍ଚିମବଙ୍ଗର ପୂର୍ବ ମେଦିନାପୁରର ଦୀଘାରେ ନବନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିରକୁ ଜଗନ୍ନାଥ ଧାମ ତଥା ଜଗନ୍ନାଥ ଧାମ ସାଂସ୍କୃତିକ କେନ୍ଦ୍ର ନାମରେ ନାମିତ କରାଯାଇଥିବା ନେଇ ବିବାଦ ଉପରେ ଗଜପତି ଏହା କହିଥିଲେ।

## ପୁଣି ମନମୋହନ



୨୦୨୪ ସାଧାରଣ ନିର୍ବାଚନରେ ପ୍ରଥମ ଥର ଲାଗି ଭାଜପା ରାଜ୍ୟରେ ଭାଜପା ଶାସନ କ୍ଷମତାକୁ ଆସିଲା। ସାଧାରଣ ନିର୍ବାଚନ ପୂର୍ବରୁ ଭାଜପା ରାଜ୍ୟ ସଭାପତି ଭାବେ ମନମୋହନ ସାମଲଙ୍କୁ ଦଳର ରାଷ୍ଟ୍ରୀୟ ନେତୃତ୍ୱ ଦାୟିତ୍ୱ ପ୍ରଦାନ କରିଥିଲେ। ତାଙ୍କ ସଭାପତିତ୍ୱରେ ଦଳ କ୍ଷମତାକୁ ଆସିବା ପରେ ଭାଜପାରେ ପୁଣିଥରେ ସଭାପତି ଚୟନ କଥା ଚର୍ଚ୍ଚାକୁ ଆସିଥିଲା। ଶେଷରେ ଦଳର କେନ୍ଦ୍ରୀୟ ନେତୃତ୍ୱ ଜୁଲାଇ ୮ ତାରିଖରେ ନୂଆ ରାଜ୍ୟ ସଭାପତି ଭାବେ ପୁଣିଥରେ ମନମୋହନଙ୍କ ନାଁ ଘୋଷଣା କରିଥିଲେ। ପୂର୍ବରୁ ମନମୋହନ ୧୯୯୯ ନଭେମ୍ବରରୁ ୨୦୦୦ ଅକ୍ଟୋବର, ୨୦୦୦ ଅକ୍ଟୋବରରୁ ୨୦୦୪ ପର୍ଯ୍ୟନ୍ତ ଦଳର ସଭାପତି ଭାବେ ଦାୟିତ୍ୱ ତୁଲାଇଥିଲେ। ଏହାପରେ ସେ ମାର୍ଚ୍ଚ ୨୦୨୩ରୁ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଦଳର ସଭାପତି ହୋଇଥିଲେ।

## ନୂଆପଡ଼ାରେ ଢୋଲକିଆ



ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ନୂଆପଡା ଆସନରେ ନଭେମ୍ବର ୧୧ ତାରିଖରେ ଉପନିର୍ବାଚନ ହୋଇଥିଲା। ଏଥିରେ ସ୍ୱର୍ଗତ ରାଜେନ୍ଦ୍ରଙ୍କ ପୁଅ ଜୟ ଢୋଲକିଆ ବିଜୟୀ ହୋଇଛନ୍ତି। ରାଜେନ୍ଦ୍ର ବିଜେଡି ବିଧାୟକ ଥିବାବେଳେ ତାଙ୍କ ପରିବାର ଉପନିର୍ବାଚନ ପୂର୍ବରୁ ଭାଜପାରେ ଯୋଗଦେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲେ। ଭାଜପା ପ୍ରାର୍ଥୀ ଜୟ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ୮୩ ହଜାର ୭୪୮ ଖଣ୍ଡ ଭୋଟ୍‌ରେ ପରାଜିତ କରିଥିବାବେଳେ ବିଜେଡି ୩ନମ୍ବର ସ୍ଥାନରେ ରହିଥିଲା। ନୂଆପଡ଼ା ବିଧାନସଭା ଆସନ ଦୀର୍ଘବର୍ଷ ଧରି ବିଜେଡି ହାତରେ ଥିବାବେଳେ ତାହା ଏବେ ଭାଜପା ହାତକୁ ଚାଲିଯାଇଛି।

## କଂଗ୍ରେସରୁ ମୋକିମ ବିଦା



ନୂଆପଡ଼ା ଉପନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀଙ୍କ ପରାଜୟ ପାଇଁ ବିଭୀଷଣ ଖୋଜା ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଏହି ସମୟରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ନାଁ ଆସିଥିଲା। ଏହାକୁ ନେଇ ମୋକିମ ଜାତୀୟ ଓ ରାଜ୍ୟ ନେତୃବୃନ୍ଦଙ୍କ ନେତୃତ୍ୱ ଉପରେ ପ୍ରଶ୍ନ ଉଠାଇବା ପରେ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା। ଏ ସଂକ୍ରାନ୍ତରେ ଡିସେମ୍ବର ୧୩ରେ ଭକ୍ତ ବିଧିବଦ୍ଧ ଭାବେ ନିର୍ଦ୍ଦେଶନାମା ଜାରି କରିଥିଲେ।

## ଅନିଶ୍ଚିତତାରେ ବିଧାୟକ, ମନ୍ତ୍ରୀଙ୍କ ଦରମା ବୃଦ୍ଧି ନିଷ୍ପତ୍ତି



ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତ ଶୀତ ଅଧିବେଶନ କାଳରେ ବିଧାୟକ, ମନ୍ତ୍ରୀ, ବାଚସ୍ପତି ଓ ଉପବାଚସ୍ପତିଙ୍କ ଦରମା ବୃଦ୍ଧି ପ୍ରସ୍ତାବ ବିଧାନସଭାରେ ଗୃହୀତ ହୋଇଥିଲା। ମାତ୍ର ରାଜ୍ୟରେ ସାଧାରଣ ଲୋକଙ୍କ ପକ୍ଷରୁ ଏହାକୁ ପ୍ରବଳ ବିରୋଧ କରାଯିବା ପରେ ଏବେ ଏହାର ପୁନର୍ବିଚାର ଲାଗି ଭାଜପା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ତେବେ ଦୀର୍ଘଦିନ ଧରି ବିଧାୟକମାନେ ଦାବିକରି ଆସୁଥିବା ଦରମା ଓ ପୂର୍ବତନ ବିଧାୟକଙ୍କ ପେନ୍‌ସନ ବୃଦ୍ଧି ପ୍ରସ୍ତାବ ଏବେ ଏକପ୍ରକାର ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି।

## ଗୃହରେ କଂଗ୍ରେସ ସଦସ୍ୟଙ୍କ ରାତି ସାରା ହାଇଡ୍ରାମା



ଚଳିତବର୍ଷ ବିଧାନସଭାର ବଜେଟ ଅଧିବେଶନ କାଳରେ କଂଗ୍ରେସ ନାରୀ ନ୍ୟାୟ ପାଇଁ ସ୍ୱର ଉଠାଇ ଗୃହକୁ ହୁଲସ୍ଥୁଲ କରିଥିଲା। ଗୃହରେ ଘଣ୍ଟ, ତୁରୀ, ହୁଇସିଲ ପ୍ରଭୃତି ବଜାଇବା ସାଙ୍ଗକୁ ହାତରେ ପ୍ଲାକାର୍ଡ ଧରି ନାରାବାଜି କରିବା ଯୋଗୁଁ ବାଚସ୍ପତି ସୁରମା ପାଢ଼ୀ ତିନୋଟି ପର୍ଯ୍ୟାୟରେ କଂଗ୍ରେସର ୧୪ଜଣ ସଦସ୍ୟଙ୍କୁ ନିଲମ୍ବନ କରିଥିଲେ। ଏହାକୁ ନେଇ ମାର୍ଚ୍ଚ ୨୬ରେ ବିଧାନସଭାରେ ଏକପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ରାତି ତମାମ ପୋଲିସ ଓ କଂଗ୍ରେସ କର୍ମକର୍ତ୍ତାଙ୍କ ମଧ୍ୟରେ ଠେଲାପେଲା ଓ ଧସ୍ତାଧସ୍ତି ଲାଗି ରହିଥିଲା। ବିଧାନସଭାର ଗୃହ ଭିତରେ ସୁରକ୍ଷା କର୍ମୀମାନେ କଂଗ୍ରେସ ସଦସ୍ୟଙ୍କ ଜିନିଷପତ୍ର ଏବଂ ପୋଷାକ ଚୋରି କରି ନେବା ସହିତ ମାଡ଼ ମାରିଥିବା ସଦସ୍ୟ ତାରାପ୍ରସାଦ ବାହିନୀପତି ଏବଂ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଅଭିଯୋଗ କରିଥିଲେ। ଏହାକୁ ନେଇ ମାର୍ଚ୍ଚ ୨୭ରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ ବେଳେ ପୋଲିସ-କଂଗ୍ରେସ କର୍ମୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜି ଥିଲା।

## ବିଜେଡିରେ ମୁହଁ ଖୋଲିଲେ

ରାଜ୍ୟରେ ୨୪ ବର୍ଷ ଧରି କ୍ଷମତାରେ ରହିଥିଲା ବିଜୁ ଜନତା ଦଳ(ବିଜେଡି)। ସେହି ସମୟରେ ଦଳ ବିରୋଧରେ ରାଜ୍ୟର ପ୍ରାୟ କୌଣସି ନେତା ମୁହଁ ଖୋଲିବାକୁ ସାହାସ ଜୁଟାଇପାରୁ ନ ଥିଲେ। ଦଳ ବିରୋଧରେ ମନ୍ତବ୍ୟ ଦେଲାମାନେ ସଙ୍ଗେସଙ୍ଗେ ଦଳର ସଭାପତି ନବୀନ ପଟ୍ଟନାୟକ କାର୍ଯ୍ୟାନୁଷ୍ଠାନ ନେଇଯାଉଥିଲେ। ହେଲେ ୨୦୨୪ ନିର୍ବାଚନରେ ବିଜେଡି ସରକାରରୁ ଯିବାପରେ ବିଜେଡିର ସେହି ବ୍ୟବସ୍ଥାରେ ଏବେ ଆକାଶପାତାଳ ଫରକ ଦେଖିବାକୁ ମିଳିଛି। ୨୦୨୫ରେ ଦଳର ନେତାମାନେ ମୁହଁ ଖୋଲି ଦଳ ବିରୋଧରେ ବିଭିନ୍ନ ଟିପ୍ପଣୀ ଦେଉଥିବା ଦେଖିବାକୁ ମିଳିଥିଲା। ଯିଏ ଯେତେବେଳେ ପାଇଲେ ଦଳର ବ୍ୟବସ୍ଥା ବିରୋଧରେ ଭୋଜି, ମେଳି କରି ଗଣମାଧ୍ୟମରେ ନିଜର କ୍ଷୋଭ ପ୍ରକାଶ କରିଥିଲେ। ଦଳର କୌଣସି ନେତା ଶଙ୍ଖ ଭବନ ବାହାରେ ବୈଠକ କି ଭୋଜିଭାତ କରିବାକୁ ନବୀନ ବାରଣ କରିଥିଲେ ମଧ୍ୟ ବରିଷ୍ଠ ଏବଂ ଯୁବ ନେତାମାନେ ବାହାରେ ମେଳି କରି ବିଭିନ୍ନ ବୟାନବାଜି କରିଥିବା ଦେଖିବାକୁ ମିଳିଥିଲା।

## ଗଡ଼ିଲା ଡବଲ୍ ଡେକର୍ ବସ୍

ଆମ ବସ୍ ସେବା ପରିଚାଳନା କରୁଥିବା 'କ୍ରୁଟ୍' ପକ୍ଷରୁ ଜାନୁଆରୀ ୮ରେ ଓଡ଼ିଶାରେ ପ୍ରଥମ ଡବଲ ଡେକର୍ ବସ୍ ଗଡ଼ିଥିଲା। ପୂର୍ବଦିନ ଭୁବନେଶ୍ୱର ଗାଡ଼କଣସ୍ଥିତ ଆମ ବସ୍ ଡିପୋଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୫ ଡବଲ୍ ଡେକର ବସ୍ ସମେତ ୪୦ଟି ଇ-ବସ୍‌ର ଶୁଭାରମ୍ଭ କରିଥିଲେ। ପରିବେଶ ଅନୁକୂଳ ଏହି ଡବଲ ଡେକର ବସ୍‌ଗୁଡ଼ିକ ପୁରୀ, ଭୁବନେଶ୍ୱର ଓ ଖୋର୍ଦ୍ଧା ମଧ୍ୟରେ ଚଳାଚଳ କରୁଛି।



## ଆଇନଜୀବୀ ପୀତବାସଙ୍କୁ ଗୁଳି



ବ୍ରହ୍ମପୁରର ଆଇନଜୀବୀ ପୀତବାସ ପଣ୍ଡାଙ୍କୁ ଅକ୍ଟୋବର ୬ କୁମାର ପୂର୍ଣ୍ଣିମା ରାତିରେ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଥିଲା। ଏହା ଥିଲା ଗଞ୍ଜାମ ଜିଲାରେ ଚଳିତ ବର୍ଷର ଚର୍ଚ୍ଚିତ ଅପରାଧ। ପୀତବାସଙ୍କୁ ସୁପାରିକିଲର ଦ୍ୱାରା ହତ୍ୟା କରାଯାଇଥିଲା। ଏଥିପାଇଁ ୫୦ ଲକ୍ଷ ଟଙ୍କାର ଡିଲ୍ ହୋଇଥିଲା। ପୀତବାସ ହତ୍ୟା ଘଟଣାରେ ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ପୂର୍ବତନ ମେୟର ଶିବ ଶଙ୍କର ଦାଶ (ପିଣ୍ଟୁ) ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ପୋଲିସ ସ୍ପଷ୍ଟକରିବା ପରେ ଏହା ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଥିଲା। ରାଜନୈତିକ, ବ୍ୟବସାୟିକ ଓ ବ୍ୟକ୍ତିଗତ ଶତ୍ରୁତାରୁ ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଥିଲା। ଏହି ଘଟଣାରେ ମୋଟ ୧୬ ଜଣ ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଶୁଟରଙ୍କୁ ଆଶ୍ରୟ ଦେଇଥିବା ବିକ୍ରମଙ୍କ ଘନିଷ୍ଠ ବନ୍ଧୁ କୋରାପୁଟ ଜିଲା ଜୟପୁରର ଜଣେ ଫାର୍ମ ହାଉସ୍ ମାଲିକ ଓ ବ୍ରହ୍ମପୁରର ଜଣେ ଘର ମାଲିକ ଅଛନ୍ତି। ଷଡ଼ଯନ୍ତ୍ରକାରୀ ବିକ୍ରମଙ୍କ ସମେତ ୧୫ ଜଣ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପିଣ୍ଟୁଙ୍କୁ ଫୁଲବାଣୀ ଜେଲରେ ରଖାଯାଇଛି।

## ବେଳାଭୂମିରେ ନାବାଳିକାଙ୍କୁ ଗଣବଳାତ୍କାର

ଗୋପାଳପୁର ବେଳାଭୂମିରେ ଜୁନ୍ ୧୫ ତାରିଖ ସନ୍ଧ୍ୟାରେ ଜଣେ ଯୁକ୍ତ ୩ ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷବନ୍ଧୁଙ୍କ ଆଗରେ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାରେ ପୋଲିସ ୬ଜଣ ସାବାଳକଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ବେଳେ ୪ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରିଥିଲା। ଜେଲ୍‌ରେ ଅଭିଯୁକ୍ତମାନଙ୍କ ଟିଆଇ ପରେଡ ହୋଇଥିଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଉକ୍ତ ମାମଲାର ତଦନ୍ତ ଭାର ନେଇଥିଲା। ୪୪ ଦିନରେ କ୍ରାଇମବ୍ରାଞ୍ଚ ପକ୍ଷରୁ କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଥିଲା। ସେଥିରେ ୫ ଜଣ ସାବାଳକ ଓ ୪ ଜଣ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା। ଅନ୍ୟ ଜଣେ ସାବାଳକ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚ ଚାର୍ଜଶିଟ୍‌ରୁ ବାଦ୍ ଦେଇଥିଲା। ଉକ୍ତ ମାମଲାର ବିଚାର ଆରମ୍ଭ ହୋଇଛି।

## ରହସ୍ୟରେ ରହିଗଲା ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁ

ପୁରୀ ଜିଲା ବଳଙ୍ଗା ଅଞ୍ଚଳରେ ଜଣେ ୧୫ବର୍ଷୀୟା ନାବାଳିକା ଜୁଲାଇ ୧୯ରେ ନିଆଁରେ ପୋଡ଼ି ହୋଇଯାଇଥିଲେ। କେହି ଦୁର୍ବୃତ୍ତ ତାଙ୍କୁ କିରୋସିନ ଢାଳି ପୋଡ଼ି ହତ୍ୟା ଉଦ୍ୟମ କରିଥିବା ଚର୍ଚ୍ଚା ହୋଇଥିଲା। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜୁଲାଇ ୨୦ରେ ନାବାଳିକାଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇଥିଲେ ମଧ୍ୟ ତାଙ୍କୁ ବଞ୍ଚାଇ ପାରି ନ ଥିଲେ ଡାକ୍ତର। ଅଗଷ୍ଟ ୨ରେ ତାଙ୍କର ମୃତ୍ୟୁ ଘଟିଥିଲା। ଫକୀରମୋହନ କଲେଜର ୨୦ବର୍ଷୀୟା ଛାତ୍ରୀଙ୍କ ଆତ୍ମାହୁତିର କିଛିଦିନ ପରେ ଘଟିଥିବା ଏହି ଘଟଣାକୁ ନେଇ ରାଜଧାନୀରୁ ଗାଁ ସବୁଠି ମହିଳାଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଥିଲା। ଆନ୍ଦୋଳନ, ବନ୍ଦ ଡାକରା ଓ ରାଜନୈତିକ ବୟାନବାଜି ଭିତରେ ରାଜ୍ୟ ସରକାର ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ କରିଥିଲେ ମଧ୍ୟ ଘଟଣା ପଛର କାରଣ ଏବେ ବି ରହସ୍ୟ ହୋଇ ରହିଯାଇଛି।

## ନ୍ୟାୟ ନିଆଁରେ ଜଳିଗଲେ ସୌମ୍ୟାଶ୍ରୀ



ନ୍ୟାୟ ପାଇଁ ଲଢେଇ କରି ହାରିଗଲେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି। ଚାରିଆଡୁ ନିରାଶ ହୋଇ ଜୁଲାଇ ୧୨ ତାରିଖରେ ନିଜ ଦେହରେ ପେଟ୍ରୋଲ ଢାଳି କ୍ରୋଧାଗ୍ନିରେ ଝାସ ଦେଲେ। ପ୍ରଶାସନଠାରୁ ଆରମ୍ଭ କରି ଶାସନ ବ୍ୟବସ୍ଥା ପର୍ଯ୍ୟନ୍ତ ଦୋହଲାଇ ଦେଇଥିଲା। ମହାବିଦ୍ୟାଳୟର ଶିକ୍ଷକ ଶିକ୍ଷା ବିଭାଗର ଏଚ୍‌ଓଡି ସମୀର ସାହୁଙ୍କ ଦ୍ୱାରା ମାନସିକ ନିର୍ଯ୍ୟାତନାର ଶିକାର ହୋଇ ଏଭଳି ଚରମ ନିଷ୍ପତ୍ତି ନେବା ପରେ ଆରମ୍ଭ ହୋଇଥିଲା ତୁମ୍ବିତୋଫାନ। ଏଚ୍‌ଓଡିଙ୍କ ବିରୋଧରେ ସୌମ୍ୟାଶ୍ରୀ ଅଧ୍ୟକ୍ଷ ଓ ପୋଲିସଙ୍କଠାରେ ଅଭିଯୋଗ କରିଥିଲେ। ଗତ ଜୁଲାଇ ୧୨ତାରିଖ ତଦନ୍ତ କ'ଣ ହେଲା ଏବଂ କାର୍ଯ୍ୟାନୁଷ୍ଠାନ କାହିଁକି ନିଆଯାଇନାହିଁ ବୋଲି ଦାବିକରି ଛାତ୍ରୀଛାତ୍ରଙ୍କ ସହ ସୌମ୍ୟାଶ୍ରୀ କଲେଜ ପରିସରରେ ଧାରଣାରେ ବସିଥିଲେ। ପରେ ଅଧ୍ୟକ୍ଷ ଦିଲୀପ ଘୋଷ ଛାତ୍ରୀଙ୍କୁ ଡାକି ଏକୁଟିଆ କିଛି ସମୟ ଆଲୋଚନା କରିଥିଲେ। ସେଠାରୁ ଫେରି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୌମ୍ୟାଶ୍ରୀ ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଭୁବନେଶ୍ୱର ଏମସ୍‌କୁ ସ୍ଥାନାନ୍ତର କରାଯାଇଥିଲା। ଜୁଲାଇ ୧୪ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

## ବଳାତ୍କାର: ବିଜେଡି ନେତା ଅମରେଶ ଜେନା ଗିରଫ

ଭୁବନେଶ୍ୱର ୪୫ ନମ୍ବର ୱାର୍ଡର ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଇଆଁ ଜଣେ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିବା ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ବାଲେଶ୍ୱର ଜିଲା ବରହମ୍ପୁର ଥାନା ଅନ୍ତର୍ଗତ କଳାକାଦ ଗାଁରେ ଆତ୍ମଗୋପନ କରିଥିବା ଅମରେଶଙ୍କୁ ଜୁଲାଇ ୧୭ରେ ଗିରଫ କରିଥିଲା। ଏଥିସହ ତାଙ୍କୁ ଫେରାର କରାଇବା ଅଭିଯୋଗରେ ୫ଜଣ ସହଯୋଗୀଙ୍କୁ ମଧ୍ୟ ପୋଲିସ ଗିରଫ କରି ଜେଲ ପଠାଇଥିଲା। ଅକ୍ଟୋବର ୨୩ରେ ଅମରେଶ ଜାମିନରେ ମୁକୁଳି ଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଦିଗପହଣ୍ଡି,୨୯।୧୨
(ଅଶେଷ ନାଥ ମିଶ୍ର)

ମାନସିକ ଭାରସାମ୍ୟ ହରାଇ ଜଣେ ଯୁବକ ରବିବାର ସନ୍ଧ୍ୟା ସାଢେ ୭ଟାରେ କୀଟନାଶକ ଖାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ନୂଆମୌଳାଭଞ୍ଜା ଗ୍ରାମର ଟିଟୁ ଦୋରା(୩୪)। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଟିଟୁଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଡାକ୍ତର ପୋଲିସକୁ ସୂଚନା ଦେବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୫୧/୨୫) ରୁଜୁ ହୋଇଥିବା ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର କହିଛନ୍ତି।

### ନ୍ୟାଶନାଲ କବାଡ଼ି ପ୍ରତିଯୋଗିତା, ଶିବପ୍ରସାଦଙ୍କ ରାଇପୁର ଗସ୍ତ

ଗଞ୍ଜାମ,୨୯।୧୨(ବିଦ୍ୟାଧର ସାହୁ)

ଜାନୁଆରୀ ୬ରେ ରାଇପୁର ଭିଲାଇର ରାଜକୁମାର କଲେଜରେ ନ୍ୟାଶନାଲ ଇଭେଣ୍ଟ କବାଡ଼ି ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଗଞ୍ଜାମର ପାଳିବନ୍ଧ ପଞ୍ଚାୟତ ଗୋଖର କୁଦା ଗ୍ରାମର ଶିବପ୍ରସାଦ ଜେନା ସୋମବାର ରାଇପୁର ଗସ୍ତ କରିଛନ୍ତି। ସେଠାରେ ୧ରୁ ୫ତାରିଖ ପର୍ଯ୍ୟନ୍ତ ଅଭ୍ୟାସ କ୍ୟାମ୍ପ ଏବଂ ୬ରୁ ୯ ତାରିଖ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହେବ। ୧୪ ବର୍ଷରୁ କମ୍‌ରେ ଶିବପ୍ରସାଦ ଅଂଶ ଗ୍ରହଣ କରିବେ। ସେଠାରେ ସେ ଉନ୍ନତ ଖେଳ ପ୍ରଦର୍ଶନ କରି ଗୋଲଡ୍ ମେଡାଲ ଜିତିବା ଲକ୍ଷ୍ୟ ରଖିଛନ୍ତି। ଏନେଇ ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ତାଙ୍କୁ ଆଶୀର୍ବାଦ ଦେଇଛନ୍ତି। ଶିବପ୍ରସାଦ ସ୍ଥାନୀୟ ଜୟଶ୍ରୀ କେମିକାଲସ କରମେଟ ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ସେ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିଚାଲିଛନ୍ତି। ଏଥିସହ କେନ୍ଦୁଝରରେ ନିର୍ମିତ କୋଭିଡ ସ୍କୁଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ଭାଗ ନେଇ ସେଠାରେ ମଧ୍ୟ ଗୋଲଡ୍ ମେଡାଲ ଜିତି ରାଜ୍ୟ ପାଇଁ ଗୌରବ ଆଣିବା ସହ ଜାତୀୟ ସ୍ତରରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି।

### ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଉଦ୍ଦେଶ୍ୟରେ ସ୍ମୃତି ସମ୍ମିଳନୀ

ଛତ୍ରପୁର,୨୯।୧୨(ଦିଲ୍ଲୀପ ସାମଲ)–

ଭାରତର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତ ବାର୍ଷିକୀ ଅବସରରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଏକ ସ୍ମୃତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଚିକପଲ୍ଲୀସ୍ଥିତ ଏକ କଲ୍ୟାଣ ମଣ୍ଡପରେ ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଭାଜପା ରାଜ୍ୟ ପରିଷଦ ସଭ୍ୟ ପଦ୍ମ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ ତ୍ରିପାଠୀ, ମୁଖ୍ୟବକ୍ତା ଏନଏସି ପୂର୍ବତନ ଉପାଧ୍ୟକ୍ଷ ବସନ୍ତ ବେହେରା ସମ୍ମାନିତ ଅତିଥି ଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଗଞ୍ଜାମ ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି କୀର୍ତ୍ତନ ଦାସ ଓ ଶ୍ରମିକ ନେତା ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଯୋଗଦେଇଥିଲେ। ତାଙ୍କ ସୁଶାସନ, ଦେଶପାଇଁ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ସମ୍ପର୍କରେ ଅତିଥିମାନେ ମତ ରଖିଥିଲେ। ଏହି ଅବସରରେ ଛତ୍ରପୁର ନିର୍ବାଚନ ମଣ୍ଡଳୀର ବହୁ ବୁଦ୍ଧିଜୀବୀ, କାଉନସିଲର, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଏବଂ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

### ପନ୍ଦରା ସମାଜର ବାର୍ଷିକ ଉତ୍ସବ

ଆସିକା, ୨୯।୧୨ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଖାଲସା ତାଲୁକା ପନ୍ଦରା ସମାଜର ୨୬ତମ ବାର୍ଷିକ ଉତ୍ସବ ରବିବାର ଆସିକା ବ୍ଲକର ସାହାପୁର ଗ୍ରାମରେ ଅନୁଷ୍ଠିତ ହୋଇଛି। ଖାଲସା ତାଲୁକା ସଭାପତି ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ଅମର ବେହେରା, ସଂପାଦକ ଚନ୍ଦ୍ରଶେଖର ବାଡତ୍ୟା, ରାଜେନ୍ଦ୍ର ବାଡତ୍ୟା, ଜିଲ୍ଲା ସମ୍ପାଦକ ପ୍ରମୋଦ ବାଡତ୍ୟା, ଉପଦେଷ୍ଟା ମଣ୍ଡଳି ସଦସ୍ୟ ତ୍ରିଲୋଚନ ବାଡତ୍ୟା, ଉପେନ୍ଦ୍ର ବାଡତ୍ୟା, ଆଠଗଡ ତାଲୁକା ସଭାପତି ରତ୍ନାକର ବାଡତ୍ୟା, ଧରାକୋଟ ତାଲୁକା ସଭାପତି ସୁବାସ ଚନ୍ଦ୍ର ବାଡତ୍ୟା, ଘୁମୁସର ତାଲୁକାର ସମ୍ପାଦକ ବାବୁ ବାଡତ୍ୟା, ମହିଳା ସଂଗଠନ ନେତ୍ରୀ ପ୍ରମିଳା ବାଡତ୍ୟା, ପୁଷ୍ପାଳି ବାଡତ୍ୟା, ସବିତା ବାଡତ୍ୟା ପ୍ରମୁଖ ଯୋଗଦେଇଥିଲେ।

# ସନ୍ଦେହରେ ଚୋର ଭାବି ୪ ଜଣଙ୍କୁ ପୋଲିସ ଜିମା ଦେଲେ ଗ୍ରାମବାସୀ

ଜଗନ୍ନାଥପ୍ରସାଦ,୨୯।୧୨
(ବିଭୁ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଅଲସୁ ଗ୍ରାମରେ ୪ ଜଣଙ୍କୁ ଚୋର ଭାବି ଗାଁ ଲୋକେ ଧରି ପୋଲିସ ଜିମା ଦେଇଛନ୍ତି। ରବିବାର ରାତି ୨.୩୦ରେ ୪ ଅଜଣା ବ୍ୟକ୍ତି ଗ୍ରାମରେ ଦୁଇଟି ବାଇକ୍‌ରେ ଏଣେ ତେଣେ ବୁଲୁଥିବା ଦେଖି ଲୋକମାନେ ତାଙ୍କୁ ଚୋର ବୋଲି ସନ୍ଦେହ କରିଥିଲେ। ପରେ ସମସ୍ତେ ମିଶି ଏହି ଅଚିହ୍ନା ୪ ବ୍ୟକ୍ତିଙ୍କୁ କାବୁ କରି ଗ୍ରାମ ମଝିରେ ଏକ ଖୁଣ୍ଟିରେ ବାନ୍ଧି ଜଗନ୍ନାଥପ୍ରସାଦ ପୋଲିସକୁ ଖବର ଦେଇଥିଲେ। ପୋଲିସ ଅଲସୁ ଗ୍ରାମରେ ପହଞ୍ଚି ୪ ବ୍ୟକ୍ତିଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ପୋଲିସ ସମ୍ପୃକ୍ତ ୪ ବ୍ୟକ୍ତିଙ୍କୁ ଅଟକ ରଖି ୨ଟି ବାଇକ୍ ଜବତ କରି ତଦନ୍ତ ଚଳାଇଛି।

ଖବରରୁ ଜଣାପଡିଛି, ଗତ କିଛି ଦିନ ଧରି ଉକ୍ତ ଅଞ୍ଚଳରେ ମଧ୍ୟରାତ୍ରରେ କିଛି ଚୋର ଗ୍ୟାଙ୍ଗ ଗାଁ ଭିତରେ ପଶି ଚୋରି କରୁଥିବା ଖବର ପାଇ ଗ୍ରାମବାସୀ ପାଇଥିଲେ। ଏଥିଯୋଗୁ ଗ୍ରାମବାସୀ ଭୟଭୀତ ଥିଲେ। ଅଞ୍ଚଳର ନିମ ସାହି, ଖଇର ଝୋଲା ଛକ, ବନ୍ଧ ସାହି, ବଡ ସାହି, ପାଟଣା ସାହିରେ ପାଳି କରି ସାହି ରାସ୍ତାରେ ବାଉଁଶ ପକାଇ ଗ୍ରାମବାସୀ ରାତିତମାମ ଜଗି ରହୁଥିଲେ। ରବିବାର ରାତି ୨.୩୦ରେ ବନ୍ତା ରୋଡ଼ରୁ ଚଢିଆଗଣ୍ଡ ଘାଇ, ଅଲସୁ ଭିତର ଦେଇ ନିମ ସାହି ଭିତରୁ ଏକ କଳା ରଙ୍ଗର ସ୍କର୍ପିଓ ଅସ୍ଥାୟୀ ବାଉଁଶ ବ୍ୟାରିଗେଟ ଭାଙ୍ଗି ଦ୍ରୁତଗତିରେ ବାହାଡ଼ାଝୋଲା ଦିଗରେ ପଳାଇଥିଲା। ପଛରେ ଆସୁଥିବା ଦୁଇ ବାଇକ୍‌କୁ ଏଣେ ତେଣେ ବୁଲୁଥିବା ଦେଖି ସାହି ରାସ୍ତାରେ ପାଳିକରି ଜଗିଥିବା ଗ୍ରାମବାସୀ ଉଭୟ ବାଇକ ଚାଳକଙ୍କୁ ଅଟକାଇ ପଚାରଉଚରା କରି ଏତେ ରାତିରେ ବୁଲୁଥିବର କାରଣ ପଚାରିଥିଲେ। ମାତ୍ର ସେମାନେ କୌଣସି ସନ୍ତୋଷ ଜନକଉତ୍ତର ନ ଦେଇ ଅଧା ହିନ୍ଦୀ ଅଧା ଓଡ଼ିଆରେ ଆମକୁ ଛାଡିଦିଅ ନଚେତ ତୁମ ଗ୍ରାମରେ ବୋମା ଫୁଟାଇ ଦେବୁ କହି ଧମକାଇଥିଲେ। ଏନେଇ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଗ୍ରାମବାସୀ ୪ଜଣଙ୍କୁ ଗୋଟିଏ ଗଛରେ ବାନ୍ଧି ଅଟକ ରଖି ପୋଲିସକୁ ଖବର ଦେଇଥିଲେ।

## ଲଟାବୁଦାରେ ପରିପୂର୍ଣ୍ଣ ରାମଣ୍ଡା ଶ୍ମଶାନ ଘାଟ, ପ୍ରତିକାର ଦାବି



ଲଟାବୁଦାରେ ପରିପୂର୍ଣ୍ଣ ରାମଣ୍ଡା ଶ୍ମଶାନ ଘାଟ ।

ବୁଗୁଡ଼ା,୨୯।୧୨(କାଳିଚରଣ ଦାଶ)

ବୁଗୁଡ଼ା ବ୍ଲକ୍ ଗୋଳାବନ୍ଧ ପଞ୍ଚାୟତ ଅନ୍ତର୍ଗତ ରାମଣ୍ଡା ଗ୍ରାମର ଶ୍ମଶାନ ଘାଟ ସମ୍ପ୍ରତି ଲଟାବୁଦା ଘେରରେ ରହିଛି। ସେହି ଗ୍ରାମର କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ମୃତଦେହକୁ ଦାହ ନିମନ୍ତେ ସେଠାକୁ ପ୍ରଥମେ ଲଟାବୁଦାକୁ ସଫାକରି ବାଟ ବାହାର କରିବାକୁ ପଡୁଛି। ମୃତଦେହ ଦାହ ସ୍ଥଳକୁ ମାଟି କିମ୍ବା କଂକ୍ରିଟ ରାସ୍ତାଟିଏ ନଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଗ୍ରାମବାସୀଙ୍କ ଅଭିଯୋଗ ସତ୍ତ୍ୱେ ନିର୍ବାଚିତ ଜନପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀ କେହିହେଲେ କର୍ଣ୍ଣପାତ କରୁନାହାନ୍ତି। ସେହି ଶ୍ମଶାନ ଘାଟରେ ଜଣେ ବ୍ୟକ୍ତିଙ୍କ ଶବଦାହ ପାଇଁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇ ଲଟାବୁଦା କାଟି ବାଟ ବାହାର କରି ମୃତଦେହ ସତ୍କାର କାର୍ଯ୍ୟ କରୁଥିବା ବେଳେ ପୁଣି କିଛି କାଳ ବ୍ୟବଧାନରେ ଅନ୍ୟ ଏକ ମୃତଦେହ ଦାହ ପାଇଁ ସେଠାକୁ ଗଲାବେଳକୁ ସେହି ଅଞ୍ଚଳ ପୁଣି ଲଟାବୁଦାରେ ପରିପୂର୍ଣ୍ଣ ହୋଇଯାଉଥିବା ଫଳରେ ମୃତଦେହ ସତ୍କାର ପାଇଁ ଯାଇଥିବା ଲୋକେ ସେହି ଏକା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ, ବ୍ଲକ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ପ୍ରତିକାର ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## ମନାଲିରେ ଆନ୍ତ ରାଜ୍ୟ ଦୁଃସାହସିକ କ୍ରୀଡ଼ା ଉଦ୍‌ଯାପିତ

ଫୁଲବାଣୀ, ୨୯।୧୨(ରାକେଶ କୁମାର ରାଉତ)

ହିମାଞ୍ଚଳ ପ୍ରଦେଶ ମନାଲିଠାରେ ଆନ୍ତଃରାଜ୍ୟ ଦୁଃସାହସିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ରାଜ୍ୟ ଦୁଃସାହସିକ ସଂଘ ଫୁଲବାଣୀ ତରଫରରୁ ଏଥିରେ ୬୨ ଜଣ କ୍ରୀଡ଼ାବିତ୍ ଭାଗ ନେଇଥିଲେ। ସେମାନେ ପର୍ବତାରୋହଣ, କମାଣ୍ଡୋ ଅବଷ୍ଟାକଲ୍, ରକ୍ କ୍ଲାଇମ୍ବିଂ, ରେପଲିଂ, ମଙ୍କି କ୍ରାଉଲିଂ, ଜିପ୍‌ଲାଇନ୍ ଆଦିରେ ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ହରିଆନାର ଅବସରପ୍ରାପ୍ତ ସହକାରୀ ସେକ୍ରେଟାରୀ ରାକେଶ ପନୱାର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜାତୀୟ କ୍ରୀଡ଼ାବିତ୍ ରବିନ୍ କୁମାର ରାଜୁ, ନ୍ୟାସ୍‌ନାଲ ଆଡ଼େଭେଞ୍ଚର ଚେୟାରମ୍ୟାନ୍ ଦୀପକ ରଥ ଯୋଗଦାନ କରି ଦୁଃସାହସିକ କ୍ରୀଡ଼ାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ରାଜ୍ୟ ଦୁଃସାହସିକ ସଂଘ କାର୍ଯ୍ୟକ୍ରମ ଅଧିକାରୀ ଅଶ୍ୱିନୀ କୁମାର ମେକପ୍, ପ୍ରଶିକ୍ଷକ ଜ୍ୟୋତି ରଞ୍ଜନ ସାସମଲ, ଟିମ୍ ମ୍ୟାନେଜର୍ ବିପ୍ର ଚରଣ ବେହେରା, ମହମ୍ମଦ ହାଫିସ୍ ଏବଂ କଳ୍ପନା ମହାନ୍ତି କ୍ରୀଡାବିତ୍‌ଙ୍କୁ ସହଯୋଗ କରିଥିଲେ। ସର୍ବ କନିଷ୍ଠ ଦୁଃସାହସିକ କ୍ରୀଡ଼ାବିତ୍ ଭାବେ ବହ୍ମପୁରର ଅର୍ଣ୍ଣେସ୍ ପାଣିଗ୍ରାହୀ, ଫୁଲବାଣୀର ହାୟାତ୍ତୁ ନିଶା ଏବଂ ଜି.ଉଦୟଗିରିର ହରପ୍ରିୟା ବେହେରା ବିବେଚିତ ହୋଇ ସମ୍ମାନିତ ହୋଇଥିଲେ। କନିଷ୍ଠ ବର୍ଗରେ ନୟାଗଡ଼ର ଅଂଶୁମାନ ମିଲ୍ଲିକ, ଫୁଲବାଣୀର ହୁସନାରା ବେଗମ୍, ଜି.ସାଇକିରଣ ରାଓ, ଅମିତ୍ କୁମାର ରଥଏବଂ ଅଭିଲାଷ ମହାନ୍ତି, ମହିଳା ବର୍ଗରେ ବ୍ରହ୍ମପୁରର ଲୋପାମୁଦ୍ରା ପଣ୍ଡା, ନୟାଗଡ଼ର ଜ୍ୟୋସ୍ନାରାଣୀ କହଁର, ଫୁଲବାଣୀର ସୁରଜା ପାଢ଼ୀ, ଚାନ୍ଦିନୀ ରଥ, ଲିଙ୍କୁ ରଥ, ବାଲିଗୁଡ଼ାର ପ୍ରିୟାଂଶି ଚୌଧୁରୀ, ପୁରୁଷ ବର୍ଗରେ ମହମ୍ମଦ ହସରତ୍, ଋତୁରାଜ ପ୍ରଧାନ, ଅନୁରାଲ ମିଶ୍ର, ରାକେଶ ମହାପାତ୍ର, ମନୋଜ ପାତ୍ର, ସୁବ୍ରତ ବେହେରା, ବ୍ରହ୍ମପୁରର ଅର୍ଣ୍ଣବ ପାଣିଗ୍ରାହୀ ଉଚ୍ଚମାନର କ୍ରିଡ଼ା ପ୍ରଦର୍ଶନ କରି ପ୍ରଶଂସିତ ହୋଇଥିଲେ। ମହିଳା ବର୍ଗର କବିତା ପ୍ରଧାନ ଓ ପୁରୁଷ ବର୍ଗରେ ଅବିନାଶ କର୍ଣ୍ଣଙ୍କୁ ବେଷ୍ଟ ଆଡ଼ଭେଞ୍ଚର ଆଥେଲେଟ୍ ଭାବେ ସମ୍ମାନିତ କରାଯାଇଥିଲା।



ଆନ୍ତଃରାଜ୍ୟ ଦୁଃସାହସିକ କ୍ରୀଡ଼ା ପ୍ରତିଯୋଗିତାଭାଗ ନେଇଥିବା ପ୍ରତିଯୋଗି ମାନେ।

## ପ୍ରସନ୍ନ ଦଳାଇଙ୍କୁ ସାରସ୍ୱତ ସମ୍ମାନ

କବିସୂର୍ଯ୍ୟନଗର, ୨୯।୧୨(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ନନ୍ଦିଆଗଡା ଗ୍ରାମର ପ୍ରସନ୍ନ କୁମାର ଦଳାଇଙ୍କୁ ଇଂଲିଶ କବିତା ରଚନା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ସୋମବାର ପୁରୀ ଜିଲା ପାରିକୁଦ ନିକଟସ୍ଥ ନନ୍ଦଜାସ୍ଥିତ ମାନସିଂହ ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ସମ୍ମାନ ୨୦୨୫ ପ୍ରଦାନ କରାଯାଇଛି। ପ୍ରସନ୍ନଙ୍କ ବହୁ ଇଂରାଜୀ କବିତା ଦେଶ, ବିଦେଶରେ ପ୍ରଶଂସା ସାଉଁଟି ସେ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇପାରିଛନ୍ତି। ମାଟି, ମା' ଓ ସମାଜପ୍ରତି ଅଙ୍ଗିକାରବଦ୍ଧତା ତାଙ୍କ କବିତାର ମୁଖ୍ୟ ସ୍ୱର। ସଂସଦର ହୋଇଥିବା ଉତ୍ସବରେ କବି, ସମାଲୋଚକ ଡ. ଦିଲ୍ଲୀପ ସ୍ୱାଇଁ, କଥାକାର ଡ.ଅଜୟ ସ୍ୱାଇଁ, ଗାଳ୍ପିକ ଇଂ. ଅଜୟ ମହାପାତ୍ର, ବରିଷ୍ଠ ସାହିତ୍ୟିକ ଚିତ୍ତରଞ୍ଜନ ପଣ୍ଡା, ଗାଳ୍ପିକ ଡ. ସ୍ମୃତି ପଟ୍ଟନାୟକ,କବି ଡ. ପ୍ରେମାନନ୍ଦ ପଟ୍ଟନାୟକ, କବି ଡ.ପ୍ରେମାନନ୍ଦ ବେହେରା ଅତିଥି ରୂପେ ଉପସ୍ଥିତ ରହି ପ୍ରସନ୍ନଙ୍କୁ ସମ୍ମାନିତ କରିଥିଲେ। ପରିଷଦ ସଭାପତି ବିଷ୍ଣୁପ୍ରସାଦ ଦଳାଇ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଧର ଦଳବେହେରା ଧନ୍ୟବାଦ ଦେଇଥିଲେ।

## ଫୁଲ ତୋଳି ଗଲା ବେଳେ ଘରେ ପଶିଥିଲା ଚୋର

ଭଞ୍ଜନଗର,୨୯।୧୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ବାଇପାସ୍ ରୋଡରେ ରହୁଥିବା ଗିରିଧାରୀ ସ୍ୱାଇଁଙ୍କ ଘରୁ ସୋମବାର ପ୍ରତ୍ୟୁଷରେ ଜଣେ ଦୁର୍ବୃତ୍ତ ପଶି ସୁନା ଅଳଙ୍କାର ଓ ନଗଦ ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିଲେ। ସକାଳେ ଏନେଇ ଘର ଲୋକ ଜାଣିବା ପରେ ସନ୍ଦେହରେ ଦୁର୍ବୃତ୍ତଙ୍କୁ ଖୋଜିଥିଲେ। ପରେ ଅଞ୍ଚଳବାସୀ ଦୁର୍ବୃତ୍ତଙ୍କୁ ଠାବ କରି ନିସ୍ତୁକ ମାଡ଼ ଦେଇ ପୋଲିସ ଜିମା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି ଲୁଟ ଟଙ୍କା ଓ ଅଳଙ୍କାରକୁ ଉଦ୍ଧାର କରି ଅଭିଯୋଗକାରୀଙ୍କୁ ଫେରାଇଛ।

ଖବରରୁ ଜଣାପଡିଛି, ଗିରିଧାରୀଙ୍କ ମା' ସବୁଦିନ ଭଳି ସୋମବାର ଭୋର ପ୍ରାୟ ୩ଟା ରେ ଉଠି ଫୁଲ ତୋଳିବାକୁ ଯାଇଥିଲେ। ଏହି ସମୟରେ ସେ ବାରିପଟ କବାଟ ଖୋଲା ରଖି ଚାଲିଯାଇଥିଲେ। ଘରେ ଶୋଇଥିବା ଲୋକେ ଆଉ ଭିତରପଟୁ କବାଟ ଦେଇ ନ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଜଣଙ୍କ ଘର ଭିତରେ ପଶି ଏକ ବାକ୍ସ ଭିତରେ ଥିବା ଟଙ୍କା ଓ ସୁନା ଅଳଙ୍କାର ଚୋରି କରି ନେଇଯାଇଥିଲେ। ଏହାର କିଛି ସମୟ ପରେ ଘର ଲୋକ ଉଠି ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ପରେ ଖୋଜାଖୋଜି କରି ଗିରିଧାରୀ ଓ ଅନ୍ୟମାନେ ଚୋରକୁ ଧରିଥିଲେ। ନିସ୍ତୁକ ମାଡ଼ ମାରି ଥାନା ଜିମା ଦେଇଥିଲେ। ଏନେଇ ଅଭିଯୋଗକ୍ରମେ ଥାନା ଅଧିକାରୀ ଜୀବନାନନ୍ଦ ଜେନା ଘଟଣାର ତଦନ୍ତ ଆରମ୍ଭ କରି ଲୁଟ ଜିନିଷ ଉଦ୍ଧାର ପରେ ଗିରିଧାରୀଙ୍କ ପରିବାରକୁ ଦେଇଥିଲେ। ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ଜାତୀୟସ୍ତରରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିବେ ଜୟ ଗଣେଶ କଳା ବିକାଶ କେନ୍ଦ୍ରର ଛାତ୍ରୀ



ନୃତ୍ୟ ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରୀମାନେ।

ଛତ୍ରପୁର,୨୯।୧୨ (ଦିଲ୍ଲୀପ ସାମଲ)

ଭାରତ ସରକାର ଅଧୀନସ୍ଥ ସାଂସ୍କୃତିକ ବିକାଶ ପ୍ରତିଷ୍ଠାନ ଏବଂ ସ୍ମୃତି ସାଂସ୍କୃତିକ ସଂଘ ପକ୍ଷରୁ ପୁରୀଠାରେ ଆୟୋଜିତ ଅନ୍ତର୍ଜାତୟ ମେଗା ନୃତ୍ୟ ଏବଂ ସଙ୍ଗୀତ ମୋହତ୍ସବରେ ଛତ୍ରପୁର ଜୟଗଣେଶ କଳା ବିକାଶ କେନ୍ଦ୍ରର ଛାତ୍ରୀ ମାନେ କଳା ପଦର୍ଶନ କରି କୃତିତ୍ୱ ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେତା ହେବା ସହ ଆସନ୍ତା ୩୦ ଜାନୁଆରୀ ୨୦୨୬ରେ କୋଲକାତାର ସତ୍ୟଜିତ୍ ରାୟ ଅଡିଟୋରିୟମରେ ହେବାକୁଥିବା ଜାତୀୟସ୍ତରୀୟ ପ୍ରତିଯୋଗିତାରେ ନୃତ୍ୟ ପ୍ରଦର୍ଶନ କରିବେ। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ୧୩୦ଟିମ୍ ଅଂଶ ଗ୍ରହଣ କରିଥିବା ବେଳେ ଶ୍ରୀ ଗଣେଶଙ୍କ ପୁନଃଜନ୍ମ ଓଡ଼ିଶୀ ନୃତ୍ୟ ପଦର୍ଶନ କରି ଛତ୍ରପୁର ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଗୁରୁ ଅଳକା ସାହୁଙ୍କ ୧୫ଜଣ ଛାତ୍ରୀ ଚାମ୍ପିୟାନ ହୋଇଥିଲେ। ଏହାସହ କଲିକତା ଠାରେ ଆୟୋଜିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ୯ଟି ଟିମ୍ ନୃତ୍ୟ ପଦର୍ଶନ କରିବାକୁ ଥିବାବେଳେ ଛତ୍ରପୁରର ନୃତ୍ୟଶିଳ୍ପୀମାନେ ମଧ୍ୟ ନିଜ କଳା ପଦର୍ଶନ କରିବେ। ଏହି ଅବସରରେ ନୃତ୍ୟଶିଳ୍ପୀ ଅଳକା ସାହୁଙ୍କୁ ଗୁରୁ ମହାରତ୍ନ ସମ୍ମାନରେ ସନମାନିତ କରାଯାଇଥିଲା।

## ଗୋଟିଏ ନମ୍ବରରେ ୨ ଗାଡ଼ି

### ଜଣେ ଭୁଲ କଲେ ଅନ୍ୟ ଜଣଙ୍କୁ ଆସୁଛି ଚାଲାଣ

ଛତ୍ରପୁର,୨୯।୧୨ (ଦିଲ୍ଲୀପ ସାମଲ)

ଜଣେ ଗାଡ଼ି ଚାଳକ ପ୍ରଦୂଷଣ ପ୍ରମାଣପତ୍ର କରିବାକୁ କେନ୍ଦ୍ରକୁ ଆସିଥିବା ବେଳେ ତାଙ୍କ ଗାଡ଼ିରେ ଚାଲାଣ କଟିଥିବାରୁ ହୋଇପାରିଲା ନାହିଁ। ଏହା ଜାଣିବା ପରେ ଗାଡ଼ି ମାଲିକ ଚକିତ ହୋଇ ପଡ଼ିଥିଲେ। ଗାଡ଼ିର କେତେ ଟଙ୍କା ଫାଇନ କଟାଯାଇଛି ଯାଞ୍ଚ କରିଥିଲେ। ପରେ ତାଙ୍କ ଗାଡ଼ିର ୨୩ ସେପ୍ଟମ୍ବର ୨୦୨୫ରେ ୨ ଥର ମୋଟ ୩ ହଜାର ୫ଶହ ଟଙ୍କା ଫାଇନ ପଡିଛି। କିନ୍ତୁ ଯେଉଁ ଫଟୋ ଅପଲୋଡ ହୋଇଥିଲା ତାହାକୁ ଦେଖି ସେ ଚକିତ ହୋଇଯାଇଥିଲେ। ତାଙ୍କର ଯେଉଁ ଗାଡ଼ି ନମ୍ବର ରହିଛି ଫୋଟ ମଧ୍ୟ ସେହି ନମ୍ବର ରହିଛି ହେଲେ ଗାଡ଼ି ଅଲଗା। ୨୩ ସେପ୍ଟମ୍ବର ୨୦୨୫ରେ କୋଚିନ୍ଦା ପୋଲିସ (ଓଡି୦୭ଏଡି ୬୦୮୫) ଯାହାକି ଛତ୍ରପୁର ବ୍ଲକ୍ ତେଲୁରୁ ନୂଆଗାଁ ସତ୍ୟା ନାରାୟଣ ବେହେରାଙ୍କ ବୋଲି ଗାଡ଼ି ପଞ୍ଜିକରଣରେ ଉଲ୍ଲେଖ ରହିଛି। ଗାଡିର ୨ଟି ଚାଲାଣ କାଟିଛି ଯାହାକି ୩୫ଶହ ଟଙ୍କା। ସତ୍ୟା ନାରାୟଣ କେବେ କୋଚିନ୍ଦା ଅଞ୍ଚଳକୁ ଯାଇ ନ ଥିବା କହିଥିଲେ। ଏପରିକି ତାଙ୍କର ଆକାଶ କଲର ଟିଭିଏସ ଭିକ୍ଟର। କିନ୍ତୁ ଜରିମନା ସମୟରେ ଯେଉଁ ଫଟୋ ଅପଲୋଡ ହୋଇଛି ତାହା ଅନ୍ୟ ଏକ କଲର ଏବଂ ଅନ୍ୟ ଏକ କମ୍ପାନୀ ଏପରିକି ଉକ୍ତ ଗାଡ଼ିରେ ୨ଟି ସାଇଲେନ୍ସ ଲାଗିଛି ବୋଲି କହିବା ସହ କିଏ ମୋ ଗାଡ଼ି ନମ୍ବରକୁ ନକଲି ନମ୍ବର ଲଗାଇଥାଇପାରେ। ଯେଉଁଥିପାଇଁ ସେ ପ୍ରଦୂଷଣ କେନ୍ଦ୍ରରୁ ନିରାଶରେ ଫେରିଥିଲେ ବୋଲି ସେ କହିଛନ୍ତି।

## ଭାଜପା ପକ୍ଷରୁ ନୂତନ ଇନ୍ସପେକ୍ଟରଙ୍କୁ ସମ୍ବର୍ଦ୍ଧନା

ଦାରିଙ୍ଗବାଡ଼ି, ୨୯।୧୨ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନାରେ ନୂତନ ଇନ୍ସପେକ୍ଟର ଭାବେ ସଂଗ୍ରାମ କେଶରୀ ଜେନା ନିଯୁକ୍ତି ପାଇବା ପରେ ସୋମବାର ଅପରାହ୍ନରେ ଭାଜପାମଣ୍ଡଳର ସଭାପତି ମିଟୁ ସାହୁଙ୍କ ନେତୃତ୍ୱରେ ଅନ୍ୟ କର୍ମକର୍ତ୍ତା ଥାନାକୁ ଯାଇ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହାସହ ଦାରିଙ୍ଗବାଡ଼ିରେ ଘଟୁଥିବା ଟ୍ରାଫିକ୍ ସମସ୍ୟାର ସମାଧାନ, ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି। ପୋଲିସ ପାଟ୍ରୋଲିଂକୁ ଆହୁରି କଡାକଡି କରାଯିବାକୁ ନିବେଦନ କରିଛନ୍ତି। ନୂତନ ଇନ୍ସପେକ୍ଟରଙ୍କ ସହ ଅନ୍ୟ ଜଣେ ସବଇନ୍ସପେକ୍ଟର ଯୋଗ ଦେଇ ତାଲିମ ନେଉଥିବାରୁ ତାଙ୍କୁ ମଧ୍ୟ ଦଳ ସମ୍ବର୍ଦ୍ଧନା ଜଣାଇଥିଲା। ଏହି ସମୟରେ ମଣ୍ଡଳ ସଭାପତିଙ୍କ ସମେତ ୨ ମଣ୍ଡଳ ସାଧାରଣ ସମ୍ପାଦକ ରଞ୍ଜନ କୁମାର ସାହୁ ରୁଦ୍ରମାଧବ ସାହୁ, ଜିଲା ଉପସଭାପତି ଅଜିତ ସାହୁ, ଜିଲ୍ଲା ସମ୍ପାଦକ ସନ୍ତୋଷ କୁମାର ସାହୁ, ମଣ୍ଡଳ ଉପସଭାପତି ସୁବାଷ ଚନ୍ଦ୍ର ସାହୁ, ଯୁବମୋର୍ଚ୍ଚାର ସଭାପତି ରୁଦ୍ର ନାରାୟଣ ବେହେରା, ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଦିଲେଶ ମୂଳି, ମହେନ୍ଦ୍ର ଦାସ, କାର୍ଯ୍ୟକାରୀ ସଦସ୍ୟ ଦିଲୀପ ସାହୁ, ମଣ୍ଟୁ ସାହୁ, ରଞ୍ଜିତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ମହେନ୍ଦ୍ରତନୟା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

## ୮ରେ ମହେନ୍ଦ୍ରତନୟା ଉତ୍ସବ

ଗୋଷାଣୀ,୨୯।୧୨ (ଗଣେଶ ପାତ୍ର)

ଗଜପତି ଜିଲା ଗୋଷାଣି ବ୍ଲକରେ ମହେନ୍ଦ୍ରତନୟା ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକର ଲୋକକଳା ଓ ସାଂସ୍କୃତିକୁ ଲୋକଲୋଚନକୁ ଆଣିବା ପାଇଁ ଏହି ଉତ୍ସବ ହୋଇଥାଏ। ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ହୋଇଥିବା ବୈଠକରେ ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ ଅଧ୍ୟକ୍ଷତା କରିଥିଲେ। କକବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା, ଗଜେନ୍ଦ୍ର ବେହେରା, ଜିପିଇଓ ଅଶୋକ ପାତ୍ର, ଜିଲା ପରିଷଦ ସଭ୍ୟ ଏସ.ବାଲାରାଜୁ, ସମସ୍ତ ଯନ୍ତ୍ରୀ, ପଞ୍ଚାୟତ ପ୍ରତିନିଧି, ପିଇଓ ଏବଂ ଅନ୍ୟମାନେ ଉପସ୍ଥିତ ରହି ମହେନ୍ଦ୍ର ତନୟା ଉତ୍ସବ ସମ୍ପର୍କରେ ଆଲୋଚନା କରିଥିଲେ। ଜାନୁୟାରୀ ୮ ଓ ୯ ତାରିଖ ଦୁଇଦିନ ଧରି ଏହି ଉତ୍ସବ ହେବା ଲାଗି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିରୁ ମଶାଲ ଜ୍ୟୋତି ଅଣାଯିବ। ମାଛମରା ଛକଠାରୁ ମଶାଲକୁ ବ୍ଲକ ସଦର ମହକୁମାକୁ ଅଣାଯାଇ ମହୋତ୍ସବ ଶୁଭାରମ୍ଭ ହେବ। ଏଥିପାଇଁ ବୈଠକରେ ବିଭିନ୍ନ କମିଟି ଗଠନ କରାଯାଇଛି। ମହୋତ୍ସବରେ ବ୍ଲକର ବିଭିନ୍ନ ଅଞ୍ଚଳର କଳା ଓ ସଂସ୍କୃତି ପ୍ରଦର୍ଶନ ହେବା ସହ ତାରକା କଳାକାରଙ୍କ ଦ୍ୱାରା କାର୍ଯ୍ୟକ୍ରମ କରାଯିବାକୁ ଆଲୋଚନା ହୋଇଛି।

## ୩ ବାଲି ବୋଝେଇ ଟ୍ରାକ୍ଟର ଧରି ଥାନା ଜିମା ଦେଲେ ମନ୍ତ୍ରୀ

ଦିଗପହଣ୍ଡି,୨୯।୧୨(ଅଶେଷ ନାଥ ମିଶ୍ର)

ରାଜ୍ୟ ଖଣି,ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ମୌଳାଭଞ୍ଜା ଗ୍ରାମ ନିକଟରେ ୩ଟି ବାଲି ବୋଝେଇ ଟ୍ରାକ୍ଟର ଧରି ଦିଗପହଣ୍ଡି ପୋଲିସ ଜିମା ଦେଇଛନ୍ତି। ମନ୍ତ୍ରୀ ଏକ ସରକାରୀ କାର୍ଯ୍ୟକ୍ରମରେ ରବିବାର ଅପରାହ୍ନରେ ବ୍ରହ୍ମପୁର ଭାୟା ଦିଗପହଣ୍ଡି ଦେଇ ରାୟଗଡ଼ା ଯାଉଥିବା ବେଳେ ମୌଳାଭଞ୍ଜା ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ଚାଲାଣ କରାଯାଉଥିବା ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଦେଖି ସେମାନଙ୍କୁ ଅଟକାଇ ପଚରାଉଚରା କରିଥିଲେ। ବେଆଇନ ରୂପେ ଏହି ଟ୍ରାକ୍ଟରଗୁଡିକ ବାଲି ଚାଲାଣ କରୁଥିବା ଜଣାପଡିବା ପରେ ସେ ଏହାକୁ ଥାନା ଜିମା ଦେଇଥିଲେ। ଏନେଇ ନଂ.୫୧୦/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଆଇଆଇସି ତଥା ଡିଏସପି ପ୍ରଶାନ୍ତ ପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଦିଗପହଣ୍ଡି ,ସାନଖେମୁଣ୍ଡି ଓ ଚିକିଟି ଅଞ୍ଚଳରେ ରହିଥିବା ବାହୁଦା, ଘୋଡ଼ାହାଡ଼ ଓ ରାମନଦୀ ଅବବାହିକାରୁ କେତେ ଜଣ ବାଲି ବ୍ୟବସାୟୀ ବେଆଇନ ଭାବେ ନଦୀପଠାରୁ ଜେସିବିରେ ବାଲି ଉତ୍ତୋଳନ କରି ଟ୍ରକ, ଟ୍ରାକ୍ଟର ଯୋଗେ ପଡୋଶୀ ଆନ୍ଧ୍ର ପ୍ରଦେଶ ସହ ବିଭିନ୍ନ ଗ୍ରାମକୁ ଚୋରା ଚାଲାଣ କରୁଥିବା ଦେଖିବାକୁ ମିଳୁଛି।

# ଟିପିଏସ୍‌ଓଡିଏଲ୍ କାର୍ଯ୍ୟାଳୟରେ ତାଲା ପକାଇଲା କଂଗ୍ରେସ

ପାରଳାଖେମୁଣ୍ଡି,୨୯।୧୨ (ଗିରିଧାରୀ ପରିଚ୍ଛା)

ଟିପିଏସ୍‌ଓଡିଏଲ୍‌ର ମନମାନି ସେବାର ପ୍ରତିବାଦରେ ସୋମବାର ଜିଲା କଂଗ୍ରେସ ସଭାପତିତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ନେତୃତ୍ୱରେ ବହୁସଂଖ୍ୟକ କଂଗ୍ରେସ କର୍ମୀ ଓ ନେତା ଟିପିଏସ୍‌ଓଡିଏଲ୍‌ର ଜିଲା ମୁଖ୍ୟ କାର୍ଯ୍ୟାଳୟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଛନ୍ତି। ଯେ ପର୍ଯ୍ୟନ୍ତ ସେମାନଙ୍କ ୧୦ ଦାବି ପୂରଣ ନ ହୋଇଛି ସେପର୍ଯ୍ୟନ୍ତ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ଗମାଙ୍ଗ ଚେତାବନୀ ଦେଇଛନ୍ତି।

ଟିପିଏସ୍‌ଓଡିଏଲ୍ ବିଦ୍ୟୁତ୍ ଗ୍ରାହକଙ୍କୁ ଉଚିତ୍ ସେବା ଯୋଗାଇବା ବଦଳରେ ମନମାନି ଚଳାଇଛି। ବିଭିନ୍ନ ଭାବରେ ଗ୍ରାହକମାନଙ୍କଠାରୁ ଅର୍ଥ ଶୋଷଣ କରୁଛି। ଏହାର ପ୍ରତିବାଦରେ କଂଗ୍ରେସ ରାସ୍ତାକୁ ଓହ୍ଲାଇଛି। ଏକ ପଦଯାତ୍ରା କଂଗ୍ରେସ ନେତା ଓ କର୍ମୀମାନେ ବାହାରି ପାରଳାଖେମୁଣ୍ଡି ଟିପିଏସ୍‌ଓଡିଏଲ୍ କାର୍ଯ୍ୟାଳୟରେ ପହଞ୍ଚି ବିକ୍ଷୋଭ ପ୍ରଦଶନ କରି ଧାରଣା ଦେଇଥିଲେ। ପରେ ସେମାନେ ଟିପିଏସଓଡିଏଲ ଜିଲା ମୁଖ୍ୟ କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଦେଇଥିଲେ। ଆଡିସିନାଲ ସିକ୍ୟୁରିଟି ଡିପୋଜିଟ ନାମରେ ଗ୍ରାହକଙ୍କ ପାଖରୁ ଅଧିକ ଅର୍ଥ ଆଦାୟ କରିବାକୁ ଯେଉଁ ନୋଟିସ ପଠାଇଛି ତାହା ରାଜ୍ୟ ସରକାରଙ୍କ ବିଦ୍ୟୁତ୍ ଆଇନ ୨୦୦୩, ପରିବର୍ତ୍ତିତ ଆଇନ ୨୦୧୯ ଧାରା ୬୧, ଆଇନ ୬୬ର ସଂପୂର୍ଣ୍ଣ ବିରୋଧାଚରଣ କରୁଛି । ୟୁନିଟ ଦର ହ୍ରାସ କରିବା, ଆମ କୋଇଲା, ପାଣି ବ୍ୟବହାର କରି ଆମ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଦ୍ୟୁତ୍ ଯୋଗାଇବା, ନୂଆବର୍ଷରୁ ଘରୋଇ ଉପଭୋକ୍ତାଙ୍କୁ ୩୦୦–୪୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇ ଦେବା, କୃଷିକ୍ଷେତ୍ରରୁ ବିଦ୍ୟୁତ୍ ଦେୟ ସମ୍ପୂର୍ଣ୍ଣ ଛାଡ଼ କରିବା ଆଦି ଦାବି କଂଗ୍ରେସ ବିଭାଗ ନିକଟରେ ରଖିଛି। ଏହି କାର୍ଯ୍ୟକ୍ରମରେ ସଂଗ୍ରାମ ସାହୁ, ସୂର୍ଯ୍ୟ ନାରାୟଣ ପାତ୍ର, ପାର୍ଥରାଜ ପାଳ, ରାଜା ପାତ୍ର, ମାମାଲି କାର୍ଜି, ଈଶର ମାଝୀ, ଲକ୍ଷ୍ମଣ ବଳିଆର ସିଂହ,ବସନ୍ତ ପଣ୍ଡାଙ୍କ ସମେତ ଜିଲାର ୭ଟି ବ୍ଲକର ବହୁ ନେତା କର୍ମୀ ସାମିଲ ହୋଇଥିଲେ।



କଂଗ୍ରେସ କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ସଂକ୍ଷେପରେ**

## ଏପିକେ ଫାଇଲ ଡାଉନଲୋଡ କରିବା ମହଙ୍ଗା ପଡିଲା ସାଇବର ଠକ ନେଇଗଲେ ୫ ଲକ୍ଷ ୭୦ ହଜାର

ବ୍ରହ୍ମପୁର,୨୯।୧୨(ସୁବାସ ଚନ୍ଦ୍ର ପାଢ଼ୀ) ଏକ ଅଜଣା ନମ୍ବରରୁ ମୋବାଇଲକୁ ଆସିଥିବା ଏପିକେ ଫାଇଲ୍ ଡାଉନ୍‌ଲୋଡ କରିବା ବ୍ରହ୍ମପୁରର ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡିଛି। ଆଖି ପିଛୁଳାକେ ସାଇବର ଠକମାନେ ତାଙ୍କ ଆକାଉଣ୍ଟରୁ ୫ ଲକ୍ଷ ୭୦ ହଜାର ଟଙ୍କା ଠକି ନେଇଛନ୍ତି। ବ୍ରହ୍ମପୁର ପ୍ରେମ ନଗରରେ ରହୁଥିବା ୪୫ ବର୍ଷୀୟ ଏହି ବ୍ୟକ୍ତିଙ୍କ ମୋବାଇଲକୁ ଏକ ଅଜଣା ନମ୍ବରରୁ ଏକ ଲିଙ୍କ୍ ଆସିଥିଲା। ୱାଟସଆପରେ ଆସିଥିବା ସେହି ଲିଙ୍କ୍‌ରେ କ୍ଲିକ କରିବା ପରେ ଏକ ଏପିକେ ଫାଇଲ ଡାଉନଲୋଡ କରିବାକୁ ତାଙ୍କୁ କୁହଯାଇଥିଲା। ସେହି ଫାଇଲଟି କଣ ବୋଲି ଜାଣିବାକୁ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ତାହାକୁ ଡାଉନଲୋଡ କରିବା ପରେ ତାଙ୍କ ମୋବାଇଲକୁ ଏକ ଓଟିପି ଆସିଥିଲା। ଏହାର କିଛି ସମୟପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମରେ ୫ ଲକ୍ଷ ୭୦ ହଜାର ଟଙ୍କା କଟି ଯାଇଥିଲା। ତେବେ ଟଙ୍କା କିପରି କଟିଲା ତାହା ଜାଣି ନ ପାରି ସେ ଚିନ୍ତାରେ ପଡି ଯାଇଥିଲେ। ବିଭିନ୍ନ ଆଡେ ପଚରାଉଚରା କରି ସେ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ପରେ ଏନେଇ ବ୍ରହ୍ମପୁର ସାଇବର ଓ ଅର୍ଥନୈତିକ ଅପରାଧ ଥାନାକୁ ଯାଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଦୁର୍ଘଟଣାରେ ମହିଳା ମୃତ

ପାରଳାଖେମୁଣ୍ଡି,୨୯।୧୨ (ଗିରିଧାରୀ ପରିଛା)

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ସାତମାଇଲ ଗ୍ରାମ ଛକ ନିକଟରେ ସୋମବାର ସନ୍ଧ୍ୟାରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ତାଙ୍କ ନାମ ପ୍ରିୟଙ୍କା ଶବର (୨୪)। ୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣକର ଅବସ୍ଥା ଗୁରୁତର ରହିଛି। ନୂଆଗଡ ବ୍ଲକ ମାଣିକପାଟଣା ଗ୍ରାମର ଜହନ ରଇତ ପଛରେ ଅନ୍ୟ ଜଣେ ଯୁବତୀଙ୍କୁ ବସାଇ ନିଜ ଗ୍ରାମ ଅଭିମୁଖେ ଯାଉଥିଲେ। ଏହି ସମୟରେ ଆର୍.ଉଦୟଗିରି ବ୍ଲକ ଅନ୍ତର୍ଗତ ପୁରୁରୁପଡା ଗ୍ରାମର ଜିକରିଆ ଶବର (୨୦) ପ୍ରିୟଙ୍କା ଶବର ଏବଂ ଅନ୍ୟ ଜଣେ ଯୁବତୀଙ୍କୁ ବସାଇ ନିଜ ଗ୍ରାମ ଅଭିମୁଖେ ଯାଉଥିଲେ। ଉଭୟ ବାଇକ୍ ରାୟଗଡ ଅଭିମୁଖେ ଯାଉଥିବା ସମୟରେ ସାତମାଇଲ ଗ୍ରାମ ନିକଟରେ କୌଣସି କାରଣରୁ ଦୁର୍ଘଟଣା ଘଟିଥିଲା। ଜିକରିୟ ଚଳାଉଥିବା ବାଇକ୍‌ଟି ଜହନ ରଇତଙ୍କ ବାଇକ୍ ଉପରେ ପଡିଯାଇଥିଲା। ତବେ ଜିକରିୟଙ୍କ ଗାଡିରେ ବସିଥିବା ପ୍ରିୟଙ୍କା ଛିଟିକି ପଡିଥିଲେ। ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ମଧ ଏହା ପହଞ୍ଚି ନ ଥିଲା । ଗୁରାଣ୍ଡି ପୋଲିସ ଖବର ପାଇ ପହଞ୍ଚିଥିଲା । ପ୍ରାୟ ୩୦ ମିନିଟ ପରେ ଉଭୟ ପୋଲିସ ଓ ସ୍ଥାନୀୟ ଲୋକେ ମିଶି ପାରଳାଖେମୁଣ୍ଡି ଅଭିମୁଖେ ଆସୁଥିବା ଅନ୍ୟ ଏକ ଆମ୍ବୁଲାନ୍ସକୁ ଅଟକାଇ ଗୁରୁତରଙ୍କୁ ପାରଳାଖେମୁଣ୍ଡି ପଠାଇଥିଲେ। ଜିକରିୟଙ୍କ ଅବସ୍ଥା ଗୁରୁତର ଥିବା ବେଳେ ଜହନଙ୍କୁ ସାମାନ୍ୟ ଆଘାତ ଲାଗିଛି । ଘଟଣାକୁ ନେଇ ଗୁରାଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଛି।

## ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

ପାରଳାଖେମୁଣ୍ଡି,୨୯।୧୨(ଗିରିଧାରୀ ପରିଛା)

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିର ଗଜପତି ଷ୍ଟାଡିୟମରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ସୋମବାର ଉଦ୍‌ଘାଟିତ ହୋଇଛି। ଅତିଥି ଭାବରେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ, ମୋହନା ବିଧାୟକ ଦାଶରଥି ଗମାଙ୍ଗ ଓ ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଯୋଗ ଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିକାଶ ଦିଗରେ ଚାଷୀଙ୍କ ଅବଦାନକୁ ଅତିଥିମାନେ ପ୍ରଶଂସା କରି ସରକାରଙ୍କ ପକ୍ଷରୁ ରହିଥିବା ବିଭିନ୍ନ ସୁବିଧା ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ୬ଜଣ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ତୁଷାରେନ୍ଦୁ ନାୟକ ସ୍ୱାଗତ ସୂଚନା ଦେଇଥିଲେ। ଜିଲା ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ନିରୋଦ ଚନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

# କାର୍ ଉପରେ ଓଲଟି ପଡ଼ିଲା କାଜୁ ବୋଝେଇ ଟ୍ରକ୍

ଦିଗପହଣ୍ଡି,୨୯।୧୨(ଅଶେଷ ନାଥ ମିଶ୍ର)

ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟିର ଖେମୁଣ୍ଡିଖୋଲ ଗାଁ ନିକଟ ମୁଖ୍ୟ ରାସ୍ତାରେ ସୋମବାର ମଧ୍ୟାହ୍ନ ପ୍ରାୟ ୧ଟାରେ ଶ୍ରୀଚକାଡୋଲା ଟ୍ରାନ୍ସପୋର୍ଟ କମ୍ପାନୀର ଏକ କାଜୁ ବୋଝେଇ ଟ୍ରକ ବିପରୀତ ଦିଗରୁ ତପ୍ତପାଣି ଅଭିମୁଖେ ଯାଉଥିବା ଏକ କାର (ନଂ. ଓଡି ୦୨ ବିଏଚ - ୦୭୭୩) ଉପରେ ଓଲଟି ପଡିଛି। ଟ୍ରକ୍‌ରୁ ବହୁ ପରିମାଣରେ କାଜୁ ବସ୍ତା ରାସ୍ତା ଉପରେ ବିଛାଡ଼ି ହୋଇ ପଡ଼ିଥିଲା। କାର ଭିତରେ ଥିବା ଚାଳକ ଏବଂ ଅନ୍ୟ ୪ ଜଣ ଉଦ୍ଧାର ପାଇଁ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି କାର ଭିତରୁ ୪ ଜଣ ଏବଂ ଟ୍ରକ୍‌ରୁ ଚାଳକ ଓ ହେଲପରଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ସାନଖେମୁଣ୍ଡି ଅଗ୍ନିଶମବାହିନୀ ଓ ପାଟପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ କଟର ମେଶିନରେ କାରର ଡୋର କାଟି


ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ କାର ।

ଭିତରେ ଚାପି ହୋଇରହିଥିବା ଚାଳକ ଆଶୁତୋଷ ପଟ୍ଟନାୟକଙ୍କ ସମେତ ମୋଟ ୫ ଜଣଙ୍କୁ ଭିତରୁ ବାହାର କରି ସମସ୍ତଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ଆଶୁତୋଷଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛଡାଯାଇଛି।

କାଜୁ ବୋଝେଇ ଟ୍ରକ୍‌ଟି ରାୟଗଡ଼ାରୁ ଭାୟା ତପ୍ତପାଣି ଦେଇ ବ୍ରହ୍ମପୁର ଅଭିମୁଖେ ଯାଉଥିଲା। ବିପରୀତ ଦିଗରୁ ଆସୁଥିବା କାରକୁ ସାଇଡ ଦେବା ବେଳେ ବୁଲାଣି ଘାଟି ରାସ୍ତାରେ ଟ୍ରକ୍‌ଟି ନିୟନ୍ତ୍ରଣ ହରାଇ କାର ଉପରେ ଓଲଟି ପଡ଼ିଥିଲା। ରାସ୍ତା ଉପରେ ଟ୍ରକ୍ ଓ କାର ଦୁର୍ଘଟଣା ହୋଇ ରାସ୍ତା ଅବରୋଧ ହେବାରୁ ଉକ୍ତ ରାସ୍ତାରେ ପ୍ରାୟ ୨ ଘଣ୍ଟା ଧରି ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଜେସିବି ମେଶିନ ଅଣାଯାଇ ଟ୍ରକ୍ ଓ କାରକୁ ରାସ୍ତାରୁ ହଟାଯିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣା ଗ୍ରସ୍ତ ଟ୍ରକ୍ ଓ କାର୍‌କୁ ଜବତ କରାଯାଇ ମାମଲା ରୁଜୁ ହୋଇଛି। ଭୁବନେଶ୍ୱର ଅଞ୍ଚଳରୁ ୪ ଜଣ କାର ଯୋଗେ ଭାୟା ତପ୍ତପାଣି ଦେଇ ଜୟପୁର ଯାଉଥିବା ବେଳେ ଏପରି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ଆଇଆଇସି ଦୀପ୍ତି ରଞ୍ଜନ ବେହେରା କହିଛନ୍ତି।

## କଳାକାର ଭତ୍ତା ବୃଦ୍ଧି ନେଇ କୃତଜ୍ଞତା


ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର,୨୯।୧୨(ସ୍ମୃତି ରଞ୍ଜନ ମହାଲିକ) ନିଖିଳ ଓ ବରିଷ୍ଠ କଳାକାର ମହାସଂଘ ପକ୍ଷରୁ କଳାକାର ଭତ୍ତା ବୃଦ୍ଧି ନେଇ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏନେଇ ସୋମବାର ସଂଘ ପକ୍ଷରୁ ଏକ ବୈଠକ ବାଲାଜୀପେଣ୍ଠ ସାହି ସ୍ଥିତ ବାସଭବନ ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ କାର୍ଯ୍ୟକାରୀ ସଭାପତି ଡ.ବିଜୟ ଚନ୍ଦ୍ର ମହାରଣା ଅଧ୍ୟକ୍ଷତା କରିଥିଲେ। ସଂଘର ମହାସଚିବ ସୁବାସ ଚନ୍ଦ୍ର ସାହୁ, ଲୋକନୃତ୍ୟବିତ୍ ଦୀନବନ୍ଧୁ ପାତ୍ର, ଗାହଣ ନିର୍ଦ୍ଦେଶକ କେ.କାମରାଜୁ ପାତ୍ର, ସାରସ୍ୱତ ସାଧକ ନରେନ୍ଦ୍ର ପ୍ରସାଦ ବେହେରା, ନୟାଗଡ଼ ପ୍ରତିନିଧି ଆନନ୍ଦ ମହାରଣା ଏବଂ କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ସଭାପତି ଡା. ତିରୁପତି ସାହୁ ଭିଡିଓ କନ୍‌ଫରେନସିଂ ଯୋଗେ ସରକାରଙ୍କୁ କୃତଜ୍ଞତା ଜ୍ଞାପନ ସହ କଳାକାର ସମାଜ ପ୍ରତି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। କିନ୍ତୁ ରାଜ୍ୟ ସରକାରଙ୍କ କଳାକାର ଭତ୍ତା ବୃଦ୍ଧି ସମୁଦ୍ରକୁ ଶଙ୍ଖେ ସଦୃଶ ହେତୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ରାଜ୍ୟ ସରକାର କଳାକାର ଭତ୍ତା ଅନ୍ୟୁନ ୫ ହଜାର କରିବା ସହ କେନ୍ଦ୍ର ସରକାର ମାସିକ ୧୦ ହଜାର ଟଙ୍କା ଭତ୍ତା ଆକାରରେ ବରିଷ୍ଠ କଳାକାରଙ୍କୁ ପ୍ରଦାନ କରିବା ନିମନ୍ତେ ବୈଠକରେ ଦାବି ଉପସ୍ଥାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର ପ୍ରସାଦ ଶର୍ମା, କାଳୁ ପାଣିଗ୍ରାହୀ, ବାଲାଜୀ ସାମନ୍ତରା, ତ୍ରିନାଥ ପଣ୍ଡା, ଶବର ପାତ୍ର, ସୁମତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଦ ଘରକୁ ଟାର୍ଗେଟ୍, ୪ ଘରୁ ହେଲାଣି ଚୋରି
# ସୁନା ଅଳଙ୍କାର, ୧୯ ଲକ୍ଷ ନେଇଗଲେଣି ଲୁଟେରା

ବ୍ରହ୍ମପୁର, ୨୯।୧୨(ସୁବାସ ଚନ୍ଦ୍ର ପାଢ଼ୀ)-

**ମାମଲା ରୁଜୁରେ ସୀମିତ ତଦନ୍ତ**

ସହରରେ ଏବେ ଦିନକୁ ଦିନ ତାଲାବନ୍ଦ ଘରୁ ଚୋରି ହେଉଛି। ଲୁଟେରା ଗ୍ୟାଙ୍ଗ ଗତ ୫ ଦିନ ଭିତରେ ୩ ଥାନା ଅନ୍ତର୍ଗତ ୪ଟି ଅଞ୍ଚଳରୁ ସୁନା ଅଳଙ୍କାର ସହ ୧୯ ଲକ୍ଷ ଟଙ୍କା ଚୋରି କରି ନେଇଗଲେଣି। ପୋଲିସ ଗ୍ୟାଙ୍ଗକୁ ଏଯାବତ୍ ଠାବ କରିପାରିନାହିଁ ।

ରବିବାର ରାତିରେ ହରିଡାଖଣ୍ଡି ଛକରେ ମିଟୁ ସାହୁଙ୍କ ବିଦେଶୀ ମଦ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ମଦ ଦୋକାନର ଉପର ଛାତ ଟିଣ କାଟି ଦୁର୍ବୃତ୍ତମାନେ କ୍ୟାସ କାଉଣ୍ଟରରେ ଥିବା ୩ଲକ୍ଷ ୭୫ହଜାର ଟଙ୍କା ଓ କିଛି ଦାମୀ ମଦ ବୋତଲ ଚୋରି କରି ନେଇଯାଇଛନ୍ତି। ଏନେଇ ଉକ୍ତ ଦୋକାନ ମ୍ୟାନେଜର ସନ୍ତୋଷ ସାହୁ ବଡବଜାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୬୩୫/୨୫ ରେ ଏକ ମାମଲା ରୁଜୁ କରିଛି। ଗତ ୨୪ ତାରିଖରେ ନିମଖଣ୍ଡି ଥାନା ଅନ୍ତର୍ଗତ ସାଇବିହାରରେ ରହୁଥିବା ସୁଧାଂଶୁ ଶେଖର ପାଣିଗ୍ରାହୀଙ୍କ ତାଲାବନ୍ଦ ଘରୁ ଲୁଟେରା ଗ୍ୟାଙ୍ଗ ୧୦ ଭରି ସୁନା ଗହଣା, ୧୦ ଲକ୍ଷ ଟଙ୍କା ଚୋରି କରି ନେଇଥିଲେ। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ଦୁଇଜଣ ମୁଖାପିନ୍ଧା ଯୁବକ ଘର ଗ୍ରୀଲ ଭାଙ୍ଗି ଘରୁ ଚୋରି କରିଥିବା ଦୃଶ୍ୟ ପୋଲିସ ସିସିଟିଭି ଫୁଟେଜର ଦେଖିବାକୁ ପାଇଥିଲା। ସେହିପରି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲି ରାମନଗରରେ ରହୁଥିବା ଜୀବନାନନ୍ଦ ମହାରଣାଙ୍କ ତାଲାବନ୍ଦ ଘରୁ ୮ଭରି ସୁନାଗହଣା, ରୁପା ସାମଗ୍ରୀ ଚୋରି ହୋଇଥିବା ନେଇ ସେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୬୨୯/୨୫ ରେ ଏକ ମାମଲା ରୁଜୁ କରିଥିଲା। ଗତ ୨୭ ତାରିଖରେ ନିମଖଣ୍ଡି ଥାନା ଅନ୍ତର୍ଗତ କୋଣାର୍କ ନଗର ଦ୍ୱିତୀୟ ଲାଇନରେ ରହୁଥିବା ସୀମାଞ୍ଚଳ ପାତ୍ରଙ୍କ ତାଲାବନ୍ଦ ଘରୁ ଲୁଟେରା ଗ୍ୟାଙ୍ଗ ୩୦୦ ଗ୍ରାମର ସୁନା ଅଳଙ୍କାର ଓ ୬ଲକ୍ଷ ଟଙ୍କା ଚୋରି କରି ନେଇଥିଲେ। ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ତାଙ୍କ ଶଳା ରାଜେଶ ପଣ୍ଡା ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ୪୦୦/୨୫ରେ ଏକ ମାମଲା ରୁଜୁ କରିଛି। ସିସିଟିଭି ଫୁଟେଜ ସଂଗ୍ରହ କରି ଘଟାଣର ତଦନ୍ତ କରୁଛି। ପୋଲିସର ରାତ୍ରିକାଳୀନ ଢିଲା ପାଟ୍ରୋଲିଂର ଫାଇଦା ଉଠାଇ ଲୁଟେରାମାନେ ଗୋଟିଏ ପରେ ଗୋଟିଏ ସ୍ଥାନରୁ ଚୋରି କରୁଛନ୍ତ। ପୋଲିସ ଏଥିପ୍ରତି ସଜାଗ ରହିବା ସହ ଲୁଟେରା ଗ୍ୟାଙ୍ଗକୁ ଖୁବଶୀଘ୍ର ଗିରଫ କରିବାକୁ ସାଧାରଣରେ ଦାବି ହେଉଛି।

## ଦିଲୀ ପରେଡରେ ଯୋଗଦେବେ ପିପୁଲସ କଲେଜର ୨ ଏନ୍‌ସିସି କ୍ୟାଡେଟ

ବୁଗୁଡା,୨୯।୧୨(କାଳିଚରଣଦାଶ)

ବୁଗୁଡ଼ା ପିପୁଲ୍ସ କଲେଜର ଅଧ୍ୟାପକ ତଥା ଲେଫ୍‌ଟନାଣ୍ଟ ଅଜୟ କୁମାର ସାହୁଙ୍କ ନିଷ୍ଠାପର ଉଦ୍ୟମ ଯୋଗୁ ବୁଗୁଡା ପିପୁଲସ କଲେଜର ୨ ଜଣ ଏନସିସି କ୍ୟାଡେଟ ଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡରେ ଯୋଗଦେବାକୁ ମନୋନୀତ ହୋଇଛନ୍ତି। ସେହି ୨ଜଣ ଏନସିସି କ୍ୟାଡେଟ ହେଲେ ପିପୁଲସ କଲେଜ ପ୍ରାଣୀ ବିଜ୍ଞାନ ସମ୍ମାନ ଛାତ୍ରୀ ସପନା ରାଉତ ଓ ମଧୁସ୍ମିତା ପ୍ରଧାନ। ପିପୁଲସ କଲେଜରୁ ପ୍ରଥମ ଥର ପାଇଁ ଏହି ଦୁଇ ଜଣ ଛାତ୍ରୀ ସାଧାରଣତନ୍ତ୍ର ୨୦୨୬ ପ୍ୟାରେଡରେ ଯୋଗ ଦେଇ ପିପୁଲସ କଲେଜ ଓ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିପାରିଛନ୍ତି। ୭୦,୦୦୦ ଏନସିସି କ୍ୟାଡେଟ ମଧ୍ୟରୁ ୧୨୭ ଜଣ କ୍ୟାଡେଟ ପ୍ୟାରେଡରେ ଯୋଗଦେବା ପାଇଁ ମନୋନୀତ ହୋଇଥିବା ବେଳେ ସେଥିରେ ବୁଗୁଡା ପିପୁଲସ କଲେଜର ସପନା ଓ ମଧୁସ୍ମିତା ଦୁଇଜଣ ଯୋଗଦେଇଛନ୍ତି। ଏହା ସହ ଅନ୍ୟ ଏକ ଗୌରବ ବିଷୟ ହେଲା ପିପୁଲ୍ସ କଲେଜର ଆସୋସିଏଟ ଏନସିସି ଅଫିସର ଲେଫ୍‌ଟନାଣ୍ଟ ଅଜୟ ସାହୁ ମଧ ୧୨୭ ଜଣ କ୍ୟାଡେଟଙ୍କ ସହିତ କଣ୍ଟିଜେଣ୍ଟ ଅଫିସର ଭାବରେ ମନୋନୀତ କ୍ୟାଡେଟଙ୍କୁ ନେତୃତ୍ୱ ଦେବା ପାଇଁ ମନୋନୀତ ହୋଇ କ୍ୟାଡେଟ ମାନଙ୍କ ସହ ଦିଲୀ ଯାଇଛନ୍ତି। ଏହି ଚ୍ୟାଲେଞ୍ଜିଂ ଏବଂ କଷ୍ଟକର ୩ ମାସର ଚୟନ ସମୟରେ ନିରନ୍ତର ଉତ୍ସାହ ଏବଂ ସହଯୋଗ ପାଇଁ କ୍ୟାଡେଟ ବୃନ୍ଦ ବୁଗୁଡା ପିପୁଲ୍ସ କଲେଜର ଅଧକ୍ଷ ଡ. ପୁରୁଷୋତ୍ତମ ମିଶ୍ର, ଲେଫ୍‌ଟନାଣ୍ଟ ଅଜୟ ସାର, ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀଛାତ୍ରମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ୯ ଅଭିଯୋଗର ତତ୍‌କ୍ଷଣାତ ସମାଧାନ କଲେ ଜିଲାପାଳ

ଭଞ୍ଜନଗର,୨୯।୧୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉପ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ଓ ଏସ.ପି ଶୁଭେନ୍ଦ ପାତ୍ର ମିଳିତ ଅଭିଯୋଗ ଶୁଣାଣି କରିଥିଲେ। ଶୁଣାଣି ପାଇଁ ୧୨୦ଟି ଅଭିଯୋଗପତ୍ର ଉଭୟ ଗ୍ରହଣ କରିଥିଲେ। ସେଥିରୁ ୧୧୧ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଅଭିଯୋଗ ଥିବା ବେଳେ ୯ଟି ସାମୂହିକ ଅଭିଯୋଗ ରହିଥିଲା। ୯ଟି ଅଭିଯୋଗର ସମାଧାନ ଜିଲାପାଳ ତତକ୍ଷଣାତ୍ କରିଥିଲେ। ଏଥିସହ ରେଡକ୍ରସ ଫଣ୍ଡରୁ ୯ ଜଣଙ୍କୁ ସହାୟତା ରାଶି ବାବଦରେ ୭୨୫୦୦ ଟଙ୍କା ପ୍ରଦାନ କରାଯାଇଥିଲା। ମୁଖ୍ୟତଃ ମଧୁବାବୁ ପେନସନ, ପିଏମ ଆବାସ ଓ ଅନ୍ତୋଦୋୟ ଗୃହ ଯୋଜନାରେ ଗୃହ ବଣ୍ଟନ, ରାଶନ କାର୍ଡ, ଜମିଜମା ସମେତ ଚିକିତ୍ସା ପାଇଁ ଆର୍ଥିକ ସମ୍ପର୍କିତ ଅଭିଯୋଗ ମିଳିଥିଲା। ଜିଲାପାଳ ଓ ଏସ୍‌ପି ଆସିଥିବା ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଉମା ଶଙ୍କର ବେହେରା, ଅତିରିକ୍ତ ଆରକ୍ଷୀ ଅଧିକାରୀ ରଞ୍ଜନ ଦେ, ଅତିରିକ୍ତ ଉପଜିଲାପାଳ ପ୍ରଧାନ ଟୁଲିଆମା, ଭଞ୍ଜନଗର ମେଡିକାଲ ଅଧୀକ୍ଷକ ଡ଼.ସିତାଂଶୁ ଶେଖର ଶତପଥୀ, ଭଞ୍ଜନଗର ବିଡିଓ ଭାରତୀ ଦେବୀ, ତହସିଲଦାର ଅଭିପ୍ସା ପଟ୍ଟନାୟକ, ନିର୍ବାହୀ ଅଧିକାରୀ ମୁରଲିକୃଷ୍ଣ ପଣ୍ଡା ଓ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# କଂଗ୍ରେସର ଟାଟା ପାୱାର କାର୍ଯ୍ୟାଳୟ ଘେରାଉ

ଭଞ୍ଜନଗର,୨୯।୧୨ (ବାବୁଲା ପ୍ରଧାନ)

କଂଗ୍ରେସ ପକ୍ଷରୁ ବିଭିନ୍ନ ଦାବି ନେଇ ସୋମବାର କଂଗ୍ରେସ ପକ୍ଷରୁ ଭଞ୍ଜନଗର ଟାଟା ପାୱାର କାର୍ଯ୍ୟାଳୟ ଘେରାଉ କରାଯାଇଛି। ପ୍ରଥମେ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ସ୍ଥାନୀୟ ଟାଟା ପାୱାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସଭା କରିଥିଲେ। ପରେ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ଦେଇଥିଲେ।

ଅତିରିକ୍ତ ସୁରକ୍ଷା ଜମା ନୋଟିସ (ଏଏସ୍‌ଡି), ସ୍ମାର୍ଟମିଟର ତୁରନ୍ତ ପ୍ରତ୍ୟାହାର, ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ମାଗଣା ବିଦ୍ୟୁତ୍, ଚାଷୀଙ୍କୁ ମାଗଣା ବିଦ୍ୟୁତ୍ ପ୍ରଦାନ, ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଏକ


କଂଗ୍ରେସ କର୍ମକର୍ତ୍ତାମାନେ ଦାବିପତ୍ର ଦେଉଛନ୍ତି।

ବଳକା ରାଜ୍ୟ ହୋଇଥିବା ବେଳେ ଏଠି ବିଜୁଳି କାହିଁକି ମହଙ୍ଗା ବୋଲି କଂଗ୍ରେସ ପ୍ରଶ୍ନ ଉଠାଇଥିଲା। ବଳକା ବିଦ୍ୟୁତ୍ ବାବଦରେ ଉପଭୋକ୍ତାଙ୍କଠାରୁ ଆଦାୟ ହୋଇଥିବା ୭୧୪୫ କୋଟି ଟଙ୍କା ତୁରନ୍ତ ସେମାନଙ୍କୁ ଫେରାଇବା ପାଇଁ କଂଗ୍ରେସ ଦାବି କରିଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କଂଗ୍ରେସ ଅନ୍ଦୋଳନକୁ ଜୋରଦାର କରିବ ବୋଲି ଦଳ ଚେତାବନୀ ଦେଇଛି। ଭଞ୍ଜନଗର କଂଗ୍ରେସ ନେତା କୁଲୁ ଭୂୟାଁ, ସୋରଡାର ହରେକୃଷ୍ଣ ରଥ, ବାବୁଲି ଗୌଡ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଜନ ଅଭିଯୋଗ ଶୁଣାଣି ଶିବିରରେ ୪୨ ଅଭିଯୋଗ

ପାରଳାଖେମୁଣ୍ଡି,୨୯।୧୨ (ଗିରିଧାରୀ ପରିଛା)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ ହାଡୁଭଙ୍ଗ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ଫାଲଗୁନୀ ମାଝୀ,ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର ପଣ୍ଡା, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ ଓ ଉପଜିଲାପାଳ ଅନୁପ ପଣ୍ଡା ଯୋଗଦେଇ ହାଡୁଭଙ୍ଗ ପଞ୍ଚାୟତ ସମେତ, କିଡିଗାଁ, ଖରଡ଼ା ଓ କେ.ସୀତାପୁର ପଞ୍ଚାୟତର ୪୨ଟି ଅଭିଯୋଗ ଗ୍ରହଣ କରିଥିଲେ। ସେଥିରୁ ବ୍ୟକ୍ତିଗତ ଅଭିଯୋଗ ୨୩ଟି ଓ ଗ୍ରାମ ସମସ୍ୟାଭିତ୍ତିକ ୧୯ଟି ଅଭିଯୋଗ ରହିଥିଲା । ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ହୋଇଛି। ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ, ସାସ୍ଥ୍ୟସେବା ଓ ରାସ୍ତା ସମସ୍ୟା ସମ୍ପର୍କିତ ଅଭିଯୋଗ ଥିଲା।

## ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଜନ ଶୁଣାଣି ଶିବିର




ତୁମୁଡିବନ୍ଧ,୨୯।୧୨ (ଦୀପକ କୁମାର ପରାସେଠ)

ତୁମୁଡ଼ିବନ୍ଧ ବ୍ଲକ୍ ସଭାଗୃହ ଠାରେ ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି ଶିବିର ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ବେଦଭୂଷଣ, ଆରକ୍ଷୀ ଅଧୀକ୍ଷକ ହରିଶ ବିଶି ଓ ଜିଲା ପରିଷଦ ସିଡିଓ ଶମ୍ଭୁନାଥ ନନ୍ଦି ଉପସ୍ଥିତ ରହି ଗୋଷ୍ଠୀ ଓ ବ୍ୟକ୍ତିଗତ ୭୦ଟି ଅଭିଯୋଗ ଉପରେ ଶୁଣାଣି କରିଥିଲେ। ତୁମୁଡିବନ୍ଧ ବ୍ଲକର ୧୧ଟି ପଞ୍ଚାୟତର ଜନସାଧାରଣ ନିଜ ତଥା ଗ୍ରାମର ସମସ୍ୟା ଗୁଡ଼ିକ ଜିଲାପାଳଙ୍କୁ ଜଣାଇଥିଲେ। ସେଥି ମଧ୍ୟରୁ ଅଧିକାଂଶ ପାନୀୟ ଜଳ, ରାସ୍ତା ଘାଟ, ରାଶନ କାର୍ଡ଼, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବିଦ୍ୟୁତ ଓ ଭତ୍ତା ପାଇଁ ଅଭିଯୋଗ ହୋଇଥିଲା। ସେହି ଅଭିଯୋଗ ଗୁଡ଼ିକ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ତୁମୁଡିବନ୍ଧ ବ୍ଲକ୍ ଅଧକ୍ଷା ବାସନ୍ତୀ ମାଝି ଉପସ୍ଥିତ ଥିଲେ। ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ।

# ଭଞ୍ଜନଗର ମେଡିକାଲରେ ମହିଳା ସହାୟତା କେନ୍ଦ୍ର ଉଦ୍‌ଘାଟିତ

ଭଞ୍ଜନଗର, ୨୯।୧୨(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ଉପଖଣ୍ଡ ଚିକିତ୍ସାଳୟରେ ସୋମବାର ଅତିରିକ୍ତ ୱାନ ଷ୍ଟପ୍ ସେଣ୍ଟର ବା ମହିଳା ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଏହାକୁ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ କହିଛନ୍ତି ଯେ ଏହିଭଳି ଏକ କେନ୍ଦ୍ର ମେଡ଼ିକାଲ ପରିସରରେ ଖୋଲିବା ଦ୍ୱାରା ନିର୍ଯାତିତ ମହିଳାମାନେ ଏଣିକି ନୂତନ ଜୀବନର ଆଶା ପାଇବେ। ଏହି କେନ୍ଦ୍ର ମାଧମରେ ନିର୍ଯାତିତ ମହିଳା ମାନେ ଆଇନଗତ, ଚିକିତ୍ସା ପ୍ରମୁଖ ସୁବିଧା ପାଇପାରିବେ। ଆଜିର ସମାଜରେ ଦୁଃଖୀ, ନିର୍ଯାତିତ ମହିଳା ଓ କନ୍ୟା ଶିଶୁମାନଙ୍କ ପାଇଁ ଏପରି ଏକ ସେବାକେନ୍ଦ୍ର ନିହାତି ଆବଶ୍ୟକ ଥିଲା। ଗୋଟିଏ ଛାତ ତଳେ ଚିକିତ୍ସା ସହାୟତା, ବିଭିନ୍ନ ପରାମର୍ଶ, ପୋଲିସ ସହଯୋଗ, ଆଇନଗତ ସହାୟତା ଓ ଅସ୍ଥାୟୀ ଆଶ୍ରୟ



ମିଳିବା ଦ୍ୱାରା ପୀଡ଼ିତାମାନେ ନୂତନ ଜୀବନର ଆଶା ପାଇ ପାରୁଛନ୍ତି। ଗଞ୍ଜାମ ଜିଲାରେ ପୂର୍ବରୁ ବ୍ରହ୍ମପୁରରେ ଏଭଳି ଗୋଟିଏ କେନ୍ଦ୍ର ଥିଲା। ଭଞ୍ଜନଗରରେ ଏହାର ଆବଶ୍ୟକତା ଅନୁଭବ କରି ସରକାର ଦ୍ୱିତୀୟ କେନ୍ଦ୍ର ଖୋଲିଛନ୍ତି। ଯାହାର ସୁଫଳ ଅଞ୍ଚଳବାସୀ ପାଇବେ ବୋଲି ବିଧାୟକ ନାୟକ କହିଥିଲେ। ଏହି କେନ୍ଦ୍ର ମହିଳା ମାନଙ୍କ ସେବାରେ ୨୪ ଘଣ୍ଟିଆ ଖୋଲା ରହିବ। ଜିଲା ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଆଇଏସ୍‌ଆରଡିଏ ମିଳିତ ସହଯୋଗରେ ଏହି କେନ୍ଦ୍ର ପରିଚାଳିତ ହେବ। ଘରୋଇ ହିଂସା, ଆର୍ଥିକ ହିଂସା, ଯୌନ ନିର୍ଯାତନା ସମେତ ଯେ କୌଣସି ନିର୍ଯାତନାର ଶିକାର ହୁଅନ୍ତି ମହିଳା ମାନେ ତେବେ ଏହି ସହାୟତା କେନ୍ଦ୍ରର ଆଶ୍ରୟ ନେଇ ନ୍ୟାୟ ପାଇପାରିବେ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ଜିଲାପାଳ ଭି.କୀର୍ତ୍ତି ବାସନ, ଉପ ଜିଲାପାଳ ଉମାଶଙ୍କର ବେହେରା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଞ୍ଜନ ଦେ, ମେଡିକାଲ ଅଧୀକ୍ଷକ ଡାକ୍ତର ସୀତାଂଶୁ ଶେଖର ଶତପଥୀ, ଜିଲା ସମାଜ ମଙ୍ଗଳ ଅଧିକାରୀଣୀ ବିଜୟଲକ୍ଷ୍ମୀ ବେହେରା, ଜିଲା ସୁରକ୍ଷା ଅଧିକାରୀଣୀ ଡି.ନାଗୁରତ୍ନମ, ଭଞ୍ଜନଗର ସିଡିପିଓ ମିଲିମା କୁମାରୀ ପଣ୍ଡା, ଦୀପକ କୁମାର ମିଶ୍ର , ମେଡ଼ିକାଲ ପରିଚାଳକ ପାଣିଗ୍ରାହୀ, ଏମପି ପ୍ରତିନିଧି ସନ୍ତୋଷ ତିଆଡି ଅତିଥି ଭାବେ ଉପସ୍ଥିତ ଥିଲେ। ଏନଜିଓ ନିର୍ଦ୍ଦେଶକ ସୁଧୀର ସାବତ ସ୍ୱାଗତ ଭାଷଣରେ ୱାନ ଷ୍ଟପ ସେଣ୍ଟରର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ମହିଳା ସୁରକ୍ଷା ଦିଗରେ ଏହାର ଭୂମିକା ଉପରେ କହିଥିଲେ। ଭଞ୍ଜନଗର ସବ୍‌ଡିଭିଜନ ଅଞ୍ଚଳରେ ଏହି ୱାନ ଷ୍ଟପ ସେଣ୍ଟର ଆଗାମୀ ଦିନରେ ମହିଳା ଓ କନ୍ୟା ଶିଶୁମାନଙ୍କ ପାଇଁ ଏକ ଭରସାଯୋଗ୍ୟ ସହାୟତା କେନ୍ଦ୍ର ଭାବେ କାମ କରିବ। ଏଥିପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ।

# ଶାରୀରିକ ସମ୍ପର୍କ ଚାହିଁବାରୁ ତଣ୍ଟି ଚିପି ହତ୍ୟା

■ହୋଟେଲରୁ ଯୁବକଙ୍କ ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ
■ମହିଳାଙ୍କ ସମେତ ୨ ଗିରଫ

ବାଲେଶ୍ୱର, ୨୯।୧୨ (ବାଞ୍ଛାନିଧି ଦେ)


ଖବରଦାତା ସମ୍ମିଳନୀରେ ଡିଏସ୍‌ପି ସୂଚନା ଦେଉଛନ୍ତି।

ବନ୍ଧୁଙ୍କ ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ଚାହିଁବାରୁ ହୋଇଥିଲେ ହତ୍ୟାର ଶିକାର। ମିଳିମିଶି ହତ୍ୟା କରିବା ପରେ ହୋଟେଲ ପଛପଟ ପାଚେରି ଦେଇ ଖସିଯାଇଥିଲେ ଅଭିଯୁକ୍ତ ଯୁବକ ଓ ତାଙ୍କ ପ୍ରେମିକା। ମୃତ ଯୁବକ ହେଲେ ମୟୂରଭଞ୍ଜ ଜିଲା ବେତନଟୀ ଥାନା ଅଧୀନ ବଡ଼ଜାମୁବଣୀ ଅଞ୍ଚଳର ଆକାଶ ମହାନ୍ତ(୨୫)। ଅଭିଯୁକ୍ତ ମହିଳା ଓ ମୃତକଙ୍କ ସାଙ୍ଗଙ୍କୁ ଗିରଫ କରିବା ପରେ ଘଟଣା ପର୍ଦ୍ଦାଫାଶ କରିଛି ବାଲେଶ୍ୱର ସହଦେବଖୁଣ୍ଟା ଥାନା ପୋଲିସ। ସୋମବାର ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ନିର୍ମଳା ଗୋଛାୟତ ଏହି ସୂଚନା ଦେଇଛନ୍ତି। ଗିରଫ ମହିଳା ହେଲେ ମୟୂରଭଞ୍ଜ ଜିଲା ବେତନଟୀ ଥାନା ବଡ଼ଜାମୁବଣୀ ଅଞ୍ଚଳର ଜେମାମଣି ସିଂ ଓ ମୃତକଙ୍କ ସାଙ୍ଗ ସେହି ଗ୍ରାମର ରାମଚନ୍ଦ୍ର ସିଂ। ଏନେଇ ଏକ ମାମଲା (ନଂ. ୫୦୫/୨୫) ରୁଜୁ ହୋଇ ଗିରଫଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ଆକାଶ ଓ ସାଙ୍ଗ ରାମଚନ୍ଦ୍ର ହୋମଗାର୍ଡ ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ସମ୍ପର୍କରେ ଜାଣିବା ନିମନ୍ତେ ବେତନଟୀ ଥାନାକୁ ଯାଇଥିଲେ। ଆକାଶଙ୍କ ଆଡମିଟ କାର୍ଡ଼ ମିଳିଥିବା ବେଳେ ରାମଚନ୍ଦ୍ରଙ୍କ ଆଡ୍‌ମିଟ୍ କାର୍ଡ ରିଜେକ୍ଟ ହୋଇଯାଇଥିଲା। ଏଥିନିମନ୍ତେ ଦୁଇ ସାଙ୍ଗ ବାଲେଶ୍ୱର ପୋଲିସ ମୁଖ୍ୟାଳୟକୁ ଆସିଥିଲେ। ରାମଚନ୍ଦ୍ରଙ୍କ ପ୍ରେମିକା ଜେମାମଣି ମଧ୍ୟ ସେମାନଙ୍କ ସହିତ ଏକାଠି ଗୋଟିଏ ବାଇକ ଯୋଗେ ବାଲେଶ୍ୱର ଆସିଥିଲେ। ବାଲେଶ୍ୱର ଆସି ହୋଟେଲରେ ରାତ୍ରିଯାପନ କରିବା ପାଇଁ ସେମାନେ ଯୋଜନା କରିଥିଲେ। ଉକ୍ତ ରାତିରେ ସେମାନେ ହୋଟଲ୍ ସୂରଜ୍‌ରେ ରହିଥିଲେ। ସମସ୍ତେ ଗୋଟିଏ ପରିବାରର ସଦସ୍ୟ ବୋଲି କହି ଆଧାରକାର୍ଡ ଦେଖାଇ ରୁମ୍ ନଂ. ୫୦୨ରେ ରହିଥିଲେ। ସେଠାରେ ସେମାନେ ମଦ୍ୟପାନ କରିଥିଲେ। କିଛି ସମୟ ପରେ ରାମଚନ୍ଦ୍ର ଆହୁରି ମଦ ଆଣିବା ପାଇଁ ଆକାଶଙ୍କୁ ପଠାଇ ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଆକାଶ ମଦ ନେଇ ହୋଟେଲକୁ ଫେରିବା ପରେ ସେମାନେ ପୁଣି ଥରେ ସମସ୍ତେ ମଦ୍ୟପାନ କରିଥିଲେ। ଏହି ସମୟରେ ଆକାଶ ମଧ୍ୟ ଉକ୍ତ ମହିଳାଙ୍କ ସହିତ ଶାରୀରିକ ସମ୍ପର୍କ ରଖିବା ପାଇଁ ଚାହିଁବାରୁ ସେମାନେ ବିରୋଧ କରିଥିଲେ। ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା। ଆକାଶ ଜବରଦସ୍ତ ବଳାତ୍କାର ପାଇଁ ଚେଷ୍ଟା କରୁଥିଲେ। ରାମଚନ୍ଦ୍ର ଓ ଜେମାମଣି ଉଭୟ ମିଶି ଆକାଶଙ୍କ ଛାତିକୁ ଗୋଇଠା ମାରିବା ସହ ତଣ୍ଟି ଚିପି ହତ୍ୟା କରିଥିଲେ। ୨୬ ତାରିଖ ସକାଳେ ରାମଚନ୍ଦ୍ର ଓ ଜେମାମଣି ହୋଟେଲ୍‌ର ପଛପଟ ରାସ୍ତା ଦେଇ ଚମ୍ପଟ ମାରିଥିଲେ। ତେବେ ରୁମ୍ ମଧ୍ୟରୁ କୌଣସି ଖୋଜଖବର ନ ମିଳିବାରୁ ହୋଟେଲ କର୍ମଚାରୀମାନେ ସହଦେବଖୁଣ୍ଟା ଥାନାକୁ ଖବର ଦେଇଥିଲେ। ୨୭ ତାରିଖ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଥିଲା। ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଉକ୍ତ ମହିଳାଙ୍କୁ ଯାଜପୁର ଓ ରାମଚନ୍ଦ୍ରଙ୍କୁ ବେତନଟୀରୁ ଗିରଫ କରାଯାଇଥିବା ଡିଏସ୍‌ପି ଗୋଛାୟତ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସହଦେବଖୁଣ୍ଟା ଆଇଆଇସି ବିରଞ୍ଚି ସାହୁ ଓ ଏସ୍‌ଆଇ ଅଭିଷେକ ସାମନ୍ତରାୟ ଉପସ୍ଥିତ ଥିଲେ।

# ଯୁବକଙ୍କୁ ହତ୍ୟାକରି ରାସ୍ତାରେ ଫିଙ୍ଗିଦେଲେ

■ସାଇଣ୍ଟିଫିକ ଟିମ୍‌ର ତଦନ୍ତ, ଜଣେ ଅଟକ
■ଅନାଥ ହେଲେ ପାଞ୍ଚ ଝିଅ


ମୃତ ପଙ୍କଜ ଜଗଦଲା

ବୀରମହାରାଜପୁର, ୨୯।୧୨ (ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ତଥା ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଅନ୍ତର୍ଗତ ନୂଆପାଲି ଗାଁରେ ଜଣେ ଯୁବକଙ୍କୁ ହତ୍ୟା କରି ପୋଖରୀ ରାସ୍ତାରେ ଫିଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ସ୍ଥାନୀୟ ଲୋକେ କ୍ଷତାକ୍ତ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ଉକ୍ତ ଯୁବକଙ୍କୁ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ମୃତକ ନୂଆପାଲି ଗାଁର ପଙ୍କଜ ଜଗଦଲା (୪୫)। ରବିବାର ରାତିରେ ତାଙ୍କ ମୁଣ୍ଡକୁ ଛେଚି ଦେବାରୁ ପ୍ରବଳ ରକ୍ତସ୍ରାବ ହୋଇ ମୃତ୍ୟୁ ଘଟିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡୁଛି।

ମୃତକଙ୍କ ପିତା ସୁରୁବାବୁ ଜଗଦଲାଙ୍କ ଲିଖିତ ଆଧାରରେ ବୀରମହାରାଜପୁର ଥାନାରେ ଏକ ମାମଲା (ନଂ.୨୫୯/୨୫) ରୁଜୁ ହୋଇଛି। ସୋମବାର ସନ୍ଧ୍ୟାନୀକୁକୁର ଓ ସାଇଣ୍ଟିଫିକ ଟିମ୍ ସହ ପୋଲିସ ତନାଘନା ଚଳାଇଛି। ଏହି ଘଟଣାରେ ସନ୍ଦେହରେ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀ କହିଛନ୍ତି। ଅପରପକ୍ଷରେ ବ୍ୟବଚ୍ଛେଦ ପରେ ଅପରାହ୍ନରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ହୋଇଥାଏ ପାରେ ବୋଲି ଆଲୋଚନା ହେଉଛି। ସୂଚନାଥାଉକି ମୃତ ପଙ୍କଜଙ୍କ ୫ ଝିଅ। ସ୍ତ୍ରୀ ଓ ମା'ଙ୍କ ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ଘରେ ୮୦ ବର୍ଷୀୟ ବୃଦ୍ଧବାପା ଓ ୫ ନାବାଳିକା ଝିଅ ରହୁଥିଲେ। ତାଙ୍କ ମୃତ୍ୟୁ ପରେ ଏବେ ପିଲାମାନେ ଅନାଥ ହୋଇଯାଇଛନ୍ତି। ହତ୍ୟାକାରୀଙ୍କୁ ଅବିଳମ୍ବେ ଗିରଫ କରି ଆଇନ ଅନୁସାରେ ଦଣ୍ଡବିଧାନ ସହ ଅନାଥ ପିଲାମାନଙ୍କୁ ନ୍ୟାୟ ଦେବାକୁ ସାଧାରଣରେ ଦାବି ହେଉଛି।

# ୫୦ ବୋତଲ କଫ ସିରପ୍ ଜବତ, ୩ କୋର୍ଟ ଚାଲାଣ

ପାଟଣାଗଡ଼ ୨୯।୧୨ (ସଚ୍ଚିଦାନନ୍ଦ ମହାକୁର)



ଜବତ କଫ ସିରପ୍, ବାଇକ୍। ଗିରଫ ୩ ଅଭିଯୁକ୍ତ।

ବେଆଇନ ଭାବେ କଫ ସିରପ୍ ଚାଲାଣ ଘଟଣାରେ ବଲାଙ୍ଗୀର ଜିଲା ପାଟଣାଗଡ଼ ପୋଲିସ ୩ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପାଟଣାଗଡ଼ ଥାନା ଅଧୀନ କୋଲପଡ଼ାର ସୁବାସ ମେହେର(୫୨), ବ୍ରହ୍ମପୁରାର ଭଗବାନ ବାରିକ(୨୨), ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଚୁଡାପାଲି ଗ୍ରାମର ରାଜେଶ ବେହେରା(୫୨)। ସେମାନଙ୍କଠାରୁ ୫୦ ବୋତଲ କଫ ସିରପ୍ ଓ ଏକ ବାଇକ ଜବତ କରାଯାଇଛି। ଅଭିଯୁକ୍ତମାନେ ରବିବାର ଏକ ବାଇକ୍ ଯୋଗେ କଫ ସିରପ୍ ଚାଲାଣ କରୁଥିବା ନେଇ ପୋଲିସ ଖବର ପାଇଥିଲା। ବଲାଙ୍ଗୀର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀଙ୍କ ନେତୃତ୍ୱରେ ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟାଙ୍କ ସମେତ ପୋଲିସର ଏକ ଟିମ୍ ସ୍ଥାନୀୟ ରାମପୁର ପେଟ୍ରୋଲ ପମ୍ପ ନିକଟରେ ଚଢାଉ କରିଥିଲା। ଅଭିଯୁକ୍ତମାନେ ବାଇକ୍‌ରେ ଆସି ପହଞ୍ଚିବା ପରେ ପୋଲିସ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେମାନଙ୍କଠାରୁ ୫୦ ବୋତଲ କଫ ସିରପ୍, ବାଇକ୍ ଜବତ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ପୂଝାରୀ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା(ନଂ.୪୧୪/୨୫) ରୁଜୁ ହୋଇଛି।

# ସଫେଇ ନାଁରେ ସୁନାଚେନ୍ ଲୁଟ ଘଟଣା:୨ ଆନ୍ତଃରାଜ୍ୟ ଲୁଟେରା ଗିରଫ

ବଲାଙ୍ଗୀର, ୨୯।୧୨ (ବୀରେନ୍ଦ୍ର କୁମାର ଝାଙ୍କର)


ଗିରଫ ୨ ଆନ୍ତଃରାଜ୍ୟ ଲୁଟେରା।

ବଲାଙ୍ଗୀର ସହରରେ ସଫେଇ ନାଁରେ ସୁନାଚେନ୍ ଲୁଟ କରି ଫେରାର ହୋଇଯାଇଥିବା ୨ ଜଣ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଟାଉନ୍ ଥାନା ପୋଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିହାର କଟିହାର ଜିଲା କୁରସେଲା ଥାନା ଅନ୍ତର୍ଗତ ସମେଲି ଗ୍ରାମର ରୋହିତ କୁମାର ସାହ(୨୩) ଓ ସିକନ୍ଦର ସାହ(୩୮)। ସେମାନଙ୍କଠାରୁ ଲୁଟ ସୁନାଚେନ୍, ବାଇକ୍ (ବିଆର୍୩୯କେଏଲ୍-୬୭୯୭), ଏକ ବ୍ୟାଗ୍, ଆଧାର କାର୍ଡ, ୨ଟି ମୋବାଇଲ, ଗୋଟିଏ ଚାବି, ୮ ପ୍ୟାକେଟ୍ କେମିକାଲ ପାଉଡର ଜବତ କରାଯାଇଛି ବୋଲି ଟାଉନ୍ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବଲାଙ୍ଗୀର ସଦର ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତ ୨୨ ତାରିଖରେ ବଲାଙ୍ଗୀର ତେଲିଗୋଠପଡ଼ା ନିବାସୀ ଭକ୍ତ ପ୍ରସାଦ ଖମାରୀଙ୍କ ଘରକୁ ୨ଜଣ ଯୁବକ ଆସି ଏକ କେମିକାଲ ପାଉଡର ପ୍ରମୋଶନ୍ କରୁଛନ୍ତି ବୋଲି କହିଥିଲେ। ଉକ୍ତ ପାଉଡର ଲଗାଇବା ଦ୍ୱାରା ପୁରୁଣା ଧାତୁ ତିଆରି ଜିନିଷ ସଫା ହେବା ସହ ଚିକ୍‌ଚିକ୍ କରିବ ବୋଲି କହିଥିଲେ। ଏଥିସହ ସେମାନେ ଘରେ ଥିବା ସ୍କୁଟିର କଳଙ୍କିଲଗା ଷ୍ଟିଲବାର୍, ପୁରୁଣା ତାଲା ଏବଂ ଏକ ରୁପା ମୁଦିରେ ଉକ୍ତ ପାଉଡର ଲଗାଇ ସଫା କରିଥିଲେ। ଏହାପରେ ଭକ୍ତପ୍ରସାଦଙ୍କ ସ୍ତ୍ରୀ ଭୂମିସୁତା ପିନ୍ଧିଥିବା ସୁନାଚେନ୍ ସଫା କରିଦେବେ ବୋଲି ମାଗିଥିଲେ। ହେଲେ ସେ ଦେବାକୁ ମନା କରିବାରୁ ସେମାନେ ତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏନେଇ ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଏକ ସିସିଟିଭି ଫୁଟେଜ୍‌ରୁ ସମ୍ପୃକ୍ତ ଦୁଇ ଲୁଟେରାଙ୍କ ଫଟୋ ଏବଂ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରିଥିଲା। ଡିସେମ୍ବର ୨୩ରେ ବରଗଡ଼ ଜିଲା ପଦ୍ମପୁର ସହରରେ ସମାନ ଢଙ୍ଗରେ ସୁନାଚେନ୍ ଲୁଟ ଘଟଣା ଘଟିଥିବା ପୋଲିସକୁ ସୂଚନା ମିଳିଥିଲା। ଏହାପରେ ବଲାଙ୍ଗୀର ଟାଉନ୍ ଥାନା ପୋଲିସ ଟିମ୍ ପଦ୍ମପୁର ପୋଲିସକୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇ ଓଡ଼ିଶା-ଛତିଶଗଡ଼ ସୀମାର ସମସ୍ତ ରାସ୍ତାରେ ନାକାବନ୍ଦୀ କରିଥିଲା। ଲୁଟେରାମାନେ ବରପାଲି ଅଭିମୁଖେ ଯାଉଥିବାବେଳେ ବଲାଙ୍ଗୀର ପୋଲିସ ଟିମ୍ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିବା ସହ ଲୁଟ ସାମଗ୍ରୀ ଜବତ କରିଥିଲା। ଠିକ୍ ସେହିପରି ପଦ୍ମପୁର ପୋଲିସ ମଧ୍ୟ ପୂର୍ବରୁ ଏହି ଲୁଟେରା ଗ୍ୟାଙ୍ଗ୍‌ର ଅନ୍ୟ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କୁ ରିମାଣ୍ଡରେ ଆଣି ଅଧିକ ପଚରାଉଚରା କରିବ ବୋଲି ଏସ୍‌ଡିପିଓ କହିଛନ୍ତି। ବଲାଙ୍ଗୀର ଟାଉନ୍ ଥାନାରେ ଏସ୍‌ଡିପିଓ ଉପାଧ୍ୟାୟଙ୍କ ଉପସ୍ଥିତିରେ ଥାନାଧିକାରୀ ଅବନୀ ସାହୁ ଲୁଟ୍‌ର ଶିକାର ଭୂମିସୁତାଙ୍କୁ ଜବତ ସୁନାଚେନ୍ ଫେରାଇଥିଲେ। ପୋଲିସର ଏଭଳି କାର୍ଯ୍ୟକୁ ଖମାରୀ ଦମ୍ପତି ପ୍ରଶଂସା କରିଛନ୍ତି।

## Business

# ରୁଷିଆ ମୁହାଁ ଭାରତୀୟ ଶ୍ରମିକ

ଭୁବନେଶ୍ୱର,୨୯।୧୨(ଅନୁରାଧା ମହାରଣା)



ଯୁବପିଢ଼ି ଭଲ ଚାକିରି ଏବଂ ଭଲ ଦରମା ଚାହୁଁଛନ୍ତି। ଏହି ସନ୍ଧାନରେ ବହୁ ସଂଖ୍ୟକ ଭାରତୀୟ ଯୁବା ତଥା ଶ୍ରମିକ ଉପସାଗରୀୟ ଦେଶଗୁଡ଼ିକୁ ଯାଇଛନ୍ତି। ବର୍ତ୍ତମାନ ପରିସ୍ଥିତି ଧୀରେ ଧୀରେ ପରିବର୍ତ୍ତନ ହେଉଛି ଏବଂ ବିଦେଶରେ ନୂତନ କାର୍ଯ୍ୟ ବିକଳ୍ପ ଉଭା ହେଉଛି। ଏକ ରିପୋର୍ଟ ଅନୁଯାୟୀ, ରୁଷିଆ ଭାରତୀୟ ଶ୍ରମିକଙ୍କ ପାଇଁ ଏକ ନୂତନ ଏବଂ ପ୍ରମୁଖ ନିଯୁକ୍ତି ବଜାର ଭାବରେ ଉଭା ହେଉଛି। ନିର୍ମାଣ, ତୈଳ ଏବଂ ଗ୍ୟାସ ରିଫାଇନାରୀ ଏବଂ ଉତ୍ପାଦନ କ୍ଷେତ୍ରରେ ଭାରତୀୟ ଶ୍ରମିକଙ୍କ ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ତଥ୍ୟ ଦର୍ଶାଉଛି ଯେ ଗତ ୪ ବର୍ଷ ମଧ୍ୟରେ ରୁଷିଆ ଯାଉଥିବା ଭାରତୀୟ ଶ୍ରମିକଙ୍କ ସଂଖ୍ୟା ପ୍ରାୟ ୬୦% ବୃଦ୍ଧିପାଇଛି। ସୂଚନାନୁସାରେ ରୁଷିଆର ଜନସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ହେଉଛି, ଯେତେବେଳେ ୟୁକ୍ରେନରେ ଯୁଦ୍ଧ ଯୋଗୁ ବହୁ ସଂଖ୍ୟକ ସ୍ଥାନୀୟ ଯୁବକଙ୍କୁ ସାମରିକ ମୋର୍ଚ୍ଚାରେ ନିୟୋଜିତ କରାଯାଇଛି। ରୁଷିଆ ଶ୍ରମ ମନ୍ତ୍ରଣାଳୟ ଅନୁଯାୟୀ, ୨୦୩୦ ସୁଦ୍ଧା ଦେଶକୁ ପ୍ରାୟ ୧୧ ନିୟୁତ ଅତିରିକ୍ତ ଶ୍ରମିକଙ୍କ ଆବଶ୍ୟକତା ପଡ଼ିବ। ଏହି ଚାହିଦା ପୂରଣ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ହୋଇ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ରୁଷିଆ ଏହାର ଶ୍ରମ ଆବଶ୍ୟକତା ପାଇଁ ମଧ୍ୟ ଏସୀୟ ଦେଶଗୁଡ଼ିକ ଉପରେ ନିର୍ଭର କରୁଥିଲା। ବର୍ତ୍ତମାନ ଭାରତୀୟ ଶ୍ରମିକଙ୍କ ଉପରେ ଏହାର ନିର୍ଭରଶୀଳତା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ରୁଷିଆ ୨୦୨୪ରେ ପ୍ରାୟ ୭୨,୦୦୦ ଭାରତୀୟଙ୍କୁ କାର୍ଯ୍ୟ ଅନୁମତି ପ୍ରଦାନ କରିଛି। ପଶ୍ଚିମବଙ୍ଗ, ବିହାର, ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁର ବହୁ ସଂଖ୍ୟକ ଲୋକ ରୁଷିଆରେ ନିଯୁକ୍ତି ସୁଯୋଗ ଖୋଜୁଛନ୍ତି। ରୁଷିଆରେ ଭାରତୀୟ ଶ୍ରମିକମାନେ ଉତ୍କୃଷ୍ଟ ଦରମା ପ୍ୟାକେଜ ପାଆନ୍ତି। ନିଯୁକ୍ତି ଏଜେନ୍ସିଗୁଡ଼ିକର ତଥ୍ୟ ଅନୁଯାୟୀ, ରୁଷିଆରେ ଜଣେ ଭାରତୀୟ ଶ୍ରମିକଙ୍କ ପାଇଁ ହାରାହାରି ପ୍ରାରମ୍ଭିକ ଦରମା ପ୍ରତି ମାସରେ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ। ଅନେକ କମ୍ପାନୀ ଓଭରଟାଇମ ଏବଂ ବାସସ୍ଥାନ ମଧ୍ୟ ପ୍ରଦାନ କରନ୍ତି। ଅଭିଜ୍ଞ ବ୍ୟକ୍ତିମାନେ ୧,୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଦରମା ପାଆନ୍ତି। ୱେଲ୍ଡର୍, କାର୍ପେଣ୍ଟର, ଇଲେକ୍ଟ୍ରିସିଆନ, ଡ୍ରାଇଭର ଏବଂ କାରଖାନା ଅପରେଟର ଭଳି ବ୍ଲୁ କଲାର ଚାକିରି ସଂଖ୍ୟା ରୁଷିଆରେ ସର୍ବାଧିକ।

# କମିଲା ସୁନା, ରୁପା

ଭୁବନେଶ୍ୱର,୨୯।୧୨(ଅନୁରାଧା ମହାରଣା)

ବିବାହ ଋତୁ ଲଗାତାର ସୁନା ଓ ରୁପା ଦର ବୃଦ୍ଧି ଗ୍ରାହଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଥିବାବେଳେ ସୋମବାର ଉଭୟ ସୁନା ଓ ରୁପା ଦର ଖସିଛି। ଦିନକରେ ସୁନାଦର ୫ହଜାର ଟଙ୍କାରୁ ଅଧିକ ହ୍ରାସ ପାଇଥିବାବେଳେ ରୁପାଦର କିଲୋଗ୍ରାମ ପ୍ରତି ୧୭ ହଜାରରୁ ଅଧିକ ଖସିଛି। ରବିବାର ୨୪ କ୍ୟାରେଟ ସୁନା ୧୦ଗ୍ରାମ ପ୍ରତି ୧,୪୦,୩୧୦ ଟଙ୍କା ଥିବାବେଳେ ସୋମବାର ୫,୫୫୦ଟଙ୍କା କମି ୧,୩୪, ୭୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ୧୦ ଗ୍ରାମପ୍ରତି ୧,୨୩,୫୩୦ ଟଙ୍କା, ୨୦ କ୍ୟାରେଟ ସୁନା ଦର ୧,୧୨,୩୦୦ଟଙ୍କା ଓ ୧୮ କ୍ୟାରେଟ୍ ସୁନା ମୂଲ୍ୟ ୧,୦୧,୦୭୦ ଟଙ୍କା ରହିଛି। ଅନ୍ୟପଟେ ରୁପାଦର କିଲୋଗ୍ରାମ ପ୍ରତି ୧୭,୩୦୦ ଟଙ୍କା କମିଛି। ରବିବାର ଏହାର ରୁପାଦର କିଲୋଗ୍ରାମ ପ୍ରତି ୨,୪୧,୦୩୦ ଟଙ୍କା ଥିବାବେଳେ ସୋମବାର ଏହା ୨,୨୩,୭୩୦ ଟଙ୍କା ରହିଛି।

# ସେଣ୍ଟ୍ରାଲ ବ୍ୟାଙ୍କ ଅଧିକାରୀ ସଂଘର ତ୍ରୈବାର୍ଷିକ ସମ୍ମିଳନୀ




ଭୁବନେଶ୍ୱର,୨୯।୧୨(ଅନୁରାଧା ମହାରଣା)

ସେଣ୍ଟ୍ରାଲ ବ୍ୟାଙ୍କ ଅଧିକାରୀ ସଂଘର ତ୍ରୈବାର୍ଷିକ ସମ୍ମିଳନୀ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସମ୍ମିଳନୀକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନିତ ଅତିଥିଭାବେ ବିଧାୟକ ପଦ୍ମଲୋଚନ ପଣ୍ଡା, ସାମାଜିକ କର୍ମୀ ନୟନ କିଶୋର ମହାନ୍ତି ଓ ସେଣ୍ଟ୍ରାଲ ବ୍ୟାଙ୍କର କ୍ଷେତ୍ରୀୟ ମୁଖ୍ୟ ପଙ୍କଜ କୁମାର, ସେଣ୍ଟ୍ରାଲ ବ୍ୟାଙ୍କର ସର୍ବ ଭାରତୀୟ ସାଧାରଣ ସମ୍ପାଦକ ଅରବିନ୍ଦ ମୀନା, ସର୍ବଭାରତୀୟ ଅଫିସର ସଂଘର ସଭାପତି ତ୍ରୈଲୋଚନ ସାହୁ, ସର୍ବଭାରତୀୟ ସେଣ୍ଟ୍ରାଲ ବ୍ୟାଙ୍କ ଅଧିକାରୀ ସଂଘର ସଭାପତି କୁମାର ଶଙ୍କରାନନ୍ଦ, କୋଷାଧ୍ୟକ୍ଷ ସ୍ମିତା ପରବ, ଅଧ୍ୟକ୍ଷ ମନୋଜ ୱାଡନେକର ବକ୍ତବ୍ୟ ରଖିଥିଲେ। ଅଧିକାରୀ ସଂଘ ଅଧ୍ୟକ୍ଷ ଦାମୋଦର ନନ୍ଦ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ ଓ ସଭାପତି ଅଶ୍ୱିନୀ ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଓଡ଼ିଶା ଅଧିକାରୀ ସଂଘର ସାଧାରଣ ସମ୍ପାଦକ ସୌମେନ୍ଦ୍ର ସାହୁ ତ୍ରୈବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷ ସୁବ୍ରତ ସାସମଲ ଧନ୍ୟବାଦ କରିଥିଲେ। ମହିଳା ଶାଖାର ଅଧ୍ୟକ୍ଷା ଅନୀତା ବିଦ୍ଧାନୀ ଓ ସଭାନେତ୍ରୀ ବନ୍ଦନା ଷଡ଼ଙ୍ଗୀ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମନ୍ତ୍ରୀ ହରିଚନ୍ଦନ ଦେଶଗଠନରେ ବ୍ୟାଙ୍କ ଅଧିକାରୀମାନଙ୍କ ଯୋଗଦାନର ଅବତାରଣା କରିଥିଲେ।

# ଗୋଦରେଜ ଇଣ୍ଟେରିଓର ନୂଆ ଷ୍ଟୋର



ଭୁବନେଶ୍ୱର,୨୯।୧୨(ଅନୁରାଧା ମହାରଣା)

ଗୋଦରେଜ ଇଣ୍ଟରିଓ ଭୁବନେଶ୍ୱରରେ ଏହାର ନୂଆ ଷ୍ଟୋର ଲଞ୍ଚ କରିଛି। ଏହି ଷ୍ଟୋର ପୂର୍ବ ଭାରତରେ ବ୍ରାଣ୍ଡର ଉପସ୍ଥିତିକୁ ଆହୁରି ସୁଦୃଢ଼ କରିବ। ୩,୨୦୦ ବର୍ଗଫୁଟ ଅଞ୍ଚଳରେ ନିର୍ମିତ ଏହି ଷ୍ଟୋର ଗ୍ରାହକଙ୍କୁ ଚାହିଦା ମୁତାବକ ଫର୍ନିଚର ଯୋଗାଇବା ପାରିବ। ଏନେଇ ଗୋଦରେଜ ଇଣ୍ଟେରିଓ ପକ୍ଷରୁ କୁହାଯାଇଛି ଯେ, ପ୍ରାୟ ୧୫ ଲକ୍ଷ ଜନସଂଖ୍ୟା ଆଧାର ସହିତ ଭୁବନେଶ୍ୱର ଏକ ଦ୍ରୁତ ବିକାଶଶୀଳ ସହରାଞ୍ଚଳ ହବ୍ ଭାବରେ ଉଭା ହେବା ସହିତ ନୂତନ ଷ୍ଟୋରଟି ସହରର ବର୍ଦ୍ଧିତ ଆବାସିକ ଏବଂ ବାଣିଜ୍ୟିକ ଜନସଂଖ୍ୟାର ବିକଶିତ ଜୀବନଶୈଳୀ ଆକାଂକ୍ଷା ପୂରଣ କରିବ। ଷ୍ଟୋରରେ ଲିଭିଙ୍ଗ ରୁମ୍, ବେଡ୍‌ରୁମ୍, ଡାଇନିଂ, ହୋମ ଷ୍ଟୋରେଜ୍ ଏବଂ ଗଦିରେ ଏକ ବ୍ୟାପକ ଉତ୍ପାଦ ଉପଲବ୍ଧ ରହିଛି। ଏହା ଗ୍ରାହକମାନଙ୍କୁ କେବଳ ଆଖିକୁ ଆକର୍ଷଣୀୟ ଦେଖାଯାଉଥିବା ଉତ୍ପାଦ ନୁହେଁ ବରଂ ଆରାମ, ସୁବିଧା ଏବଂ ଦୈନନ୍ଦିନ ଜୀବନଯାପନରେ ସହାୟକ ହେଉଥିବା ଫର୍ନିଚର ପ୍ରଦାନ କରୁଛି। '୩ କୋଟିର ବାର୍ଷିକ ବ୍ୟବସାୟିକ ସମ୍ଭାବନା ସହିତ ଏହି ନୂତନ ଆଉଟଲେଟ ଏହି ଅଞ୍ଚଳରେ କମ୍ପାନୀର ଅଭିବୃଦ୍ଧି ସମ୍ଭାବନାକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ବରିଷ୍ଠ ଉପାଧ୍ୟକ୍ଷ ଏବଂ ଗ୍ରାହକ ବ୍ୟବସାୟ ମୁଖ୍ୟ ଡ. ଦେବ ନାରାୟଣ ସରକାର କହିଛନ୍ତି, ଭୁବନେଶ୍ୱର ଏକ ସ୍ପନ୍ଦନଶୀଳ, ଆକାଂକ୍ଷୀ ଏବଂ ଦ୍ରୁତ ଗତିରେ ପ୍ରଗତିଶୀଳ ବଜାରକୁ ପ୍ରତିନିଧିତ୍ୱ କରୁଛି ଏବଂ ଏହି ନୂତନ ଷ୍ଟୋର ସହିତ ଆମେ ଏଠାରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବାକୁ ଖୁସି।

# ଭିକ୍ଟୋରିସ 'ଗଟ୍ ଇଟ୍ ଅଲ୍'କୁ ଆଇସିଓଟିୱାଇ ପୁରସ୍କାର

ଭୁବନେଶ୍ୱର,୨୯।୧୨(ଅନୁରାଧା ମହାରଣା)




ମାରୁତି ସୁଜୁକି ଭିକ୍ଟୋରିସ 'ଗଟ୍ ଇଟ୍ ଅଲ୍' ଏସ୍‌ୟୁଭିକୁ ପ୍ରତିଷ୍ଠିତ ଇଣ୍ଡିଆନ କାର୍ ଅଫ୍ ଦି ଇୟର (ଆଇସିଓଟିୱାଇ) ୨୦୨୬ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ମାରୁତି ସୁଜୁକିର ଭୁବନେଶ୍ୱର ଓ କଟକର ଡିଲରମାନେ ନିଜର ଭିକ୍ଟୋରିସ ଗ୍ରାହକମାନଙ୍କ ସହ ସ୍ଥାନୀୟ ଏକ ହୋଟେଲଠାରେ ଉତ୍ସବ ପାଳନ କରିଛନ୍ତି। ଭିକ୍ଟୋରିସରେ 'ଥିଏଟର ଅନ୍ ହୱିଲ' ଇନ୍‌ଫୋଟେନମେଣ୍ଟ ଅଭିଜ୍ଞତା ସହିତ ୮-ସ୍ପିକର ପ୍ରିମିୟମ ସାଉଣ୍ଡ ଅଭିଜ୍ଞତା ସହିତ ଡଲ୍ବି ଆଟମସ୍ ଏବଂ ୨୫.୬୫ ସେମି ସ୍ମାର୍ଟପ୍ଲେ ପ୍ରୋ X ଟଚସ୍କ୍ରିନ ରହିଛି। ଏକ ଆଡଭାନ୍ସଡ ଲେଭଲ୨ ଏଡିଏଏସ ସୁଟ, ହାଇ ଡେଫିନେଶନ ୩୬୦ ଭ୍ୟୁ କ୍ୟାମେରା ସିଷ୍ଟମ ଏବଂ କଷ୍ଟମାଇଜେବଲ ୬୪ ରଙ୍ଗ ଆମ୍ବିଏଣ୍ଟ ଲାଇଟିଂ ସହିତ ଡିଜାଇନ୍ କରାଯାଇଛି। ଏକାଧିକ ପାୱାରଟ୍ରେନ ବିକଳ୍ପ ସହିତ ପ୍ରଦାନ କରାଯାଇଥିବା ଭିକ୍ଟୋରିସ ଏକ ପରିଷ୍କୃତ ଏବଂ ନୀରବ ଡ୍ରାଇଭ ଅଭିଜ୍ଞତା ପାଇଁ ଇଭି ମୋଡ ସହିତ ୧.୫ ଏଲ ଷ୍ଟ୍ରଙ୍ଗ ହାଇବ୍ରିଡ ପାୱାରଟ୍ରେନ ସହିତ ଉପଲବ୍ଧ। ଭିକ୍ଟୋରିସ ଷ୍ଟ୍ରଙ୍ଗ ହାଇବ୍ରିଡ ୨୮.୬୫ କିମି/ଲି (ଇସିଭିଟି)ସ୍‌ର ଅବିଶ୍ୱସନୀୟ ଇନ୍ଧନ-ଦକ୍ଷତା ସହିତ ମସୃଣ, ଆତ୍ମବିଶ୍ୱାସୀ ଏବଂ ଦକ୍ଷ କାର୍ଯ୍ୟଦକ୍ଷତା ପ୍ରଦାନ କରେ। ଭିକ୍ଟୋରିସ ଏକ ଅଲ୍‌ଗ୍ରିପ୍ ସିଲେକ୍ଟ ୪x୪ ମଡେଲ ସହିତ ମଧ୍ୟ ଉପଲବ୍ଧ, ଯାହା ୬-ସ୍ପିଡ ସ୍ୱୟଂଚାଳିତ ଟ୍ରାନ୍ସମିଶନ ଏବଂ ପ୍ୟାଡେଲ ଶିଫ୍ଟର୍ସ ସହିତ ଆତ୍ମବିଶ୍ୱାସୀ କାର୍ଯ୍ୟଦକ୍ଷତାକୁ ସଶକ୍ତ କରିଥାଏ। ଭିକ୍ଟୋରିସ ଦ୍ୱାରା ପ୍ରଥମ ଥର ପାଇଁ ପ୍ରଚଳିତ ହୋଇଥିବା ଆଉ ଏକ ସେଗମେଣ୍ଟ ହେଉଛି ଭିକ୍ଟୋରିସ ଏସ-ସିଏନଜିର ଅଣ୍ଡରବଡି ଇନ୍ଧନ ଟ୍ୟାଙ୍କ ଡିଜାଇନ, ଯାହା ବୁଟ ସ୍ପେସର ପୂର୍ଣ୍ଣ ବ୍ୟବହାରକୁ ସକ୍ଷମ କରିଥାଏ।

# ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଅବଧି ବୃଦ୍ଧି

ଭୁବନେଶ୍ୱର,୨୯।୧୨(ଅନୁରାଧା ମହାରଣା)



ସୁଗମ ଯାତ୍ରା ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳପଥ ସ୍ୱତନ୍ତ୍ର ଟ୍ରେନଗୁଡ଼ିକର ସମୟ, ରହଣି ଏବଂ ସଂରଚନାକୁ ବଜାୟ ରଖିବା ସହ ପରିଚାଳନା ଅବଧି ବୃଦ୍ଧି କରିଛି। ଏହା ଦ୍ୱାରା ଯାତ୍ରୀଙ୍କ ବର୍ଦ୍ଧିତ ଚାହିଦା ପୂରଣ ହେବା ସହ ନିରନ୍ତର ଯାତ୍ରା ସୁବିଧା ଯୋଗାଇବାରେ ବିଶେଷ ସହାୟକ ହେବ। ୦୨୮୩୨ ଭୁବନେଶ୍ୱର-ଧାନବାଦ ସ୍ପେଶାଲ ୨୦୨୬ ଫେବୃଆରୀ ୨୮ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ସେହିଭଳି ୦୨୮୩୧ ଧାନବାଦ-ଭୁବନେଶ୍ୱର ସ୍ପେଶାଲ ୩ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଶାଲିମାରରୁ ପ୍ରତି ରବିବାର ଛାଡୁଥିବା ଟ୍ରେନ ନ. ୦୨୮୩୯ ଶାଲିମାର-ପୁରୀ ସାପ୍ତାହିକ ସ୍ପେଶାଲ ୨୦୨୬ ଫେବୃଆରୀ ୨୨ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ପୁରୀରୁ ପ୍ରତି ସୋମବାର ଛାଡୁଥିବା ଟ୍ରେନ ନ. ୦୨୮୪୦ ପୁରୀ-ଶାଲିମାର ସାପ୍ତାହିକ ସ୍ପେଶାଲ ଫେବୃଆରୀ ୨୩ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି। ଭଞ୍ଜପୁରରୁ ପ୍ରତି ଗୁରୁବାର ଏବଂ ଶନିବାର ଛାଡୁଥିବା ୦୮୦୧୧ ଭଞ୍ଜପୁର-ପୁରୀ ସ୍ପେଶାଲ ଟ୍ରେନକୁ ଫେବୃଆରୀ ୨୮ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିଭଳି ପୁରୀରୁ ପ୍ରତି ଶୁକ୍ରବାର ଏବଂ ରବିବାର ଛାଡୁଥିବା ୦୮୦୧୨ ପୁରୀ-ଭଞ୍ଜପୁର ସ୍ପେଶାଲ ଟ୍ରେନକୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯାଇଛି।



କେନ୍ଦ୍ର ସରକାରଙ୍କ ଭିବି-ଜି ରାମ ଜି ଆଇନ ପ୍ରତିବାଦରେ ପଞ୍ଜାବର ପଟିଆଲାଠାରେ କିଷାନ ମଜଦୁର ୟୁନିୟନ ମୋର୍ଚ୍ଚାର ସଦସ୍ୟମାନେ ସୋମବାର କୁଶପୁତ୍ତଳିକା ଦାହ କରୁଛନ୍ତି।

# ୭୯ ହଜାର କୋଟିର ପ୍ରତିରକ୍ଷା ହାର୍ଡୱେର୍ କ୍ରୟକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୨୯।୧୨(ପି.ଟି.)**

ପ୍ରତିରକ୍ଷା ମନ୍ତ୍ରଣାଳୟ ସୋମବାର ୭୯,୦୦୦ କୋଟି ଟଙ୍କା ମୂଲ୍ୟର ଦୀର୍ଘ ଲକ୍ଷ୍ୟଭେଦୀ ରକେଟ, ମିଶାଇଲ୍, ରାଡାର ସିଷ୍ଟମ ଏବଂ ସାମରିକ ପ୍ଲାଟ୍‌ଫର୍ମ କ୍ରୟ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ଏହା ସେନାର ଆକ୍ରମଣ କ୍ଷମତା ବଢ଼ାଇବାରେ ସହାୟକ ହେବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ଉପରୋକ୍ତ ପ୍ରସ୍ତାବଗୁଡ଼ିକୁ ସବୁଜ ସଙ୍କେତ ଦେଇଛି।

ସେନାର ଆର୍ଟିଲେରି ରେଜିମେଣ୍ଟ ପାଇଁ ଲୋଏଟର ମ୍ୟୁନିଶନ ସିଷ୍ଟମ କ୍ରୟ ପ୍ରସ୍ତାବ ସମେତ ସେନା ପାଇଁ ନିମ୍ନ ସ୍ତରର ହାଲୁକା ରାଡାର, ପିନାକା ରକେଟ୍ ସିଷ୍ଟମ ପାଇଁ ଦୀର୍ଘ ଲକ୍ଷ୍ୟଭେଦୀ ଗାଇଡେଡ୍ ରକେଟ ଗୁଳିଗୋଳା ଏବଂ ସମନ୍ୱିତ ଡ୍ରୋନ୍ ଚିହ୍ନଟ ଓ ପ୍ରତିରୋଧ ବ୍ୟବସ୍ଥା (ଏମ୍‌କେ-୨) ଅଧିଗ୍ରହଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଭାରତୀୟ ନୌସେନା ପାଇଁ ଉଚ୍ଚ ଫ୍ରିକ୍ୱେନ୍ସି ସଫ୍ଟୱେର ଡିଫାଇଣ୍ଡ ରେଡିଓ (ଏଚ୍‌ଏଫ୍ ଏସ୍‌ଡିଆର୍) ମାନପାକ୍ ଏବଂ ଅଧିକ ଉଚ୍ଚରେ ଦୀର୍ଘ ଦୂରତା ଉଡ଼ିପାରୁଥିବା ଏବଂ ଦୂରରୁ ସଞ୍ଚାଳିତ ହେଉଥିବା ଏୟାରକ୍ରାଫ୍ଟ ସିଷ୍ଟମ ଲିଜ୍ ପାଇଁ ମଧ୍ୟ ମଞ୍ଜୁରୀ ମିଳିଛି। ଭାରତୀୟ ବାୟୁସେନା ପାଇଁ ସ୍ୱତଃ ଉଡ଼ାଣ ଏବଂ ଅବତରଣ ରେକର୍ଡିଂ ସିଷ୍ଟମ, ଅସ୍ତ୍ର ଏମ୍‌କେ-୨ ମିଶାଇଲ୍, ଫୁଲ୍ ମିଶନ ସିମୁଲେଟର ଏବଂ ସ୍ପାଇସ୍-୧୦୦୦ ଦୀର୍ଘ ଦୂରଗାମୀ ଗାଇଡାନ୍ସ କିଟ୍ କିଣାଯିବ।

## ରିଟାୟାରମେଣ୍ଟ ହୋମ୍‌ରେ ନିଆଁ: ୧୬ ଜଳିଗଲେ

**ମନାଡୋ(ଇଣ୍ଡୋନେସିଆ),୨୯।୧୨**

ଇଣ୍ଡୋନେସିଆର ଏକ ରିଟାୟାରମେଣ୍ଟ ହୋମ୍‌ରେ ରବିବାର ସନ୍ଧ୍ୟାରେ ନିଆଁ ଲାଗି ୧୬ ଜଣ ବରିଷ୍ଠ ନାଗରିକଙ୍କ ମୃତ୍ୟୁ ଘଟିଛି। ଇଣ୍ଡୋନେସିଆର ନର୍ଥ ସୁଲାୱେସି ପ୍ରଦେଶ ଅନ୍ତର୍ଗତ ମନାଡୋରେ ଥିବା ଉକ୍ତ ଏକ ମହଲା ବିଲ୍ଡିଂରେ ଅନ୍ତେବାସୀମାନେ ଶୋଇଥିବାବେଳେ ନିଆଁ ଲାଗିଥିଲା ବୋଲି ସୋମବାର ପୋଲିସ କହିଛି। ୧୫ ଜଣଙ୍କ ଶରୀରରେ ନିଆଁ ଲାଗିଥିବାବେଳେ ଜଣକ ମୃତଦେହ ଅକ୍ଷୁଣ୍ଣ ରହିଛି। ଅଗ୍ନିକାଣ୍ଡରେ ଆହତ ହୋଇଥିବା ଅନ୍ୟ ୧୫ ଜଣ ମନାଡୋସ୍ଥିତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହସ୍ପିଟାଲ ନିଆଯାଇଥିବା ମୃତଦେହଗୁଡ଼ିକୁ ପରିବାର ସଦସ୍ୟଙ୍କ ସହାୟତାରେ ଚିହ୍ନଟ କରାଯାଉଛି। ନିଆଁ ଲିଭା କାର୍ଯ୍ୟରେ ୬ଟି ଦମକଳ ନିୟୋଜିତ ହୋଇଥିଲା। ପାଖ ଘର ଲୋକମାନେ ଉକ୍ତ ରିଟାୟାରମେଣ୍ଟ ହୋମ୍‌ରୁ ଅନେକଙ୍କୁ ଉଦ୍ଧାର କରିବାରେ ସହାୟତା କରିଥିଲେ। ବିଦ୍ୟୁତ୍ ତ୍ରୁଟି ଯୋଗୁ ନିଆଁ ଲାଗିଥିବା ପୋଲିସର ପ୍ରାଥମିକ ରିପୋର୍ଟରେ କୁହାଯାଇଛି।

# ସାମୁଦ୍ରିକ କ୍ଷମତା ବଢ଼ାଉଛି ଚାଇନା

- ତାଇୱାନ୍ ପ୍ରଣାଳୀରେ ସମରାଭ୍ୟାସ
- ମାଲବାହୀ ଜାହାଜରେ ମିଶାଇଲ୍ ଲୋଡ୍ କରୁଛି ବେଜିଂ

**ବେଜିଂ,୨୯।୧୨**

ତାଇୱାନକୁ ଚାଇନା ନିଜ ଅଞ୍ଚଳ ବୋଲି ଦାବି କରିଆସୁଥିବାବେଳେ ଏହାକୁ ନେଇ ଜାପାନ ସହ ବେଜିଂର କୂଟନୈତିକ ଉତ୍ତେଜନା ଦେଖାଦେଇଛି। ଏଭଳି ସମୟରେ ଚାଇନା ସେନା ସୋମବାର ତାଇୱାନ ପ୍ରଣାଳୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ବଡ଼ ଧରଣର ସମରାଭ୍ୟାସ ଆରମ୍ଭ କରିଛି। ଚାଇନା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ଇଷ୍ଟର୍ନ ଥିଏଟର କମାଣ୍ଡ ତାଇୱାନ ଷ୍ଟ୍ରେଟ୍‌ର ଜଳରାଶି ଏବଂ ଆକାଶମାର୍ଗରେ ଲଢୁଆ ଯୁଦ୍ଧବିମାନ, ବମ୍ବର ଏବଂ ଡ୍ରୋନ୍ ସମେତ ଦୀର୍ଘ ଲକ୍ଷ୍ୟଭେଦୀ ରକେଟ ମୁତୟନ କରିଛି। ଗୁରୁତ୍ୱପୂର୍ଣ୍ଣ ଟାର୍ଗେଟଗୁଡ଼ିକ ଉପରେ ସୈନ୍ୟମାନଙ୍କ ସଠିକ୍ ଆକ୍ରମଣ ସାମର୍ଥ୍ୟ ପରୀକ୍ଷା କରିବା ଏହାର ଉଦ୍ଦେଶ୍ୟ। ସ୍ୱୟଂଶାସିତ ତାଇୱାନକୁ ଚାଇନା ଏହାର ମୁଖ୍ୟ ଭୂଖଣ୍ଡର ଅଂଶବିଶେଷ ଭାବେ ଦାବି କରିବା ସହ ଏହାକୁ ଏକୀକୃତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ତାଇୱାନ୍‌କୁ ଆମେରିକା ୧୧.୧ ବିଲିୟନ ଡଲାର ମୂଲ୍ୟର ଅସ୍ତ୍ରଶସ୍ତ୍ର ଯୋଗାଇବା ପାଇଁ ମଞ୍ଜୁରୀ ପ୍ରଦାନ କରିଥିବାବେଳେ ଚାଇନା ଏହାକୁ କଡ଼ା ସମାଲୋଚନା କରିଥିଲା। ବର୍ତ୍ତମାନ ତାଇୱାନକୁ ନେଇ ଜାପାନ ସହ ଚାଇନାର କୂଟନୈତିକ ଉତ୍ତେଜନା ସୃଷ୍ଟି ହୋଇଥିବାରୁ



ଆଗକୁ ଏହା ସାମରିକ ସଂଘର୍ଷର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି।

ଚାଇନା ଏହାର ସାମୁଦ୍ରିକ ତାକତ ବୃଦ୍ଧି ପାଇଁ ଏହାର ୯୭ ମିଟର ମାଲବାହୀ ଜାହାଜ ଝୋଙ୍ଗଦା୭୯କୁ ଏକ ଅସ୍ତ୍ରାଗାର ଜାହାଜରେ ପରିଣତ କରିଛି। ଉକ୍ତ ଜାହାଜରେ ୬୦ଟି ମିଶାଇଲ୍ ଲୋଡ଼ କରିଥିବା ଅନ୍‌ଲାଇନ ଚିତ୍ର ଏବଂ ଚାଇନା ଏଜେନ୍ସି ସୂତ୍ରରୁ ଜଣାପଡ଼ିଛି। ସାଂଘାଇସ୍ଥିତ ହୁଡୋଙ୍ଗ-ଝୋଙ୍ଘୁଆ ଶିପବିଲ୍ଡିଂ ଶିପ୍‌ୟାର୍ଡରେ ଉକ୍ତ ଜାହାଜରେ ଅସ୍ତ୍ର ଭର୍ତ୍ତି କରାଯାଉଛି।

ସେଥିରେ ଜାହାଜ ବିଧ୍ୱଂସୀ ମିଶାଇଲ, କ୍ରୁଜ୍, ହାଇପରସୋନିକ ଏବଂ ବିମାନ ବିଧ୍ୱଂସୀ ମିଶାଇଲ ଲୋଡ଼ ହୋଇଛି। ଚାଇନା ନୌସେନା ଏହାର ଭର୍ଟିକାଲ ଲଞ୍ଚ୍ ସିଷ୍ଟମକୁ ଆମେରିକା ନୌସେନା ଭଳି ଶକ୍ତିଶାଳୀ କରିବାକୁ ଉଦ୍ୟମ ଚଳାଇଛି। ବ୍ରିଟେନ୍ ଥିଙ୍କ୍‌ଟ୍ୟାଙ୍କ୍ ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ଷ୍ଟ୍ରାଟେଜିକ୍ ଷ୍ଟଡିଜ୍ ରିପୋର୍ଟ ଅନୁଯାୟୀ, ଚାଇନା ଅସ୍ତ୍ର କ୍ଷମତା ଏବେ ଆମେରିକା ନୌସେନା କ୍ଷମତାର ୫୦ ପ୍ରତିଶତ ଅତିକ୍ରମ କରିଛି।

# ଆରାବଳୀ ସ୍ଥଗିତାଦେଶକୁ ପରିବେଶବିତ୍‌ଙ୍କ ସ୍ୱାଗତ

**ନୂଆଦିଲ୍ଲୀ/ଜୟପୁର,୨୯।୧୨(ପି.ଟି.)**

ଆରାବଳୀ ପର୍ବତମାଳା ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ନଭେମ୍ବର ୨୦ ରାୟକୁ ସୋମବାର ସିଜେଆଇ ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ସ୍ଥଗିତ ରଖିଥିବାରୁ ଏହାକୁ ପରିବେଶବିତ୍‌ମାନେ ସ୍ୱାଗତ କରିଛନ୍ତି। ତେବେ ଆରାବଳି ପ୍ରସଙ୍ଗର ଅଧ୍ୟୟନ ପାଇଁ ଗଠନ ହେବାକୁ ଥିବା ନୂଆ କମିଟିରେ କେବଳ ପ୍ରଶାସନିକ ଅଧିକାରୀ ନୁହନ୍ତି ପରିବେଶ ବିଶେଷଜ୍ଞମାନେ ସ୍ଥାନ ପାଇବା ଆବଶ୍ୟକ ବୋଲି ସେମାନେ ମତ ଦେଇଛନ୍ତି। ଆରାବଳୀରେ ଯେପରି ଭାବରେ ଖଣି ଖନନ ଚାଲିଛି, ତାହା ପ୍ରଶାସନିକ ଏବଂ ଶାସନଗତ ବିଫଳତା ବୋଲି ପରିବେଶବିତ୍ ଭବରିନ୍ କଣ୍ଡାରୀ କହିଛନ୍ତି। ଏହାକୁ ରୋକିବା ପାଇଁ ନ୍ୟାୟିକ ହସ୍ତକ୍ଷେପ ଅତ୍ୟନ୍ତ ଆବଶ୍ୟକ। ସୁପ୍ରିମକୋର୍ଟ ପୂର୍ବ ନିର୍ଦ୍ଦେଶନାମା ଉପରେ ସ୍ଥଗିତାଦେଶ ଜାରି କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ତେବେ ଯେଉଁ କମିଟି ଗଢ଼ାହେବାକୁ ଯାଉଛି, ସେଥିରେ ପରିବେଶବିତ୍ ଏବଂ ପରିସ୍ଥିତିବିତ୍ ରହିବା ଜରୁରୀ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ଅନ୍ତରୀଣ ବିଜୟ ବୋଲି ପିପୁଲ୍ ଫର୍ ଆରାବଳୀ ଗ୍ରୁପ୍‌ର ପ୍ରତିଷ୍ଠାତା ସଦସ୍ୟ ନୀଲମ ଆଲୁୱାଲିଆ କହିଛନ୍ତି। ଆମେ ବାସ୍ତବରେ ଆରାବଳୀରେ ସରକାର ସମସ୍ତ ଖଣି ଖନନ କାର୍ଯ୍ୟ ବନ୍ଦ ରଖିବା ଚାହୁଁ। ଆରାବଳୀ କେତେ ପରିମାଣରେ ଧ୍ୱଂସ ହୋଇଛି ତାହା ନିର୍ଦ୍ଧାରଣ କରିବାକୁ ହେଲେ ଲୋକଙ୍କ ସ୍ୱାସ୍ଥ୍ୟ, ପରିବେଶ ଉପରେ ସମଗ୍ର ଅଞ୍ଚଳର ଏକ ସମ୍ପୂର୍ଣ୍ଣ, ସବିଶେଷ, ନିରପେକ୍ଷ ପରବେଶ ଏବଂ ସାମାଜିକ ପ୍ରଭାବ ଆକଳନ ଆବଶ୍ୟକ ବୋଲି ସେ କହିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏକ ଅଭୂତପୂର୍ବ ନିଷ୍ପତ୍ତି ବୋଲି ପରିବେଶବିତ୍ ବିମଳେନ୍ଦୁ ଝା କହିଛନ୍ତି। ପରିବେଶର ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ବିଜୟ ଧସମାନା କହିଛନ୍ତି, ରିଅଲ ଇଷ୍ଟେଟ ଏବଂ ଖଣି ଖନନ ଲବି ଆରାବଳୀର ନୂଆ ସଂଜ୍ଞାର ଯୁକ୍ତିକୁ ପ୍ରଭାବିତ କରିଛନ୍ତି। କିନ୍ତୁ ସତ ହେଲା ଆରାବଳୀର କୌଣସି ଭୂତାତ୍ତ୍ୱିକ ବୈଶିଷ୍ଟ୍ୟ ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ହୋଇନାହିଁ।

ନଭେମ୍ବର ୨୦ ନିର୍ଦ୍ଦେଶ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶକୁ ରାଜସ୍ଥାନର କଂଗ୍ରେସ ନେତା ଓ ପରିବେଶ କର୍ମୀମାନେ ସ୍ୱାଗତ କରିଛନ୍ତି। ଆରାବଳୀର ନୂଆ ସଂଜ୍ଞାକୁ କଂଗ୍ରେସ ଓ ପରିବେଶ କର୍ମୀମାନେ ଜୋର୍‌ଦାର ବିରୋଧ କରିଥିଲେ। ନୂଆ ସଂଜ୍ଞାରେ ଆରାବଳୀ ଜିଲାଗୁଡ଼ିକର ୧୦୦ ମିଟରରୁ ଅଧିକ ଉଚ୍ଚରେ ଥିବା ଅଞ୍ଚଳକୁ ଆରାବଳୀ ପର୍ବତମାଳା ବିବେଚନା କରାଯାଇଥିଲା। ୨କିମ୍ବା ତଦୂର୍ଦ୍ଧ୍ୱ ପାହାଡ଼ ମଧ୍ୟରେ ବ୍ୟବଧାନ ୫୦୦ ମିଟର ଥିଲେ ତାହାକୁ ଆରାବଳୀ ପର୍ବତମାଳା ଧରାଯିବ ବୋଲି ଉଲ୍ଲେଖ କରାଯାଇଥିଲା। ଏହି ନୂଆ ସଂଜ୍ଞାକୁ କଂଗ୍ରେସ ନେତା, ପରିବେଶ କର୍ମୀଙ୍କ ସମେତ ବିଭିନ୍ନ ମହଲରୁ ବିରୋଧ କରାଯାଇଥିଲା। ଏହା ଦ୍ୱାରା ଆରାବଳୀର ବ୍ୟାପକ ଅଞ୍ଚଳରେ ଖଣି ଖନନ, ରିଅଲ୍ ଇଷ୍ଟେଟ୍ ଓ ଅନ୍ୟାନ୍ୟ ପ୍ରୋଜେକ୍ଟ ନିର୍ମାଣ ପାଇଁ ବାଟ ଖୋଲିଯିବ ଓ ପର୍ବତମାଳା ଧ୍ୱଂସ ହୋଇଯିବ ବୋଲି ସେମାନେ ଆଶଙ୍କା ବ୍ୟକ୍ତ କରିଥିଲେ। ଶୀର୍ଷ ଅଦାଲତଙ୍କ ସୋମବାରର ନିର୍ଦ୍ଦେଶ ପରେ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଏହାକୁ ଆଞ୍ଚଳିକ ପରିବେଶୀୟ ଅଖଣ୍ଡତାର ସଂରକ୍ଷଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି। ଏହା ସ୍ୱାଗତଯୋଗ୍ୟ। ବର୍ତ୍ତମାନର ପରିବେଶୀୟ ଆହ୍ୱାନକୁ ଦୃଷ୍ଟିରେ ରଖି ଆରାବଳୀ ଅଞ୍ଚଳର ଭବିଷ୍ୟତ ପାଇଁ ଆଗାମୀ ଶତାବ୍ଦୀକୁ ବିଚାରକୁ ନେଇ ଦୀର୍ଘମିଆଦୀ ଦୃଷ୍ଟିକୋଣରୁ ଯୋଜନା ପ୍ରସ୍ତୁତ ହେବା ଜରୁରୀ ବୋଲି ଗେହଲଟ କହିଛନ୍ତି।

ସୁପ୍ରିମକୋର୍ଟଙ୍କ ରାୟ ଜନସାଧାରଣଙ୍କର ବଡ଼ ବିଜୟ ବୋଲି ରାଜସ୍ଥାନ ବିଧାନସଭାର ବିରୋଧୀ ଦଳ ନେତା ଟିକାରାମ ଜୁଲି କହିଛନ୍ତି। ଆରାବଳୀର ଦୀର୍ଘମିଆଦୀ ସଂରକ୍ଷଣ ସୁନିଶ୍ଚିତ କରିବା ପାଇଁ ସର୍ବୋଚ୍ଚ ଅଦାଲତ ଏକ ଐତିହାସିକ ରାୟ ଦେବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଅଦାଲତଙ୍କ ନିଷ୍ପତ୍ତିରେ ଆରାବଳୀ ବିରାସତ ଜନ ଅଭିଯାନ ସଂଗଠନ ସନ୍ତୋଷବ୍ୟକ୍ତ କରିଛି। ଆରାବଳୀ ସୁରକ୍ଷା ଅଭିଯାନ ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ବୋଲି ସଂଗଠନ କହିଛି।

## କ୍ଷମା ମାଗିଲେ ଲଳିତ ମୋଦି



**ନୂଆଦିଲ୍ଲୀ,୨୯।୧୨ :** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦି ନିକଟରେ ପଳାତକ ବ୍ୟବସାୟୀ ବିଜୟ ମାଲ୍ୟାଙ୍କ ସହ ଲଣ୍ଡନରେ ପାର୍ଟି କରୁଥିବାର ଏକ ଭିଡିଓ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଥିଲେ। ସେଥିରେ ସେ ଉଭୟଙ୍କୁ ଭାରତର ସବୁଠୁ ବଡ଼ ପଳାତକ ବୋଲି ଲେଖିଥିଲେ, ଯାହା ଦେଶ ପ୍ରତି ତାଚ୍ଛଲ୍ୟ ଭାବେ ଦେଖାଯାଇଥିଲା। ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯିବା ପରେ ଲଳିତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ Xରେ କ୍ଷମା ମାଗିଛନ୍ତି। ଯଦି କାହାର ଭାବନାକୁ ଆଘାତ ଦେଇଥାଏ, ସେଥିପାଇଁ କ୍ଷମା ମାଗୁଛି, ବିଶେଷକରି ଭାରତ ସରକାରଙ୍କୁ, ଯାହାଙ୍କ ପ୍ରତି ମୋର ସର୍ବୋଚ୍ଚ ସମ୍ମାନ ରହିଛି ବୋଲି ଲଳିତ ଲେଖିଛନ୍ତି। ସୂଚନାଯୋଗ୍ୟ, ଲଣ୍ଡନର ବେଲଗ୍ରେଭ୍ ସ୍କୋୟାରରେ ମାଲ୍ୟାଙ୍କ ୭୦ତମ ଜନ୍ମଦିବସ ଉପଲକ୍ଷେ ଲଳିତ ପାର୍ଟିର ଆୟୋଜନ କରିଥିଲେ। ଆମେ ୨ ଜଣ ଭାରତର ସବୁଠୁ ବଡ଼ ପଳାତକ ବୋଲି ସେ କହୁଥିବା ବେଳେ ମାଲ୍ୟା ହସୁଥିବା ଭିଡିଓରେ ଦେଖାଯାଇଥିଲା।

## ବିନା ମଞ୍ଜୁରୀରେ ମଣିପୁରରେ 'ରିଙ୍ଗ୍ ରୋଡ'

### କାର୍ଯ୍ୟ ବନ୍ଦ ପାଇଁ ଏନ୍‌ଜିଟି ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୯।୧୨**

ରାଜ୍ୟ ସରକାରଙ୍କ ବିନା ଅନୁମୋଦନରେ ମଣିପୁରରେ ଏକ ରିଙ୍ଗ୍ ରୋଡ୍ ନିର୍ମାଣ କରାଯାଇଛି। ଏହି ରାସ୍ତା ୬ଟି ଜିଲାର ଜଙ୍ଗଲ ଦେଇ ଯାଇଛି। ରିଙ୍ଗ୍ ରୋଡ ନିର୍ମାଣ ତୁରନ୍ତ ବନ୍ଦ କରାଇବା ପାଇଁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ମଣିପୁର ସରକାରଙ୍କୁ ଗତ ୨୩ ତାରିଖରେ ନିର୍ଦ୍ଦେଶ ଦେବା ପରେ ଘଟଣା ଲୋକଲୋଚନକୁ ଆସିଛି। ରାଜ୍ୟ ସରକାରଙ୍କ ଦ୍ୱାରା ମଞ୍ଜୁର ଏବଂ ଏସିଆନ୍ ଡେଭେଲପମେଣ୍ଟ ବ୍ୟାଙ୍କ ସହାୟତାରେ ନିର୍ମାଣ ହେବାକୁ ଥିବା ରିଙ୍ଗ୍ ରୋଡ୍ ଏହା ନୁହେଁ। ମଣିପୁର ମେଇତି ସମ୍ପ୍ରଦାୟର ସିଭିଲ ସୋସାଇଟି ସଂଗଠନଗୁଡ଼ିକର ମୁଖ୍ୟ ସଂଗଠନ ପକ୍ଷରୁ ଏନେଇ ଏନ୍‌ଜିଟିରେ ଆବେଦନ କରାଯିବା ସହ ତୁରନ୍ତ କାର୍ଯ୍ୟ ବନ୍ଦ ଲାଗି ଦାବି କରାଯାଇଥିଲା। ପରିବେଶ ସମ୍ବେଦନଶୀଳ ଅଞ୍ଚଳରେ ବିନା ଅନୁମତିରେ ନିର୍ମାଣ କାର୍ଯ୍ୟ ଚାଲିଥିବାର ସାଟେଲାଇଟ୍ ଚିତ୍ର ମଧ୍ୟ ଆବେଦନକାରୀ ଏନ୍‌ଜିଟି ନିକଟରେ ଦାଖଲ କରିଥିଲେ।

## ଟାଟାନଗର-ଏର୍ନାକୁଲମ୍ ଟ୍ରେନ୍‌ରେ ନିଆଁ: ଜଣେ ମୃତ



**ବିଶାଖାପାଟଣା,୨୯।୧୨(ପି.ଟି.)**


ଆନ୍ଧ୍ରପ୍ରଦେଶର ୟାଲାମାନଚିଲିଠାରେ ଟାଟାନଗର-ଏର୍ନାକୁଲମ୍ ଏକ୍ସପ୍ରେସ୍ ଟ୍ରେନ୍‌ର ୨ଟି ବଗିରେ ନିଆଁ ଲାଗି ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ରବିବାର ମଧ୍ୟରାତ୍ରରେ ଟ୍ରେନ୍‌ରେ ନିଆଁ ଲାଗିଥିଲା। ଉକ୍ତ ବଗି ମଧ୍ୟରୁ ଗୋଟିଏରେ ୮୨ ଜଣ ଏବଂ ଅନ୍ୟଟିରେ ୭୬ ଜଣ ଯାତ୍ରୀ ଥିଲେ। ବି୧ ବଗିରୁ ଜଣକ ମୃତଦେହ ମିଳିଛି। ମୃତକଙ୍କ ନାମ ଚନ୍ଦ୍ରଶେଖର ସୁନ୍ଦରମ୍ ବୋଲି ଜଣାପଡ଼ିଛି। ତେବେ ଇଲେକ୍ଟ୍ରିକାଲ ପ୍ୟାନେଲ ପାର୍ଶ୍ୱରୁ ନିଆଁ ସୃଷ୍ଟି ହୋଇ ନ ଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି। ଲାଇନେନ୍ ସାମଗ୍ରୀ ଗଚ୍ଛିତ ଥିବା ଅଞ୍ଚଳରେ ନିଆଁ ଲାଗିଥିଲା। ଅଧିକ ତଦନ୍ତ ଜାରି ରହିଥିବା ଦକ୍ଷିଣକେନ୍ଦ୍ରୀୟ ରେଳପଥର ବିଜୟୱାଡ଼ା ଡିଭିଜନ ପକ୍ଷରୁ କୁହାଯାଇଛି।

## ୫ ଶିଶୁଙ୍କ ସମେତ ୯ ଜଣଙ୍କୁ ଛୁରିଭୁସି ହତ୍ୟା

**ପାରାମାରିବୋ,୨୯।୧୨:** ସୁରିନାମ୍ ରାଜଧାନୀ ପାରାମାରିବୋରେ ଶନିବାର ରାତିରେ ଜଣେ ବ୍ୟକ୍ତି ଛୁରି ଧରି ଆକ୍ରମଣ କରିବାରୁ ୫ ପିଲାଙ୍କ ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ପୋଲିସ ଗୁଳିରେ ସନ୍ଦିଗ୍ଧ ହତ୍ୟାକାରୀ ଆହତ ହୋଇଥିବାବେଳେ ତାଙ୍କୁ ଗିରଫ କରାଯାଇଛି। ତାଙ୍କ ଗୋଡ଼ରେ ଗୁଳି ବାଜିଥିବାରୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ଫୁର୍‌ସତ

# ଡାଲୋଲ ସବୁଠୁ ଗରମ ସ୍ଥାନ



**ଲୋ**କମାନେ ଯେବେ ଅତ୍ୟଧିକ ଗରମ ସ୍ଥାନ ବିଷୟରେ କଥା ହୁଅନ୍ତି, ସେମାନେ ସାଧାରଣତଃ ସାହାରା କିମ୍ବା ମଧ୍ୟପ୍ରାଚ୍ୟର ସହରଗୁଡ଼ିକ ପରି ମରୁଭୂମି ବିଷୟରେ ଚିନ୍ତା କରନ୍ତି। କିନ୍ତୁ ପୃଥିବୀର ସବୁଠାରୁ ଗରମ ସ୍ଥାନ ହେଉଛି ଇଥିଓପିଆରେ ଥିବା ଏକ ଦୂରବର୍ତ୍ତୀ ଅଞ୍ଚଳ ଡାଲୋଲ। ଡାଲୋଲକୁ ଅନନ୍ୟ କରିଥାଏ, ଏହା କେବେ ଥଣ୍ଡା ପାଗ ଅନୁଭବ କରେ ନାହିଁ। ଡାଲୋଲ ପୃଥିବୀରେ ସର୍ବାଧିକ ହାରାହାରି ବାର୍ଷିକ ତାପମାତ୍ରାର ରେକର୍ଡ ରଖିଛି। ଏଠାରେ ୩୪.୬ ଡିଗ୍ରୀ ସେଲସିୟସ ତାପମାତ୍ରା ମାପ କରାଯାଇଛି। ଅନ୍ୟ ଗରମ ସ୍ଥାନଗୁଡ଼ିକ ପରି, ଯାହା ରାତିରେ କିମ୍ବା ଶୀତ ମାସଗୁଡ଼ିକରେ ଥଣ୍ଡା ହୁଏ, ଏହି ସ୍ଥାନ ବର୍ଷ ସାରା ନିରନ୍ତର ଗରମ ରହିଥାଏ। ଶୀତଦିନେ ମଧ୍ୟ, ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ ଉପରେ ରହିଥାଏ, ଏବଂ ଗ୍ରୀଷ୍ମ ଋତୁରେ, ତାପମାତ୍ରା ୪୯ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ପହଞ୍ଚିଥାଏ। ଡାଲୋଲ ଡନାକିଲ ଡିପ୍ରେସନରେ ଅବସ୍ଥିତ। ଏହା ପୃଥିବୀର ସବୁଠାରୁ ନିମ୍ନ ଏବଂ ସବୁଠାରୁ ଭୌଗୋଳିକ ଭାବରେ ସକ୍ରିୟ ଅଞ୍ଚଳ ମଧ୍ୟରୁ ଗୋଟିଏ। ଏହି ଅଞ୍ଚଳକୁ ପ୍ରାୟତଃ 'ପୃଥିବୀରେ ମଙ୍ଗଳ' କୁହାଯାଏ। ଏହି ଅଞ୍ଚଳରେ ହଳଦିଆ, ସବୁଜ, କମଳା ଏବଂ ଧଳା ରଙ୍ଗର ଉଜ୍ଜ୍ୱଳ ନିଅନ ଛାଇ ଦୃଶ୍ୟମାନ ହୁଏ। ଏହି ରଙ୍ଗଗୁଡ଼ିକ ଉଦ୍ଭିଦ ଦ୍ୱାରା ନୁହେଁ ବରଂ ସଲଫର, ଲୁହା ଅକ୍ସାଇଡ, ଲୁଣ ଏବଂ ପଟାସ ସହିତ ଜଡିତ ରାସାୟନିକ ପ୍ରତିକ୍ରିୟା ଦ୍ୱାରା ହୋଇଥାଏ। ଏହି ସ୍ଥାନଟି କେବଳ ଗରମ ନୁହେଁ ବରଂ ଅତ୍ୟନ୍ତ ବିପଦପୂର୍ଣ୍ଣ। ଡାଲୋଲରେ ଥିବା ଜଳତାପୀୟ ପୁଲଗୁଡ଼ିକ ଏତେ ଅମ୍ଳୀୟ ଯେ ସେମାନଙ୍କର pHସ୍ତର ଶୂନ୍ୟ କିମ୍ବା ଶୂନ୍ୟ ତଳକୁ ମଧ୍ୟ ଖସିପାରେ। ସଲଫର ଡାଇଅକ୍ସାଇଡ ଏବଂ କ୍ଲୋରିନ ଭଳି ବିଷାକ୍ତ ଗ୍ୟାସଗୁଡ଼ିକ ନିରନ୍ତର ବାୟୁରେ ନିର୍ଗତ ହୁଏ।

ଏହି ସ୍ଥାନଟି ସମୁଦ୍ର ସ୍ତରରୁ ପ୍ରାୟ ୧୨୦ ରୁ ୧୩୦ ମିଟର ତଳେ ଅଛି, ଏହାକୁ ପୃଥିବୀର ସବୁଠାରୁ ନିମ୍ନତମ ବିନ୍ଦୁ ମଧ୍ୟରୁ ଗୋଟିଏ କରିଥାଏ। ଏହା ଘନ ଲୁଣ ସ୍ତର ସହିତ ଆଚ୍ଛାଦିତ ଏକ ଜ୍ୱାଳାମୁଖୀ ଗର୍ତ୍ତ ଉପରେ ଅବସ୍ଥିତ। ଭୂମି ତଳେ ଥିବା ମାଗ୍ମା ଭୂତଳ ଜଳକୁ ଗରମ କରିଥାଏ, ଯାହା ଫଳରେ ବାରମ୍ବାର ରାସାୟନିକ ବିସ୍ଫୋରଣ ଏବଂ ଅମ୍ଳୀୟ ପୁଲ ଏବଂ ଲୁଣର ସ୍ତମ୍ଭ ସୃଷ୍ଟି ହୁଏ। ୧୯୦୦ ଦଶକର ପ୍ରାରମ୍ଭରେ, ଡାଲୋଲ ସଂକ୍ଷେପରେ ଇଟାଲୀୟ ଶାସନ ଅଧୀନରେ ଏକ ଖଣି କେନ୍ଦ୍ର ଥିଲା। କିନ୍ତୁ ସମୟ ସହିତ, କ୍ରମଶଃ କଷ୍ଟକର ପରିସ୍ଥିତି ଲୋକଙ୍କୁ ବସତି ପରିତ୍ୟାଗ କରିବାକୁ ବାଧ୍ୟ କରିଥିଲା, ଏହାକୁ ଏକ ଭୂତ ନଗରୀ ଛାଡି ଦେଇଥିଲା।

## ୟାମିଙ୍କ ଇଚ୍ଛା



**ମୁମ୍ବାଇ:** ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର' ୨୦୨୫ର ସବୁଠାରୁ ବଡ଼ ଫିଲ୍ମ ହୋଇଛି। ଏହି ଫିଲ୍ମଟି ସାରା ବିଶ୍ୱରେ ୧୦୦୦ କୋଟିରୁ ଅଧିକ ଆୟ କରିଛି। ରଣବୀର ସିଂ, ଅକ୍ଷୟ ଖାନ୍ନା, ସଞ୍ଜୟ ଦତ୍ତ, ଅର୍ଜୁନ ରାମପାଲ ଏବଂ ସାରା ଅଲି ଖାନ ଅଭିନୀତ ଏହି ଫିଲ୍ମର ଦ୍ୱିତୀୟ ଭାଗ ୨୦୨୬ ମାର୍ଚ୍ଚରେ ମୁକ୍ତିଲାଭ କରିବ ବୋଲି ଯୋଜନା କରାଯାଇଛି। ଆଦିତ୍ୟଙ୍କ ସ୍ତ୍ରୀ ତଥା ଅଭିନେତ୍ରୀ ୟାମି ଗୌତମ ଏହି ଫିଲ୍ମକୁ ନେଇ ନିଜ ମତ ଦେଇଛନ୍ତି। ୟାମି କହିଛନ୍ତି, ମୁଁ ସ୍କ୍ରିପ୍ଟ ପଢ଼ିବାବେଳେ ଆଦିତ୍ୟଙ୍କୁ କହିଥିଲି, ମୁଁ ପୁଅ ହୋଇଥାନ୍ତି କି! ସ୍କ୍ରିପ୍ଟଟି ଚମତ୍କାର। ୟାମି ଆହୁରି କହିଛନ୍ତି, ସେ ତାଙ୍କର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନକୁ ପୃଥକ ରଖନ୍ତି। ସମ୍ମାନର ସହିତ, ମୋର କୌଣସି ଆଶା ନାହିଁ। ଆମେ ବୃତ୍ତିଗତ ଜୀବନକୁ ସମ୍ମାନ କରୁ। ଯଦି ଆଦିତ୍ୟ ଏକ ସ୍କ୍ରିପ୍ଟ ଲେଖନ୍ତି ଏବଂ ତାଙ୍କୁ ଏଥିରେ ଯିଏ ଫିଟ୍ ଲାଗେ ସେ ନିଅନ୍ତି। ମୁଁ ବି ଏଥିରେ ସହମତ ଥାଏ। ଆମ ଭିତରେ ଆରମ୍ଭରୁ ଏହି ବୁଝାମଣା ଅଛି। ୟାମି ୨୦୨୧ରେ ଆଦିତ୍ୟଙ୍କୁ ବିବାହ କରିଥିଲେ। ସେମାନେ ବିବାହକୁ ଗୋପନୀୟ ରଖିଥିଲେ। ମେ ୨୦୨୪ରେ ୟାମି ପୁଅ ବେଦବିଦ୍‌ଙ୍କୁ ଜନ୍ମ ଦେଇଥିଲେ।

# ନରୱାଲଙ୍କୁ ନେଲା ରୋହତକ୍ ରୟାଲ୍ସ

**ରୋହତକ୍, ୨୯।୧୨(ପି.ଟି.):** ଉଦ୍‌ଘାଟନୀ କବାଡ଼ି ଚାମ୍ପିୟନ୍ସ ଲିଗ୍ (କେସିଏଲ୍) ପୂର୍ବରୁ ରୋହତକ୍ ରୟାଲ୍ସ ନିଲାମି ବେଳେ ଭାରତର ଅନ୍ୟତମ ସଫଳ ଅଲ୍‌ରାଉଣ୍ଡର ସନ୍ଦୀପ ନରୱାଲଙ୍କୁ ୩.୪ ଲକ୍ଷ ଟଙ୍କାରେ କ୍ରୟ କରିନେଇଛି। ମୁଖ୍ୟ କୋଚ୍ ସୁରେନ୍ଦର ନଡ଼ା ଏବଂ ଫ୍ରାଞ୍ଚାଇଜ୍ ମାଲିକ ଗଜେନ୍ଦ୍ର ଶର୍ମାଙ୍କ ତତ୍ତ୍ୱାବଧାନରେ ତିନୋଟି କାଟେଗୋରିରେ ୧୬ଜଣିଆ ଦଳ ଘୋଷଣା କରିଛି। ଦଳରେ ଅଭିଜ୍ଞ ଓ ଯୁବ ପ୍ରତିଭାମାନଙ୍କୁ ନେଇ ଦଳ ଗଠନ କରାଯାଇଛି। ନିଲାମିରେ ଅନ୍ୟତମ ଉଲ୍ଲେଖନୀୟ ବିଷୟ ହେଲା ରୋହତକ୍ ରୟାଲ୍ସ ୯.୪ ଲକ୍ଷ ଟଙ୍କାରେ ବିଜୟ ମଲିକଙ୍କ ସହିତ ଚୁକ୍ତି କରିଛି। ଦଳର ସେ ହେଉଛନ୍ତି ସବୁଠାରୁ ଦାମୀ ଖେଳାଳି। ଏହି ଫ୍ରାଞ୍ଚାଇଜ୍ ମୁଖ୍ୟ କାଟେଗୋରି 'ଏ'ର ବହୁ ଖେଳାଳିଙ୍କୁ ଦଳରେ ନେଇଛି।

# ମନେ ପଡ଼ନ୍ତି




ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଛଇଳ ବାଳା ପରିଡ଼ା

ଆବିର୍ଭାବ- ୦୫।୧୧।୧୯୪୪

ତିରୋଧାନ- ୨୦।୧୨।୨୦୨୫

ଆପଣଙ୍କ ଅମର ଆତ୍ମାର ଶାନ୍ତି ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

-:ଶୋକସନ୍ତପ୍ତ:-

ପୁତ୍ର- ରମା, ଉଲ୍ଲା, ଜଟ, କୈଳାଶ, ଆଲୁ, ରିଲୁ, ଶିଶିର, ନରେଶ, ବାବୁଜୀ, ଜ୍ୱାଇଁ- ଅକ୍ଷୟ, ବିରଞ୍ଚି, ସୁବାସ, ନାତି- ଟିଟନ, ପପୁ, ଗୁଡ୍ଡୁ, ରାଜା, ଟୁଲୁ, ବଣ୍ଟି, ପିଣ୍ଟୁ, ବନ୍ଧୁ ଓ ପରିବାରବର୍ଗ।

D-2980



ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଡାକ୍ତର ବିଦ୍ୟୁତ୍ ଦାସ

ଧରାବତରଣ- ୦୭।୧୧।୧୯୪୨

ସ୍ୱର୍ଗାରୋହଣ - ୨୦।୧୨।୨୦୨୫

ମାମା/ଦେଇ,
ତୋର ଅବର୍ତ୍ତମାନ ଚିରଦିନ ପାଇଁ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି। ତୋର ମହତ୍ ଗୁଣଗୁଡ଼ିକ ଆମ ଜୀବନର ଚଲାପଥରେ ସହାୟ ହେଉ। ତୋର ଆଦର୍ଶ ଆମ ଜୀବନର ପାଥେୟ ହେଉ।

ତୋର ପ୍ରିୟ
ଭବାନୀ,ଶିବାନୀ,ଦେବିକା, ଅର୍ଜ୍ଜୁନ, ତାରିଣୀ ଏବଂ ଭାଇ ଓ ଭଉଣୀମାନେ।

D-2981



ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଶ୍ରୀମତୀ ସାବିତ୍ରୀ ଭୂୟାଁ

ସହିଦନଗର

ଆବିର୍ଭାବ- ୧୬।୦୫।୧୯୪୨

ତିରୋଧାନ- ୨୦।୧୨।୨୦୨୫

ବୋଉଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-

ପୁତ୍ର- ତପନ, ଅସୀମ, ପୁତ୍ରବଧୂ- ଜିନୁ, ଝିଅ- ଦେବୀ, ଛବି, ମିଟୁ, ଟୁଟୁ ଓ ପରିବାରବର୍ଗ।

D-2982



ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ

୰ ହରପ୍ରିୟା ଜେନା

ଗଡ଼ନହରକଣ୍ଟା, ଭୁବନେଶ୍ୱର

ଆବିର୍ଭାବ- ୧୪।୦୧।୧୯୫୭

ତିରୋଧାନ- ୧୦।୦୧।୨୦୨୫

ତୁମ ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଅନୁଭୂତ କରୁଛୁ। ତୁମର ବାତ୍ସଲ୍ୟ ମମତା, ସ୍ନେହ,ଶ୍ରଦ୍ଧା, ତ୍ୟାଗ ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଥାଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

-:ଶୋକସନ୍ତପ୍ତ:-

ବନ୍ଧୁ ଓ ପରିବାରବର୍ଗ

D-2983



ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ଶର୍ମିଷ୍ଠା ମହାନ୍ତି

ଆବିର୍ଭାବ- ୨୫।୦୫।୧୯୬୩

ତିରୋଧାନ- ୦୨।୦୧।୨୦୨୩

ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

-:ଶୋକସନ୍ତପ୍ତ:-

ସ୍ୱାମୀ- ଭଗବାନ ମହାନ୍ତି, ପୁଅ- ଦେବାଶିଷ, ବୋହୂ- ଅପରାଜିତା, ନାତି- ଆହାନ, ଝିଅ- ଆଲିଶା, ଜ୍ୱାଇଁ- ରାଜୀବ, ନାତି- ସାତ୍ୱିକ

D-2984


# ଝାଡ଼ଖଣ୍ଡକୁ ହରାଇ ଇନ୍ଦୁପୁର ବିଜୟୀ



ଅତିଥିମାନେ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

## ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ୍ ଉଦ୍‌ଘାଟିତ

ଯାଜପୁରଟାଉନ, ୨୯।୧୨
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ଜିଲା କ୍ରିକେଟ୍ ଆସୋସିଏଶନ୍ ଓ ଯାଜପୁର ମେଲବର୍ଣ୍ଣ କ୍ରିକେଟ୍ କ୍ଲବ୍ ମିଳିତ ଉଦ୍ୟମରେ କୁସୁମା ନିକଟ ଷ୍ଟାଡିୟମରେ ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଗୋପବନ୍ଧୁ କ୍ରିକେଟ କ୍ଲବ୍ (ଜିସିସି) ଇନ୍ଦୁପୁର ବିଜୟୀ ହୋଇଛି।

ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ପୌର ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକ, ପ୍ରାଧ୍ୟାପକ ବଟକୃଷ୍ଣ ମହାପାତ୍ର, ବିଜେଡି ନେତା ବଳଭଦ୍ର ଦାସ, ଜିଲା କ୍ରିକେଟ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଅଭୟ ବଲ୍ଲଭ ପଣ୍ଡା, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଯୁବନେତା ମନୋଜ ସାହୁ, ତୁଷାର ରଞ୍ଜନ ବେହେରା, ଅୟସକାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ଶୁଭ୍ରାଂଶୁ ପତି ଓ ବୁଲୁ ସିଂ ପ୍ରମୁଖ ଯୋଗେଦଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

ଉଦ୍‌ଘାଟନୀ ମ୍ୟାଚ୍ ଝାଡ଼ଖଣ୍ଡ କ୍ରିକେଟ୍ କ୍ଲବ୍ ଓ ଜିସିସି ଇନ୍ଦୁପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାଡଖଣ୍ଡ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ଇନ୍ଦୁପୁର ନିର୍ଦ୍ଧାରିତ ୨୫ ଓଭର ଖେଳି ୯ ଉଇକେଟ୍ ହରାଇ ୨୧୦ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ନିଶିକାନ୍ତ ରାଉତ ୫୬ ରନ୍ ସଂଗ୍ରହ କରିଥିଲାବେଳେ ମୃଦୁଲ ପାଣ୍ଡେ ୩୪ରନ୍ ସଂଗ୍ରହ କରିଥିଲେ। ଝାଡ଼ଖଣ୍ଡ କ୍ରିକେଟ କ୍ଲବ୍‌ର ଅରୁଣ କୁମାର ୪ ଓଭର ବୋଲିଂ କରି ୩୬ରନ୍ ଦେଇ ୩ ଉଇକେଟ୍ ଅକ୍ତିୟାର କରିଥିଲେ। ଜବାବରେ ଝାଡ଼ଖଣ୍ଡ କ୍ରିକେଟ୍ କ୍ଲବ୍ ୧୮.୩ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୧୩୫ରନ୍ ସଂଗ୍ରହ କରି ଇନ୍ଦୁପୁରଠାରୁ ପରାସ୍ତ ହୋଇଥିଲା। ଦଳପକ୍ଷରୁ ମନୁ କୁମାର ସର୍ବାଧିକ ୫୮ ରନ୍ ସଂଗ୍ରହ କରିଥିଲେ। ଇନ୍ଦୁପୁରର ବୋଲର ରିତେଶ ପାଣ୍ଡେ ୫ ଓଭର ବୋଲିଂ କରି ୨୩ ରନ୍‌ଦେଇ ୪ ଉଇକେଟ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ ଓ ସତ୍ୟବ୍ରତ ଯେନା ପରିଚାଳନା କରିଥିଲେ। ସ୍କୋରର ଭାବେ ସ୍ୱସ୍ତିକ ପହି କାର୍ଯ୍ୟ ତୁଲାଇଥିଲେ।


# Classified Everyday

0674-2580101, 9692975378



REAL ESTATE

SALE

ସୁନ୍ଦରପଦାରେ ବାଉଣ୍ଡାରିୱାଲ ଥାଇ ଘରବାରି ପ୍ଲଟ୍ ବର୍ଗଫୁଟ ଟ2800/-ରେ ବିକ୍ରିହେବ। Loan available. Contact: 9668674258. ଧ-୨୯୧୦

Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs. 41lakhs (Including Registration charges), 7809525452. D-2970





All types of physiotherapy with massage, Contact number 9556924059/ 7656969134. D-2766

AFFIDAVIT

କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍, ଆସ୍କା, Sl. No.- 1926, dtd. 26.12.2025 ସମ୍ମୁଖରେ ଏକ ସତ୍ୟପାଠ ବଳରେ ମୁଁ, କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ପିତା- ରାଜେନ୍ଦ୍ର ବିଶ୍ୱାଳ, ଗ୍ରାମ- ଦାନଚନ୍ଦନପେଢ଼ି, ପୋଷ୍ଟ- ଧନିଜା, ଥାନା- କୋଦିନାଡା, ଜିଲ୍ଲା- ଗଞ୍ଜାମ, ଓଡ଼ିଶା, ଏହାଦ୍ୱାରା ସତ୍ୟପାଠ କରି କହୁଛି ଯେ, ମୋର ସମସ୍ତ ଦଲିଲରେ ମୋର ନାମ କୃଷ୍ଣ ଚନ୍ଦ୍ର ବିଶ୍ୱାଳ ଭାବରେ ଲେଖାଯାଇଛି। କିନ୍ତୁ ମୋର ଆଧାର କାର୍ଡରେ ମୋର ନାମ କୃଷ୍ଣ ବିଶ୍ୱାଳ ଭାବରେ ଲେଖାଯାଇଛି। ଏହି ଅନୁଯାୟୀ ମୋର ନାମ କୃଷ୍ଣ ଚନ୍ଦ୍ର ବିଶ୍ୱାଳ ଭାବରେ ଲେଖାଯିବା ଉଚିତ। କୃଷ୍ଣ ଚନ୍ଦ୍ର ବିଶ୍ୱାଳ ଏବଂ କୃଷ୍ଣ ବିଶ୍ୱାଳ ସମାନ ଏବଂ ଜଣେ ବ୍ୟକ୍ତି ।

କୃଷ୍ଣ ଚନ୍ଦ୍ର ବିଶ୍ୱାଳ
ଧ-୨୯୭୧

I, Jayendra Behera, (Aadhaar- xxxx xxxx 5655), S/o.- Dharani Behera, Kotapokhari, Nayagarh, Odisha declare that DHARANIDHAR BEHERA (as in H.S.C. Certificate) and DHARANI BEHERA (used in other documents) are variant spellings of my father's name and both refer to the same person. This affidavit is for correcting discrepancies for job and other applications etc. D-2972

By virtue of an affidavit sworn before the Executive Magistrate, Boudh, No.1710, Dtd.- 23.12.2025, I, Ranjita Jhankar, W/o.- Kambhuprasad Pandey, R/o. Village- Budhipadar, P.O.- Telibandh, P.S./ Dist.- Boudh, Odisha, PIN- 702014 declare that I have changed my name from Chitralekha Pandey to Ranjita Jhankar. Henceforth, I shall be known as Ranjita Jhankar for all purposes.

Ranjita Jhankar
D-2973

I, Kalpana Behera, W/o.- Akhila Behera, At- Brahmapur, P.O.- Bedapada, P.O.- Rasol, Dist.- Dhenkanal, Odisha-759019 declare that my minor son's name changed from Amaresh Behera to Amresh Behera on dtd.- 29.12.2025 before Executive Magistrate, Hindol.

Kalpana Behera
D-2974

ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Birmaharajpur, No.- 226, Dtd.- 20.12.2025, I, Meenakshi Agrawal, W/o.- Prahallad Agrawal, R/o. Vill./P.O./P.S.- Subalaya, Dist.- Subarnapur declare that I have changed my name from Meena Kumari Agrawalla to Meenakshi Agrawal and DOB from 10.05.1977 to 28.05.1978. Henceforth, I shall be known as Meenakshi Agrawal and DOB- 28.05.1978 for all purposes.

Meenakshi Agrawal
D-2975

By virtue of an affidavit sworn before Executive Magistrate(K), Phulbani, 3212/ 29.12.25, I, Jitendra Digal, permanent resident of Luhurubali, P.O.- Sainipadar, P.S.- Sadar Phulbani, Dist.- Kandhamal declared that my minor daughter's name was wrongly mentioned in Aadhaar card D.Ayisha. Her name is Arohi Digal which mentioned in Birth certificate. This affidavit purpose is to change her name in Aadhaar D.Ayisha to Arohi Digal. Henceforth, my daughter shall be known as Arohi Digal for all purposes.

Jitendra Digal
D-2776

HAPPY BIRTHDAY



ଅରୋଲିପ୍‌ସା ପ୍ରିୟଦର୍ଶନୀ ଗୁରୁ (ଖୁସି)
କବିତା କଂପ୍ଲେକ୍ସ, ଓଲଟପୁର, କଟକ
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଚଲାପଥ ସବୁବେଳେ କୁସୁମିତ ହେଉ।
ଶୁଭେଚ୍ଛା ସହ- ବାପା, ବୋଉ, ଦାଦା, ଖୁଡ଼ୀ, ପପୁ ଭାଇ, ପୁପୁଲ, ରିଭା, ସ୍ୱିଟ୍।

D-2985

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## LEGAL NOTICE

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀମତୀ କନକ ଚମ୍ପା ମେହେର, (OAS) (S.A.G))ଙ୍କ ଅତିରିକ୍ତ ରିଭିଜନ୍ ଅଦାଲତ ନଂ- ୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. ନଂ. ୮୨/୨୦୨୫

ପ୍ରତିଭା ପଟ୍ଟନାୟକ ..........ବାଦୀ
ବନାମ
ସେଟଲ୍‌ମେଣ୍ଟ ଅଫିସର, ଓଗେର .........ପ୍ରତିବାଦୀ

ନୋଟିସ ଅର୍ଡର -୫ ରୁଲ- ୨୦ C.P.C. ମୁତାବକ

୪. ବନମାଳୀ ଦଳେଇ, ପିତା- ରାମ ଦଳେଇ, ସା- ଓଗାଳପଡା, ପୋ- ଯାଆଁଳା, ଥାନା- ଇନ୍‌ଫୋଭାଲି, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ ଉପରଲିଖିତ ମୋକଦ୍ଦମାଗୁଡିକର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ- ୧ ଇଜିଲାସ ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୦୯।୦୨।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଓଗାଳପଡା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା - ଖୋର୍ଦ୍ଧା ୧୯୬୨ ବନ୍ଦୋବସ୍ତ ସାବିକ ଖାତା ନଂ.- ୨୨୨, ସାବିକ ପ୍ଲଟ୍ ନଂ.- ୪୬୩, ଏରିଆ- ଏ.୦.୧୭୫ ଡେସିମିଲ ସମ୍ବନ୍ଧ କ୍ରୟବୃତ୍ତି ଏରିଆ- ଏ୦.୦୦୭ ଡେସିମିଲ, ସାବିକ ପ୍ଲଟ୍ ନଂ.- ୪୬୪, ଏରିଆ- ଏ.୦.୨୪୫ ଡେସିମିଲ ସମ୍ବନ୍ଧ କ୍ରୟବୃତ୍ତି ଏରିଆ- ଏ୦.୦୩୫ ଡେସିମିଲ, ହାଲ୍ ଖାତା ନଂ.- ୪୫୧, ହାଲ୍ ପ୍ଲଟ୍ ନଂ.- ୨୩୧୧, ଏରିଆ- ଏ୦.୦୬୦ ଡେସିମିଲରୁ ଏ୦.୦୪୨ଡେସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ଓ ମୃତ ପ୍ରତିବାଦୀ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୯୭୭

ମାନ୍ୟବର ଅତିରିକ୍ତ ଆୟୁକ୍ତ (ଶ୍ରୀମତୀ କନକ ଚମ୍ପା ମେହେର, (OAS) (S.A.G))ଙ୍କ ଅତିରିକ୍ତ ରିଭିଜନ୍ ଅଦାଲତ ନଂ- ୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. ନଂ. ୮୩/୨୦୨୫

ପ୍ରତିଭା ପଟ୍ଟନାୟକ ..........ବାଦୀ
ବନାମ
ସେଟଲ୍‌ମେଣ୍ଟ ଅଫିସର, ଓଗେର .........ପ୍ରତିବାଦୀ

ନୋଟିସ ଅର୍ଡର -୫ ରୁଲ- ୨୦ C.P.C. ମୁତାବକ

୩. ଭବାନୀ ଦଳେଇ, ଉଭୟଙ୍କ ପିତା- ମୃତ ହରି ଦଳେଇ, ୪. ନବୀନ ଦଳେଇ, ଉଭୟଙ୍କ ପିତା- ମୃତ ହରି ଦଳେଇ, ସା- ଓଗାଳପଡା, ପୋ- ଯାଆଁଳା, ଥାନା- ଇନ୍‌ଫୋଭାଲି, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛିକି ଯେ ଉପରଲିଖିତ ମୋକଦ୍ଦମାଗୁଡିକର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ- ୧ ଇଜିଲାସ ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା.୦୯।୦୨।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଓଗାଳପଡା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଜିଲ୍ଲା - ଖୋର୍ଦ୍ଧା ୧୯୬୨ ବନ୍ଦୋବସ୍ତ ସାବିକ ଖାତା ନଂ.- ୨୫୩, ସାବିକ ପ୍ଲଟ୍ ନଂ.- ୪୬୨, ଏରିଆ- ଏ.୦.୧୩୦ ଡେସିମିଲ ସମ୍ବନ୍ଧ କ୍ରୟବୃତ୍ତି ଏରିଆ- ଏ୦.୦୦୨ ଡେସିମିଲ, ସାବିକ ପ୍ଲଟ୍ ନଂ.- ୪୬୫, ଏରିଆ- ଏ.୦.୨୮୫ ଡେସିମିଲ ସମ୍ବନ୍ଧ କ୍ରୟବୃତ୍ତି ଏରିଆ- ଏ୦.୦୧୧ ଡେସିମିଲ, ହାଲ୍ ଖାତା ନଂ.- ୫୭୮, ହାଲ୍ ପ୍ଲଟ୍ ନଂ.- ୨୩୦୮, ଏରିଆ- ଏ୦.୦୬୦ ଡେସିମିଲରୁ ଏ୦.୦୧୩ଡେସିମିଲ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀ ଓ ମୃତ ପ୍ରତିବାଦୀ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ
ସ୍ୱା/- କୋର୍ଟ ଅଫିସର
ଧ-୨୯୭୯

Letter No.- 4059, dated- 29.12.25

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନମ୍ବର- ୪, ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ. ମାନ୍ୟବର ରାଜସ୍ୱ ପର୍ଷଦ, ଓଡ଼ିଶା ଅଧୀନେ ଅଦାଲତଙ୍କ କାର୍ଯ୍ୟାଳୟ, ବିଭାଗୀୟ ମୁଖ୍ୟ, ମହଲା ନମ୍ବର ୪, ଏଚ୍.ଓ.ଡି ବିଲ୍ଡିଂ, ଭୁବନେଶ୍ୱର
ଓ.ଏସ୍.ଏସ୍. କେସ୍ ନମ୍ବର- ୧୧୭୬/୨୦୧୭

କବିତା ରାଉତ (ମୃତ ତାଙ୍କର ଉତ୍ତରାଧିକାରୀମାନେ) ... ବାଦୀ ବା ଦରଖାସ୍ତକାରୀ
ବନାମ
ବିନା ରାଉତ (ମୃତ ତାଙ୍କର ଉତ୍ତରାଧିକାରୀ) ଏବଂ ଅନ୍ୟମାନେ ...ପ୍ରତିବାଦୀମାନେ

ଇସ୍ତାହାର ଦେୱାନୀ କାର୍ଯ୍ୟବିଧି ସଂହିତା ଆଦେଶ ନମ୍ବର ୫ ଏବଂ ନିୟମ ୨୦(୧-କ) ଏବଂ ତତ୍‌ସହ ଆଦେଶ ନମ୍ବର ୨୨ ନିୟମ ନମ୍ବର ୪କ ଅଧିନିୟମ ୨କ ଦ୍ୱାରା ଦୈନିକ ଖବର କାଗଜ ଦ୍ୱାରା ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଉଅଛି।

ଉପରଲିଖିତ ରିଭିଜନ ମକଦ୍ଦମାଟି ଓଡ଼ିଶା ଭୂ ବନ୍ଦୋବସ୍ତ ଆଇନ ଧାରା ୧୫(ଖ) ଆସନ୍ତା ତା.୦୨।୦୨।୨୦୨୬ରିଖ ଧାର୍ଯ୍ୟ କରାଯାଉଅଛିକି ନିମ୍ନଲିଖିତ ଭୂ ସମ୍ପତ୍ତିଙ୍କୁ ବାଦୀଙ୍କ ଉତ୍ତରାଧିକାରୀଙ୍କ ନାମରେ ପଟ୍ଟା ପ୍ରାପ୍ତକରିବା ପାଇଁ ମକଦ୍ଦମା ଦାୟର କରିଅଛନ୍ତି, ପ୍ରକାଶ ଥାଉ ନିମ୍ନବର୍ଣ୍ଣିତ ପ୍ରତିବାଦୀ ନମ୍ବର:-

(୧)- ବିନା ରାଉତ (ମୃତ), (୧)-(ଏ)- ରାଜୀବ ଲୋଚନ ରାଉତ, ବୟସ- ୩୭ବର୍ଷ, ପିତା- ସ୍ୱର୍ଗତ ବିନା ରାଉତ, ଗ୍ରାମ- ଆଇଗିଣିଆ, ପୋଷ୍ଟ/ଥାନା- ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, (୨)- ବାଉରୀ ଦାସ (ମୃତ), (୨)-(ଏ)- ଫଗୁ ଦାସ, ବୟସ- ୬୫ବର୍ଷ, (୨)-(ବି)- ଜଗା ଦାସ, ବୟସ- ୬୦ବର୍ଷ, (୨)-(ସି)- ବଳରାମ ଦାସ, ବୟସ- ୪୫ବର୍ଷ, କ୍ରମିକ ନଂ. ୨(ଏ) ଲଗାୟତ (ସି) ସମସ୍ତଙ୍କର ପିତା- ସ୍ୱର୍ଗତ ବାଉରୀ ଦାସ, ଗ୍ରାମ- ଆଇଗିଣିଆ, ପୋଷ୍ଟ/ଥାନା- ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୩୦, ଜିଲ୍ଲା- ଖୋର୍ଦ୍ଧା। (୩)- ମୁଳି ଦାସ (ମୃତ), (୩)-(ଏ)- ରଘୁନାଥ ଦାସ, ବୟସ- ୫୦ବର୍ଷ, (୩)-(ବି)- କାଳୁଚରଣ ଦାସ, ବୟସ- ୩୫ବର୍ଷ, (୩)-(ସି)- ଦିଲୀପ କୁମାର ଦାସ, ବୟସ- ୪୦ବର୍ଷ, କ୍ରମିକ ନଂ. ୩(ଏ)ରୁ ୩(ସି) ସମସ୍ତଙ୍କର ପିତା- ସ୍ୱର୍ଗତ ମୁଳି ଦାସ, ଗ୍ରାମ- ଆଇଗିଣିଆ, ପୋଷ୍ଟ/ଥାନା- ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୩୦, ଜିଲ୍ଲା- ଖୋର୍ଦ୍ଧା। (୬)- ଓମଂ ସାଇ ହୋମ୍ ବିଲ୍ଡର୍ସ ପିଭିଟି ଲିମିଟେଡ୍, ର ମନୋନୀତ ପ୍ରତିନିଧି ପରିଚାଳନା ନିର୍ଦ୍ଦେଶକ, କୁନିଆ କୋଷେ କୋଟିଟି, ବୟସ- ୪୦ବର୍ଷ, ପିତା- ସ୍ୱର୍ଗତ କେ.ପି. ଚକୋ, ଠିକଣା- ସି-୧-୯୧, ପୋଷ୍ଟ- ବରମୁଣ୍ଡା, ଭୁବନେଶ୍ୱର, (୭)- ରାଜଲକ୍ଷ୍ମୀ ସୁନ୍ଦରାୟ, ବୟସ- ୬୭ବର୍ଷ, ସ୍ୱାମୀ- ପୂର୍ଣ୍ଣଚନ୍ଦ୍ର ସୁନ୍ଦରାୟ, (୮)- ତର୍ପଣି କୁମାରୀ ଦେଈ, ବୟସ- ୬୫ବର୍ଷ, ସ୍ୱାମୀ- ମହେନ୍ଦ୍ର ସୁନ୍ଦରାୟ, ଉଭୟ କ୍ରମିକ ନଂ. (୭) ଓ (୮)ଙ୍କର ଠିକଣା, ଗ୍ରାମ- ଆଇଗିଣିଆ, ପୋଷ୍ଟ/ଥାନା- ଖଣ୍ଡଗିରି, ଭୁବନେଶ୍ୱର- ୭୫୧୦୩୦, ଜିଲ୍ଲା- ଖୋର୍ଦ୍ଧା। (୯)- ତ୍ରିଲୋଚନ ମହାରଣା (ମୃତ), (୯)-(ଏ)- ଜ୍ୟୋସ୍ନା ମହାରଣା, ବୟସ- ୭୦ବର୍ଷ, ସ୍ୱାମୀ- ସ୍ୱର୍ଗତ ତ୍ରିଲୋଚନ ମହାରଣା, (୯)-(ବି)- ରୋଜାଲିନ ମହାରଣା, ବୟସ- ୪୮ବର୍ଷ, ସ୍ୱର୍ଗତ ତ୍ରିଲୋଚନ ମହାରଣାଙ୍କର ପୁତ୍ରୀ, (୯)-(ସି)- ମୋନାଲିସା ମହାରଣା, ବୟସ- ୪୬ବର୍ଷ, ସ୍ୱର୍ଗତ ତ୍ରିଲୋଚନ ମହାରଣାଙ୍କର ପୁତ୍ରୀ, ଗ୍ରାମ- ଚାନ୍ଦୁଳି (ମିରଯେଇପୁର), ପୋଷ୍ଟ- ସରିତୁଆଁ, ଥାନା/ଜିଲ୍ଲା- କଟକ।

ଅଦ୍ୟ ଉପରଲିଖିତ ପ୍ରତିବାଦୀ କିମ୍ବା ସେମାନଙ୍କର ଉତ୍ତରାଧିକାରୀ କିମ୍ବା ଆଇନ ମତେ ସେମାନଙ୍କ ତରଫରୁ ଉପଯୁକ୍ତ ବ୍ୟକ୍ତିଙ୍କର କୌଣସି ଠିକଣା କିମ୍ବା ସୂଚନା ମିଳିନଥିବାରୁ ତଦ୍ ସହ ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ନୋଟିସଟି ପ୍ରେରଣ ହୋଇପାରିନଥିବାରୁ ଏହା ଦୈନିକ ଖବରକାଗଜ ମାଧ୍ୟମରେ ସୂଚନା ଦିଆଯାଉଛିକି ଉପରଲିଖିତ ରିଭିଜନ୍ ମକଦ୍ଦମାଟି ଉପରଲିଖିତ ଧାର୍ଯ୍ୟ ତାରିଖରେ ବିଚାର ନିମନ୍ତେ ଦିବା ୧୧.୩୦ ଘଟିକା ସମୟରେ ମାନ୍ୟବର ଅଦାଲତରେ ଉପରଲିଖିତ ପ୍ରତିବାଦୀମାନଙ୍କ ଆଇନ ମତେ ତାଙ୍କ ପକ୍ଷ ରଖିବା ପାଇଁ ଉତ୍ତରାଧିକାରୀ କିମ୍ବା ଆଇନି ପ୍ରଦତ୍ତ ଅଧିକାରୀ କିମ୍ବା ଅଧିଭକ୍ତା ଉପରଲିଖିତ ଧାର୍ଯ୍ୟ ତାରିଖରେ ମାନ୍ୟବର ଅଦାଲତଙ୍କ ନିକଟରେ ହାଜର ହୋଇ ତାଙ୍କ ପକ୍ଷ ଉପସ୍ଥାପନ କରିବେ।

ତଫସିଲି ବର୍ଣ୍ଣିତ ଭୂ ସମ୍ପତ୍ତି ର ବିବରଣୀ


ଜିଲ୍ଲା- ଖୋର୍ଦ୍ଧା, ତହସିଲ୍‌ଦାର ଭୁବନେଶ୍ୱର ଅଧୀନେ, ମୌଜା- ଶଙ୍କରପୁର, ଥାନା- ଚନ୍ଦକା ନଂ.-୫୫ ସାବିକ ପ୍ଲଟ୍ ନଂ.- ୧୨୧୪, ସାବିକ ଖାତା ନଂ.- ୨୨୨, ଆଦ୍ୟ ବାଦୀଙ୍କ କ୍ରୟ ରକବା ସବ୍-ପ୍ଲଟ୍ ନଂ.- ୮, ଏରିଆ- ଏ.ସି୦.୦୪୨ ଡେସିମିଲ, ଏବଂ ସବ୍-ପ୍ଲଟ୍ ନଂ.- ୮(ପି), ଏରିଆ- ଏ.ସି.୦.୦୩୮.୫ ଡେସିମିଲ ଯାହାର ସମ୍ପୂର୍ଣ୍ଣ କ୍ରୟ ରକବା- ଏ.ସି.୦.୦୮୫.୫ ଡେସିମିଲ ଅଟେ, ଯାହାର ଚଳିତ ବନ୍ଦୋବସ୍ତର ହାଲ୍ ଖାତା ନଂ.- ୧୧୧୮, ହାଲ୍ ପ୍ଲଟ୍ ନଂ.- ୩୦୪୧, ଏ.ସି.୦.୦୫୯ ଡେସିମିଲ (ହେକ୍ଟର ୦.୦୧୪୦) (ସମ୍ପୂର୍ଣ୍ଣ ରକବା) ଏବଂ ଅନ୍ୟ ସେହି ଖାତାରେ ଅନ୍ୟ ଏକ ପ୍ଲଟ୍ ନଂ.- ୩୦୪୩ ରେକର୍ଡ ଏରିଆ- ଏ.ସି.୦.୦୪୦ ଡେସିମିଲ, ଦାବି ରକବା- ଏ.ସି.୦.୦୨୧.୫ ଡେସିମିଲ ଅଟେ।

ଯଦି ଉକ୍ତ ଧାର୍ଯ୍ୟ ତାରିଖରେ କେହି ଅନୁପସ୍ଥିତ ରୁହନ୍ତି ତେବେ ଆଇନ ମତେ ଉକ୍ତ ରିଭିଜନ୍ ମକଦ୍ଦମାକୁ ସେମାନଙ୍କ ଅନୁପସ୍ଥିତିରେ ବିଚାର କରାଯିବ ଏବଂ ବିହିତ ଆଦେଶ ପ୍ରଦାନ କରାଯିବ।

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ
କ୍ରମିକ ନଂ.- ୪ଙ୍କ ଆଦେଶ କ୍ରମେ
ସ୍ୱା/- କୋର୍ଟ ଅଫିସର

ସ୍ଥାନ- ଭୁବନେଶ୍ୱର
ତାରିଖ- ୨୯।୧୨।୨୦୨୫

ଧ-୨୯୭୮


ଉମା କାଞ୍ଜିଲାଲ   ମାରିଆ ମାଚାଡୋ   ଆଲିସ୍ ୱାଲଟନ୍   ଆସ୍ଥା ପୁନିଆ   ଅନୁ ଗର୍ଗ

# ଅନନ୍ୟା

**ଆଉ ଦିନକ ପରେ ଆମ ଗହଣରୁ ବିଦାୟ ନେବ ବର୍ଷ ୨୦୨୫। ଏହି ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଅନେକ ମହିଳା ନିଜକୁ ଅନନ୍ୟ ପ୍ରମାଣିତ କରିଥିବା ବେଳେ ଆଉ କେତେଜଣ ଆମ ଗହଣରୁ ସବୁଦିନ ପାଇଁ ବିଦାୟ ନେଇଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ସମ୍ପର୍କରେ...**

## ପ୍ରଥମ ଥର

### ଆସ୍ଥା ପୁନିଆ ନୌସେନାର ପ୍ରଥମ ମହିଳା ଫାଇଟର ପାଇଲଟ୍

ସବ୍ ଲ୍ୟୁଟ୍‌ନାଣ୍ଟ ଆସ୍ଥା ପୁନିଆ ନୌସେନା ଆଭିଏଶନରେ ପ୍ରଥମ ମହିଳା ଫାଇଟର ପାଇଲଟ୍ ହେବାର ଗୌରବ ଅର୍ଜନ କରିଛନ୍ତି। ଭାରତୀୟ ନୌସେନାରେ ପ୍ରଥମ ଥର ପାଇଁ ଜଣେ ମହିଳାଙ୍କୁ ଏହି ସୁଯୋଗ ଦିଆଯାଇଛି। ପୁନିଆଙ୍କୁ ଫାଇଟର ଷ୍ଟ୍ରିମ୍‌ରେ ସାମିଲ କରି ଭାରତୀୟ ନୌସେନା ନାଭାଲ ଆଭିଏଶନରେ ଲିଙ୍ଗଗତ ସମାନତା ଓ ସୁଯୋଗର ସଂସ୍କୃତିକୁ ବଢ଼ାଇବା ସହ ନାରୀ ଶକ୍ତିକୁ ପ୍ରୋତ୍ସାହିତ କରିଛି।

### ସାନେ ତାକାଇଚି ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ

ଜାପାନ ପାର୍ଲାମେଣ୍ଟ ସାନେ ତାକାଇଚିଙ୍କୁ ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ନିର୍ବାଚିତ କରିଛି। ଜୁଲାଇରେ ଅନୁଷ୍ଠିତ ନିର୍ବାଚନରେ ଇଶିବାଙ୍କ ଲିବେରାଲ ଡେମୋକ୍ରାଟିକ୍ ପାର୍ଟି ପରାଜିତ ହେବା ପରେ ରାଜନୈତିକ ଶୂନ୍ୟତା ଓ ବିବାଦ ଲାଗି ରହିଥିଲା। ୬୪ ବର୍ଷୀୟ କଠୋର ରକ୍ଷଣଶୀଳ ନେତ୍ରୀ ସାନେ ପୁରୁଷ ପ୍ରାଧାନ୍ୟ ବ୍ୟବସ୍ଥା ମଧ୍ୟରେ ଉପରକୁ ଉଠିବାରେ ଜଣେ ବିରଳ ମହିଳା। ସେହିପରି ଲିବେରାଲ ଡେମୋକ୍ରାଟିକ୍ ପାର୍ଟିର ନେତୃତ୍ୱ ନେବାରେ ମଧ୍ୟ ସେ ପ୍ରଥମ ମହିଳା।

### ଅନୁ ଗର୍ଗ ନୂଆ ମୁଖ୍ୟ ଶାସନ ସଚିବ

୧୯୯୧ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ତଥା ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ଭାବେ ଦାୟିତ୍ୱ ତୁଲାଉଥିବା ଅନୁ ଗର୍ଗଙ୍କୁ ଓଡ଼ିଶାର ୪୭ତମ ନୂଆ ମୁଖ୍ୟ ଶାସନ (ସିଏସ୍) ଭାବେ ନିଯୁକ୍ତି ମିଳିଛି। ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ଭାବେ ନୂଆବର୍ଷରୁ ୨୦୨୯ ମାର୍ଚ୍ଚ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ସମ୍ଭାଳିବେ। ଅନୁ ଏବେ ଉନ୍ନୟନ କମିଶନର ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଯୋଜନା ଓ ସଂଯୋଜନ ଏବଂ ଅତିରିକ୍ତ ଭାବେ ଜଳ ସମ୍ପଦ ବିଭାଗ ଦାୟିତ୍ୱରେ ଥିଲେ।

### ଉମା କାଞ୍ଜିଲାଲ ଇଗ୍ନୁର ପ୍ରଥମ ମହିଳା କୁଳପତି

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ)ର ପ୍ରଥମ ମହିଳା କୁଳପତି ଭାବେ ପ୍ରଫେସର ଉମା କାଞ୍ଜିଲାଲଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଯୁକ୍ତି ପ୍ରଦାନ କରିଛନ୍ତି। ପ୍ରଫେସର କାଞ୍ଜିଲାଲ ଗତ ୧ବର୍ଷ ଧରି ଇଗ୍ନୁର ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ସେ ମାର୍ଚ୍ଚ ୨୦୨୧ରୁ ଜୁଲାଇ ୨୦୧୪ ପର୍ଯ୍ୟନ୍ତ ଇଗ୍ନୁର ପ୍ରୋ କୁଳପତି ଥିଲେ।

### ମେକ୍ସିକୋର ଫାତିମା ବଶ୍ ମିସ୍ ୟୁନିଭର୍ସ

ମିସ୍ ୟୁନିଭର୍ସ ପ୍ରତିଯୋଗିତା ବେଳେ ଏକଦା ଅପମାନିତ ହୋଇଥିବା ମିସ୍ ମେକ୍ସିକୋ ଫାତିମା ବଶ୍ ଶେଷରେ ଚଳିତ ବର୍ଷର ମିସ୍ ୟୁନିଭର୍ସ ଟାଇଟଲ ବିଜୟିନୀ ହୋଇଛନ୍ତି। ଫାତିମା ପ୍ରମୋସନାଲ କଣ୍ଟେଣ୍ଟ ପୋଷ୍ଟ କରିବାରେ ବିଫଳ ହୋଇଥିବାରୁ ମିସ୍ ୟୁନିଭର୍ସ ଥାଇଲାଣ୍ଡର ନିର୍ଦ୍ଦେଶକ ନୱାତ୍ ଇତ୍‌ସାରଗ୍ରିସିଲ୍ ଅନ୍ୟ ପ୍ରତିଯୋଗୀମାନଙ୍କ ଆଗରେ ତାଙ୍କୁ ତିରସ୍କାର କରିଥିଲେ। ମେକ୍ସିକୋର ଫାତିମା ଚଳିତବର୍ଷର ମିସ୍ ୟୁନିଭର୍ସ ଘୋଷିତ ହୋଇଛନ୍ତି। ମିସ୍ ୟୁନିଭର୍ସ ୨୦୨୫ ଶେଷ ପର୍ଯ୍ୟାୟରେ ୧୨ ଜଣ ଫାଇନାଲିଷ୍ଟଙ୍କୁ ନିଆଯାଇଥିଲା। ଥାଇଲାଣ୍ଡରେ ଅନୁଷ୍ଠିତ ଏହି ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ୧୨୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

### ମିସ୍ ୱାର୍ଲ୍ଡ ସୁଚାତା ବୃଆଙ୍ଗଶ୍ରୀ

ଥାଇଲାଣ୍ଡର ସୁଚାତା ବୃଆଙ୍ଗଶ୍ରୀ (ଓପାଲ) 'ବିଶ୍ୱ ସୁନ୍ଦରୀ-୨୦୨୫'ର ଟାଇଟଲ ହାସଲ କରିଛନ୍ତି। ଗତବର୍ଷ ବିଶ୍ୱ ସୁନ୍ଦରୀ ହୋଇଥିବା ଚେକ୍ ରିପବ୍ଲିକ୍‌ର କ୍ରିଷ୍ଟିନା ପିସ୍‌ଜକୋଭା ଓପାଲଙ୍କୁ ମିସ୍ ୱାର୍ଲ୍ଡ ମୁକୁଟ ପିନ୍ଧାଇଛନ୍ତି। ହାଇଦ୍ରାବାଦସ୍ଥିତ ହାଇଟେକ୍ସ ପ୍ରଦର୍ଶନୀ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିବା ଗ୍ରାଣ୍ଡ ଫିନାଲେ ସମାରୋହରେ ଇଥିଓପିଆର ହାସେଟ୍ ଡେରେଜେ ଆଡ୍‌ମସୁ ପ୍ରଥମ ରନର ଅପ୍ ହୋଇଥିବା ବେଳେ ପୋଲାଣ୍ଡର ପ୍ରତିଯୋଗୀ ମାଜା କ୍ଲାଜ୍‌ଦା ଦ୍ୱିତୀୟ ରନର ଅପ୍ ହୋଇଛନ୍ତି। ଗତ ଏପ୍ରିଲ ୨୨ରେ ଓପାଲ 'ମିସ୍ ୱାର୍ଲ୍ଡ ଥାଇଲାଣ୍ଡ' ଟାଇଟଲ ହାସଲ କରିଥିଲେ। ସେ ଥାଇଲାଣ୍ଡର ପ୍ରଥମ ମହିଳା ଭାବେ ବିଶ୍ୱ ସୁନ୍ଦରୀ ଟାଇଟଲ ହାସଲ କରିଛନ୍ତି। ଭବିଷ୍ୟତରେ ଜଣେ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିବାକୁ ସେ ଇଚ୍ଛୁକ ବୋଲି ଏହି ଅବସରରେ ସୁଚାତା କହିଛନ୍ତି। ୭୨ତମ ବିଶ୍ୱସୁନ୍ଦରୀ ପ୍ରତିଯୋଗିତାରେ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ୧୦୮ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମିସ୍ ୱାର୍ଲ୍ଡ ଅର୍ଗାନାଇଜେଶନର ଚେୟାରମ୍ୟାନ ଏବଂ ସିଇଓ ଜୁଲିଆ ମୋର୍ଲେ ଓପାଲଙ୍କୁ ୭୨ତମ ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତାରେ ବିଜେତା ଭାବେ ଘୋଷଣା କରିଥିଲେ। ଗ୍ରାଣ୍ଡ ଫିନାଲେରେ ଜୁଲିଆ ବିଚାରକ ମଣ୍ଡଳୀର ନେତୃତ୍ୱ ନେଉଥିଲେ।

### ଶେରି ସିଂ ହେଲେ ମିସେସ୍ ୟୁନିଭର୍ସ

୪୮ତମ ମିସେସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତ ଇତିହାସ ରଚିଛି। ଉତ୍ତରପ୍ରଦେଶର ଗ୍ରେଟର ନଏଡା ନିବାସୀ ଶେରି ସିଂ ଚଳିତବର୍ଷର ପ୍ରତିଷ୍ଠିତ ମିସେସ୍ ୟୁନିଭର୍ସ ଟାଇଟଲ ହାସଲ କରିଛନ୍ତି। ସେ ପ୍ରଥମ ଭାରତୀୟ ଭାବେ ଏହି ଟାଇଟଲ ଜିତି ଦେଶକୁ ଗୌରବାନ୍ୱିତ କରିଛନ୍ତି। ଫିଲିପାଇନ୍ସ ରାଜଧାନୀ ମାନିଲାଠାରେ 'ମିସେସ୍ ୟୁନିଭର୍ସ-୨୦୨୫'ର ଆୟୋଜନ ହୋଇଥିଲା, ଯେଉଁଥିରେ ବିଶ୍ୱବ୍ୟାପୀ ୧୨୧ଦେଶର ପ୍ରଭାବଶାଳୀ ମହିଳା ଭାଗ ନେଇଥିଲେ। ଶେରି ନିଜର ବୁଦ୍ଧିମତ୍ତା, ଶାଳୀନତା ଏବଂ ଆତ୍ମବିଶ୍ୱାସ ଆଧାରରେ ୧୨୦ ପ୍ରତିଯୋଗୀଙ୍କୁ ପଛରେ ପକାଇ ଐତିହାସିକ ମିସେସ୍ ୟୁନିଭର୍ସ ମୁକୁଟ ପିନ୍ଧିଥିଲେ। ଏହା କେବଳ ତାଙ୍କର ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ଏହା ସୀମା ବାହାରକୁ ଯାଇ ନିଜ ସ୍ୱପ୍ନ ସାକାର କରିବାକୁ ସାହସ ରଖିଥିବା ପ୍ରତ୍ୟେକ ଭାରତୀୟ ବିବାହିତା ମହିଳାଙ୍କ ପାଇଁ ପ୍ରେରଣା ବୋଲି ବିଜୟୀ ହେବା ପରେ ଶେରି କହିଛନ୍ତି।

### ମିସେସ୍ ଇଣ୍ଡିଆ ତେଲଙ୍ଗାନା ମୁକୁଟ ହାତେଇଲେ ଓଡ଼ିଆ ଝିଅ

ଜାତୀୟସ୍ତରୀୟ ସୁନ୍ଦରୀ ପ୍ରତିଯୋଗିତାରେ ବାଜି ମାରିନେଲେ ଓଡ଼ିଆ ଝିଅ ମୈତ୍ରୀ ଅମୃତା ଷଡ଼ଙ୍ଗୀ। ସେ ହାଇଦ୍ରାବାଦଠାରେ ଆୟୋଜିତ 'ମିସେସ୍ ଇଣ୍ଡିଆ ତେଲଙ୍ଗାନା'ରେ ନିଜ ପ୍ରତିଭା ଦେଖାଇ ଟାଇଟଲ ବିଜୟିନୀ ହୋଇଛନ୍ତି। ଭୁବନେଶ୍ୱର ବରମୁଣ୍ଡା ହାଉସିଂ ବୋର୍ଡ କଲୋନି ବାସିନ୍ଦା ଡ. ପ୍ରତିମାରାଣୀ ମିଶ୍ର (ଷଡ଼ଙ୍ଗୀ) ଓ ସୈନିକ ସ୍କୁଲର ଅବସରପ୍ରାପ୍ତ ଗଣିତ ଶିକ୍ଷକ ନିଶାମଣି ଷଡ଼ଙ୍ଗୀଙ୍କ ମଧ୍ୟମା କନ୍ୟା ହେଉଛନ୍ତି ମୈତ୍ରୀ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଫାଇନାଲ୍‌ଲିଷ୍ଟମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେମାନଙ୍କୁ ନେଇ ପ୍ରଥମ ରାଉଣ୍ଡରେ 'ମିସେସ୍ ସ୍ପାର୍କଲିଂ' ସେକେଣ୍ଡ ରାଉଣ୍ଡରେ ପରିବାର ସମ୍ପର୍କୀୟଙ୍କ ଭୋଟ ଅନୁଯାୟୀ 'ମିସେସ୍ ପପୁଲାର' ଏବଂ ଶେଷରେ ଜୁରିମାନଙ୍କ ନମ୍ବର, ପ୍ରତ୍ୟେକ ପ୍ରତିଯୋଗିତାରେ ଫଳ ଏବଂ ଅନ୍ ଦି ସ୍ପଟ୍ ଭୋଟିଂକୁ ଆଧାରକରି ବିଜେତା ଭାବେ ଚୟନ କରାଯାଇଥିଲା। ଅନ୍ୟପକ୍ଷରେ ଚଳିତ ମାସ ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଜୟୀବାଗ ପ୍ୟାଲେସ୍‌ରେ ଅନୁଷ୍ଠିତ 'ମିସେସ୍ ଇଣ୍ଡିଆ ପ୍ରତିଯୋଗିତା'ରେ ସମଗ୍ର ଭାରତରୁ ୩୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ମୈତ୍ରୀ ତୃତୀୟ ରନର ଅପ୍ ହୋଇଥିଲେ।

### ପୃଥିବୀର ଧନୀ ମହିଳା ତାଲିକାରେ ପ୍ରଥମ ଆଲିସ୍ ୱାଲଟନ୍

ୱାଲମାର୍ଟ ସଂସ୍ଥାପକ ଶ୍ୟାମ ୱାଲଟନ୍‌ଙ୍କ କନ୍ୟା ଆଲିସ୍ ୱାଲଟନ୍ ଫୋବର୍ସରେ ପ୍ରକାଶିତ ଚଳିତ ବର୍ଷ ବିଶ୍ୱର ସବୁଠାରୁ ଧନୀ ମହିଳା ତାଲିକାରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ଆୟ ବର୍ତ୍ତମାନ ପ୍ରାୟ ୧୧୬ ବିଲିୟନ ଡଲାରରୁ ଉର୍ଦ୍ଧ୍ୱ। ସେ କେବଳ ଧନୀ ନୁହନ୍ତି ତା'ସହ କଳା ସଂସ୍କୃତିର ସଂଗ୍ରହ ଏବଂ ବିକାଶ ପାଇଁ ବେଶ୍ ପରିଚିତ। ୧୯୪୯ ମସିହା ଅକ୍ଟୋବର ୭ ତାରିଖରେ ସେ ଆମେରିକାରେ ଜନ୍ମଗ୍ରହଣ କରିଥିଲେ। ଅର୍ଥନୀତିରେ ତାଙ୍କର ଗଭୀର ଜ୍ଞାନ ରହିଛି। ୭୬ବର୍ଷ ବୟସ୍କା ଆଲିସ୍ ଅର୍ଥନୀତିରେ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି।

### ଟାଇମ୍ ମାଗାଜିନ୍‌ରେ ପୂର୍ଣ୍ଣିମା ଦେବୀ ବର୍ମନ୍

ଟାଇମ୍ ମାଗାଜିନ୍‌ର ଓମେନ୍ ଅଫ୍ ଦି ଇୟର ତାଲିକାରେ ଏକମାତ୍ର ଭାରତୀୟ ଭାବେ ସ୍ଥାନ ପାଇଥିଲେ ପୂର୍ଣ୍ଣିମା ଦେବୀ ବର୍ଣ୍ଣନ୍। ଆସାମର ଏହି ମହିଳା ଜଣକ ବନ୍ୟଜୀବ ସଂରକ୍ଷଣ କ୍ଷେତ୍ରରେ କାମକରି ଆସୁଛନ୍ତି। ଲୁପ୍ତପ୍ରାୟ ପକ୍ଷୀମାନଙ୍କ ସଂରକ୍ଷଣ ଓ ସେମାନଙ୍କ ସୁରକ୍ଷା ଦିଗରେ ବିଶେଷ କାମ କରି ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରିଛନ୍ତି।

### ନୋବେଲ ଶାନ୍ତି ପୁରସ୍କାର ପାଇଲେ ମାରିଆ ମାଚାଡୋ

ଚଳିତବର୍ଷ ନୋବେଲ ଶାନ୍ତି ପୁରସ୍କାର ବିଜୟିନୀ ହୋଇଛନ୍ତି ଭେନେଜୁଆଲାର ମାରିଆ କୋରିନା ମାଚାଡୋ। ସେ ଲାଟିନ୍ ଆମେରିକୀୟ ରାଷ୍ଟ୍ର ଭେନେଜୁଆଲାରେ ଚାଲିଥିବା ଏକଛତ୍ରବାଦ ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ଗଣତନ୍ତ୍ରର ପ୍ରତିଷ୍ଠା ଉଦ୍ୟମ କରିଥିବାରୁ ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିଲେ।

## ପରଲୋକରେ

### ସିମୋନ ଟାଟା



ଲାକ୍‌ମେକୁ ଭାରତର ଏକ ପ୍ରମୁଖ ପ୍ରସାଧନ କମ୍ପାନୀରେ ପରିଣତ କରିବାରେ ମୁଖ୍ୟ ଭୂମିକା ନେବା ସହ ପରେ ଓେଷ୍ଟସାଇଡ୍ ରିଟେଲ ଚେନ୍ ପ୍ରତିଷ୍ଠା କରିଥିବା ସିମୋନ ଟାଟାଙ୍କର ଇତିମଧ୍ୟରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୯୫ବର୍ଷ ହୋଇଥିଲା। ସୁଇଜରଲାଣ୍ଡରେ ଜନ୍ମିତ ସିମୋନ ୧୯୫୩ରେ ଜଣେ ପର୍ଯ୍ୟଟକ ଭାବେ ଭାରତ ଆସିଥିବା ବେଳେ ନାଭାଲ ଟାଟାଙ୍କ ସହ ତାଙ୍କର ଭେଟ ହୋଇଥିଲା। ୧୯୫୫ରେ ଉଭୟେ ବିବାହ କରିବା ସହ ସିମୋନ ମୁମ୍ବାଇକୁ ନିଜର ସ୍ଥାୟୀ ବାସସ୍ଥାନ କରିଥିଲେ। ୮୦ ଦଶକରେ ସେ ଲାକ୍‌ମେ ଅଧ୍ୟକ୍ଷା ହୋଇଥିଲେ।

### ମେହେରୋ କାଷ୍ଟେଲିନୋ



ପ୍ରଥମ ଫେମିନା ମିସ୍ ଇଣ୍ଡିଆ ମେହେର କାଷ୍ଟେଲିନୋଙ୍କ ୮୧ ବର୍ଷ ବୟସରେ ପରଲୋକ ହୋଇଯାଇଛି। ୧୯୬୪ରେ ଭାରତର ପ୍ରଥମ ଫେମିନା ମିସ୍ ଇଣ୍ଡିଆ ମୁକୁଟ ହାସଲ କରିଥିବା ମେହେର ଏକାଧାରରେ ଜଣେ ସୁପରମଡେଲ, ସାମ୍ବାଦିକା, ଲେଖିକା ଓ ମେଣ୍ଟର ଥିଲେ। ମେହେରଙ୍କ ଜନ୍ମ ମୁମ୍ବାଇରେ ହୋଇଥିଲା। ସେ ବିଦେଶରେ ମଧ୍ୟ ମିସ୍ ୟୁନିଭର୍ସ ଓ ମିସ୍ ୟୁନାଇଟେଡ୍ ନେସନ୍ସ ପ୍ରତିଯୋଗିତାରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ଏହା ପରେ ସେ ଫ୍ୟାଶନ ଜର୍ନାଲିଜମ୍‌ରେ ଏକ ଅସାଧାରଣ ଲିଗାସି ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ସେ ପୂର୍ଣ୍ଣକାଳୀନ ଫ୍ୟାଶନ ଜର୍ନାଲିଷ୍ଟ ଓ ସ୍ତମ୍ଭକାର ରୂପେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ଆଲେଖ୍ୟ ପ୍ରାୟ ୧୩୦ଟି ଜାତୀୟ ଓ ଅନ୍ତର୍ଜାତୀୟ ଖବରକାଗଜ ତଥା ପତ୍ରିକାରେ ପ୍ରକାଶିତ ହୋଇଥିଲା।



ସୁଚାତା ବୃଆଙ୍ଗଶ୍ରୀ


ମୈତ୍ରୀ ଅମୃତା



ପୂର୍ଣ୍ଣିମା ଦେବୀ ବର୍ମନ୍   ସାନେ ତାକାଇଚି   ଶେରି ସିଂ   ଫାତିମା ବଶ୍

# କରାଟେରେ ଭାରତ ଆଗକୁ ବଢ଼ୁଛି: ଭରତ ଶର୍ମା

**ଦକ୍ଷିଣ ଏସିଆର ୭ ଦେଶ ମଧ୍ୟରେ ଭାରତ କରାଟେରେ ନମ୍ବର ୱାନ୍। ୨୦୨୪ରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କରାଟେରେ ପ୍ରଥମଥର ପାଇଁ ଭାରତ ପ୍ରଥମ ହୋଇଥିଲା। ଏସିଆର ୪୫ ଦେଶ ମଧ୍ୟରେ ବି ଆମ ପିଲାମାନେ ଚମକ ଦେଖାଉଛନ୍ତି। ତେଣୁ ଭାରତ କରାଟେରେ ଆଗକୁ ବଢ଼ୁଛି ବୋଲି ନିଃସନ୍ଦେହରେ କହିହେବ। ସମ୍ପ୍ରତି ଉତ୍କଳ କରାଟେ ସ୍କୁଲ୍ ପରିସରରେ ସର୍ବଭାରତୀୟ କରାଟେ ପ୍ରତିଯୋଗିତା ଚାଲିଥିବାବେଳେ ସାଉଥ୍ ଏସିଆନ କରାଟେ ଡୋ ଫେଡେରେଶନର ସଭାପତି, ରାଜ୍ୟଗୋଷ୍ଠୀ କରାଟେ ଫେଡେରେଶନର ଉପସଭାପତି, ଦିଲ୍ଲୀ କରାଟେ ଆସୋସିଏଶନର ସଭାପତି, ଏସିଆ କରାଟେ ଫେଡେରେଶନର କାର୍ଯ୍ୟକାରିଣୀ ସଦସ୍ୟ, କରାଟେ ଇଣ୍ଡିଆ ଅର୍ଗାନାଇଜେଶନ(କେଆଇଓ) ସଭାପତି ଭରତ ଶର୍ମା ଏକ ସ୍ୱତନ୍ତ୍ର ସାକ୍ଷାତ୍‌କାର ଅବସରରେ ଏହା ପ୍ରକାଶ କରିଛନ୍ତି।** **–ସାକ୍ଷାତ: ତପନ ସ୍ୱାଇଁ**


ଭରତ ଶର୍ମା

**● ଏଠାରେ ଚାଲିଥିବା ସର୍ବଭାରତୀୟ କରାଟେ ପ୍ରତିଯୋଗିତାକୁ କିପରି ଦେଖୁଛନ୍ତି ?**

▶▶ ମୁଁ ପୂର୍ବରୁ ବହୁତଥର ଏହି ଟୁର୍ନାମେଣ୍ଟ ଲାଗି ଓଡ଼ିଶା ଆସିଛି। ଏଥର ବହୁସଂଖ୍ୟାରେ ପିଲା ଅଂଶଗ୍ରହଣ କରିଛନ୍ତି। ଏପରି ଟୁର୍ନାମେଣ୍ଟ ପିଲାମାନଙ୍କ ପାଇଁ ବହୁତ ଉପାଦେୟ ହୋଇଥାଏ। କାରଣ ଏଥିରୁ ଅନେକ କିଛି ଶିକ୍ଷାଲାଭ କରି ସେମାନେ ଆଗକୁ ବଢ଼ିଥାନ୍ତି। ଏଥିରେ ଭଲ ପ୍ରଦର୍ଶନ କଲେ ଯାଇ ସେମାନଙ୍କୁ ଜାତୀୟ କିମ୍ବା ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ସୁଯୋଗ ସୃଷ୍ଟି ହୋଇଥାଏ। ତେଣୁ ଅଭିଜ୍ଞତା ଏବଂ ଏକ୍ସପୋଜର ଲାଗି ଏହି ଟୁର୍ନାମେଣ୍ଟ ବହୁ ଗୁରୁତ୍ୱପୂର୍ଣ୍ଣ। ସବୁଦୃଷ୍ଟିରୁ ଏହି ଟୁର୍ନାମେଣ୍ଟ ସଫଳ ହୋଇଛି ବୋଲି କହିବାକୁ ହେବ।

**● ପ୍ରତିଯୋଗିତା ଆୟୋଜନ ଲାଗି ଉତ୍କଳ କରାଟେ ସ୍କୁଲ୍ ପରିବେଶ କିପରି?**

▶▶ ଉତ୍କଳ କରାଟେ ସ୍କୁଲ୍ ଆମ ଫେଡେରେଶନର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଓଡ଼ିଶା ଭିତରେ ଆଜି କରାଟେ ଯେଉଁ ସ୍ଥିତିରେ ପହଞ୍ଚିଛି ମୋ ମତରେ କେବଳ ହରି ପଟ୍ଟନାୟକଙ୍କ ଦିଗ୍‌ଦର୍ଶନ ଏବଂ ଉତ୍କଳ କରାଟେ ସ୍କୁଲ ପାଇଁ ସମ୍ଭବ ହୋଇଛି। ଏଠାରେ ବହୁସଂଖ୍ୟାରେ ପିଲା ଭାଗ ନେଇଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ଏଠାରେ ପ୍ରତିଯୋଗିତା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥାଏ। ଫେଡେରେଶନର ସମସ୍ତ ନୀତିନିୟମକୁ ମାନି ଏଠାରେ ପ୍ରତିଯୋଗିତା ହୋଇଥାଏ। କରାଟେକା ହୁଅନ୍ତୁ କି ସେମାନଙ୍କ ପରିବାର, କୋଚ୍ କିମ୍ବା ଅନ୍ୟମାନେ ସମସ୍ତେ ଏବେ ପ୍ରତିଯୋଗିତାକୁ ଶୃଙ୍ଖଳାର ସହ ଉପଭୋଗ କରୁଛନ୍ତି ଏବଂ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ବିନା ଇଞ୍ଜୁରିରେ ଟୁର୍ନାମେଣ୍ଟ ହେବା ବହୁ ଗୁରୁତ୍ୱପୂର୍ଣ୍ଣ।

**● ଏବେ ବିଶ୍ୱ କରାଟେରେ ଭାରତର ସ୍ଥାନ କିପରି ରହିଛି?**

▶▶ ଦକ୍ଷିଣ ଏସିଆର ୭ ଦେଶ ମଧ୍ୟରେ ଭାରତ କରାଟେରେ ନମ୍ବର ୱାନ୍। ୨୦୨୪ରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କରାଟେରେ ପ୍ରଥମଥର ପାଇଁ ଭାରତ ପ୍ରଥମ ହୋଇଥିଲା। ଆମ ଖେଳାଳି ସବୁଠାରୁ ଅଧିକ ପଦକ ଜିତିଥିଲେ। ତେଣୁ ରାଜ୍ୟଗୋଷ୍ଠୀ ଦେଶଗୁଡ଼ିକ ମଧ୍ୟରେ ବି ଆମ ଦେଶ ନମ୍ବର ୱାନ୍ ବୋଲି କହିହେବ। ଏସିଆର ୪୫ ଦେଶ ମଧ୍ୟରେ ବି ଆମ ପିଲାମାନେ ଚମକ ଦେଖାଉଛନ୍ତି। ନିକଟରେ ଆମର ଦୁଇ ଝିଅ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଜଣେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହା ବ୍ୟତୀତ ଅନେକ ୫, ୬ କିମ୍ବା ୭ମ ସ୍ଥାନରେ ରହିଛନ୍ତି। ଏତେ ଦେଶର ପ୍ରତିଯୋଗୀଙ୍କ ସହ ଲଢ଼ି ଏପରି ର୍‍ୟାଙ୍କ୍ ପାଇବା ମଧ୍ୟ କିଛି ଛୋଟ କଥା ନୁହେଁ। ଆମେ କରାଟେରେ ଧୀରେ ଧୀରେ ଆଗକୁ ବଢ଼ୁଛୁ ବୋଲି ଏଥିରୁ ପ୍ରମାଣ ମିଳୁଛି। ଆମ ପିଲାମାନେ ବହୁତ ଭଲ, ମାତ୍ର ଭାରତୀୟ ସଂସ୍କୃତି ଅନୁସାରେ ଅନେକ ପିଲାଙ୍କ କ୍ୟାରିୟର ବିବାହ କିମ୍ବା ଚାକିରି ମଧ୍ୟରେ ସୀମିତ ରହିଯାଉଛି। ୧୦ ବର୍ଷର ପରିଶ୍ରମ ପରେ ସିନିୟର ସ୍ତରରେ ଦେଶ ପାଇଁ ଖେଳିବାର ସୁଯୋଗ ମିଳିଥାଏ। ଏହା ଭିତରେ କେତେକ ଝିଅଙ୍କର ବାହାଘର ହୋଇଯାଇଥାଏ। କେତେକ ଚାକିରି ପାଇଯାଇଥାନ୍ତି। ଚାକିରି ନିଶ୍ଚିତ ହେବାପରେ ଅନେକଙ୍କର କିଛି କରି ଦେଖାଇବାର ନିଶା କମିଯାଉଥିବା ମୁଁ ଅନୁଭବ କରୁଛି। ଆମେ ଚାହିଁଲେ ବି ଏ କ୍ଷେତ୍ରରେ କିଛି କରିପାରୁନାହୁଁ। ଏହା ଆମ ପାଇଁ ସମସ୍ୟା ସୃଷ୍ଟି କରୁଛି। ସମ୍ଭବତଃ ଏଥିପାଇଁ ୧୪୦ କୋଟି ଦେଶ ଲୋକସଂଖ୍ୟା ହୋଇଥିଲେ ବି ଭାରତର ଅଲିମ୍ପିକ୍ସରେ ପଦକ ସଂଖ୍ୟା ୬-୭ରେ ସୀମିତ ରହିଯାଉଛି। ସମାନ ସ୍ଥିତିରେ ଚାଇନା ୧୦୦ରୁ ଅଧିକ ପଦକ ହାସଲ କରିପାରୁଛି।

**● କରାଟେ ପ୍ରତି ଅନେକ ପିଲା ଆକର୍ଷିତ ହେବାର କାରଣ କ’ଣ?**

▶▶ ମୋ ମତରେ କରାଟେ ହେଉଛି ଅନ୍ୟ ସମସ୍ତ ମାର୍ଶାଲ ଆର୍ଟର ଜନନୀ। କରାଟେରେ ଶୃଙ୍ଖଳା ଅଧିକ। ଏହାକୁ ଆପଣେଇବା ମଧ୍ୟ ବହୁତ ସହଜ। ମାତ୍ର ଏବେ ଦେଖାଯାଉଛି ଅନ୍ୟ ଦେଶର ନାମ ଯୋଡ଼ି ବିଭିନ୍ନ କରାଟେ ଭାରତରେ ଚାଲୁଛି। ପାଖାପାଖି ୨୦୦ ଦେଶ ୱାର୍ଲ୍ଡ କରାଟେର ଅଂଶବିଶେଷ। ଫୁଟ୍‌ବଲ ବ୍ୟତୀତ ଯଦି ଅନ୍ୟ କୌଣସି ଖେଳ ସବୁଠାରୁ ଅଧିକ ଖେଳାଯାଉଛି ତାହା ହେଉଛି କରାଟେ।

**● ଆପଣ କରାଟେ ପ୍ରତି କିପରି ଆକର୍ଷିତ ହେଲେ?**

▶▶ ଯାହା ଭିତରେ ଫାଇଟିଂ ସ୍ପିରିଟ୍ ଥାଏ ସେମାନେ କରାଟେ ପ୍ରତି ଆକର୍ଷିତ ହୋଇଥାନ୍ତି। ସମସ୍ତଙ୍କର କେହି ନା କେହି ଆଦର୍ଶ ଖେଳାଳି ଥାଆନ୍ତି। କ୍ରିକେଟରେ ସଚିନ ତେନ୍ଦୁଲକର କିମ୍ବା ବିରାଟ କୋହିଲ ହୁଅନ୍ତୁ କିମ୍ବା ଫୁଟ୍‌ବଲରେ ମାରାଡୋନା, ମେସି, ରୋନାଲ୍ଡୋ। ଆମ ସମୟରେ ବ୍ରୁଶ୍ ଲି ବହୁ ପ୍ରତିଷ୍ଠିତ ଥିଲେ। ତାଙ୍କୁ ଅନୁସରଣ କରି ମୁଁ କରାଟେ ପ୍ରତି ଅକର୍ଷିତ ହୋଇଥିଲି। ବ୍ରୁଶ୍ ଲି ମୃତ୍ୟୁବରଣ କରିବାର ୬-୭ ବର୍ଷ ପରେ ମୁଁ କ୍ୟାରିୟର ଆରମ୍ଭ କରିଥିଲି। ମୁଁ ଯଦିଓ ତାଙ୍କୁ ଦେଖିବାର ସୌଭାଗ୍ୟ ପାଇନାହିଁ ତେବେ ତାଙ୍କ ଖେଳରେ ଆକର୍ଷିତ ହୋଇଥିଲି। ମୁଁ ଖେଳାଳି ଜୀବନ ପରେ କୋଚ୍ ଏବଂ ଭାରତ ସମେତ ବିଭିନ୍ନ ଫେଡେରେଶନର ବିଭିନ୍ନ ପଦପଦବୀରେ ରହି ମୋ ଦାୟିତ୍ୱ ତୁଲାଇଆସୁଛି। ୨୦୨୪ରୁ ମୁଁ ସଭାପତି ରହିଆସିଛି।

**● ଭାରତୀୟ କରାଟେର ଉନ୍ନତି ପାଇଁ କ’ଣ ପଦକ୍ଷେପ ନିଆଯାଉଛି?**

▶▶ ଆମେ ଭାରତୀୟ କରାଟେର ଉନ୍ନତି ପାଇଁ ବହୁତ ପରିଶ୍ରମ କରୁଛୁ। ପିଲାଙ୍କୁ ବିମାନ ଯାତ୍ରା ସୁଯୋଗ ସହ ଆର୍ଥିକ ପୁରସ୍କାର, ବିଦେଶରେ ଟ୍ରେନିଂ ଆଦି ଅନେକ ସୁବିଧା ସୁଯୋଗ ଉପଲବ୍ଧ କରାଉଛୁ। ବିନା ପ୍ରାୟୋଜକରେ ମଧ୍ୟ ଆମେ ପିଲାଙ୍କ ପାଇଁ ଆବଶ୍ୟକ ଅର୍ଥ ଖର୍ଚ୍ଚ କରୁଛୁ। ଆଗାମୀ ଦିନରେ କରାଟେରେ ଭାରତ ନିଶ୍ଚିତ ଆହୁରି ଆଗକୁ ଯିବ।

## ନକଲି ଅନୁଷ୍ଠାନରୁ ଦୂରେଇ ରହିଲେ ଭଲ

କରାଟେକୁ କ୍ୟାରିୟର କରିବାକୁ ଚାହୁଁଥିବା ଚାହୁଁଥିବା ପିଲାଙ୍କୁ ମୁଁ ୨ଟି ପରାମର୍ଶ ଦେବାକୁ ଚାହିଁବି। ପ୍ରଥମତଃ ସବୁ ମା,ବାପା ପିଲାଙ୍କୁ କରାଟେ ଶିଖାଇବା ପୂର୍ବରୁ ଦେଖନ୍ତୁ ଯେ ସେ କରାଟେ କ୍ଲବ, ସ୍କୁଲ, ଡୋଜୋ ୱାର୍ଲ୍ଡ କରାଟେ ଫେଡେରେଶନ ଏବଂ ଏସିଆନ କରାଟେ ଫେଡେରେଶନ ସହ ଅନୁବନ୍ଧିତ ଅଛି କି ନାହିଁ। ଅନେକ ମା, ବାପା କେଉଁଟା ଠିକ୍ ଓ କେଉଁଟି ଭୁଲ ଜାଣିପାରୁ ନାହାନ୍ତି। ଅନେକ କୋଚ୍ ନକଲି ଟୁର୍ନାମେଣ୍ଟ ଖେଳାଇ ଦେଇଥାନ୍ତି ପଦକ ମଧ୍ୟ ମିଳି ଯାଇଥାଏ। ନକଲି ଫେଡେରେଶନ ସହିତ ସେମାନେ ଯୋଡ଼ି ହୋଇଥାନ୍ତି। ମାତ୍ର ଯେତେବେଳେ ଚାକିରି, ଆଡ୍‌ମିଶନ କିମ୍ବା ସ୍କୋଲାରଶିପ ପାଇଁ ଆବେଦନ ହୋଇଥାଏ ସେଠାରେ ତାଙ୍କ ଆବେଦନ ନାକଚ ହୋଇ ଯାଇଥାଏ। କାରଣ ସେମାନେ ସ୍ୱିକୃତିପ୍ରାପ୍ତ ଅନୁଷ୍ଠାନରୁ ଶିକ୍ଷାଲାଭ କରି ନଥାନ୍ତି। ଏଥିରେ ପିଲାଙ୍କର କିଛି ଦୋଷ ନ ଥିଲେ ମଧ୍ୟ ସେମାନେ ଅନୁବିଧାରେ ପଡ଼ିଥାନ୍ତି। ତେଣୁ ୨୦୨୦ରୁ ଭାରତରେ ଏକମାତ୍ର ସ୍ୱିକୃତିପ୍ରାପ୍ତ ଅନୁଷ୍ଠାନ ହେଲା କରାଟେ ଇଣ୍ଡିଆ ଅଗ୍ରାନାଇଜେଶନ। ଯାହାକି ୱାର୍ଲ୍ଡ କରାଟେ ଫେଡେରେଶନ, ଏସିଆନ କରାଟେ ଫେଡେରେଶନ, ରାଜ୍ୟଗୋଷ୍ଠୀ ଫେଡେରେଶନ ଦ୍ୱାରା ସ୍ୱିକୃତିପ୍ରାପ୍ତ। ତେଣୁ ଅନୁବନ୍ଧିତ ଅନୁଷ୍ଠାନ ସହ ଯୋଡ଼ିହୋଇ ରୁହନ୍ତୁ ବୋଲି ମୁଁ ଅନୁରୋଧ କରିବି। ଦ୍ୱିତୀୟରେ ଏବେ ଭାରତରୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରି ଇଣ୍ଡିଆନ ଆର୍ମି, ସିଆରପିଏଫ୍, ଆଇଟିବିପି, ଆସାମ ରାଇଫଲ୍ସ, ଦିଲ୍ଲୀ ପୋଲିସ, ଓଡ଼ିଶା ପୋଲିସ, ଇନ୍‌କମ୍ ଟ୍ୟାକ୍ସ, ବିଏସଏଫ୍, ସିଆଇଏସଏଫ୍‌ରେ ଶତାଧିକ ପିଲା ଚାକିରି ପାଇ ସାରିଛନ୍ତି। ଏବେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆରେ ଆମ ଅର୍ଗାନାଇଜେଶନର ୩ କୋଚ୍ ନିଯୁକ୍ତ ଅଛନ୍ତି ବୋଲି ବିଶ୍ୱ କରାଟେ ସଂଘର ବୈଷୟିକ ସଦସ୍ୟଥିବା ଭରତ ଶର୍ମା ପ୍ରକାଶ କରିଛନ୍ତି।

# ତମାଣ୍ଡୋରେ ଇନ୍‌ଡୋର ସୁଇମିଂ ପୁଲ୍ ଉଦ୍‌ଘାଟିତ


ସୁଇମିଂ ପୁଲ୍ ଉଦ୍‌ଘାଟନ ଅବସରରେ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

**ଭୁବନେଶ୍ୱର, ୨୯।୧୨ (ତପନ ସ୍ୱାଇଁ)** ତମାଣ୍ଡୋସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ (ଜିସିପିଇ) ପରିସରରେ ସୋମବାର ଏକ ନୂତନ ୨୫ ମିଟର ବିଶିଷ୍ଟ ଇନଡୋର ସୁଇମିଂପୁଲ ଉଦ୍‌ଘାଟିତ ହୋଇଛି। କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ଏହି ପୁଲ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଦ୍ୱାରା ପ୍ରାୟ ୧୧.୬୯ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ସନ୍ତରଣରେ ଦେଶ ପାଇଁ ସର୍ବାଧିକ ପଦକ ଜିତିବାର ସୁଯୋଗ ରହିଛି। ଏଣୁ ରାଜ୍ୟ ସରକାର ଆଗାମୀ ଦିନରେ ୧୩ଟି ଜିଲାରେ ସୁଇମିଂ ପୁଲ୍ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ଅବସରରେ ସୂରଜ ଓଡ଼ିଶା ରାଜ୍ୟ ପୋଲିସ ହାଉସିଂ କର୍ପୋରେଶନ ଦ୍ୱାରା ନିର୍ମାଣାଧୀନ ଫୁଟବଲ୍ ପଡ଼ିଆ ଓ ସିନ୍ଥେଟିକ ଆଥଲେଟିକ ଟ୍ରାକ୍‌ର ଅଗ୍ରଗତି ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଶାସନ ସଚିବ ବିଜୟ ସ୍ୱାଇଁ, ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ବେହୁରା, ଉପ-ସଚିବ ସ୍ୱରୂପାନନ୍ଦ ସାହୁ, ଖୋର୍ଦ୍ଧା ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ଜିସିପିଇ ଅଧ୍ୟକ୍ଷ ସୁରେଶ ମହାପାତ୍ର ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ଫୁଟବଲ୍ ପଡ଼ିଆ ଓ ସିନ୍ଥେଟିକ ଟ୍ରାକ୍ କାର୍ଯ୍ୟର ସମୀକ୍ଷା କଲେ କ୍ରୀଡ଼ା ମନ୍ତ୍ରୀ**

# ଟି୨୦ ବୋଲିଂରେ ବିଶ୍ୱ ରେକର୍ଡ

**ନୂଆଦିଲ୍ଲୀ, ୨୯।୧୨(ପି.ଟି.)** ଭୁଟାନ୍ ସ୍ପିନର ସୋନମ୍ ୟେଶେ ଏକ ଅନ୍ତର୍ଜାତୀୟ ପୁରୁଷ ଟି୨୦ କ୍ରିକେଟ ମ୍ୟାଚରେ ୮ ଉଇକେଟ ହାସଲ କରି ପ୍ରଥମ ବୋଲର ହେବାର ଗୌରବ ଅର୍ଜନ କରିବା ସହ ଏକ ନୂଆ ବିଶ୍ୱ ରେକର୍ଡ କରିଛନ୍ତି। ଡିସେମ୍ବର ୨୬ରେ ଭୁଟାନ୍‌ର ଜେଲେଫୁ ମାଇଣ୍ଡଫୁଲ୍‌ନେସ ସିଟିଠାରେ ମ୍ୟାନ୍‌ମାର ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଟି୨୦ରେ ଏହି ବାମହାତୀ ସ୍ପିନର ଜଣକ ଏପରି ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ୨୨ ବର୍ଷୀୟ ସୋନମ୍‌ଙ୍କ ଚମତ୍କାର ବୋଲିଂ(୭ ରନ୍ ବିନିମୟରେ ୮ ଉଇକେଟ) ଯୋଗୁ ଭୁଟାନ୍‌ର ୧୨୭/୯ ଜବାବରେ ମ୍ୟାନ୍‌ମାର ୪୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଟି୨୦ରେ ପୂର୍ବରୁ କୌଣସି ବୋଲର ୮ ଉଇକେଟ ସଫଳତା ପାଇ ନ ଥିଲେ। ଅନ୍ତର୍ଜାତୀୟ ଟି୨୦ରେ ପୂର୍ବରୁ ଶ୍ରେଷ୍ଠ ବୋଲିଂ ଫିଗର ମାଲେସିଆ ପେସର ସ୍ୟାଜ୍ରୁଲ୍ ଇଦ୍ରୁସ୍‌ଙ୍କ ନାମରେ ରହିଥିଲା। ୨୦୨୩ରେ ଚାଇନା ବିପକ୍ଷରେ ସେ ୮ ରନ୍ ବିନିୟମରେ ୭ ଉଇକେଟ ଅକ୍ତିଆର କରିଥିଲେ। ଇଦ୍ରୁସ୍‌ଙ୍କୁ ଛାଡ଼ିଦେଲେ ଅନ୍ୟ ଯେଉଁ ବୋଲରମାନେ ୭ ଉଇକେଟ ଅକ୍ତିଆର କରିଛନ୍ତି, ସେମାନଙ୍କ ମଧ୍ୟରେ ଅଛନ୍ତି ବାହାରିନ୍‌ର ଅଲି ଦାଉଦ। ଚଳିତବର୍ଷ ପ୍ରାରମ୍ଭରେ ଭୁଟାନ୍ ବିପକ୍ଷ ମ୍ୟାଚରେ ତାଙ୍କ ବୋଲିଂ ଫିଗର ୭/୧୯ ରହିଥିଲା। ଏହି ସଫଳତା ହାସଲ କରିଥିବା ଅନ୍ୟ ଦୁଇ ଖେଳାଳିଙ୍କ ମଧ୍ୟରେ ୨୦୧୯ରେ ଲିସେଷ୍ଟରଶାୟାର ତରଫରୁ ଖେଳୁଥିବା ନେଦରଲାଣ୍ଡ୍ସ ଅଲ୍‌ରାଉଣ୍ଡର କଲିନ୍ ଆକରମାନ ବର୍ମିଂହାମ୍ ବିଅର୍ସ ବିପକ୍ଷ ମ୍ୟାଚ୍‌ରେ ୧୮ ରନ୍ ବିନିମୟରେ ୭ ଉଇକେଟ ଅକ୍ତିଆର କରିଥିଲେ। ଚଳିତବର୍ଷ ପ୍ରାରମ୍ଭରେ ଢାକା କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଦରବାର ରାଜସାହୀ ତରଫରୁ ଖେଳୁଥିବା ବାଂଲାଦେଶ ପେସ୍ ବୋଲର ତସ୍କିନ ଅହମଦ ୧୯ ରନ୍ ଦେଇ ୭ ଉଇକେଟ ନେଇଥିଲେ।

# ମେଲ୍‌ବୋର୍ନ ପିଚ୍‌କୁ ଗୋଟିଏ ଡିମେରିଟ୍ ପଏଣ୍ଟ

**ଦୁବାଇ, ୨୯।୧୨(ପି.ଟି.):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚତୁର୍ଥ ଆଶେସ୍ ଟେଷ୍ଟ ଖେଳାଯାଇଥିବା ମେଲବୋର୍ନ ପିଚ୍‌କୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଶୃଙ୍ଖଳାଗତ ପଦକ୍ଷେପସ୍ୱରୂପ ଏହି ଗ୍ରାଉଣ୍ଡକୁ ଗୋଟିଏ ଡିମେରିଟ୍ ପଏଣ୍ଟ ପ୍ରଦାନ କରାଯାଇଛି। ଏହି ପିଚ୍ ମାତ୍ରାଧିକ ବୋଲରଙ୍କୁ ସୁହାଇଛି ବୋଲି ମ୍ୟାଚ୍ ରେଫରି ଜେଫ କ୍ରୋ ତାଙ୍କ ଆସେସ୍‌ମେଣ୍ଟ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଚତୁର୍ଥ ଟେଷ୍ଟ ମ୍ୟାଚର ପ୍ରଥମ ଦିବସରେ ସମସ୍ତ ୨୦ ଉଇକେଟର ପତନ ଘଟିଥିଲା। ମ୍ୟାଚ ଦୁଇଦିନରେ ଶେଷ ହୋଇଥିବା ବେଳେ ଏଥିରେ ଇଂଲଣ୍ଡ ୪ ଉଇକେଟରେ ବିଜୟଲାଭ କରିଥିଲା। ଯଦି କୌଣସି ଭେନ୍ୟୁକୁ ୬ ଡିମେରିଟ୍ ପଏଣ୍ଟ ମିଳେ ତେବେ ଏହାକୁ ୧୨ ମାସ ବାସନ୍ଦ ଦଣ୍ଡର ସମ୍ମୁଖୀନ ହେବାକୁ ପଡ଼ିବ।

# ଓଡ଼ିଶାର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୨୯।୧୨(ତପନ ସ୍ୱାଇଁ)**

**ବିଜୟ ହଜାରେ ଟ୍ରଫି**
**ଗୋବିନ୍ଦ ପୋଦ୍ଦାରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ**

ବେଙ୍ଗାଲୁରୁର ଅଲୁରସ୍ଥିତ କେଏସ୍‌ସିଏ କ୍ରିକେଟ ଷ୍ଟାଡିୟମରେ ସୋମବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ମ୍ୟାଚ୍‌ରେ ଓଡ଼ିଶା ୬ ଉଇକେଟରେ ଆନ୍ଧ୍ର ପ୍ରଦେଶକୁ ପରାସ୍ତ କରିଛି। ଗୋବିନ୍ଦ ପୋଦ୍ଦାରଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ(୩/୩୬ ଓ ୮୯ ରନ/୨ କ୍ୟାଚ୍) ଏବଂ ଓମ୍ ଟି. ମୁଣ୍ଡେଙ୍କ ୯୧ ରନ୍‌ର ଦୃଢ଼ ଇନିଂସ ବଳରେ ଓଡ଼ିଶା ୩୮ ବଲ୍ ବାକିଥାଇ ଏହି ସହଜ ବିଜୟ ହାସଲ କରିଛି। ଆନ୍ଧ୍ର ୪୯.୨ ଓଭରରେ ୨୨୧ ରନ୍‌କରି ଅଲ୍‌ଆଉଟ ହୋଇଥିବାବେଳେ ଓଡ଼ିଶା ୪୩.୪ ଓଭରରେ ମାତ୍ର ୪ ଉଇକେଟ ହରାଇ ୨୨୩ ରନ୍ ସଂଗ୍ରହ କରିନେଇଛି। ଚଳିତ ଟୁର୍ନାମେଣ୍ଟରେ ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ବିଜୟ। ଚମତ୍କାର ବୋଲିଂ, ଫିଲ୍ଡିଂ ଓ ବ୍ୟାଟିଂ ଲାଗି ପୋଦ୍ଦାର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ନିଜର ପ୍ରଥମ ମ୍ୟାଚ୍‌ରେ ୩୪୫ ରନ୍ କରିବା ସତ୍ତ୍ୱେ ସୌରାଷ୍ଟ୍ରଠାରୁ ୫ ଉଇକେଟରେ ହାରିଯାଇଥିବା ଓଡ଼ିଶା ଦ୍ୱିତୀୟ ମ୍ୟାଚରେ ସର୍ଭିସେସ୍‌କୁ ୪ ଉଇକେଟରେ ପରାସ୍ତ କରିଥିଲା। ୩ ମ୍ୟାଚ୍‌ରୁ ୨ ବିଜୟ ଓ ୧ ପରାଜୟ ସହ ଓଡ଼ିଶା ଏଲିଟ୍ ଗ୍ରୁପ୍ ‘ଡି’ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଆସନ୍ତା ୩୧ରେ ଓଡ଼ିଶା ଏହି ଗ୍ରୁପ୍‌ର ଶୀର୍ଷରେ ଥିବା ଦିଲ୍ଲୀକୁ ଭେଟିବ।

## ମୁଣ୍ଡେଙ୍କ ଶ୍ରେଷ୍ଠ ଇନିଂସ୍

୨୨୨ ରନ୍ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଓଡ଼ିଶା ଯଦିଓ ପ୍ରଥମ ବଲ୍‌ରେ ଓପ୍‌ନର ସ୍ୱସ୍ତିକ୍ ସାମଲ(୦)ଙ୍କ ଉଇକେଟ ହରାଇଥିଲା ତେବେ ଓମ୍ ଟି. ମୁଣ୍ଡେଙ୍କ କ୍ୟାରିୟର ଶ୍ରେଷ୍ଠ ଇନିଂସ୍ ବଳରେ ଲକ୍ଷ୍ୟପଥରେ ଅଗ୍ରସର ହୋଇଥିଲା। ମୁଣ୍ଡେ ଓ ପୋଦ୍ଦାର ୩ୟ ଉଇକେଟରେ ୧୬୬ ରନ୍ ଯୋଗକରି ଦଳର ବିଜୟପଥ ପରିଷ୍କାର କରିଦେଇଥିଲେ। ପୋଦ୍ଦାର ୧୦୫ ବଲ୍‌ରୁ ୯ ଚୌକା ସହ ୮୯ ରନ୍ କରିଥିଲେ। ମୁଣ୍ଡେ ନର୍ଭସ୍ ନାଇଣ୍ଟିଜ୍‌ର ଶିକାର ହୋଇ ଶତକର ନିକଟବର୍ତ୍ତୀ ହୋଇଥିଲେ ହେଁ ୯୧(୧୧୧ ବଲ, ୭ ଚୌକା) ରନ୍‌କରି ପାଭିଲିୟନ ଫେରିଥିଲେ।

**ସଂକ୍ଷିପ୍ତ ସ୍କୋର:** ଆନ୍ଧ୍ର ପ୍ରଦେଶ ୪୯.୨ ଓଭରରେ ୨୨୧/ଅଲଆଉଟ(ଏସ.ଡି.ଏନ୍.ଭି. ପ୍ରସାଦ-୬୬, ସୌରଭ କୁମାର-୪୭, ଶ୍ରୀକର ଭରତ-୩୨, ଗୋବିନ୍ଦ ପୋଦ୍ଦାର-୩/୩୬, ବିପ୍ଳବସାମନ୍ତରାୟ-୩/୩୬, ରାଜେଶମହାନ୍ତି-୧/୫୮, ଦେବବ୍ରତ ପ୍ରଧାନ-୧/୩୪, ସମ୍ବିତ ବରାଳ-୧/୩୧, ବାଦଲ ବିଶ୍ୱାଳ-୧/୨୨)। ଓଡ଼ିଶା ୪୩.୪ ଓଭରରେ ୨୨୩/୪(ଓମ୍ ଟି. ମୁଣ୍ଡେ-୯୧, ଗୋବିନ୍ଦ ପୋଦ୍ଦାର-୮୯, ସତ୍ୟନାରାୟଣ ରାଜୁ-୨/୪୯, ନୀତୀଶ କୁମାର ରେଡ୍ଡୀ-୧/୩୭, ଏମ୍. ହେମନ୍ତ ରେଡ୍ଡୀ-୧/୩୫)।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ